# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୨/୨୦୧୮ (୨୦ ପୃଷ୍ଠା) | Bhubaneswar, Wednesday, September 12 / 2018 | ★★★★

୪୪ଶ ଭାଗ ୨୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ମନସ୍ୱିନୀଙ୍କୁ ପ୍ରୋ-କବାଡି ସୁଯୋଗ

ରାଜ୍ୟର ଦ୍ୱିତୀୟ ମହିଳା ଖେଳାଳିଭାବେ ପ୍ରୋ-କବାଡି ଲିଗ୍‌ରେ ବୈଷୟିକ ଅଫସିଆଲ ଦାୟିତ୍ୱ ତୁଲାଇବେ ଯାଜପୁରର ମନସ୍ୱିନୀ ସାହୁ ।

୧୯

୦୨

## ଦବଙ୍ଗ-୩ ରିଲିଜ୍ ସୂଚନା ଦେଲେ ସଲମାନ୍

ସଲମାନ୍ ଖାନ୍ ଅଭିନୀତ ଫିଲ୍ମ 'ଦବଙ୍ଗ'କୁ ସୋମବାର ୮ବର୍ଷ ପୂରିଛି। ତେବେ ଦବଙ୍ଗ-୩ ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି ବୋଲି ସଲମାନ୍‌ଙ୍କଠାରୁ ସୂଚନା ମିଳିଛି ।



# ଖାଇକୁ ଖସିଲା ବସ୍: ୫୭ ମୃତ

ହାଇଦ୍ରାବାଦ,୧୧।୯(ଆଇଏଏନ୍‌ଏସ୍)

ତେଲେଙ୍ଗାନାର ଜଗତିଆଲ୍ ଜିଲାରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୯୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ସରକାରୀ ବସ୍ ଖାଇକୁ ଖସିପଡ଼ିଛି। ଏଥିରେ ୫୭ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୩୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ ବୋଲି ଜଣାପଡ଼ିଛି।

ମଙ୍ଗଳବାରକୁ ଶୁଭଦିନ ମନେକରି ଭକ୍ତମାନେ କୋଣ୍ଡାଗଟ୍ଟୁ ପାହାଡ ଉପରେ ଥିବା ଅଞ୍ଜନେୟ ସ୍ୱାମୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସେମାନେ ଦର୍ଶନ ସାରି ତେଲେଙ୍ଗାନା ରାଜ୍ୟ ସଡ଼କ ପରିବହନ ନିଗମ (ଟିଏସ୍‌ଆର୍‌ଟିସି)ର ବସ୍‌ରେ ଫେରୁଥିଲେ। ବସ୍ ପାହାଡ଼ରୁ ତଳକୁ ଓହ୍ଲାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ଶନିବାରାପେଟ ଗ୍ରାମ ନିକଟରେ ଏକ ସ୍ପିଡ୍ ବ୍ରେକର୍



ଦୁର୍ଘଟଣାଗ୍ରସ୍ତ ବସ୍ ।

ଦେଖି ଡ୍ରାଇଭର ବ୍ରେକ୍ ଦେଇଥିଲେ। ଏତିକିବେଳେ ସେ ଭାରସାମ୍ୟ ହରାଇଥିଲେ। ଫଳରେ ବସ୍ ୪ଥର ଓଲଟିଯାଇ ୫ ମିଟର ଗଭୀରତାର ଏକ ଖାଇକୁ ଖସିପଡ଼ିଥିଲା। ଦୁର୍ଘଟଣାରେ ଚାହୁଁଚାହୁଁ ୪୭ ଜଣଙ୍କ ଜୀବନ ଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର ☞ପୃଷ୍ଠା-୧୬

## ଆଶା, ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି

■ ଅଙ୍ଗନୱାଡି ସହାୟିକା ପାଇବେ ୨୨୫୦ ଟଙ୍କା

ନୂଆଦିଲ୍ଲୀ,୧୧।୯(ପି.ଟି.)

ଦେଶର ଆଶା ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଖୁସି ଖବର। ମଙ୍ଗଳବାର ସେମାନଙ୍କ ମାସିକ ପାରିଶ୍ରମିକ ରାଶି ବୃଦ୍ଧି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଶା କର୍ମୀମାନଙ୍କୁ କେନ୍ଦ୍ର ସରକାର ପ୍ରଦାନ କରୁଥିବା ନିୟମିତ ଭତ୍ତା ଦୁଇଗୁଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିସହିତ ସମସ୍ତ ଆଶାକର୍ମୀ ଏବଂ ସେମାନଙ୍କ ସହାୟିକାମାନଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅନ୍ତର୍ଗତ ମାଗଣା ବୀମାଭୁକ୍ତ କରାଯିବ। ସେମାନେ ବିନା କୌଣସି ଦେୟରେ ୪ ଲକ୍ଷ ଟଙ୍କା ଯାଏ ଦୁର୍ଘଟଣାଜନିତ ବୀମା ସୁବିଧା ପାଇପାରିବେ। ☞ପୃଷ୍ଠା-୧୬

# ଶିକ୍ଷକଙ୍କ ପାଇଁ ବିଧାନସଭା ହୁଲ୍‌ସ୍ଥୁଲ

■ ବିରୋଧୀଙ୍କ ହଟ୍ଟଗୋଳ, ବାରମ୍ବାର ଗୃହ ମୁଲତବୀ

■ ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି

■ ଆଲୋଚନା କରିବାକୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ଦାବିପୂରଣ ପାଇଁ ଦୀର୍ଘଦିନ ହେବ ଖରା, ବର୍ଷାରେ ରାଜଧାନୀ ରାସ୍ତାରେ ବସିରହିଛନ୍ତି ଶିକ୍ଷକମାନେ। ରାଜ୍ୟରେ ଶିକ୍ଷା ଭୁଶୁଡ଼ି ପଡ଼ିଲାଣି। ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ। ପିଲାଙ୍କଠାରୁ ଏ ସରକାର ଶିକ୍ଷା ଅଧିକାର ଛଡ଼ାଇ ନେଇଛନ୍ତି। ଶିକ୍ଷକଙ୍କୁ ଡାକି ଆଲୋଚନା କରୁନାହାନ୍ତି। ରାସ୍ତା ଅବରୋଧ ହୋଇରହିଛି। ଲୋକମାନେ ଯିବା ଆସିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ବାଚସ୍ପତି ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରନ୍ତୁ। ସର୍ବଦଳୀୟ ବୈଠକ ଡାକି ଆଲୋଚନା କରାଯାଉ। ନଚେତ ଗୃହ ଚଳାଇ ଦେବୁ ନାହିଁ। ଏଭଳି ପ୍ରଚଣ୍ଡ ଆକ୍ରମଣ କରି ସରକାରଙ୍କୁ ଘାଇଲା କରି ଦେଇଥିଲେ ବିରୋଧୀ।

ମଙ୍ଗଳବାର ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଦୀପ କୁମାର ଅମାତ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। କଂଗ୍ରେସ ସଦସ୍ୟମାନେ ଚୁପ୍ ହୋଇ ବସି ରହିଥିବା ବେଳେ ଭାଜପା ସଭ୍ୟ ☞ପୃଷ୍ଠା-୧୬

## ଆମ ସହର

### ପାରାଦୀପ

ପୃଷ୍ଠା-୧୦/୧୧

### ଆଜିର ସମ୍ପାଦକୀୟ

ଯୁଦ୍ଧକୁ ଅପେକ୍ଷା

### ଆଜିର ମନ୍ତବ୍ୟ

" ମୋ ଧର୍ମ ମତେ ଜଣା, କାହାଠାରୁ ହିନ୍ଦୁତ୍ୱ ଶିକ୍ଷା ନେବା ଦରକାର ନାହିଁ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ୩ ବିଧାୟକ, ଜଣେ ଅଫିସରଙ୍କ ବିଜେଡିରେ ମୁଁ ନାହିଁ: ଦାମ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦାମୋଦର ରାଉତଙ୍କୁ ନେଇ ବିଜେଡି ଶିବିରରେ ଝଡ ସୃଷ୍ଟି ହୋଇଛି। କିଛି ଦିନ ଧରି ସରକାରଙ୍କ ବିରୋଧରେ ଚାରା, ଓମ୍‌ଫେଡ୍ ଏବଂ ସମବାୟ ବିଭାଗରେ ହୋଇଥିବା ଦୁର୍ନୀତି ଅଭିଯୋଗ ସେ ଆଣିଥିଲେ। ଏହାକୁ ନେଇ ଜଗତସିଂହପୁର ବିଜେଡିରେ ତାଙ୍କୁ ବିରୋଧ କରାଯାଇଥିଲା। ଏପରିକି ତାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଜଗତସିଂହପୁର ପୂର୍ବତନ



ବିଧାୟକ ବିଷ୍ଣୁଚରଣ ଦାସ ଏବଂ ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଫେରାଦ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଦାମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏଥିସହିତ ଏରସମା ଏବଂ ବାଲିକୁଦା ଅଞ୍ଚଳର ଶତାଧିକ କର୍ମୀ ନବୀନ ନିବାସ ଠାରେ ମଙ୍ଗଳବାର ଦାମଙ୍କ ବହିଷ୍କାର ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତ କରିବା ପୂର୍ବରୁ ଗଣମାଧ୍ୟମକୁ କହିଛନ୍ତି ଯେ ଦାମ ରାଉତଙ୍କ ବିରୋଧରେ ଅଭିଯୋଗ ଆସିଛି। ☞ପୃଷ୍ଠା-୪

# ତେନ୍ତୁଳି ଖାଇ ଛାତ୍ର ମୃତ, ୫ ଗୁରୁତର

ନୟାଗଡ଼ ଅଫିସ,୧୧।୯

ନୟାଗଡ଼ ଜିଲା ସଦର ବ୍ଲକ ଜେମାଦେଇପୁରପାଟଣା ପଞ୍ଚାୟତ ନରସିଂହପ୍ରସାଦ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ତେନ୍ତୁଳି ଖଟା ଖାଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଛାତ୍ରୀଛାତ୍ର ଗୁରୁତର ହୋଇଛନ୍ତି। ମୃତ ଛାତ୍ର



ରାଜେଶ ପରିଡ଼ା।

ହେଲେ ନରସିଂହପ୍ରସାଦ ଗ୍ରାମର କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ପୁଅ ରାଜେଶ (୧୩)। ସେ ସପ୍ତମ ଶ୍ରେଣୀରେ ପଢୁଥିଲେ। ଗୁରୁତର ଛାତ୍ରୀଛାତ୍ର ହେଲେ ଷଷ୍ଠ ଶ୍ରେଣୀର ଅଖିଳ କୁମାର ଜେନା (୧୨), ସପ୍ତମ ଶ୍ରେଣୀର ବର୍ଷାରାଣୀ ବିଶ୍ୱାଳ (୧୩), ବର୍ଷା ଜେନା (୧୩), ଅଷ୍ଟମ ଶ୍ରେଣୀର ପ୍ରଜ୍ଞା ପାରମିତା ବିଶ୍ୱାଳ (୧୪) ଓ ପୂଜାରାଣୀ ଲେଙ୍କା (୧୪)। ☞ପୃଷ୍ଠା-୪

## ପରଲୋକରେ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର



ଗୌରଚନ୍ଦ୍ର ମହାପାତ୍ର।

ଭଦ୍ରକ ଅଫିସ,୧୧।୯

ସ୍ୱାଧୀନତା ଆନ୍ଦୋଳନର ଏକ ଅନିର୍ବାଣ, ପ୍ରେରଣାଦାୟୀ ଦୀପଶିଖା ନିର୍ବାପିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କନିଷ୍ଠ ପୁତ୍ର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ରଙ୍କର ୧୦୪ବର୍ଷ ବୟସରେ ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକ ଜିଲା ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସର ଲୋକାରଣ୍ୟ ହୋଇପଡିଥିଲା। ☞ପୃଷ୍ଠା-୪





BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE — 11.09.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 56 | 101 | 111 |
| DKL | 55 | 100 | 110 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 57 | 102 | 112 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers








ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ଭୋଟର ଫଳାଫଳ ଆଗାମୀ ସାଧାରଣ ନିର୍ବାଚନ ପାଇଁ ନିର୍ଣ୍ଣାୟକ ହେବ। ୨୦୧୯ ନିର୍ବାଚନରେ ଭାଜପାର ବିଜୟ ପରବର୍ତ୍ତୀ ୫୦ ବର୍ଷ ପାଇଁ ଦେଶ ଶାସନ କରିବାର ବାଟ ଫିଟାଇବ।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

## ସଂକ୍ଷେପରେ

### ପରଲୋକରେ ଶରିଫଙ୍କ ସ୍ତ୍ରୀ



**ଲଣ୍ଡନ/ଇସ୍‌ଲାମାବାଦ,୧୧।୯ (ପି.ଟି.):** ଜୀବନ ଯୁଦ୍ଧରେ ହାରିଗଲେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫଙ୍କ ସ୍ତ୍ରୀ କୁଲ୍‌ସୁମ୍। ଲଣ୍ଡନ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର କୁଲ୍‌ସୁମଙ୍କ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। କର୍କଟ ସହ ସଂଘର୍ଷ କରୁଥିବା କୁଲ୍‌ସୁମଙ୍କ ଲଣ୍ଡନସ୍ଥିତ ହାର୍ଲେ ଷ୍ଟ୍ରିଟ୍ କ୍ଲିନିକ୍‌ରେ ଜୁନ୍ ୨୦୧୪ରୁ ଚିକିତ୍ସା ଚାଲିଥିଲା। ଫୁସ୍‌ଫୁସ୍ ସମସ୍ୟା ଉପୁଜିବା ପରେ ସୋମବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହାପରେ ମଙ୍ଗଳବାର ତାଙ୍କୁ ଲାଇଫ୍ ସପୋର୍ଟ ସିଷ୍ଟମ୍‌ରେ ରଖାଯାଇଥିଲା। କିନ୍ତୁ ଡାକ୍ତରମାନେ ତାଙ୍କ ଜୀବନ ରକ୍ଷା କରିପାରି ନ ଥିଲେ। କୁଲ୍‌ସୁମ୍‌ଙ୍କ ପରଲୋକ ବିଷୟରେ ଶରିଫ୍‌ଙ୍କ ଭାଇ ତଥା ପିଏମ୍‌ଏଲ୍‌ଏନ୍‌ର ସଭାପତି ଶାହବାଜ୍ ଶରିଫ୍ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ନୱାଜ ଏବଂ ତାଙ୍କ ଝିଅ ମରିୟମ୍, ଜାମାତା ମହମ୍ମଦ ସଫ୍‌ଦାର ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ରାୱଲପିଣ୍ଡିର ଆଦିଆଲା ଜେଲରେ ସଜା କାଟୁଛନ୍ତି। କୁଲ୍‌ସୁମ୍‌ଙ୍କ ମୃତଦେହ ଲଣ୍ଡନରୁ ପାକିସ୍ତାନ ଆଣିବା ଲାଗି ପରିବାର ସଦସ୍ୟ ଉଦ୍ୟମ କରୁଥିବା ଜଣାପଡ଼ିଛି। ପାକିସ୍ତାନରେ ହିଁ ତାଙ୍କର ଅନ୍ତିମ ସତ୍କାର କରାଯିବ। କୁଲ୍‌ସୁମ୍‌ଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍।

### ସେନା ସଂସ୍କାର ପାଇଁ ଆଲୋଚନା ଆରମ୍ଭ

**ନୂଆଦିଲ୍ଲୀ,୧୧।୯:** ସେନାରେ ସଂସ୍କାର ଆଣିବା ଲାଗି ଉଦ୍ୟମ ଆରମ୍ଭ ହୋଇଯାଇଛି। ସେନାର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ମଙ୍ଗଳବାର ଏ ସମ୍ପର୍କିତ ଆଲୋଚନା ପ୍ରକ୍ରିୟା ଆରମ୍ଭ ହୋଇଛି। ୧୨.୫ ଲକ୍ଷ ବଳ ବିଶିଷ୍ଟ ଭାରତୀୟ ସେନାକୁ ସଙ୍କୁଚିତ ଏବଂ ପରାକ୍ରମଶାଳୀ କରିବା ତଥା ଏହାର ସାଙ୍ଗଠନିକ ଢାଞ୍ଚା ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବାର୍ଷିକ ୬୦୦୦-୭୦୦୦ କୋଟି ଟଙ୍କା ଆଗାମୀ ୬ ବର୍ଷ ମଧ୍ୟରେ ସଞ୍ଚୟ କରିବା ପାଇଁ ସେନାରେ ଦେଢ଼ଲକ୍ଷ ଚାକିରି ଛଟେଇ କରିବା ସମ୍ପର୍କରେ ମଧ୍ୟ ବିଚାର କରାଯାଉଥିବା କୁହାଯାଉଛି।

### ବିସ୍ଫୋରଣରେ ୨୫ ନିହତ

**କାବୁଲ,୧୧।୯(ଏ.ପି.):** ପୂର୍ବ ଅଫଗାନିସ୍ତାନର ନାନ୍‌ଗରହାରରେ ମଙ୍ଗଳବାର ଆତ୍ମଘାତୀ ଆକ୍ରମଣରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୩୦ ଜଣ ଆହତ ହୋଇଛନ୍ତି। ୪୦୦ରୁ ଅଧିକ ଲୋକ ଏକାଠି ହୋଇ ବିକ୍ଷୋଭ ସମାବେଶରେ ଯୋଗ ଦେଇଥିବା ସମୟରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଆଚିନ୍ ଜିଲାର ଲୋକେ ସ୍ଥାନୀୟ ପୋଲିସ କମାଣ୍ଡରଙ୍କ ବିରୋଧରେ ଅଭିଯୋଗ ନେଇ ବିକ୍ଷୋଭ କରିବା ସମୟରେ ଏହି ଘଟଣା ଘଟିଛି।

## ■ ମାତ୍ର ୨୫୦୦ ଟଙ୍କାରେ ଆଧାର ସଫ୍ଟୱେର ହ୍ୟାକ୍

# ବିପଦରେ ବ୍ୟକ୍ତିଗତ ତଥ୍ୟ

**ନୂଆଦିଲ୍ଲୀ,୧୧।୯**

ଆଧାର କାର୍ଡର ସୁରକ୍ଷାକୁ ନେଇ ଦେଶରେ ଦୀର୍ଘ ସମୟ ଧରି ବିବାଦ ଓ ବିତର୍କ ଲାଗି ରହିଥିବାବେଳେ ଏବେ ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ରିପୋର୍ଟ ଆସିଛି। ମାତ୍ର ୨୫୦୦ ଟଙ୍କାର ଏକ ସଫ୍ଟୱେର ପ୍ୟାଚ୍‌ରେ ବିଶ୍ୱର କୌଣସି କୋଣରେ ବସିଥିବା ଜଣେ ବ୍ୟକ୍ତି ଭାରତୀୟଙ୍କ ଆଧାର ତଥ୍ୟକୁ ହ୍ୟାକ୍ କରିପାରିବେ। କେବଳ ଏତିକି ନୁହେଁ, ପ୍ୟାଚ୍ ସହାୟତାରେ ବ୍ୟକ୍ତିଗତ ତଥ୍ୟ ଅଦଳବଦଳ କରି ଆଧାର କାର୍ଡ ମଧ୍ୟ ତିଆରି କରାଯାଇପାରୁଛି। ଏହାକୁ ପ୍ରୟୋଗ କରି ୧ ବିଲିୟନ (୧୦୦ କୋଟି)ରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ଆଧାର ତଥ୍ୟ ହ୍ୟାକ୍ କରାଯାଇଛି। ୩ ମାସର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ହଫ୍‌ପୋଷ୍ଟ ଇଣ୍ଡିଆ ତା' ରିପୋର୍ଟରେ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଛି। ଏହାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ପ୍ରଶ୍ନ ଉଠାଇ ଭାରତର ଏକକ ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ)ଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି।

ବିଶ୍ୱର ଯେକୌଣସି ତଥ୍ୟକୁ ହ୍ୟାକ୍ କରାଯାଇପାରିବ ବୋଲି ଏକାଧିକ ରିପୋର୍ଟ ପ୍ରକାଶ ପାଇସାରିଲାଣି। ଏହାକୁ ନେଇ ୟୁଆଇଡିଏଆଇ ବାରମ୍ବାର ସଫେଇ ଦେବାରେ ଲାଗିଛି। ଆଧାର ପାଇଁ ଫେସ୍ ରିକଗ୍ନିଶନ ଟେକ୍ନିକ୍ ବା ଚେହେରା ଚିହ୍ନଟ କୌଶଳ ଉପରେ କାମ ଚାଲିଛି। ଏହାଦ୍ୱାରା ଆଧାର ତଥ୍ୟକୁ ଅଧିକ ସୁରକ୍ଷିତ ରଖାଯାଇପାରିବ ବୋଲି ୟୁଆଇଡିଏଆଇ ଯୁକ୍ତି ବାଢ଼ି ଆଧାରକୁ ବାଧ୍ୟତାମୂଳକ କରିବାକୁ ଅଗ୍ରସର ହେଉଥିବାବେଳେ ତଥ୍ୟ ହେରଫେରର ପେଡ଼ି ଖୋଲିଛି ହଫ୍‌ପୋଷ୍ଟ ଇଣ୍ଡିଆ। ବିଶ୍ୱର ୫ ଜଣ ବଛା ବଛା ବିଶେଷଜ୍ଞଙ୍କ ସହାୟତାରେ ୩ ମାସ ଧରି ଯାଞ୍ଚ ଚାଲିଥିଲା। ତଦନ୍ତ ଶେଷ ହେବା ପରେ ପ୍ରକାଶିତ ରିପୋର୍ଟରେ ଦାବି କରାଯାଇଛି ଯେ, ନୂଆ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ କରିବା ପାଇଁ ଏକ ଆଧାର ସଫ୍ଟୱେର ଉପଲବ୍ଧ। ଏଥିରେ ଏକ ପ୍ୟାଚ୍ ରହିଛି, ଯାହାର ମୂଲ୍ୟ ମାତ୍ର ୨୫୦୦ ଟଙ୍କା। ଉକ୍ତ ପ୍ୟାଚ୍‌କୁ ବ୍ୟବହାର କରି ଆଧାରର ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକୁ ଅକାମୀ କରାଯାଇପାରୁଛି। ଏହି ପ୍ୟାଚ୍ ଜରିଆରେ ଯେକେହି ଅନଧିକୃତ ବ୍ୟକ୍ତି ବିଶ୍ୱର କୌଣସି ସ୍ଥାନରୁ କମ୍ପ୍ୟୁଟର ଆଗରେ ବସି ଆଧାର ଏନ୍‌ରୋଲମେଣ୍ଟ ଅପରେଟର୍ସ ଭାବେ ଲଗ୍‌ଇନ୍ କରିପାରିବେ। ସମ୍ପୃକ୍ତ ବ୍ୟକ୍ତି ଯାହାଙ୍କୁ ଚାହିଁବେ, ତାଙ୍କ ନାମ ପଞ୍ଜୀକରଣ କରି ଆଧାର ନମ୍ବର ତିଆରି କରିପାରିବେ। ଏହାକୁ ବ୍ୟବହାର କରି ୧ ବିଲିୟନରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ଆଧାର ତଥ୍ୟ ହେରଫେର କରାଯାଇଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି।

ଆଧାରରେ ନାମ ତାଲିକାଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ସଫ୍ଟୱେରକୁ ହ୍ୟାକ୍ କରାଯିବା ଏହି ୧୨ ଅଙ୍କ ବିଶିଷ୍ଟ ପରିଚୟ ନମ୍ବରର ପବିତ୍ରତା ପ୍ରତି ଉପହାସ। ଏହାଦ୍ୱାରା ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ବିପଦରେ ପଡ଼ିଛି। ଭବିଷ୍ୟତରେ ନାମ ପଞ୍ଜୀକରଣ ବେଳେ ତଥ୍ୟକୁ ସୁରକ୍ଷିତ ରଖିବା ଲାଗି ୟୁଆଇଡିଏଆଇ ଉପଯୁକ୍ତ ପଦକ୍ଷେପ ନେବା ଉଚିତ ବୋଲି କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି। ସେହିପରି ବହୁ ଲୋକଙ୍କ ଅଜାଣତରେ ସେମାନଙ୍କ ଫୋନ୍‌ରେ ୟୁଆଇଡିଏଆଇର ହେଲ୍ପଲାଇନ୍ ନମ୍ବର କିପରି ଷ୍ଟୋର ହୋଇଯାଇଥିଲା ବୋଲି ଗତମାସ ସ୍ପଷ୍ଟୀକରଣ ମାଗିଥିବା ଫ୍ରାନ୍ସର ସୁରକ୍ଷା ବିଶେଷଜ୍ଞ ଇଲିୟଟ୍ ଏଲ୍‌ଡର୍ସନ ସଦ୍ୟ ବିବାଦକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଭଳି ତ୍ରୁଟି କୁ ଏଡାଇବା ଲାଗି ହ୍ୟାକର୍ସଙ୍କ ସହ କାମ କରିବାକୁ ୟୁଆଇଡିଏଆଇକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ସେ ପୁଣି ଦୋହରାଇଛନ୍ତି ଯେ, ବିଶ୍ୱରେ ଏପରି କିଛି ନାହିଁ, ଯାହାକୁ ହ୍ୟାକ୍ କରାଯାଇପାରିବ ନାହିଁ।

### କାଠଗଡ଼ାରେ ୟୁଆଇଡିଏଆଇ

- ■ତଥ୍ୟ ପ୍ରଘଟର ପେଡି ଖୋଲିଲା ହଫିଙ୍ଗ୍‌ଟନପୋଷ୍ଟ ଇଣ୍ଡିଆ
- ■ପ୍ୟାଚ୍ ଜରିଆରେ ଯେକେହି ଆଧାର ଏନ୍‌ରୋଲମେଣ୍ଟ ଅପରେଟର୍ସ ଭାବେ ଲଗ୍‌ଇନ୍ କରିପାରିବେ
- ■ଏହାକୁ ବ୍ୟବହାର କରି ୧୦୦ କୋଟି ଭାରତୀୟଙ୍କ ଆଧାର ତଥ୍ୟ ହ୍ୟାକ୍ କରାଯାଇଛି
- ■ସଫ୍ଟୱେରକୁ ହ୍ୟାକ୍ କରାଯିବା ଆଧାରର ପବିତ୍ରତା ପ୍ରତି ଉପହାସ: କଂଗ୍ରେସ



### ସଫ୍ଟୱେର ପ୍ୟାଚ୍ କ'ଣ

ହଫ୍‌ପୋଷ୍ଟ ଇଣ୍ଡିଆର ତଦନ୍ତରୁ ଜଣାପଡ଼ିଛି ଯେ, ଆଧାର ସଫ୍ଟୱେରରେ ସଂଲଗ୍ନ ପ୍ୟାଚ୍‌ର ଦାମ ହେଉଛି ମାତ୍ର ୨୫୦୦ ଟଙ୍କା। ଏହି ପ୍ୟାଚ୍ ବଳରେ ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ତିଆରି ସମ୍ଭବ। ପ୍ୟାଚ୍ ବ୍ୟବହାର କରି ଆଧାର ଏନ୍‌ରୋଲମେଣ୍ଟ ଅପରେଟର୍ସଙ୍କ ବାୟୋମେଟ୍ରିକ୍ ଅଥେଣ୍ଟିକେଶନକୁ ସମ୍ପୂର୍ଣ୍ଣ ଭାବେ ବାଇପାସ୍ କରାଯାଇପାରିବ। ଏହାଦ୍ୱାରା ଜଣେ ୟୁଜର ସ୍ୱାଧୀନ ଭାବେ ଆଧାର ନମ୍ବର ତିଆରି କରିପାରିବେ। କାରଣ ଆଧାର ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ସଫ୍ଟୱେରରେ ସଂଲଗ୍ନ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍)କୁ ଅକାମୀ କରିବା ପାଇଁ ଏହି ପ୍ୟାଚ୍ ସକ୍ଷମ। ଏଥିସହ ପ୍ୟାଚ୍ ଏନ୍‌ରୋଲମେଣ୍ଟ ସଫ୍ଟୱେରରେ ଥିବା ଇରିସ୍ ଚିହ୍ନଟ ବ୍ୟବସ୍ଥାର ସୂକ୍ଷ୍ମାନୁଭବ ଦକ୍ଷତାକୁ ହ୍ରାସ କରିଥାଏ। ଏହି ପ୍ୟାଚ୍‌କୁ ଆଧାର ସଫ୍ଟୱେରରେ ବ୍ୟବହାର କରାଯାଇପାରିବ ବୋଲି ୩ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିଶେଷଜ୍ଞ ଓ ୨ ଜଣ ଭାରତୀୟ ବିଶ୍ଳେଷକ ବାରମ୍ବାର ଯାଞ୍ଚ କରି ନିଶ୍ଚିତ କରିଛନ୍ତି।

## ■ କେରଳ ନନ୍ ବଳାତ୍କାର ମାମଲା

# ଭାଟିକାନ୍‌କୁ ଚିଠି ଲେଖିଲେ ପୀଡ଼ିତା

**କୋଟାୟାମ୍/କୋଚି,୧୧।୯(ପି.ଟି.)**

### ଅଭିଯୋଗ ଖଣ୍ଡନ କଲେ ବାଇସପ୍

ଜଳନ୍ଧର ରୋମାନ୍ କାଥୋଲିକ୍ ଚର୍ଚ୍ଚର ବାଇସପ୍ ଫ୍ରାଙ୍କୋ ମୁଲକ୍କଲ୍‌ଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା କେରଳୀ ନନ୍ ମଙ୍ଗଳବାର ନ୍ୟାୟ ପାଇଁ ଭାଟିକାନ୍ ସିଟିକୁ ଗୁହାରି କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବାଇସପ୍ ଫ୍ରାଙ୍କୋ କହିଛନ୍ତି।

ଭାଟିକାନ୍‌ର ଆପୋଷ୍ଟୋଲିକ୍ ନନ୍‌ସିଓ (ଏକ ପ୍ରକାରର ରାଷ୍ଟ୍ରଦୂତ ମିଶନ୍)ଙ୍କ ନିକଟକୁ ଲେଖିଥିବା ଚିଠିରେ ପୀଡ଼ିତା ଉଲ୍ଲେଖ କରିଛନ୍ତି ଯେ, ତାଙ୍କୁ ବଳାତ୍କାର କରିବା ପରେ ବାଇସପ୍ ଫ୍ରାଙ୍କୋ ଏବେ ନିଜ ପଦର ଅପବ୍ୟବହାର କରୁଛନ୍ତି। ନିଜ ସହଯୋଗୀଙ୍କ ସହ ମିଶି ପୋଲିସ ତଦନ୍ତକୁ ମଧ୍ୟ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ବିରୋଧରେ ଦୁଇମାସ ପୂର୍ବରୁ ମାମଲା ଦାଏର ହୋଇଛି। କିନ୍ତୁ ଅର୍ଥବଳ ଏବଂ ରାଜନୈତିକ ଲିଙ୍କ୍ ଜରିଆରେ ରକ୍ଷା ପାଇଯାଉଛନ୍ତି ସେ ଗୁହାରି କରିଛନ୍ତି। ସେପଟେ ନନ୍‌ଙ୍କୁ ନ୍ୟାୟ ଦାବିରେ କୋଚିର ବିଭିନ୍ନ କାଥୋଲିକ୍ ରିଫର୍ମ ଅର୍ଗାନାଇଜେଶନ୍ ପକ୍ଷରୁ ଆରମ୍ଭ ହୋଇଥିବା ବିକ୍ଷୋଭ ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ବାଇସପ୍‌ଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକାଶ ଯେ, ଜଳନ୍ଧର କାଥୋଲିକ୍ ଚର୍ଚ୍ଚର ବାଇସପ୍ ଫ୍ରାଙ୍କୋ ୨୦୧୪ରୁ ୨୦୧୬ ମଧ୍ୟରେ ତାଙ୍କୁ ୧୩ଥର ବଳାତ୍କାର କରିଥିବା କେରଳର ଜଣେ ନନ୍ ଅଭିଯୋଗ ଆଣିବା ପରେ ଏହାକୁ ଚାରିଆଡୁ ବିରୋଧ କରାଯାଇଥିଲା।




### ଆଶାରାମଙ୍କ କ୍ଷମା ଆବେଦନ

**ଯୋଧପୁର,୧୧।୯(ପି.ଟି.)**

ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ରାଜସ୍ଥାନର ଯୋଧପୁର ଜେଲରେ ଆଜୀବନ ବନ୍ଦୀ ଜୀବନ ବିତାଉଥିବା ଆଶାରାମ ନିଜର ଦଣ୍ଡ କୋହଳ କରିବାକୁ ରାଜସ୍ଥାନ ରାଜ୍ୟପାଳଙ୍କ ନିକଟରେ କ୍ଷମା ଆବେଦନ କରିଛନ୍ତି। ସେ କହିଛନ୍ତି, ତାଙ୍କର ବାର୍ଦ୍ଧକ୍ୟ ସମୟରେ ଆଜୀବନ କାରାଦଣ୍ଡ ଖୁବ୍ ନିଷ୍ଠୁର ଦଣ୍ଡ। ଆଶାରାମଙ୍କ ଆବେଦନକୁ ରାଜ୍ୟପାଳ କଲ୍ୟାଣ ସିଂ ଗ୍ରହଣ କରି ଏହାକୁ ଗୃହ ବିଭାଗ ନିକଟକୁ ପଠାଇଦେଇଛନ୍ତି। ଗୃହ ବିଭାଗ ଯୋଧପୁର ସେଣ୍ଟ୍ରାଲ ଜେଲ ପ୍ରଶାସନ ପାଖକୁ ଏହି ଆବେଦନକୁ ପଠାଇଦେଇଛି। ଏବେ ଜିଲା ପ୍ରଶାସନ ଏବଂ ପୋଲିସକୁ ଏକ ରିପୋର୍ଟ ଦେବାକୁ ଜେଲ କର୍ତ୍ତୃପକ୍ଷ କହିଛନ୍ତି। ରିପୋର୍ଟ ଆସିବା ପରେ ଆଶାରାମଙ୍କ ଆବେଦନ ଉପରେ ବିଚାର କରାଯିବ।

## ଫୁର୍‌ସତ

### ପୃଥିବୀର ୨ଗୁଣ ଆକୃତି ଗ୍ରହ

**ଟରଣ୍ଟୋ:** ନାସାର କେପ୍‌ଲର ସ୍ପେସ୍ ଟେଲିସ୍କୋପ୍ ତଥ୍ୟ ବ୍ୟବହାର କରି ଅନ୍ତର୍ଜାତୀୟ ବୈଜ୍ଞାନିକଙ୍କର ଏକ ଟିମ୍ ଏକ ନୂଆ ଗ୍ରହ ଆବିଷ୍କାର କରିଛି। ଏହା ପୃଥିବୀ ଆକୃତିର ୨ଗୁଣ ଏବଂ ୧୪୫ ଆଲୋକବର୍ଷ ଦୂରତାରେ ଅବସ୍ଥିତ।

'ଓଲ୍‌ଫ ୫୦୩ ବି' ନାମକ ଏହି ନୂଆଗ୍ରହ ଏହାର ନକ୍ଷତ୍ର ଚତୁର୍ଦ୍ଦିଗରେ ଥରେ ଘୂରିଆସିବାକୁ ୬ ଦିନ ସମୟ ନିଏ। ତେଣୁ ଗ୍ରହଟି ନକ୍ଷତ୍ରର ଅତି ନିକଟବର୍ତ୍ତୀ। ସେଥିପାଇଁ ଉକ୍ତ ଗ୍ରହଟି ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯାଏ ବୋଲି କାନାଡାସ୍ଥିତ ୟୁନିଭର୍ସାଇଟ୍ ଡି ମଣ୍ଟ୍ରିଲର ପ୍ରଫେସର ବିଜର୍ନ ବେନେକେ ପ୍ରକାଶ କରିଛନ୍ତି। 'ଓଲ୍‌ଫ ୫୦୩'ର ଗଠନ ପ୍ରଣାଳୀ ସମ୍ପର୍କରେ ଭଲ ଭାବରେ ଜାଣିବା ପାଇଁ ଜ୍ୟୋତିର୍ବିଜ୍ଞାନୀମାନେ ଉକ୍ତ ନକ୍ଷତ୍ରର ସ୍ପେକ୍ଟ୍ରମ୍ (ଆଲୋକ ବର୍ଣ୍ଣାଳି) ନିର୍ଦ୍ଧାରଣ କରିଥିଲେ। ଏଥିରୁ ଜଣାପଡିଲା ଯେ, ଉକ୍ତ ନକ୍ଷତ୍ରର ଉଜ୍ଜ୍ୱଳତା ସୂର୍ଯ୍ୟଙ୍କଠାରୁ ସାମାନ୍ୟ କମ୍ ଏବଂ ଏହାର ବୟସ ସୂର୍ଯ୍ୟର ୨ଗୁଣ।



### ଟସ୍‌ରେ ସ୍ଥିର ହୋଇଥିଲା ୧୯୭୬ ବୁକର ପ୍ରାଇଜ୍

**ଲଣ୍ଡନ**

୧୯୭୬ରେ ବୁକର ପ୍ରାଇଜ୍ କଏନ୍ ଟସ୍ ଦ୍ୱାରା ସ୍ଥିର ହୋଇଥିଲା। କାରଣ ଚୟନ ଦାୟିତ୍ୱରେ ଥିବା ୩ ଜଣ ବିଚାରକ ଜଣେ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ ବୋଲି ବ୍ରିଟିଶ୍ ଲାଇବ୍ରେରି ଦ୍ୱାରା ଅନ୍‌ଲାଇନରେ ପୋଷ୍ଟ କରାଯାଇଥିବା ଏକ ଐତିହାସିକ ଦଲିଲ୍‌ରୁ ଜଣାପଡିଛି।

୧୯୭୬ରେ ଲେଖକ ଡାଭିଡ ଷ୍ଟୋରି ତାଙ୍କ ଉପନ୍ୟାସ 'ସାଭିଲେ' ଲାଗି ସୌଭାଗ୍ୟକ୍ରମେ ଏହି ପୁରସ୍କାର ପାଇଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ୨୧,୦୦୦ ପାଉଣ୍ଡ ଅର୍ଥରାଶି ପ୍ରଦାନ କରାଯାଇଥିଲା। କଏନ୍ ଟସ୍ ପୂର୍ବରୁ ୩ ଜଣିଆ ବିଚାରକ ମଣ୍ଡଳୀ ପୁରସ୍କାର ପାଇଁ ଜଣଙ୍କୁ ବାଛିବାରେ ଅକ୍ଷମତା ପ୍ରକାଶ କରିଥିଲେ ବୋଲି ପୂର୍ବତନ ପ୍ରଶାସକ ମାର୍ଟିନ୍ ଗଫ୍ ପରେ ପ୍ରକାଶ କରିଥିଲେ। 'ଦି ଗାର୍ଡିଅନ୍'ରେ ଗଫ୍‌ଙ୍କର ଏ ସଂକ୍ରାନ୍ତୀୟ ଏକ ସାକ୍ଷାତକାର ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ, ଡାଭିଡଙ୍କ ଉପନ୍ୟାସ ଏବଂ ଆଉ ଏକ ପୁସ୍ତକକୁ ନେଇ ଦୁଇ ବିଚାରକ ଔପନ୍ୟାସିକ ୱାଲଟର ଆଲେନ୍ ଏବଂ ସମାଲୋଚକ ଫ୍ରାଙ୍କିସ୍ କିଙ୍ଗ୍ କୌଣସି ସ୍ଥିର ନିଷ୍ପତ୍ତିରେ ପହଞ୍ଚିପାରି ନ ଥିଲେ। ଅବଶ୍ୟ ପ୍ରଧାନମନ୍ତ୍ରୀ ହାରୋଲ୍ଡ ୱିଲଶନ୍‌ଙ୍କ ସ୍ତ୍ରୀ ତଥା ଅନ୍ୟତମ ବିଚାରକ କବୟିତ୍ରୀ ମାରି ୱିଲଶନଙ୍କ ନିଷ୍ପତ୍ତି ଏ କ୍ଷେତ୍ରରେ ନିର୍ଣ୍ଣାୟକ ହୋଇପାରିଥାଆନ୍ତା। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ଅପମାନିତ ହୋଇ ବିତର୍କରୁ ଓହରିଯାଇଥିଲେ। ତେବେ ବିଜୟୀ ପ୍ରାର୍ଥୀ ଚୟନରେ ଅଚଳାବସ୍ଥା ଦେଖାଦେଇଥିଲା। ବିଚାରକଙ୍କ ମଧ୍ୟରୁ ଜଣେ କହିଥିଲେ, ଦୁଇଟି ପୁସ୍ତକ ମଧ୍ୟରୁ ମୁଁ ଗୋଟିଏକୁ ପସନ୍ଦ କରିପାରିବି। ଅନ୍ୟ ଜଣେ କହିଥିଲେ, ମୁଁ ଡାଭିଡଙ୍କ ପୁସ୍ତକକୁ ସମର୍ଥନ କରୁଥିବାରୁ ଏଥିପାଇଁ କଏନ୍ ପକାଇବା ଉଚିତ। ଦୁଇ ବିଚାରକ କଏନ୍ ପକାଇବା ପରେ ଲେଖକ ଡାଭିଡ ବିଜୟୀ ହୋଇଥିଲେ। ପୂର୍ବତନ ପ୍ରଶାସକ ଗଫ୍ ଏକ ସାକ୍ଷାତକାରରେ ଏହି ବିଷୟ କହିଥିବା ଗାର୍ଡିୟନ୍ ନ୍ୟୁଜ୍‌ପେପରରେ ପ୍ରକାଶ ପାଇଛି।




### ଇତିହାସର ଆଇନାରେ

### ସେପ୍ଟେମ୍ବର ୧୨ର ପ୍ରମୁଖ ଘଟଣା

୨୦୧୫ ସେପ୍ଟେମ୍ବର ୧୨ରେ ମଧ୍ୟପ୍ରଦେଶର ପେଟଲାୱାଡରେ ବିସ୍ଫୋରଣ ଘଟି ୧୦୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫୦ ଆହତ ହୋଇଥିଲେ। ପ୍ରଥମ ବିସ୍ଫୋରଣ ଏକ ରେଷ୍ଟୁରାଣ୍ଟରେ ଏବଂ ଦ୍ୱିତୀୟଟି ଗୋଦାମ ଭିତରେ ଘଟିଥିଲା। ଗୋଦାମରେ ବେଆଇନ ଭାବରେ ଥିବା ବିସ୍ଫୋରକ ସାମଗ୍ରୀ ସଂସ୍ପର୍ଶରେ ଗ୍ୟାସ ସିଲିଣ୍ଡର ଆସିବା ଯୋଗୁ ଏହି ବିସ୍ଫୋରଣ ହୋଇଥିଲା ବୋଲି ପୋଲିସ ତଦନ୍ତରୁ ଜଣାପଡିଥିଲା।

୧୯୫୯ ସେପ୍ଟେମ୍ବର ୧୨ରେ ସୋଭିଏଟ୍ ୟୁନିୟନ ଲୁନିକା-୨ ନାମକ ଏକ ରକେଟ୍ ଉତ୍‌କ୍ଷେପଣ କରିଥିଲା। ଏହା ହେଉଛି ସୋଭିଏଟ୍ ୟୁନିୟନର ମାନବନିର୍ମିତ ପ୍ରଥମ ମହାକାଶ ଯାନ, ଯାହାକି ଚନ୍ଦ୍ରପୃଷ୍ଠରେ ସଫଳତାର ସହିତ ପହଞ୍ଚି ପାରିଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୪ | ୨୪.୩ |
| ଚାନ୍ଦବାଲି | ୩୪.୬ | ୨୫.୦ |
| କଟକ | ୩୪.୫ | ୨୪.୬ |
| ପାରାଦ୍ୱୀପ | ୩୧.୭ | ୨୮.୩ |
| ଭୁବନେଶ୍ୱର | ୩୪.୧ | ୨୫.୪ |
| ଗୋପାଳପୁର | ୩୩.୫ | ୨୫.୮ |
| ପୁରୀ | ୩୩.୦ | ୨୭.୦ |
| ଅନୁଗୋଳ | ୩୪.୭ | ୨୧.୦ |
| ବାରିପଦା | ୩୩.୨ | ୨୫.୦ |
| ଝାରସୁଗୁଡ଼ା | ୩୩.୨ | ୨୫.୫ |
| କେନ୍ଦୁଝର | ୩୧.୧ | ୨୨.୮ |
| ସମ୍ବଲପୁର | ୩୪.୦ | ୨୨.୨ |
| ସୁନ୍ଦରଗଡ଼ | ୩୩.୦ | --- |
| ହୀରାକୁଦ | ୩୩.୯ | ୨୧.୫ |
| ତାଳଚେର | ୩୨.୨ | ୨୩.୭ |
| ଭବାନୀପାଟଣା | ୩୩.୫ | ୨୫.୦ |
| ବଲାଙ୍ଗୀର | ୩୪.୩ | ୨୪.୦ |
| କୋରାପୁଟ | ୨୯.୮ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୪.୫ | ୨୩.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୨.୦ | ୨୩.୪ |
| ଦାରିଙ୍ଗିବାଡ଼ି | ୨୯.୫ | ୧୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଆସୁଛି 'ଦବଙ୍ଗ-୩'




**ମୁମ୍ବାଇ:** 'ଦବଙ୍ଗ-୩' ଖୁବ୍ ଶୀଘ୍ର ରିଲିଜ୍ ହେବାକୁ ଯାଉଛି ବୋଲି ପ୍ରଶଂସକଙ୍କ ନିମନ୍ତେ ଏକ ବଡ ସରପ୍ରାଇଜ୍ ଛାଡିଛନ୍ତି ସଲମାନ୍। ଦୀର୍ଘ ୮ବର୍ଷ ତଳେ 'ଦବଙ୍ଗ୍' ରିଲିଜ ହୋଇଥିବା ବେଳେ ସୋମବାର ଏହାର ବର୍ଷପୂର୍ତ୍ତି ପାଳନ କରାଯାଇଛି। ଏଥିପାଇଁ ସେ ଏବଂ ସୋନାକ୍ଷୀ ସିହ୍ନା ପୂର୍ତ୍ତିଉତ୍ସବ ପାଳନ କରିଛନ୍ତି। ସେମାନେ ଫିଲ୍ମ ସେଟ୍‌ରୁ ଉଭୟଙ୍କ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ୫୨ ବର୍ଷ ବୟସ୍କ ଏହି ଅଭିନେତା ସୋନାକ୍ଷୀଙ୍କ ସହିତ ଫଟୋ ପୋଷ୍ଟ କରି ତା' ତଳେ ଲେଖିଛନ୍ତି- 'ଆଜ୍ ଏଇଟ୍ ସାଲ୍ ହୋ ଗୟି ଦବଙ୍ଗ କୋ'। ଆପଣମାନଙ୍କ ଅନୁକୂଳ ମତାମତ ଓ ପ୍ରଶଂସା ପାଇଁ ଧନ୍ୟବାଦ। ଆସନ୍ତା ବର୍ଷ ଦବଙ୍ଗ-୩ରେ ଦେଖାହେବ। ସଲମାନ୍ ଏହା ପୋଷ୍ଟ କରିବାର ଘଣ୍ଟାଏରୁ କମ୍ ସମୟ ମଧ୍ୟରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଶଂସକ ଲାଇକ୍ କରିଛନ୍ତି। ସେମାନେ ସଲମାନ୍‌ଙ୍କ ସ୍ନେହପୂର୍ଣ୍ଣ ବାର୍ତ୍ତାରେ ଉଲ୍ଲସିତ ହୋଇପଡିଛନ୍ତି। ଅନେକ ପ୍ରଶଂସକ ମଧ୍ୟ ଅଜସ୍ର ମତାମତ ଅଜାଡି ଦେଇଛନ୍ତି। ଯେପରି-'ସ୍ୱାଗତ ହୈ ଆପ୍‌କା ପାଣ୍ଡେଜି ଅଗ୍‌ଲେ ସାଲ୍ ଭି', 'ଲଭ୍ ୟୁ ଭାଇ', 'କ୍ୟାନ୍ ନଟ୍ ୱେଟ୍ ଭାଇଜାନ୍' ଏବଂ 'ଏଇଟ୍ ଇୟର୍ସ? ଟାଇମ୍ ଫ୍ଲାଇଜ୍ ସୋ ଫାଷ୍ଟ' ଇତ୍ୟାଦି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଗୋଖାଦ୍ୟ ଦୁର୍ନୀତି ମାମଲାରେ ଜେଲଦଣ୍ଡ ଭୋଗୁଥିବା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବେ ଡିପ୍ରେଶନ ବା ବିଷାଦଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ରାଞ୍ଚିସ୍ଥିତ ରାଜେନ୍ଦ୍ର ଆୟୁର୍ବେଦ ସଂସ୍ଥାର ନିର୍ଦ୍ଦେଶକ ଆର୍ କେ ଶ୍ରୀବାସ୍ତବ ଏହି ସୂଚନା ଦେଇଛନ୍ତି। ଦିଲ୍ଲୀସ୍ଥିତ ଏମ୍ସର ଡାକ୍ତରମାନେ ମଧ୍ୟ ଏହା କହିଛନ୍ତି। ସେଠାରେ ଚିକିତ୍ସିତ ହେଉଥିବା ବେଳେ ଡାକ୍ତରମାନେ ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି।






### ଏସ୍‌ସିଏସ୍‌ଟି ବିଭାଗ ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଯୋଜନା

# ଚଳିତବର୍ଷରୁ ୨୧ ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ

**ଭୁବନେଶ୍ୱର, ୧୧।୯(ବ୍ୟୁରୋ)**

ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷାଦାନ ପଦ୍ଧତିର ପୁନର୍ଗଠନ କରାଯାଇଛି। ଜନଜାତି ବହୁଳ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ଲାଗି ବିଭାଗ ପକ୍ଷରୁ ୨୦୧୭-୧୮ ଶିକ୍ଷାବର୍ଷରେ ମୟୂରଭଞ୍ଜ, ଗଜପତି, କଳାହାଣ୍ଡି, ସମ୍ବଲପୁର, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଜିଲାର ୨୬ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇ ଯୁକ୍ତ୨ ବିଜ୍ଞାନ ପାଠପଢ଼ା ଚାଲିଛି। ସେହିପରି ଚଳିତ ୨୦୧୮-୧୯ ଶିକ୍ଷାବର୍ଷରେ ରାଜ୍ୟ ସରକାର ଗଜପତି, କନ୍ଧମାଳ, ସୁନ୍ଦରଗଡ଼, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି, ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲାର ଅଧିକ ୨୧ଟି ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଉନ୍ନୀତ ବିଦ୍ୟାଳୟଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ୭ଟି ବିଷୟ ଯଥା- ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନି, ଗଣିତ, ପ୍ରାଣୀବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଓଡ଼ିଆ ଓ ଇଂଲିଶ ବିଭାଗରେ ୨୩୦ ପିଜିଟିଙ୍କୁ ନିଯୁକ୍ତି ଦେବା ଲାଗି ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଥିଲା। ଇତିମଧ୍ୟରେ ଓପିଏସ୍‌ସି ପକ୍ଷରୁ ଏହି ବିଦ୍ୟାଳୟଗୁଡ଼ିକ ପାଇଁ ୧୫୪ ଜଣ ପ୍ରାର୍ଥୀଙ୍କ ନାମ ଚୟନ କରାଯାଇଛି। ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁସାରେ ପିଜିଟି ଶିକ୍ଷକମାନେ ବେତନ ପାଇବେ। ଅତିଶୀଘ୍ର ରାଜ୍ୟ ସରକାର ୧୫୪ ଜଣ ନବନିଯୁକ୍ତ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକଙ୍କୁ ନିଯୁକ୍ତି ଦେବେ ଏବଂ ଚଳିତ ବର୍ଷରୁ ଶିକ୍ଷାଦାନ ଆରମ୍ଭ ହେବ ବୋଲି ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ, ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି।






# ସରଣ୍ଡା ଜଙ୍ଗଲରୁ ୪୦ କିଲୋ ଲ୍ୟାଣ୍ଡମାଇନ ଜବତ

**ରାଉରକେଲାଅଫିସ,୧୧।୯ :** ଝାରଖଣ୍ଡ ସୀମା ସରଣ୍ଡା ଜଙ୍ଗଲରୁ ୪୦ କିଲୋ ଓଜନର ଏକ ଲ୍ୟାଣ୍ଡମାଇନ ଜବତ ହୋଇଛି। ମଙ୍ଗଳବାର ସିଆରପିଏଫ ଜବାନମାନଙ୍କ ଦ୍ୱାରା କମ୍ବିଂ ବେଳେ ଏହାକୁ ଉଦ୍ଧାର କରାଯାଇଛି। ମାଓବାଦୀଙ୍କ ଦ୍ୱାରା ଏକ ନିଛାଟିଆ ସ୍ଥାନରେ ତାର ଘେର ମଧ୍ୟରେ ଏହି ଲ୍ୟାଣ୍ଡମାଇନ ଖଞ୍ଜା ଯାଇଥିବା ସୂଚନା ମିଳିଛି। ଏକ ବଡ଼ଧରଣର ବିସ୍ଫୋରଣ ଘଟାଇବାକୁ ଯାଇ ମାଓବାଦୀମାନେ ଏହି ଲ୍ୟାଣ୍ଡମାଇନ ବିଛାଇଥିବା ଆଶଙ୍କା କରାଯାଉଛି। ସୀମାନ୍ତ ଛୋଟାନାଗ୍ରା ବଡ଼ିଆର ଗାଁରୁ ପ୍ରାୟ ୫କିମି ଦୂର ଜଙ୍ଗଲରୁ ଏହି ଲ୍ୟାଣ୍ଡମାଇନ୍‌କୁ ଠାବ କରାଯାଇଥିଲା। ତେବେ ଏ ସମ୍ପର୍କରେ ରାଉରକେଲା ପୋଲିସ ନିକଟରେ ସୂଚନା ନ ଥିବା ଜଣାଯାଇଛି।







## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ବିଜୟ
ପରିବାରବର୍ଗ


ସିପୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified




### BRIDE WANTED

Manglic bride professional, serving for my son B.Engg., MBA working at Bangalore as Business analyst. Contact: Dr. Satrughna Behera. 7750852243. D-64148




### SALE

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64147




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64153

1300, 2500, 4500 sqft. individual boundary wall residential plot at Canal Road, Balianta. Owner: 9437033320. D-64308

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64144

BhubaneswarAIIMS Hospital DOON School 30' road gharabari possession plot. 9438763122. D-62786

4BHK duplex at Balianta (land- 1400 & construction- 2100) @ 50 lakh. 9861022055, 9938219397. D-8318

ଭୁବନେଶ୍ୱରରେ low cost gharabari plot NH. side Pitapalli and investment plan for ବରକୁଦା। 7437853535. D-8342

ଭୁବନେଶ୍ୱର ହଂସପାଳ ପାଖାପାଖି ଘରବାରି boundary 30ft. road ଥାଇ ପ୍ଲଟ ମିଳୁଛି। 9668194157. D-63493

1170 sqft plot at Patrapada, Bhubaneswar 700 mt from NH. Price- 24.5 lakh. Contact: 9078151122. D-64154




Shivam logistic packers movers. Household/ car relocation countrywide. 9777044177, 9338461133. D-8330




Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Opening newly ayurvedic full body message ladies, gents: 7438851534 7609923705. D-38528

Bangkok spa special offer 50% off on all 1hrs any full body massage. 9861688844, 8018739084. D-63599

Physiotherapy and herbal massage by trained ladies/ gents therapist. 7008773793. D-63492

Newly opening ayurvedic body massage in joint pains, smart therapist. 9776383819. D-64150

Newly opening ayurvedic body massage smart therapist, Shree Herbal. 7750020754. D-64151

Herbal full body massage by smart/ expert therapist. Contact: 8338067247. D-64152

All type of massage and good therapy full body massage Sai herbal spa. 7609005923. D-64202

Newly opening ayurvedic full body massage by expert lady therapist. 9583125024. D-63090

Newly open herbal full body massage with refreshment well trained therapist. 7381239385. D-63091

Experience full body massage with us by experts. Enquiry: 7377048581. D-64155

G.S Spa herbal full body massage ladies/ gents. 9078429117, 7683840853. D-63092




Doodh Sagar Company ସହିତ ଗୋପାଳନ ବ୍ୟବସାୟର ଅଂଶୀଦାର ହୋଇ ଘରେବସି ଚୁକ୍ତିଭିତ୍ତିକ ମାସିକିଆ ଅର୍ଥ ଉପାର୍ଜନ କରନ୍ତୁ। 8763244211. D-63840

### AFFIDAVIT

I Siba Prasad Pradhan, S/o Antarjyami Pradhan, At/Po-Chhamunda, PS-Jagannath Prasad, aged about 33 years have changed my name to Bharggav Roy. Henceforth I will be known as Bharggav Roy for all purposes. D-8326


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ଜନ୍ମଦିନ ଶୁଭେଚ୍ଛା



**ରୁତୁରାଜ (ମିକୁ)**

ଆନନ୍ଦପୁର, ଜଗତସିଂହପୁର

ତୋର ଚଲାପଥ କୁସୁମିତ ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଓ ଝଙ୍କଡ଼ ବାସିନୀ ମା' ସାରଳାଙ୍କ ପାଖରେ ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ ବନ୍ଧୁ ଓ ପରିବାରବର୍ଗ।

ଧ-୮୩୩୧

### ପ୍ରଥମ ସ୍ୱନକ୍ଷତ୍ର ଦିବସର ଶୁଭେଚ୍ଛା



(ଶିପୁନ)

**ଆୟୁସମାନ ମିଶ୍ର**

ନବୀନ୍‌ବାଗ ଖୋର୍ଦ୍ଧା

ଆଜି ତୋର ପ୍ରଥମ ସ୍ୱନକ୍ଷେତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ଯେ ତୋତେ ସେ ଦୀର୍ଘାୟୁ, ନୀରୋଗ ଏବଂ ଯଶସ୍ୱୀ କରନ୍ତୁ। ଆଶୀର୍ବାଦ ସହ: ବୁଢାବାପା, ବୁଢୀମା, ଅଜା, ଆଈ ସହ ପରିବାରବର୍ଗ। ଧ-୫୮୬୯୪


### କିଛି ତଥ୍ୟ

ଅଗଷ୍ଟ ୩୧ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ବିଦେଶୀ ବିନିମୟ ମୂଲ୍ୟ ୧.୧୯୧ ବିଲିୟନ ଡଲାର ହ୍ରାସ ପାଇଛି। ଫଳରେ ଏହା ୪୦୦.୧୦୧ ବିଲିୟନ ଡଲାରକୁ ଖସି ଆସିଛି। **–ଭାରତୀୟ ରିଜର୍ଭ ବ୍ୟାଙ୍କ**

## ୩ ବିଧାୟକ,...

ଏ ନେଇ ବିଚାର କରାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ଦାମଙ୍କୁ ଦଳରୁ ବହିଷ୍କାର କରାଯାଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଦାମ କିନ୍ତୁ ଏ ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ସେ ବିଚଳିତ ନୁହନ୍ତି ବୋଲି କହିଛନ୍ତି। ଏହାସହ ୩ଜଣ ବିଧାୟକ ଓ ଜଣେ ଅଫିସରଙ୍କ ଦଳରେ ସେ ନାହାନ୍ତି ବୋଲି କହିଛନ୍ତି। ଅରୁଣ ସାହୁ, ବବି ଦାସ, ଦେବାଶିଷ ସାମନ୍ତରାୟ ଓ ଜଣେ ଅଫିସର ଚଳାଉଥିବା ବିଜେଡିରେ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ତେନ୍ତୁଳି ଖାଇ ଛାତ୍ର ...

ରାଜେଶ କିଛି ଦିନ ତଳେ ଆଈ ଘରୁ ଆଣିଥିବା ତେନ୍ତୁଳି ଖଟା ନେଇ ମଙ୍ଗଳବାର ବିଦ୍ୟାଳୟକୁ ଆସିଥିଲେ। ପୂର୍ବାହ୍ନ ୧୧ଟାରେ ସେ ନିଜେ ଏହି ଖଟା ଖାଇବା ସହ ଅନ୍ୟ କେତେଜଣ ଛାତ୍ରୀଛାତ୍ରଙ୍କୁ ଦେଇଥିଲେ। ମଧ୍ୟାହ୍ନ ୧୨ଟାରେ ରାଜେଶଙ୍କ ମୁଣ୍ଡ ବୁଲାଇବାରୁ ସେ ବିଦ୍ୟାଳୟରେ ଶିକ୍ଷକଙ୍କୁ କହି ଘରକୁ ଚାଲି ଯାଇଥିଲେ। ଏହା ପରେ ବାନ୍ତି ହେବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ରାଜେଶଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ପୁଣି ସେଠାରୁ କଟକ ନିଆଯାଉଥିବାବେଳେ ବାଟରେ ରାଜେଶଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଖଟା ଖାଇଥିବା ଅନ୍ୟ ପିଲାମାନେ ଘରେ ପହଞ୍ଚି ବାନ୍ତି କରିଥିଲେ। ହେଲେ ପରିବାର ଲୋକେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ରାଜେଶଙ୍କ ମୃତ୍ୟୁ ଖବର ଶୁଣି ପିଲାମାନେ ଖଟା ଖାଇଥିବା ପ୍ରକାଶ କରିବା ପରେ ସନ୍ଧ୍ୟାରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ସମସ୍ତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରଯାଇଛି। କୌଣସି କାରଣରୁ ଖଟା ବିଷାକ୍ତ ହୋଇଯାଇଥିବା ନେଇ ଆଲୋଚନା ହେଉଛି। ସେହିଭଳି ବିଦ୍ୟାଳୟ ପରିସରରେ ଖଟା ଖାଇ ପିଲାମାନେ ଏହିଭଳି ଗୁରୁତର ହୋଇଥିବାରୁ ବିଦ୍ୟାଳୟର ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଉଛି। ଏ ନେଇ ନରସିଂହପ୍ରସାଦ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ନାୟକଙ୍କ ମୋବାଇଲ୍ ନମ୍ବର ୯୯୩୮୫୨୩୦୬୯କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ନୟାଗଡ଼ ବିଇଓ ଦାମୋଦର ଖିଲାରଙ୍କୁ ପଚାରିବାରୁ ସେ କୁହନ୍ତି, ଏ ନେଇ ପ୍ରଧାନଶିକ୍ଷକଙ୍କୁ ପଚାରି ବୁଝିବାରୁ ସ୍କୁଲ ସମୟରେ ସେହିଭଳି କିଛି ଘଟି ନ ଥିବା ସେ ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ, ମୃତ ରାଜେଶ ମାତାପିତାଙ୍କର ଏକମାତ୍ର ସନ୍ତାନ ଥିଲେ। ଅନ୍ୟପକ୍ଷେ ଏହି ଖବର ପାଇ ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ଜଣିଆ ଡାକ୍ତରୀଟିମ୍ ନରସିଂହପ୍ରସାଦ ଗ୍ରାମରେ ପହଞ୍ଚି ତେନ୍ତୁଳି ଖଟାର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛନ୍ତି।

## ପରଲୋକରେ ସ୍ୱାଧୀନତା ...

ବହୁ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ଶିକ୍ଷାବିତ୍, ସାହିତ୍ୟିକ , ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀ ଆସି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମରଶରୀରକୁ ବିଶାଳ ଶୋଭାଯାତ୍ରାରେ ସହରର ନୂଆବଜାରସ୍ଥିତ ବାସଭବନ 'କାନ୍ତ କୁଟୀର'କୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାରର ସଦସ୍ୟ ଓ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରାତିରେ ଅନ୍ତିମ ସଂସ୍କାର ପାଇଁ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି। ବାହାରେ ରହୁଥିବା ପରିବାରର ଅନ୍ୟ ସଦସ୍ୟମାନେ ଆସି ପହଞ୍ଚିବା ପରେ ବୁଧବାର ଅନ୍ତିମ ସଂସ୍କାର ସମ୍ପନ୍ନ କରାଯିବ ।

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ର ଜଣେ ଲୋକପ୍ରିୟ ଗାନ୍ଧୀବାଦୀ ନେତା ଥିଲେ। ଆମର ସାମାଜିକ ଜୀବନ ପ୍ରତି ତାଙ୍କର ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ସେ କେବଳ ସଂଗ୍ରାମୀ ନ ଥିଲେ, ଜଣେ ସୁସାହିତ୍ୟିକ ଓ ସୁଚିନ୍ତକ ଥିଲେ। ତାଙ୍କ ବିୟୋଗ ଏକ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଜଣେ ସଚ୍ଚୋଟ ଗାନ୍ଧୀବାଦୀ ନେତା ଭାବେ ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ର ତାଙ୍କର ସମ୍ପୂର୍ଣ୍ଣ ଜୀବନକୁ ଦେଶସେବା ପାଇଁ ଉତ୍ସର୍ଗ କରିଥିଲେ। ଗାନ୍ଧୀବାଦୀ ଚିନ୍ତାଧାରାର ପ୍ରସାର କରିବା ଓ ସମାଜର ଉନ୍ନତି ପାଇଁ ସେ ଅହରହ ଉଦ୍ୟମ କରୁଥିଲେ। ତାଙ୍କ ମୃତ୍ୟୁରେ ଓଡ଼ିଶା ଆଜି ସ୍ୱାଧୀନତା ସଂଗ୍ରାମର ଜଣେ ଶେଷ ସ୍ତମ୍ଭକୁ ହରାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମସ୍ଥାନରୁ ଚନ୍ଦ୍ର ଷଷ୍ଠଭାଗସ୍ଥ ହେତୁ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସମାପ୍ତି ଘଟାଇବେ।

**ବୃଷ** ଭାଗ୍ୟାଧିପ କେତୁ ନକ୍ଷତ୍ରସ୍ଥ ହେତୁ କୌଣସି କାମ ସମ୍ପନ୍ନ କରିବା ଦିଗରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କୌଣସି ବନ୍ଧୁ କିମ୍ବା ସହକର୍ମୀ ଅଥବା ପାଖ ପଡୋଶୀମାନେ ସହଯୋଗର ହାତ ବଢାଇବେ ଓ କାମଟି ସୁବିଧାରେ ହୋଇଯିବ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ଚତୁର୍ଥ ଚନ୍ଦ୍ର ଆପଣଙ୍କୁ ଜନ୍ମମାଆ ଭଳି ଆଦରଣୀୟ କରାଇବେ। କିନ୍ତୁ ନିଜ ଘରେ ତାହାର ଓଲଟା ଫଳ ସ୍ୱରୂପ ସମାଲୋଚନାର ଶରବ୍ୟ ହେବାକୁ ପଡିପାରେ। ନୂତନ କର୍ମାରମ୍ଭ ସାଙ୍ଗକୁ ପ୍ରଶାସନ, ପ୍ରକାଶନ, ରାଜନୀତି, ସଭାସମିତି ପାଇଁ ଦିନଟି ଭଲ। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ଆଜି ଘାତବାର ଜନିତ ବାରାଧିପ ବୁଧ ବନ୍ଧୁତ୍ୱରେ ଫାଟ ସୃଷ୍ଟି କରାଇପାରନ୍ତି। ସତର୍କତା ଅଭାବରୁ ହାତ, ପାଦରେ ଆଘାତ କିମ୍ବା ସ୍ନାୟବିକ ଦୁର୍ବଳତାରୁ ବିସ୍ମରଣଜନିତ ସମସ୍ୟା ଆସିବ। ମନ କଥା ମନରେ ରଖି କାମ ନ କଲେ କଳହ ଲାଗି ଅଶାନ୍ତିର ବାତାବରଣ ସୃଷ୍ଟିର ଆଶଙ୍କା ରହିଛି। କିନ୍ତୁ ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ ।

**ସିଂହ** ଶୁଭ ଗ୍ରହମାନଙ୍କ ସୁପ୍ରଭାବରୁ ବିଭିନ୍ନ ସମସ୍ୟା ଭିତରେ ଗତି କରି ମଧ୍ୟ ପଛକୁ ଫେରିବା ଚିନ୍ତା କରିବେ ନାହିଁ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାଗୁଡିକର ସରଳ ସମାଧାନ କରିବାରେ ସଫଳ ହେବେ।

**କନ୍ୟା** ଅର୍ଥସଂକଟ ହିଁ ଆଜିର ମୁଖ୍ୟ ସମସ୍ୟା ରୂପରେ ଅସ୍ଥିରତାକୁ ଡାକି ଆଣିବ। ବାଧକାଧିପ ବୃହସ୍ପତି ଧନ ସ୍ଥାନରେ ଅର୍ଥନୀତିକୁ ପ୍ରଭାବିତ କରିବା ସହ କୌଣସି ଅନାକାଂକ୍ଷିତ ସମସ୍ୟା ସୃଷ୍ଟି କରିପାରେ। ଶତ୍ରୁତା କରୁଥିବା ଲୋକଟିର ମନକୁ ବାଧିଲା ଭଳି କଥାରୁ ଦୁଃଖ ପ୍ରକାଶ କରିବେ। ଅବଶ୍ୟ ସ୍ୱାତୀ ଓ ଚିତ୍ରା ନକ୍ଷତ୍ର ପାଇଁ ଅସୁବିଧା ହେବନାହିଁ।

**ତୁଳା** ବନ୍ଧୁମାନଙ୍କ ସହାନୁଭୂତି ଓ ଆଦରବୋଳା କଥାରେ ଦୁଃଖର ମାତ୍ରା ଲାଘବ ହୋଇଯିବ। ତଥାପି ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡିପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବ। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ଆକସ୍ମିକ ଭାବରେ ତାହାକୁ ସମ୍ପନ୍ନ କରି ଖୁସି ହୋଇଯିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିପାରନ୍ତି। ପରିବାରର ସଦସ୍ୟ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ ପାରିବାରିକ ଜୀବନକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଉତ୍ତରାଷାଢା ନକ୍ଷତ୍ରର ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ।

**ମକର** ବିଭିନ୍ନ କ୍ଷେତ୍ର ସମସ୍ୟାବହୁଳ ହେଉଥିବାରୁ ମାନସିକ ଅସ୍ଥିରତା ଲାଗିରହିବ। ତଥାପି ଶ୍ରବଣା ନକ୍ଷତ୍ରର ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ଋଣ ପରିଶୋଧ କରିବାରେ ପଛେଇଯାଇ ସମାଲୋଚିତ ହୋଇପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତିରୁ ସୁଫଳ ପାଇବେ।

**କୁମ୍ଭ** ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଆଲୋଚନା କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଅର୍ଥ ଓ ଲୋକ ସମ୍ପର୍କ ଆପଣଙ୍କୁ ସଂକଟମୁକ୍ତ କରିବାରେ ସହାୟକ ହେବ। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତି, ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ନତୁବା ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡିବାର ସୂଚନା ରହିଛି ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ବାଲିତୃତୀୟା ବୁଧବାର, ଗୌରୀବ୍ରତ, ଶ୍ରୀମନ୍ଦିରରେ ଅନ୍ଧପ୍ରସ୍ତାବ, ବୁଧିବାମନ ଓଷା ତୃତୀୟପାଳି, ସେପ୍ଟେମ୍ବର ୧୨ ତାରିଖ, ମୁସ୍‌ଲିମ୍ ନବବର୍ଷ, ମହରମ୍ ମାସ ଆରମ୍ଭ,ଅଲ୍‌-ହିଜରା, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧ ।୩୭ମି. ଗତେ ତୁଳାଚନ୍ଦ୍ର, କର୍କଟରାଶିର ଘାତବାର, ସକାଳ ଘ୬ ।୫୫ମି. ଗତେ ଘ୮ ।୩୨ମି. ମଧ୍ୟେ, ଘ୩।୧୦ମି. ଗତେ ଘ୪ ।୪୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୧୧ମି. ଗତେ ଘ୧ ।୫୦ମି. ମଧ୍ୟେ, ଘ୪ ।୪୭ମି. ଗତେ ଘ୬ ।୧୦ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୧ ।୪୩ମି. ଗତେ ଘ୧ ।୧୫ମି. ମଧ୍ୟେ ରାହୁକାଳ।




# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଁ ନନ୍ଦି ବେହେରା**
ନିରାଳ (ଆସିକା) ଗଞ୍ଜାମ
ତିରୋଧାନ : ୦୧-୦୯-୨୦୧୮
ଆଜି ଆପଣଙ୍କ ତିରୋଧାନର ଏକାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
ହତଭାଗ ପୁଅ- ନାରାୟଣ, ରବିନ୍ଦ୍ର, ନଳିନୀକାନ୍ତ
ବୋହୂ- ଭାଗ୍ୟଲତା, ଭାଲେଣ୍ଟିନା, ଶିଳା
ଝିଅ- କିଶୋରୀ, ମହନ୍ତର, ଗୋଲାପ, ଶ୍ରୀମତୀ
ଜ୍ୱାଇଁ - ଦୁର୍ଯ୍ୟୋଧନ, ଲକ୍ଷ୍ମଣ, କୁଞ୍ଜବର୍ଣ୍ଣ, ନାରାୟଣ
ନାତି ନାତୁଣି - ବସୁନ୍ଧରା, ନିଳମାଧବ, ରାଜୀବଲୋଚନ ଦେବଜିତ୍, ବିଭୂକାନ୍ତ, ବୁଲୁ, ଗୋବିନ୍ଦ, ପପୁ, କୃଷ୍ଣ ସନ୍ତୋଷ, ବସନ୍ତ, ସୁଶାନ୍ତ, ଶ୍ରୀମନ୍ତ, ସୁବାଶିନୀ, ପ୍ରଭାସିନୀ, ବନିତା ଓ ଆତ୍ମୀୟ ସ୍ୱଜନ
ଧ-୮୩୪୧

### ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସତ୍ୟବତୀ ପଟ୍ଟନାୟକ**
ସ୍ୱା: ସ୍ୱର୍ଗତ ବେଣୁପାଣି ପଟ୍ଟନାୟକ
ନି/ପୋ- ଚିପିଲିମା, ଥାନା- ବୁର୍ଲା, ଜି- ସମ୍ବଲପୁର
ଆବିର୍ଭାବ: ୨୫।୦୫।୧୯୪୪
ତିରୋଧାନ: ୦୨।୦୯।୨୦୧୮
ଭାଦ୍ରବ କୃଷ୍ଣପକ୍ଷ ସପ୍ତମୀ
ତୁମର ଭଲପାଇବା, ତ୍ୟାଗ, କର୍ମପ୍ରବଣତା, ନିଷ୍ଠାପରତା ଆମ୍ଭମାନଙ୍କୁ ଚିରକାଳ ପ୍ରେରଣା ଦେଉଥିବ। ପ୍ରତି ସମୟରେ ତୁମର ଅନୁପସ୍ଥିତିକୁ ଅନୁଭବ କରି ଝୁରି ହେଉଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବଡଠାକୁର ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ଭାଇ-ଭାଇବୋହୂ, ନାତି-ନାତୁଣୀ, ଭାଣିଜୀ, ଭଣଜା-ଭଣଜାବୋହୂ, ଭଉଣୀ, ପୁତୁରା, ଝିଆରୀ ତଥା ପଟ୍ଟନାୟକ ପରିବାର, ବନ୍ଧୁବର୍ଗ। ଧ-୬୨୪୪୨

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ପ୍ରମିଳା ଭୋଳ**
କେତକୀପାଟଣା, ପୁରୀ
ଆବିର୍ଭାବ: ୧୫।୧୨।୧୯୫୧
ତିରୋଧାନ: ୧୬।୦୯।୨୦୧୫
(ବାଲିତୃତୀୟା)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ-ଦୀନବଂଧୁ, ପୁଅ-ବାପି, ଗୁନି, ଜିତୁ, ଦୀପୁ ଓ ଲିଙ୍କୁ, ବୋହୂ-ରୋଜି, ଝୁମି, ନାତି-ସାଇ।
ଧ-୬୩୮୩୯

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଡଃ ନିରୁପମା ପଟ୍ଟନାୟକ**
ସ୍ୱାମୀ: ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ରାଜ୍ୟସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ। ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ। ଧ-୬୩୩୬୮

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୌମେନ୍ଦ୍ର ସାହୁ**
ଦୋରବାଙ୍ଗ
ଆବିର୍ଭାବ: ୨୦।୦୬।୧୯୮୧
ତିରୋଧାନ: ୨୨।୦୮।୨୦୦୯
ବାଲିତୃତୀୟା
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୮୩୨୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦୁର୍ଗା ପ୍ରସାଦ ବହିଦାର**
ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ଝାଡୁଆପଡ଼ା, ସମ୍ବଲପୁର
(୧୯୧୦-୧୯୯୭) ବାଲିତୃତୀୟା
ଏକବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ବନ୍ଧୁସ୍ୱଜନ। ଧ-୮୨୨୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୈଳାସ ଚନ୍ଦ୍ର ଭଞ୍ଜଶାଳୀ**
ପ୍ଲଟ ନଂ-୮୯, କାନନ ବିହାର, ଫେଜ-୨, ପଟିଆ, ଭୁବନେଶ୍ୱର
ତିରୋଧାନ: ୨।୦୯।୨୦୧୮
ହେ ପୁଣ୍ୟାତ୍ମା ଆପଣଙ୍କ ସ୍ପଷ୍ଟବାଦିତା, ସତ୍ୟନିଷ୍ଠା, କର୍ତ୍ତବ୍ୟ ପରାୟଣତା ଏବଂ ଈଶ୍ୱରଙ୍କ ପ୍ରତି ଅଗାଧ ଭକ୍ତି ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଗୁରୁଦେବ ଶ୍ରୀସୀତାରାମ ଦାସ ଓଁକାର ନାଥଙ୍କ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଏତିକି ପ୍ରାର୍ଥନା। ଅଭାଗିନୀ ପତ୍ନୀ ଗୀତିକା, ପୁତ୍ର-ରଜତ, କନ୍ୟା-ମନ୍ଦିରା, ମଧୁମିତା, ସ୍ୱପ୍ନା ଓ ପରିବାରବର୍ଗ। ଧ-୫୬୧୪୯

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**



କଂଗ୍ରେସର ପୂର୍ବତନ ବିଧାୟକ ଜଗା ରେଡ୍ଡୀଙ୍କୁ ସୋମବାର ହାଇଦ୍ରାବାଦ ମାର୍କେଟ ପୋଲିସ ଗିରଫ କରିଛି। ତାଙ୍କ ନାଁରେ ଜାଲିଆତି, ଠକେଇ ଓ ମାନବ ଚାଲାଣ ଭଳି ଅଭିଯୋଗ ରହିଛି। ମାର୍କେଟ ପୋଲିସ ଷ୍ଟେଶନର ସର୍କଲ ଇନ୍‌ସପେକ୍ଟରଙ୍କ ସୂଚନା ଅନୁଯାୟୀ, ୨୦୦୪ରେ ରେଡ୍ଡୀ ୩ ଜଣ ଲୋକଙ୍କୁ ନିଜ ପରିବାର ସଦସ୍ୟ ଭାବେ ପରିଚୟ ଦେଇ ହାଇଦ୍ରାବାଦରୁ ଆମେରିକା ଚାଲାଣ କରୁଥିଲେ।




# ରାଜ୍ୟୱାରି ତେଲ ଦର ଓ ଲାଗୁ କରାଯାଇଥିବା ଭାଟ୍

ବିଭିନ୍ନ ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଭାଟ୍ ଦରରେ ବ୍ୟାପକ ଭିନ୍ନତା ରହିଛି। ଏହାବ୍ୟତୀତ ସେମାନେ ଅନ୍ୟାନ୍ୟ ଟିକସ ଏବଂ ସେସ୍ ଆଦାୟ କରୁଛନ୍ତି। ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲର ଠିକ୍ ଦର ସମ୍ପର୍କିତ ତଥ୍ୟ ତୈଳ କମ୍ପାନୀଗୁଡ଼ିକ ଦର୍ଶାଉଛନ୍ତି, କିନ୍ତୁ ଅନ୍ୟ ରାଜ୍ୟର ଏଭଳି ସୂଚନା ମିଳିପାରୁନାହିଁ। ତୈଳ ଦର ଓ ଭାଟ୍ ମଧ୍ୟରେ ତୁଳନା କଲେ ଜଣାପଡ଼େ ଯେ, ଏ ଦୁହିଁଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ।




ପେଟ୍ରୋଲ ଓ ଡିଜେଲ ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିବାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ପରେ ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଟିକସ ହ୍ରାସ ଘୋଷଣା କରିଛନ୍ତି।

ସୂତ୍ର: ଏଚ୍‌ପିସିଏଲ୍ ୱେବ୍‌ସାଇଟ୍ ଏବଂ ପିପିଏସି

## ଜେଲ ଗଲେ ଟିଟୋଙ୍କ ୨ ସହଯୋଗୀ

# ରିମାଣ୍ଡରେ ଯିବେ ନିଲମ୍ବିତ ଆଇଆଇସି



ଦୀପ୍ତି



ଚିତ୍ତ ରଞ୍ଜନ

- ଟିଟୋ ଲିଙ୍କରେ ପଚରାଉଚରା କରିବ ଏସ୍‌ଟିଏଫ
- ଦୀପ୍ତିଙ୍କ ଯୁବତୀ ଚାଲାଣ ଘଟଣାର ଖୋଳତାଡ଼ ଆରମ୍ଭ

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲୀ ଓରଫ ଟିଟୋ ଲିଙ୍କରେ ଅଧିକ ଖୋଳତାଡ଼ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଜଟଣୀର ପୂର୍ବତନ ତଥା ନିଲମ୍ବିତ ଆଇଆଇସି ସଞ୍ଜୀବ ମହାନ୍ତିଙ୍କୁ ରିମାଣ୍ଡରେ ନେବ। ଏଥିପାଇଁ ଭୁବନେଶ୍ୱର କୋର୍ଟରେ ଏସ୍‌ଟିଏଫ ପକ୍ଷରୁ ଆବେଦନ କରାଯାଇଛି। କୋର୍ଟଙ୍କ ଅନୁମତି ମିଳିବା ପରେ ତାଙ୍କୁ ଏସ୍‌ଟିଏଫ ରିମାଣ୍ଡରେ ନେଇ ପଚରାଉଚରା କରିବ।

ଅନ୍ୟପଟେ ନିଲମ୍ବିତ ଆଇଆଇସି ସଞ୍ଜୀବ ଏବଂ ଟିଟୋଙ୍କ ମଧ୍ୟସ୍ଥ ସାଜିଥିବା ଜଗତ୍‌ସିଂହପୁର ଜିଲା ମୁକୁନ୍ଦପୁରର ଦୀପ୍ତି ରଞ୍ଜନ ଦାସଙ୍କ ସମେତ ଟିଟୋଙ୍କ ଅନ୍ୟତମ ସହଯୋଗୀ କଟକ ଟାଙ୍ଗୀ ଅଞ୍ଚଳର ଚିତ୍ତରଞ୍ଜନ ସାହୁଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ଦଫା ୩୮୭, ୫୦୬, ୧୨୦ବ(ବି), ୩୪ ଏବଂ ୨୫ ଓ ୨୭ ଆର୍ମ୍ସ ଆକ୍ଟରେ ମାମଲା(୧୧/୧୮) ରୁଜୁ ହୋଇଛି। ଦୀପ୍ତିଙ୍କୁ ଏସ୍‌ଟିଏଫ୍ କଡ଼ା ସୁରକ୍ଷା ମଧ୍ୟରେ କୁଜଙ୍ଗ ଜେଏମ୍‌ଏଫସିରେ ହାଜର କରିଥିଲା। ରବିବାର ସକାଳେ ଏସ୍‌ଟିଏଫ୍ ଦୀପ୍ତିଙ୍କ ମୁକୁନ୍ଦପୁର ଓ ପଟିଆସ୍ଥିତ ଘରେ ଚଢାଉ କରିଥିଲା। ଚଢାଉ ବେଳେ ଗୋଟିଏ ବନ୍ଧୁକ, ୧୨ ରାଉଣ୍ଡ ଗୁଳି, ଗୋଟିଏ ଅଡି କାର, ଗୋଟିଏ ସୁଇଫ୍ଟ କାର ଓ ୬୪ ହଜାର ଟଙ୍କା ଜବତ ହୋଇଥିଲା। ସେହିଦିନ ରାତିରେ ଟାଙ୍ଗୀ ସରଦୋଳା ଗ୍ରାମର ଚିତ୍ତରଞ୍ଜନଙ୍କ ଘରେ ମଧ୍ୟ ଏସ୍‌ଟିଏଫ୍ ଚଢାଉ କରି ତାଙ୍କୁ ଗିରଫ କରିଥିଲା ବୋଲି ଏସ୍‌ଟିଏଫ୍ ଏସ୍‌ପି ସତ୍ୟଜିତ୍ ନାୟକ କହିଛନ୍ତି।

ସେହିପରି ପୂର୍ବରୁ ସପୋ ଦେଇଥିବା ବୟାନ ଆଧାରରେ ଏସ୍‌ଟିଏଫ୍ ତଦନ୍ତ ଆରମ୍ଭ କରିଛି। ସଞ୍ଜୀବଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଟିଟୋ ଏବଂ ଦୀପ୍ତିଙ୍କ ଆପରାଧିକ ସାମ୍ରାଜ୍ୟର ଆଉକିଛି ତଥ୍ୟ ମିଳିପାରେ। ଏହାସହ ଥାନା ବାବୁ ସେମାନଙ୍କ ଦ୍ୱାରା କେତେ ଫାଇଦା ପାଇଛନ୍ତି ତାହାର ମଧ୍ୟ ପର୍ଦ୍ଦାଫାଶ ହୋଇପାରିବ। ମଙ୍ଗଳବାର ଏସ୍‌ଟିଏଫ୍ ଦୀପ୍ତିଙ୍କୁ ପଚରାଉଚରା କରିବା ବେଳେ କିଛି ବିସ୍ଫୋରକ ତଥ୍ୟ ମିଳିଛି। ଟିଟୋ, ସଞ୍ଜୀବ ଏବଂ ଦୀପ୍ତି ଏକାଧିକ ଥର ଗୋଆ ଯାଇଛନ୍ତି। ସେଠାରେ ହୋଟେଲରେ ରହିବା ସହ ଯୁବତୀଙ୍କ ସହ ମଉଜମସ୍ତି କରିଥିବା ଦୀପ୍ତି ଏସ୍‌ଟିଏଫ୍ ଆଗରେ ସ୍ୱୀକାର କରିଛନ୍ତି। ଏଠାରେ ଖବରଦାତା ସେମାନଙ୍କ ଗତିବିଧି ଉପରେ ନଜର ରଖିଥିବା ଆଶଙ୍କା କରି ସେମାନେ ଗୋଆରେ ମିଟିଂ କରୁଥିଲେ। ସଞ୍ଜୀବ ଟିଟୋଙ୍କୁ ଆପରାଧିକ କାର୍ଯ୍ୟରେ ସହଯୋଗ କରିବା ନେଇ ସେଠାରେ ମୋଟା ରକମର ଡିଲ୍ ହେଉଥିଲା। ଦୀପ୍ତିଙ୍କଠାରୁ ଏସବୁ ତଥ୍ୟ ମିଳିବା ପରେ ଏସ୍‌ଟିଏଫ୍ ସଞ୍ଜୀବଙ୍କୁ ରିମାଣ୍ଡରେ ନେଇ ଟିଟୋଙ୍କଠାରୁ ସେ କେତେ ଫାଇଦା ପାଇଛନ୍ତି ଏବଂ କେଉଁ କାର୍ଯ୍ୟରେ ସହଯୋଗ କରିଛନ୍ତି ତାହା ଜାଣିବା ଲାଗି ପଚରାଉଚରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ଏହା ବ୍ୟତୀତ ଦୀପ୍ତି ଯୁବତୀ ଚାଲାଣ କରୁଥିବା ସମ୍ପର୍କରେ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଏସ୍‌ଟିଏଫ୍ ଏହାର ତଦନ୍ତ ଆରମ୍ଭ କରିଛି। ସେ ଜଗତ୍‌ସିଂହପୁର ଜିଲାରୁ ଏକାଧିକ ଯୁବତୀଙ୍କୁ ଗୋଆ ଚାଲାଣ କରିଥିବା ନେଇ ଏସ୍‌ଟିଏଫ୍ ହାତରେ ପ୍ରମାଣ ଲାଗିଛି। ତେଣୁ ଏସ୍‌ଟିଏଫ ଦୀପ୍ତିଙ୍କୁ ମଧ୍ୟ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି।

# ବାଲିମେଳା ଜଳଭଣ୍ଡାରରେ ଡଙ୍ଗାବୁଡ଼ି ୪ ନିଖୋଜ

### ଗୁରୁପ୍ରିୟା ସେତୁ ପରେ ମଧ୍ୟ ସୁଧୁରୁନାହିଁ ସ୍ୱାଭିମାନ ଅଞ୍ଚଳର ଦୁର୍ଦ୍ଦଶା

ମାଲକାନଗିରି,୧୧।୯ (ଡି.ଏନ୍.ଏ.)

ଗୁରୁପ୍ରିୟା ସେତୁ ଲୋକାର୍ପିତ ହେବା ପରେ ମଧ୍ୟ ସ୍ୱାଭିମାନ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ସୁଧୁରିନାହିଁ। ଏବେ ସୁଦ୍ଧା ଲୋକେ ଯାତାୟାତ ପାଇଁ ଜଳପଥରେ ଦେଶୀ ଡଙ୍ଗାର ସାହାରା ନେଇ ପ୍ରତ୍ୟେକ ଦିନ ବିପଦକୁ ବରଣ କରୁଛନ୍ତି। ପଣସପୁଟ, ଯୋଡାମ୍ବ ଆଦି ପଞ୍ଚାୟତର ଗ୍ରାମବାସୀ ଗୁରୁପ୍ରିୟା ସେତୁର ଲାଭ ପାଇପାରିନାହାନ୍ତି। ସୋମବାର ରାତିରେ ଘଟିଥିବା ଦୁର୍ଘଟଣା ଏହା ପ୍ରମାଣିତ କରିଛି। ବାଲିମେଳା ଜଳଭଣ୍ଡାରରେ ଡଙ୍ଗା ବୁଡିଯିବାରୁ ୪ଜଣ ବ୍ୟକ୍ତି ନିଖୋଜ ଅଛନ୍ତି। ୩ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ବ୍ୟକ୍ତିମାନେ ହେଲେ ବୁଲିଆ ଶିଶା (୬୪), ରାଧିକା ଶିଶା (୩୦) ମଣିମା ଶିଶା (୩) ଦହନା ଶିଶା (୪୫)। ମୃତ୍ୟୁମୁଖରୁ ବର୍ତ୍ତିଯାଇ ଉଦ୍ଧାର ହୋଇଥିବା ବ୍ୟକ୍ତିମାନେ ହେଲେ ଚମ୍ପା ଶିଶା, ଲଛମା ଶିଶା ଓ ସନ୍ନ୍ୟାସୀ ଶିଶା। ମଙ୍ଗଳବାର ମଧ୍ୟ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବିଭାଗ ନିଖୋଜ ବ୍ୟକ୍ତିଙ୍କୁ ଖୋଜାଖୋଜି ଜାରି ରଖିଛନ୍ତି।

ସୋମବାର ଅପରାହ୍ନରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ଏହି ୭ଜଣ ଏକ ଦେଶୀ ଡଙ୍ଗାରେ ବାଲିମେଳା ଜଳଭଣ୍ଡାର ଭିତରେ ଥିବା ପାହାଡ଼ ନିକଟ ଚାଷ ଜମିରୁ ଘାସ ବାଛିବାକୁ ଯାଇଥିଲେ। ସେଠାରୁ କାମସାରି ଫେରୁଥିବା ବେଳେ ଏପରି ଘଟିଛି। ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ତହସିଲଦାର ଫାଲଗୁନୀ ମାଝି, ବ୍ଲକ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଲାସି କାର୍ଯ୍ୟକୁ ଜୋରଦାର କରିଛନ୍ତି। ଜିଲା ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ମୋଟର ବୋଟ୍ ଯୋଗେ ନିଖୋଜଙ୍କୁ ଖୋଜାଖୋଜି କରୁଛନ୍ତି।




ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ନୟାପଲ୍ଲୀ ଶାଖା**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତିହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତାମାନେ: ଶ୍ରୀମତୀ ଲୁସି ମହାପାତ୍ର ଏବଂ ୰ ଜାନକୀ ବଲ୍ଲଭ ପାଢ଼ୀ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ କବିତା ମହାପାତ୍ର,** ସ୍ୱାମୀ: ୰ ଜାନକୀ ବଲ୍ଲଭ ପାଢ଼ୀ, ସମସ୍ତଙ୍କ ଠିକଣା ସା.: ଡୁପ୍ଲେକ୍ସ ନଂ.: ୫୫, ବସନ୍ତ ବିହାର, ବ୍ରହ୍ମେଶ୍ୱରପାଟଣା, ବଡଗଡ, ଭୁବନେଶ୍ୱର | ଟ.୨୪,୨୧,୪୬୯.୮୦ + ସେବାବଦ ସୁଧ | ୧୯.୦୬.୨୦୧୮/ ୧୦.୦୯.୨୦୧୮ | ୰ ଜାନକୀ ବଲ୍ଲଭ ପାଢ଼ୀ ଏବଂ ଶ୍ରୀମତୀ ଲୁସି ମହାପାତ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୧୩୨୦/୪୬୬୭ ଏବଂ ୧୩୨୦/୩୦୩୮, ଖାତା ନଂ.: ୯୮୮/୧୮୧୦ ଏବଂ ୯୮୮/୧୮୧୧, **ସମୁଦାୟ କ୍ଷେତ୍ର: ଏକର୦.୦୬ଡିସିମିଲି,** ସା.: ଖଣ୍ଡପଡା ରୋଡ୍, ସିନ୍ଦୁରିଆ, ନୟାଗଡ, ଏହାର ଚତୁଃପାର୍ଶ୍ୱରେ ପୂର୍ବ: କମଲେଶ ପଟ୍ଟନାୟକଙ୍କ ଗୃହ, ପଶ୍ଚିମ: ଖଣ୍ଡପଡା ମେନ୍ ରୋଡ୍, ଉତ୍ତର: ୧୦ଫୁଟିଆ ଚଉଡା ରାସ୍ତା, ଦକ୍ଷିଣ: ଗଙ୍ଗାଧର ରଥଙ୍କ ଗୃହ |

ସ୍ଥାନ : ଭୁବନେଶ୍ୱର, ତାରିଖ: ୧୧.୦୯.୨୦୧୮ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



“ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା' ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।

-ଶ୍ରୀମା



# ଯୁଦ୍ଧକୁ ଅପେକ୍ଷା

ଚଳିତବର୍ଷ ମେ'ରେ ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ରିପୋର୍ଟ ପ୍ରଦାନ କରିଥିଲା ଯେ, ଫ୍ରାନ୍ସକୁ ଅତିକ୍ରମ କରି ଭାରତ ବିଶ୍ୱର ପ୍ରତିରକ୍ଷା ଦିଗରେ ସର୍ବାଧିକ ଖର୍ଚ୍ଚ କରୁଥିବା ଶ୍ରେଷ୍ଠ ୫ ଦେଶ ତାଲିକାରେ ସ୍ଥାନ ପାଇଛି। ଆମେରିକା, ଚାଇନା, ସୌଦି ଆରବ ଏବଂ ରୁଷିଆ ପରେ ଭାରତ ରହିଛି। ଆମେରିକା ଓ ଚାଇନାର ପ୍ରତିରକ୍ଷା ଖର୍ଚ୍ଚ ଯଥାକ୍ରମେ ୬୧୦ ବିଲିୟନ ଡଲାର ଓ ୨୨୮ ବିଲିୟନ ଡଲାର ରହିଥିବା ବେଳେ ଭାରତର ରହିଛି ମାତ୍ର ୬୩.୯ ବିଲିୟନ ଡଲାର। କୁହାଯାଉଛି ଚାଇନାର ଅର୍ଥନୀତି ପୂର୍ବାପେକ୍ଷା ଦୁର୍ବଳ ହୋଇଯାଇଥିବାରୁ ସୈନ୍ୟ ସଂଖ୍ୟା କମାଇ ଆଧୁନିକ ଅସ୍ତ୍ରଶସ୍ତ୍ରରେ ବଳୀୟାନ ହେବାକୁ ପ୍ରସ୍ତୁତି ଆରମ୍ଭ କରିଛି। ସମ୍ଭବତଃ ତାହାକୁ ଦେଖି ଭାରତୀୟ ସେନା ତା'ର ଆକାର କମାଇବାକୁ ଯାଇ ଦେଢ଼ ଲକ୍ଷ ସୈନ୍ୟ ଓ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେବା ପାଇଁ ଯୋଜନା କରିଛି। ବର୍ତ୍ତମାନ ଭାରତୀୟ ସେନାରେ ୧୪ ଲକ୍ଷ ସୈନ୍ୟ ଅଛନ୍ତି। ହେଲେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ରେ ୨୨ ଲକ୍ଷ ୮୫ ହଜାର ସୈନ୍ୟ ଅଛନ୍ତି। ଉପରଲିଖିତ ଖର୍ଚ୍ଚ ପରିସଂଖ୍ୟାନକୁ ଦେଖିଲେ ଭାରତଠାରୁ ଚାଇନା ଅଧିକ ୧୬୪.୧ ବିଲିୟନ ଡଲାର ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରୁଛି। ତେଣୁ ଚାଇନା ସହ ଭାରତର ପ୍ରତିରକ୍ଷା ସ୍ଥିତିକୁ ତୁଳନା କରାଯିବା ଉଚିତ ନୁହେଁ।

ଭାରତ ଅଦ୍ୟାବଧି ତା'ର ସବୁ ସୀମାନ୍ତରେ ଶତ୍ରୁଙ୍କ ଗତିବିଧି ଲକ୍ଷ୍ୟ କରିବା ଲାଗି ଆଧୁନିକ ଯନ୍ତ୍ର ଖଞ୍ଜିବାରେ ସକ୍ଷମ ହୋଇପାରି ନାହିଁ। ଗତବର୍ଷ କେବଳ ଜମ୍ମୁ ଓ କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟ ପୁଞ୍ଚ୍ ଓ ରାଜୌରି ସେକ୍ଟରରେ ଆମେରିକା ନିର୍ମିତ ଆକାଶମାର୍ଗରୁ ନିରୀକ୍ଷଣ କରାଯାଇପାରୁଥିବା ଡ୍ରୋନ୍ ଖଞ୍ଜା ଯାଇଥିଲା। ଏ ସବୁଥିରୁ କେତେ କାର୍ଯ୍ୟକ୍ଷମ ଥିବ, ତାହା ଭାରତୀୟ ରକ୍ଷଣାବେକ୍ଷଣର ଇତିହାସ ଦେଖିଲେ ବୁଝାପଡ଼ିବ। ୨୦୧୩ରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଉପରେ ନଜର ରଖାଯିବା ଲାଗି ଚାଇନା ସୀମାରେ ଯେଉଁ ହାଇ ରିଜଲ୍ୟୁଶନ ସର୍ଭିଲାନ୍ସ କ୍ୟାମେରା ଲଗାଯାଇଥିଲା, ସେଗୁଡ଼ିକ କିଛିଦିନ ପରେ ଅକାମୀ ହୋଇଯାଇଥିବା ଖବର ମିଳିଥିଲା। ତେଣୁ ଭାରତ ଅଚାନକ ଚାହିଁଲେ ମଧ୍ୟ ପ୍ରତିରକ୍ଷା ସରଞ୍ଜାମ ଯୋଗାଡ଼ କରି ତାହାକୁ କାମରେ ଲଗାଇବାରେ ସକ୍ଷମ ହୋଇପାରୁ ନାହିଁ। ଯେତେବେଳେ ରାଫେଲ ଯୁଦ୍ଧ ବିମାନ ଲାଗି ରାଜିନାମା ସ୍ୱାକ୍ଷରିତ ହୋଇ ତାହା ଦୁର୍ନୀତି ଜାଲରେ ପଡ଼ିଯାଇଛି, ସେଭଳି କ୍ଷେତ୍ରରେ ଅତ୍ୟାଧୁନିକ ଯୁଦ୍ଧ ପାଇଁ ଭାରତ କିଭଳି ପ୍ରସ୍ତୁତ ହେବ ତାହା ବୁଝିବା କଷ୍ଟକର।

ଏଠାରେ ପ୍ରତିରକ୍ଷା ସମସ୍ୟା କେବଳ ଅର୍ଥ ଦୁର୍ନୀତିରେ ସୀମିତ ନୁହେଁ। ଏଭଳି ଦୁର୍ନୀତିଠାରୁ ଅଧିକ ମାରାତ୍ମକ ହେଉଛି ନିଷ୍ପତ୍ତି ନେବାରେ ଏବଂ ଅସ୍ତ୍ରଶସ୍ତ୍ର କିଣିବାରେ ଘଟୁଥିବା ଅତ୍ୟଧିକ ବିଳମ୍ବ।

ଭାରତ ସରକାର ଯଦି ପ୍ରତିରକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ଚାହୁଁଥା'ନ୍ତି, ତେବେ ପ୍ରଥମେ ଏହାର କ୍ରୟ ନୀତିରେ ପରିବର୍ତ୍ତନ ଆଣିବା ଦରକାର। ବୋଫର୍ସଠାରୁ ଆରମ୍ଭ କରି ଅଗୁସ୍ତା ୱେଷ୍ଟଲାଣ୍ଡ୍ ଏବଂ ଏବେ ରାଫେଲ ଚୁକ୍ତିରେ ଅନେକ ହଜାର କୋଟି ଟଙ୍କା ଦୁର୍ନୀତି ହୋଇଥିବା ବିଷୟ ସମସ୍ତଙ୍କୁ ଜଣା। ଯେହେତୁ ଏହି କ୍ରୟ ଚୁକ୍ତିରେ ବିପୁଳ ପରିମାଣର ଅର୍ଥ କାରବାର ହୋଇଥାଏ, ସେହେତୁ ଅଧିକ ପରିମାଣର ଦୁର୍ନୀତି ଆଶଙ୍କା ରହିବା ସ୍ୱାଭାବିକ। ଏ ଦିଗରେ ପ୍ରଥମେ ସ୍ୱଚ୍ଛତା ଅଣାଯିବା ଆବଶ୍ୟକ। ଯେହେତୁ ସ୍ୱଚ୍ଛତା ରଖାଯାଇପାରୁ ନାହିଁ, ସେଥିପାଇଁ ନିଷ୍ପତ୍ତି ନେବାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଳମ୍ବ ଘଟୁଛି। ଆଧୁନିକ ପ୍ରତିରକ୍ଷା ସରଞ୍ଜାମ ସବୁବେଳେ ଆଧୁନିକ ହୋଇ ରହେନାହିଁ। ସମୟ ବିତିଗଲେ ଆହୁରି ଅଧିକ ଶକ୍ତିଶାଳୀ ଟେକ୍‌ନୋଲଜି ବାହାରିବାରେ ଲାଗିଛି। ଅନ୍ୟ ଦେଶଗୁଡ଼ିକରେ ଏହା ଉପରେ ସବୁବେଳେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଗବେଷଣା କରାଯାଉଛି। ସେହି ଗବେଷଣାର ଫଳସ୍ୱରୂପ ନୂଆ ଅସ୍ତ୍ରଶସ୍ତ୍ର ସୃଷ୍ଟି ହେଉଛି। ଏଭଳି ପ୍ରଚ୍ଛଦପଟରେ ଭାରତ ତାହାର ସେନାର ଆକାର କମାଇବାର ଚେଷ୍ଟା କେତେଦୂର ଯୁକ୍ତିଯୁକ୍ତ, ତାହା କେବଳ ବିଶେଷଜ୍ଞମାନେ ମତ ଦେଇପାରିବେ। ଗୋଟାଏ ପଟେ ଯୁଦ୍ଧ ପ୍ରସ୍ତୁତିର ଅଭାବ ସହିତ ଅନ୍ୟପଟେ ଯଦି ସୈନ୍ୟ ସଂଖ୍ୟା କମିଯିବ, ତେବେ ତାହାର ସାମଗ୍ରିକ ପ୍ରଭାବ କେଉଁ ରୂପ ଧାରଣ କରିବ ତାହା ଏବେ ଆକଳନ କରିବା ଅତ୍ୟନ୍ତ କଷ୍ଟକର। ଏହାର ଅର୍ଥ ହେଲା ଏଭଳି ନିଷ୍ପତ୍ତିର ପ୍ରଭାବ ଜାଣିବାକୁ ହେଲେ ବାସ୍ତବ ଯୁଦ୍ଧ ଘଟିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ। ସେତେବେଳେ ଯଦି ସୈନ୍ୟ ସଂଖ୍ୟା ହ୍ରାସର ନକାରାତ୍ମକ ପ୍ରଭାବ ଜଣାପଡ଼ିବ, ତେବେ ପରିସ୍ଥିତିକୁ ସୁଧାରିବାର ସୁଯୋଗ ହାତଛଡ଼ା ହୋଇଯାଇଥିବ।

## ଚିରନ୍ତନୀ

ସନ୍ଧ୍ୟା–ରାଗିଣୀ
ରକତ ରାଗରେ
ବଢ଼ିଛି ଏ ମୋର ବାସନା
(ତୁମେ) ଅଳତାର ରାଗ ଚରଣେ ଲେଖି ଗୋ
ଆସନା, ମୋ ପାଶେ ଆସନା।
ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଲ ନୟନା
ଆଜି ବଢ଼ିଛି ପରା ମୋ ବାସନା।
(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | A | | | | | C | | E | | | | |
| 5 | 0 | | | | | | 9 | | | D | | 3 | | |
| | | D | | | | 4 | 7 | | | A | 2 | 6 | 9 | |
| | | | 3 | | | | | 0 | | 9 | | | 7 | |
| | | A | C | | | | 6 | | | | 8 | | B | |
| | 8 | 6 | | | | | | | 1 | 7 | | 9 | | |
| | | 2 | | 5 | 6 | | | | A | 0 | | | | |
| 4 | | | | 9 | | | | | D | 6 | E | 0 | | |
| | | E | | 2 | | 3 | | 7 | | | 4 | 8 | 6 | |
| | | | | 0 | B | 5 | 4 | | | | | E | A | |
| | | | 1 | E | C | | | 2 | | | 7 | D | | |
| A | B | 4 | | 3 | D | | 0 | | 9 | | | | C | |
| D | 5 | 7 | | | | | | | | | 0 | | | |
| | | C | | B | | | | 3 | 2 | | | | E | |
| | | | | | | C | | 5 | | 4 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 6 | A | 5 | B | 4 | 7 | E | 1 | 3 | 2 | 9 | D | 0 | 8 |
| 3 | B | 9 | 7 | 8 | 0 | 5 | C | 6 | D | A | E | 1 | 2 | 4 |
| 4 | 5 | 0 | D | E | 9 | A | 2 | B | 8 | 1 | C | 6 | 7 | 3 |
| D | 7 | 8 | 2 | 1 | A | 9 | 3 | 0 | 4 | B | 6 | 5 | C | E |
| 1 | 2 | E | 6 | C | 3 | 8 | 4 | D | 0 | 5 | 7 | A | B | 9 |
| 7 | 3 | 4 | A | 9 | 1 | B | 0 | 5 | C | 6 | 2 | E | 8 | D |
| 8 | C | 6 | 4 | 7 | B | E | 1 | 2 | A | 0 | D | 9 | 3 | 5 |
| E | A | 5 | C | 0 | 6 | 4 | D | 8 | 9 | 7 | 3 | B | 1 | 2 |
| B | 0 | 1 | 3 | D | 2 | 6 | 9 | C | 5 | E | 8 | 7 | 4 | A |
| 2 | 9 | D | E | 5 | 8 | 3 | 7 | A | 1 | 4 | B | C | 6 | 0 |
| 9 | D | 7 | 8 | 3 | E | 1 | A | 4 | 6 | C | 0 | 2 | 5 | B |
| 6 | 1 | 3 | 9 | 4 | 5 | 2 | B | 7 | E | 8 | A | 0 | D | C |
| A | 4 | C | 0 | 2 | 7 | D | 5 | E | B | 3 | 1 | 8 | 9 | 6 |
| 0 | 8 | B | 1 | A | D | C | 6 | 3 | 2 | 9 | 5 | 4 | E | 7 |
| 5 | E | 2 | B | 6 | C | 0 | 8 | 9 | 7 | D | 4 | 3 | A | 1 |

ଗତକାଲିର ଉତ୍ତର

# ତଥ୍ୟ ପ୍ରସାରରେ ଅତିରଞ୍ଜନ



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ଶୁକ୍ରବାର ସକାଳୁ ସକାଳୁ ଫୋନ୍‌ଟେ ପାଇ ବଡ଼ ଆଶ୍ଚର୍ଯ୍ୟ ଲାଗିଲା। ଆରପଟରୁ ବନ୍ଧୁଜଣକ ବିକଳ ହୋଇ ପଚାରିଥିଲେ– ''ଆଜି ମୋର ଭୁବନେଶ୍ୱରରେ ଗୋଟେ ଜରୁରୀ କାମ ଅଛି, କିନ୍ତୁ ଶୁଣିଲି ସରକାର ପ୍ରବଳ ବର୍ଷାର ଚେତାବନୀ ଦେଇ ଭୁବନେଶ୍ୱରର ସମସ୍ତ ବିଦ୍ୟାଳୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସାରା ଓଡ଼ିଶାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ବନ୍ଦ ରଖିବା ପାଇଁ ଆଦେଶ ଜାରି କରିଛନ୍ତି।'' ବଡ ଅଡୁଆ ଲାଗିଲା ମୋତେ। ପାଗ ଅବଶ୍ୟ ମେଘୁଆ ଥିଲା କିନ୍ତୁ ମୋତେ ବଡ଼ ବର୍ଷାର କୌଣସି ସୂଚନା ଦିଶୁ ନ ଥାଏ। ମୁଁ ପାଣିପାଗ ବିଭାଗରୁ ସକାଳର ଉପଗ୍ରହ ଚିତ୍ର ଦେଖିଲି, ବଡ଼ ବର୍ଷା ତ ଦୂରର କଥା ଦିନଟି ଶୁଖିଲା ରହିବାର ସମସ୍ତ ସୂଚନା ସେଥିରେ ସ୍ପଷ୍ଟ ଥିଲା। ମନରେ ଅନେକ ପ୍ରଶ୍ନ ଆସିଲା। ସରକାର କ'ଣ ସତରେ ପାଣିପାଗ ବିଭାଗର ପୂର୍ବାନୁମାନ ଆଧାରରେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ? ସତରେ କ'ଣ ଜଳବାୟୁ ବିଭାଗ ସେମିତି ଏକ ପୂର୍ବାନୁମାନ ଜାରି କରିଥିଲା? ଯଦି ଜାରି କରିଥିଲା ତା'ହେଲେ କ'ଣ ଆମର ବର୍ଷା ପୂର୍ବାନୁମାନ ବ୍ୟବସ୍ଥା ଏତେ ଦୁର୍ବଳ? ଏହି ପ୍ରଶ୍ନ ଆମକୁ ଆନ୍ଦୋଳିତ କରିବା କଥା, କାରଣ ଭୁବନେଶ୍ୱର ଭଳି ଏକ ସହରରେ ଯେଉଁଠି ଉନ୍ନତ ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ଅଛି, ସେଠି କାହିଁକି ସ୍କୁଲ ବନ୍ଦ ରହିବ ବୋଲି ସରକାର ଘୋଷଣା କଲେ?

ସେମିତି ଏକ ଫୋନ୍ ପାଇଥିଲି ଜୁଲାଇ ୨୨ ତାରିଖ ସକାଳୁ। ମୁମ୍ବାଇରେ ଥିବା ବନ୍ଧୁଜଣକ ସିଧା ଆରମ୍ଭ କଲେ, ''ତୁମର କିଛି ଅସୁବିଧା ହୋଇନି ତ?'' ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନର କାରଣ ପଚାରିଲି। କହିଲେ ସବୁ ଟିଭି ଚ୍ୟାନେଲରେ ଏବେ ଖବର ଚାଲିଛି ଯେ ବୁର୍ଲା ଓ ସମ୍ବଲପୁରରେ ରେକର୍ଡ ବର୍ଷା ହୋଇଛି। ମୁଁ ବି ଟିଭି ଖୋଲିଲି। ଖବର ଆସୁଥିଲା ଯେ ବୁର୍ଲାରେ ୨୪ ଘଣ୍ଟା ଭିତରେ ୬୨୨ ମିଲିମିଟର ବର୍ଷା ହୋଇଛି। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଟିଭିରେ ତଥା ସାମାଜିକ ଗଣମାଧ୍ୟମଗୁଡ଼ିକରେ କହିଚାଲିଥାନ୍ତି ଯେ ତାହା କୌଣସି ଏକ ଦିନରେ ହୋଇଥିବା ବର୍ଷାର ସର୍ବକାଳୀନ ରେକର୍ଡ। ଏହା ସହିତ ସମ୍ବଲପୁରରେ ୫୪୦ ମିଲିମିଟର ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ସେମିତି ଭୀଷଣ ବର୍ଷା ହୋଇଥିବାର ଖବର ଆସୁଥାଏ। ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା କାରଣ ମୁଁ ସେହିଦିନ ସମ୍ବଲପୁରରେ ଥାଏ। ପୂର୍ବଦିନ ସନ୍ଧ୍ୟାରୁ ରାତିର ପ୍ରଥମ ପହରରେ ବର୍ଷା ଅବଶ୍ୟ ଖୁବ୍ ହୋଇଥାଏ, କିନ୍ତୁ ତାହା କେବେ ବି ୫୦୦–୬୦୦ ମିଲିମିଟର ହେବ ନାହିଁ ବୋଲି ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ଥାଏ। ତେବେ ଗଣମାଧ୍ୟମରେ ଯେତେବେଳେ ଏତେ ବର୍ଷା ହୋଇଛି ବୋଲି ଖବର ଆସୁଛି, ସମ୍ବଲପୁର ସହରର ସ୍ଥିତି କ'ଣ ତାହା ଦେଖିବା ପାଇଁ ବାହାରିପଡିଲି।

ନର୍ଦ୍ଦମା ଜଳ ତଥା ବର୍ଷା ସମୟରେ ବନ୍ୟାଜଳ ନିଷ୍କାସନ କରୁଥିବା ସମ୍ବଲପୁରର ଦୁଇଟି ନାଳ ହେଲା ଧୋବି ଯୋର ଓ ଟଙ୍ଗନା ନାଳ। ନାଳ ଉଚ୍ଛୁଳିବା ତ ଦୂରର କଥା, ବହୁଥିବା ପାଣିର ସ୍ତର ପ୍ରାୟ ଅଧା ହିଁ ଥିଲା। ହଁ, ଅବଶ୍ୟ ଅନେକ ଅଞ୍ଚଳରେ ଘରେ ପାଣି ପଶିଥାଏ, କିନ୍ତୁ ସେହିସବୁ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଏତେ ଖରାପ ଯେ ବେଙ୍ଗ ମୂତିଲେ ବି ତାହା ବୁଡ଼ିବ। କିଛି ପୋଲରେ ନର୍ଦ୍ଦମା ଦଳ, ପ୍ଲାଷ୍ଟିକ ଆଦି ଜମା ହେବା କାରଣରୁ ପାଣି ନିଷ୍କାସନ ହୋଇ ନ ପାରି କିଛି ଅଞ୍ଚଳ ଜଳପ୍ଲାବିତ ହୋଇଥାଏ। କିନ୍ତୁ ସେହି ମଇଳା କାଢ଼ିଦେବା ମାତ୍ରେ ପାଣି ସଙ୍ଗେ ସଙ୍ଗେ ଖସିଗଲା। କୌଣସି ଗୋଟିଏ ବି ସ୍ଥାନରେ ସର୍ବକାଳୀନ ରେକର୍ଡ ବର୍ଷାର ଟିକିଏ ବି ପ୍ରମାଣ ପାଇଲିନି। ପରଦିନ ଦେଖିଲା ବେଳକୁ ମହାନଦୀର ଖଇରମାଳଠାରେ ମାତ୍ର ୩ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିଲା। ମୁଁ ହିସାବ କରି ଦେଖିଲି ଯେ, ହୀରାକୁଦର ଜଳଭଣ୍ଡାରରୁ ଟୋପାଏ ପାଣି ତଳକୁ ନ ଆସିଲେ ମଧ୍ୟ ଯଦି ହୀରାକୁଦ ଏବଂ ଖଇରମାଳ ମଧ୍ୟରେ ଥିବା ଅଞ୍ଚଳରେ ହାରାହାରି ୨୦୦ ମିଲିମିଟର ବର୍ଷା ହୋଇଥିବ ଏବଂ ତାହାର ମାତ୍ର ଏକ–ଚତୁର୍ଥାଂଶ ପାଣି ମହାନଦୀରେ ପ୍ରବାହିତ ହୁଏ ତେବେ ଖଇରମାଳଠାରେ ହାରାହାରି ପ୍ରାୟ ୭ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେବା କଥା ଏବଂ ସର୍ବାଧିକ ଅନ୍ୟୁନ ୯ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିବା କଥା। କିନ୍ତୁ ଖଇରମାଳରେ ୪ଲକ୍ଷ କ୍ୟୁସେକ୍ ପାଣି ବି ବହିଲାନି କି ନରାଜ ବା ମୁଣ୍ଡଳୀରେ ୭ଲକ୍ଷ କ୍ୟୁସେକ୍‌ର ପ୍ରବାହ ହେଲା ନାହିଁ। ସରକାରୀ ତଥ୍ୟ ଓ ଘୋଷଣା ଯେ ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ଥିଲା ତାହାର ପ୍ରମାଣ ଜଳ ଜଳ ଦିଶୁଥିଲା।

ମହାନଦୀର ପ୍ରବାହକୁ ନେଇ ମଧ୍ୟ ଓଡ଼ିଶା ସରକାର ସେମିତି ସମ୍ପୂର୍ଣ୍ଣ ଭ୍ରମପୂର୍ଣ୍ଣ ତଥ୍ୟ ବାରମ୍ବାର ଦେଇଛନ୍ତି। ଅଗଷ୍ଟ ଶେଷ ସପ୍ତାହରେ ସେମିତି ଏକ ଭ୍ରାନ୍ତିର ପ୍ରସାରରେ ସରକାର ଓ ସରକାରୀ ଦଳ ଜଡ଼ିତ ଥିଲେ। ଓଡ଼ିଶାର ଶାସନରେ ଥିବା ବିଭିନ୍ନ ବ୍ୟକ୍ତି ଅଭିଯୋଗ କଲେ ଯେ, ଛତିଶଗଡ଼ର ବିଭିନ୍ନ ଜଳଭଣ୍ଡାରରୁ ପାଣି ଛାଡିବା କାରଣରୁ ମହାନଦୀରେ ବଡ଼ ବନ୍ୟା ହେବାକୁ ଯାଉଛି। ବାସ୍ତବତା ହେଲା, ଛତିଶଗଡ଼ରେ ପ୍ରବଳ ବର୍ଷା ହୋଇଥିଲା କିନ୍ତୁ ଛତିଶଗଡ଼ର କୌଣସି ବଡ ବନ୍ଧ ସେମାନେ ପାଉଥିବା ପ୍ରବାହରୁ ମାତ୍ରାଧିକ ବନ୍ୟାଜଳ ତଳକୁ ଛାଡି ନ ଥିଲେ। ତାହାର ପ୍ରମାଣ ହେଲା, ପ୍ରାୟ ପ୍ରତ୍ୟେକ ଦିନ ସେହି ରାଜ୍ୟର ବଡ ଜଳଭଣ୍ଡାରର ଜଳସ୍ତର ବଢିଥିଲା। ଯଦି ସେମାନେ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳଠାରୁ ଅଧିକ ଜଳ ଛାଡ଼ିଥାନ୍ତେ, ଜଳଭଣ୍ଡାରର ଜଳସ୍ତର ବଢ଼ି ନ ଥାନ୍ତା।

ଶାସନରେ ଥିବା ଲୋକେ ସେମିତି ଅନ୍ୟଏକ ଅଭିଯୋଗ କଲେ ଯେ କଳମା ବ୍ୟାରେଜର ଗେଟ୍ ପରିଚାଳନା ବିଷୟରେ ଛତିଶଗଡ଼ ତଥ୍ୟ ଦେଉ ନ ଥିବା ଯୋଗୁ ଓଡ଼ିଶାକୁ ବନ୍ୟା ପ୍ରଶମନ ପ୍ରସ୍ତୁତିରେ ଘୋର ଅସୁବିଧା ହେଉଛି। ଓଡ଼ିଶା ସରକାରରେ ଥିବା ନେତା ଓ ଅଫିସର କ'ଣ ଏତିକି ବି ଜାଣି ନାହାନ୍ତି ଯେ, କଳମା ଭଳି ବ୍ୟାରେଜର ଗେଟ୍ ବନ୍ୟା ସମୟରେ ପ୍ରାୟ ଖୋଲା ରହେ ଏବଂ ସେଭଳି ବ୍ୟାରେଜର ବନ୍ୟାଜଳ ଧାରଣ କରିବାର ସମ୍ଭାବନା ବିଶେଷ ନାହିଁ କି ବନ୍ୟା ସଙ୍କଟ ବଢାଇବାରେ ସେପରି ବ୍ୟାରେଜର ବିଶେଷ ଭୂମିକା ନାହିଁ?

କେନ୍ଦ୍ର ସରକାର ମଧ୍ୟ ଏମିତି ଅନେକ ଭ୍ରାନ୍ତ ତଥ୍ୟର ପ୍ରସାର କରୁଛନ୍ତି। ଏଭଳି ବିଭ୍ରାନ୍ତିର ପ୍ରସାରରେ ସରକାର ଜଡିତ ରହିବା ଚିନ୍ତାଜନକ। ଏବେ ସୂଚନାର ଅନେକ ଉତ୍ସ ରହୁଛି। ଅନେକ ଉତ୍ସ ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟର ପ୍ରସାର କରୁଛନ୍ତି। ସରକାର ମିଥ୍ୟା ତଥ୍ୟର ପ୍ରସାରକାରୀ ହେବା ଉଚିତ ନୁହେଁ। ଦୁଃଖର କଥା ଅନେକ ଗଣମାଧ୍ୟମ ଓ ଖବରଦାତା ମଧ୍ୟ ପ୍ରାପ୍ତ ତଥ୍ୟର ଯାଞ୍ଚ କରୁନାହାନ୍ତି ବା ଜାଣିଶୁଣି ମିଥ୍ୟା ତଥ୍ୟ ପ୍ରସାରରେ ଭାଗୀଦାର ହେଉଛନ୍ତି। କିନ୍ତୁ ଲୋକେ ଚାହିଁଲେ ତଥ୍ୟର ସତ୍ୟତାକୁ ଅତି ସହଜରେ ଯାଞ୍ଚ କରିପାରିବେ। ଏବେ ଅନେକଙ୍କ ପାଖରେ ଫୋନ୍ ଓ ଇଣ୍ଟରନେଟ ସଂଯୋଗ ଅଛି। ଠିକ୍ ତଥ୍ୟ ଖୋଜିବା ସମସ୍ତଙ୍କ ହାତପାଆନ୍ତାରେ। ମିଥ୍ୟାର ବାରମ୍ବାର ପ୍ରସାର ଆମକୁ ଅଧିକ ବିପଦପ୍ରବଣ କରିଦେବ। ବର୍ଷା ନ ଥାଇ ସ୍କୁଲ ବନ୍ଦ କରିବା, ଛୋଟ ଏକ ପ୍ରବାହକୁ ବିଶାଳ ବନ୍ୟା ବୋଲି ଡରାଇବା ଭଳି ମିଥ୍ୟାର ବାରମ୍ବାର ପ୍ରସାର ଦ୍ୱାରା ଭବିଷ୍ୟତରେ ବଡ଼ ସମସ୍ୟାକୁ ଡାକି ଆଣିବାର ଆଶଙ୍କା ଅଛି। ପିଲାଦିନର ମିଛୁଆ ରାଧୁଆ ଗପ ମନେ ପଡିଯାଉଛି– ମିଛରେ 'ବାଘ ଖାଇଗଲା ହୋ ଧାଇଁଆସ' କହି ରାଧୁଆ ଗାଁ ଲୋକଙ୍କୁ ଡାକୁଥିଲା। ଗାଁଲୋକ ଠେଙ୍ଗାବାଡ଼ି ଧରି ଆସିଲାବେଳକୁ ରାଧୁଆ ଗଛଡାଳରେ ବସି ହସୁଛି। କିନ୍ତୁ ସତରେ ଯେଉଁଦିନ ବାଘ ଆସି ରାଧୁଆକୁ ଖାଇଲା, ସେଦିନ ସେ ଯେତେ ଡାକିଲେ ବି ଗାଁଲୋକ ସେ ମିଛରେ ଡାକୁଛି ଭାବି ଆଉ ଆସିଲେ ନାହିଁ।

# ବନ୍ଦ ପାଳନର ଚିତ୍ର ଓ ଚରିତ୍ର



ଡ.ପ୍ରଫୁଲ୍ଲ କୁମାର ସାହୁ

ଏଇ କେତେଦିନ ହେଲା ବଢ଼ିଚାଲିଛି ଡିଜେଲ, ପେଟ୍ରୋଲ ଓ ରନ୍ଧନଗ୍ୟାସ୍ ଦର। ଏ ନେଇ ଲୋକଙ୍କ ଅସନ୍ତୋଷକୁ ଆଧାର କରି ଏବେ ସରଗରମ ହୋଇଉଠିଛି ଦେଶର ରାଜନୈତିକ ପାଣିପାଗ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ଅତ୍ୟଧିକ ମୂଲ୍ୟବୃଦ୍ଧି ତଥା ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଯୋଗୁ ତୈଳଦର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ବୋଲି ସଫେଇ ଦେଉଛନ୍ତି ସରକାର। ଅନ୍ୟପକ୍ଷରେ ଇନ୍ଧନର ମାତ୍ରାଧିକ ମୂଲ୍ୟ ବଢ଼େଇ ନିର୍ବାଚନରେ ଭୋଟ କିଣିବା ପାଇଁ ମୋଦି ସରକାର ଟଙ୍କା ଠୁଳ କରୁଛନ୍ତି ବୋଲି ଅଭିଯୋଗ ଆଣି ତା'ର ପ୍ରତିବାଦରେ ବିରୋଧୀଦଳଗୁଡ଼ିକ ପକ୍ଷରୁ ପର୍ଯ୍ୟାୟକ୍ରମେ ଜାରି ରହିଛି ବିକ୍ଷୋଭ, ହରତାଳ ଓ ବନ୍ଦ ପାଳନ। ଏହି କ୍ରମରେ ସୋମବାର ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଭାରତ ବନ୍ଦ ଡାକରା ଯୋଗୁ ୮ଘଣ୍ଟା ଧରି ଅଚଳ ହୋଇଗଲା ଦେଶର ସ୍ୱାଭାବିକ ଜୀବନଯାତ୍ରା। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଲୋକଙ୍କ ଉପରେ ସରକାରଙ୍କ ତେଲ ଚଡ଼କ ଯେତିକି ପୀଡ଼ାଦାୟକ ତା'ଠାରୁ ଅଧିକ ଦୁଃଖଦାୟକ ଉକ୍ତ ପ୍ରତିବାଦର ତରିକା।

ଆମ ଦେଶରେ ମୁକ୍ତି ସଂଗ୍ରାମ ସମୟରୁ ହରତାଳର ଜନ୍ମ। ସେତେବେଳେ ବ୍ରିଟିଶ ସରକାରଙ୍କ ବିରୋଧରେ ପ୍ରତିବାଦ କରିବାକୁ ଯାଇ ଗାନ୍ଧିଜୀ ଆମକୁ ଶିଖାଇଥିଲେ ଅନଶନ, ସତ୍ୟାଗ୍ରହ ଓ ଅସହଯୋଗ। ସେଥିପାଇଁ ସ୍ୱାଧୀନତା ପ୍ରାପ୍ତିର ଆଦ୍ୟ କାଳରେ ପ୍ରତିବାଦର ଅର୍ଥ ଥିଲା– କଳମ ଛାଡ଼, କଳାବ୍ୟାଜ୍ ପରିଧାନ ଓ ଶୋଭାଯାତ୍ରା ଆଦି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ। ମାତ୍ର ପରବର୍ତ୍ତୀ ସମୟରେ ରାଜନୀତି କଳୁଷିତ ହେବା ସହିତ ଆଦର୍ଶହୀନ ହୋଇପଡ଼ିଲା ବିକ୍ଷୋଭର ସ୍ୱରୂପ। ଏହି କ୍ରମରେ ଏବେ ପ୍ରତିବାଦ କହିଲେ ଠାକୁ ଠା ରାସ୍ତାବନ୍ଦ, ଅଖ ବନ୍ଦ, ଚକ ବନ୍ଦ, ଟ୍ରେନ୍ ବନ୍ଦ, ବସ୍ ବନ୍ଦ, ବଜାର ସହର ବନ୍ଦ, ସ୍କୁଲକଲେଜ, କୋର୍ଟକଚେରି ସବୁ ବନ୍ଦ। ସାଧାରଣତଃ ହରତାଳ କରାଯାଏ ସମୂହ ସ୍ୱାର୍ଥକୁ ନେଇ। ଏବେ କିନ୍ତୁ ଦଳୀୟ ସ୍ୱାର୍ଥ ହାସଲ ପାଇଁ ଦିଆଯାଉଛି ବନ୍ଦ ଡାକରା। ଆଗେ କେବଳ ଶାସନ କ୍ଷମତାରେ ନ ଥିବା ଦଳଗୁଡ଼ିକ ଆପଣାଉଥିଲେ ଆନ୍ଦୋଳନାତ୍ମକ ପନ୍ଥା। ଏବେ ଜନମତକୁ ନିଜ ସପକ୍ଷରେ ଜାବୁଡ଼ି ଧରିବା ପାଇଁ କ୍ଷମତାସୀନ ଦଳଗୁଡ଼ିକ ପକ୍ଷରୁ ବି ଚାଲିଛି ହରତାଳ ଓ ବିକ୍ଷୋଭ ପ୍ରଦର୍ଶନ। ସେଥିପାଇଁ ଆମ ରାଜ୍ୟରେ ଏକ ଅଛିଣ୍ଡା ଗଣିତରେ ପରିଣତ ହେଲାଣି ବନ୍ଦ ପାଳନ। ସମ୍ପୂର୍ଣ୍ଣ ଜନବିରୋଧୀ ହୋଇ ପଡ଼ିଲାଣି ତା'ର ଚିତ୍ର ଓ ଚରିତ୍ର। ଆଜି ଗୋଟିଏ ଦଳ ଭାରତ ବନ୍ଦ ଡାକରା ଦେଲାଣି ତ କାଲି ଓଡ଼ିଶା ବନ୍ଦ ଡାକରା ଦେଲାଣି ଆଉ ଗୋଟିଏ ଦଳ। ଏହା ବାଦ୍ ଆଞ୍ଚଳିକ ସମସ୍ୟାକୁ କେନ୍ଦ୍ରକରି ପ୍ରତିଦିନ ଆନ୍ଦୋଳନ ଚାଲିଛି ରାଜ୍ୟର କେଉଁଠି ନା କେଉଁଠି। ଏପରି କି ରାସ୍ତା ଦୁର୍ଘଟଣା, ଶିକ୍ଷକ ବଦଳି, ମାଙ୍କଡ଼ ଉତ୍ପାତ, ହାତୀ ଫସଲ ଖାଇଯିବା ଆଦି ଛୋଟ ଛୋଟ ଘଟଣାକୁ ନେଇ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଉଛି।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରଙ୍କ ଜନବିରୋଧୀ ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିବାର ଅଧିକାର ସମ୍ବିଧାନପ୍ରଦତ୍ତ। ମାତ୍ର ପ୍ରତିବାଦ ଆଳରେ ଅନ୍ୟମାନଙ୍କୁ ହଇରାଣ କରିବା କେବଳ ଅମାନବିକତା ନୁହେଁ, ସାମାଜିକ ଅପରାଧ ମଧ୍ୟ। ୧୯୯୭ ମସିହାରେ ଏ ସମ୍ପର୍କିତ ଏକ ରାୟ ପ୍ରଦାନ କରି ସର୍ବୋଚ୍ଚ ଅଦାଲତ କହିଛନ୍ତି– କୌଣସି ସଙ୍ଗଠନ, ଅନୁଷ୍ଠାନ କିମ୍ବା ରାଜନୈତିକ ଦଳ ଯଦି ବନ୍ଦ ଡାକରା ଦିଅନ୍ତି ତେବେ ତାହା ସମ୍ପୂର୍ଣ୍ଣ ବେଆଇନ ଓ ଅସାମ୍ବିଧାନିକ। ତେଣୁ ଆନ୍ଦୋଳନ ଆଳରେ ଜନସାଧାରଣଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ମାତ୍ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅବଜ୍ଞା କରି ବନ୍ଦ ପାଳନକୁ ଏଠି ପ୍ରତିବାଦର ମାଧ୍ୟମ ଭାବରେ ସ୍ୱୀକୃତି ଦେଲେଣି ସବୁ ରାଜନୈତିକ ଦଳ। ଅଗଣତାନ୍ତ୍ରିକ ନୀତିକୁ ଆପଣେଇ ନେଇଥିବା ଏସବୁ ଦଳ ବା ସଙ୍ଗଠନର ଶୃଙ୍ଖଳା ନ ଥିବାରୁ ଅସାମାଜିକ ବ୍ୟକ୍ତିଙ୍କ କବ୍‌ଜାକୁ ଚାଲିଯାଉଛି ବନ୍ଦକାଳୀନ ପରିସ୍ଥିତି।

ବନ୍ଦ ପାଳନ ବେଳେ ଗଣ୍ଡଗୋଳ, ମାରପିଟ ଓ ପୋଡ଼ାଜଳାକୁ ଆୟୁଧ ଭାବରେ ଗ୍ରହଣ କରିନିଅନ୍ତି ଦଳର ଉତ୍ପାତିଆ କର୍ମୀ। ତାଙ୍କ କଥା ନ ମାନି ଦୋକାନ ବଜାର ଖୋଲିଲେ ସେମାନେ ଲୁଟ୍‌ପାଟ୍ କରନ୍ତି, ଗାଡ଼ି ରାସ୍ତାକୁ ବାହାର କଲେ ଟେକା ମାରି କାଚ ଭାଙ୍ଗନ୍ତି କିମ୍ବା ନିଆଁ ଲଗେଇ ସମ୍ପୂର୍ଣ୍ଣ ପୋଡ଼ି ଦିଅନ୍ତି। ବସ୍ ଷ୍ଟାଣ୍ଡ ଓ ରେଳ ଷ୍ଟେଶନ୍‌ରେ ପିଲାଛୁଆଙ୍କୁ ଧରି ଭୋକ ଉପାସରେ ଡହଳ ବିକଳ ହୁଅନ୍ତି ହଜାର ହଜାର ଯାତ୍ରୀ। ବିକ୍ଷୋଭକାରୀ ଭାବନ୍ତିନି ପ୍ରତିଦିନ ମଜୁରି ଲାଗି କିମ୍ବା ରାସ୍ତା କଡ଼ରେ ଛୋଟ ମୋଟ ବେପାର କରି ବଞ୍ଚୁଥିବା ମଣିଷଙ୍କ ଦୁଃଖ।

ବନ୍ଦ ପ୍ରଭାବ କମିବା ବେଳକୁ କିଛି ରୋଗୀଙ୍କ ଜୀବନଦୀପ ଲିଭିଯିବା ସହିତ ଜଳିପୋଡ଼ି ଯାଏ ଅକଳନ ସରକାରୀ ସମ୍ପତ୍ତି। ବନ୍ଦ ପାଳନର ଆଉ ଏକ କ୍ଷତିକାରକ ଦିଗ ହେଉଛି ପ୍ରଦୂଷଣ। ବିକ୍ଷୋଭକାରୀମାନେ ଠାକୁ ଠା ଜାଳୁଥିବା ଟାୟାରରୁ ନିର୍ଗତ ହୁଏ କଳା ଧୂଆଁ, ଯେଉଁଥିରେ ଥାଏ ଅତି ମାରାତ୍ମକ ବିଷାକ୍ତ ପଦାର୍ଥ। ଏହାଦ୍ୱାରା ସୃଷ୍ଟି ହୁଏ ମୁଣ୍ଡ ବୁଲେଇବା, ଉନ୍ମାଦନା, ମାନ୍ଦା ଲାଗିବା, ଚର୍ମ ଓ ଚକ୍ଷୁ କୁଣ୍ଡେଇ ହେବା ଭଳି ସ୍ୱାସ୍ଥ୍ୟଗତ ସମସ୍ୟା। ଆମ ନେତାମାନେ ଯଦି ଏକଥା ଥରେ ଭାବନ୍ତେ ତେବେ ବଦଳି ଯାଆନ୍ତା ଆମ ପ୍ରତିବାଦର ତରିକା। ଏ ଦେଶ ଆମର ଓ ଜାତୀୟ ସମ୍ପତ୍ତି ଆମର– ଲୋକଙ୍କ ଭିତରେ ଯଦି ଏହି ଭାବନା ଭରିଯାଆନ୍ତା ତେବେ ବଦଳିଯାଆନ୍ତା ବନ୍ଦ୍‌ର ଚିତ୍ର ଓ ଚରିତ୍ର।

ଭଦ୍ରକ, ମୋ– ୯୪୩୮୮୫୫୦୮୮

## ଏଇ ଭାରତରେ

ମା'ର ନାଗରିକତ୍ୱ ମାମଲା ଲଢ଼ିବା ପାଇଁ ପାଖରେ ପଇସା ନ ଥିବାରୁ ଜଣେ ବ୍ୟକ୍ତି ହତାଶ ହୋଇପଡିବା ସହିତ ନିଜ ଉପରେ ଚରମ ପ୍ରତିଶୋଧ ନେଇଛନ୍ତି। ଏପରି ଏକ ଘଟଣା ଆସାମରେ ଘଟିଛି। ବିନୟ ଚାନ୍ଦ ନାମକ ଏହି ବ୍ୟକ୍ତି ଦିନ ମଜୁରିଆ। ତାଙ୍କ ମା'ଙ୍କ ନାଗରିକତ୍ୱ ପାଇଁ ଆଇନଗତ ଯୁଦ୍ଧ ଲଢ଼ି ସବୁ ପଇସା ସାରିଦେଇଥିଲେ। କାରଣ ତାଙ୍କ ମା' ଆସାମ୍ ଡାଉଟ୍‌ଫୁଲ୍ ବା ଡି–ଭୋଟର ତାଲିକାରେ ରହିଥିଲେ। ବିନୟଙ୍କ ପରିବାର ଏବଂ ପଡୋଶୀଙ୍କ କହିବାନୁଯାୟୀ, ବିନୟଙ୍କ ମା' ଫରେନର୍ସ ଟ୍ରିବ୍ୟୁନାଲ୍‌ରେ ମାମଲା ହାରିଯାଇଥିଲେ। ସେଥିପାଇଁ ବିନୟ ହାଇକୋର୍ଟ ଯିବାକୁ ଚାହିଁଥିଲେ ବି ତାଙ୍କ ପାଖରେ ପଇସା ନ ଥିଲା। ଏଥିଯୋଗୁ ସେ ମାନସିକ ସ୍ତରରେ ବିଚଳିତ ହୋଇପଡିଥିଲେ। ସେ ଅଧିକାଂଶ ସମୟ ଚାପରେ ରହୁଥିଲେ। ମୋ ପାଖରେ ତ ପଇସା ନାହିଁ, ତୋ ପାଇଁ କେମିତି ମାମଲା ଲଢ଼ିବି ବୋଲି ସେ ବାରମ୍ବାର କହୁଥିବା ତାଙ୍କ ମା' ପ୍ରକାଶ କରିଛନ୍ତି। ଉକ୍ତ ପରିବାର ପାଖରେ ୧୯୬୦ ମସିହାର ଜମି ଦଲିଲ୍ ଅଛି। ପ୍ରତ୍ୟେକ ନିର୍ବାଚନରେ ସେମାନେ ଭୋଟ ଦେଇଆସୁଛନ୍ତି। ତେବେ ବି ଫରେନର ଟ୍ରିବ୍ୟୁନାଲ୍ ଦ୍ୱାରା ସେମାନଙ୍କୁ ସନ୍ଦେହଜନକ ନାଗରିକ ବିବେଚନା କରାଯାଇଛି। ଆଇନଗତ ଲଢ଼େଇ ସେମାନଙ୍କ ପାଇଁ କଷ୍ଟକର ହୋଇପଡିଥିଲା। ତେଣୁ ସେ ଚାପରେ ରହୁଥିଲେ ବୋଲି ତାଙ୍କର ଜଣେ ପଡୋଶୀ ପ୍ରକାଶ କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ବଳରେ ଆସାମରେ ଯେଉଁ ଏନ୍‌ଆର୍‌ସି ଚିଠା ପ୍ରସ୍ତୁତ କରାଯାଇଥିଲା ସେଥିରେ ୧.୨୫ ଲକ୍ଷ ଡି–ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ବିନୟଙ୍କ ପରିବାର ରହିଛି। ବିନୟଙ୍କ ମୃତ୍ୟୁ ପରେ ଉକ୍ତ ପରିବାର ଉପରେ ହତାଶାର କଳାବାଦଲ ଛାଙ୍କି ହୋଇଯାଇଛି।

### ୨୫ ବର୍ଷ ତଳେ ଧରିତ୍ରୀ

୧୨ ସେପ୍ଟେମ୍ବର ୧୯୯୩

- ସୋମାଲିଆରେ ଜାତିସଂଘର ହେଲିକପ୍ଟରରୁ ବେସାମରିକ ଲୋକଙ୍କ ଉପରକୁ ଗୁଳିମାଡ଼ କରାଯିବା ଫଳରେ ୧୫୦ ଜଣଙ୍କ ମୃତ୍ୟୁ।
- ନୂଆଦିଲ୍ଲୀର ରାଇସିନା ରୋଡ୍‌ସ୍ଥିତ ଜାତୀୟ ଯୁବକଂଗ୍ରେସ (ଇ) ସଦର କାର୍ଯ୍ୟାଳୟ ସମ୍ମୁଖରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୧୫ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମ ଓ ଆଧ୍ୟାତ୍ମିକତା

ମହାଶୟ,

ପ୍ରକାଶ ବାବୁଙ୍କ ପ୍ରକାଶିତ ପ୍ରବନ୍ଧ 'ଧର୍ମ ଓ ଆଧ୍ୟାତ୍ମିକତା' (୧୨।୮) ପଢ଼ି ମନର ଅଳନ୍ଧୁ ଦୂର ହେଲା। କଥାରେ ଅଛି–'ଧର୍ମ ଏକା ସିନା ମହତପଣିଆ ଆଉ ସବୁ କଥା ଅଢ଼େଇ ଦିନିଆ।' କିନ୍ତୁ ଆଧ୍ୟାତ୍ମିକତାଯୁକ୍ତ ଧର୍ମ ହିଁ ଅସଲ ଧର୍ମ– ଚିତା, ଚଇତନ, ମାଳା, ତିଳକ ବାହ୍ୟ ଆଡ଼ମ୍ବର। ମୂଳକଥା ହେଲା ମାନବିକତା, ଯାହା ସୁଧା ମୂର୍ତ୍ତି ଦେଖାଇଥିଲେ ଚିତ୍ରା ପ୍ରତି। ଧୀରେ ଧୀରେ ସମାଜରେ ଧର୍ମ ନାମରେ ସାମ୍ପ୍ରଦାୟିକତା ବଢ଼ିଚାଲିଛି। ମାତ୍ର ଆଧ୍ୟାତ୍ମିକତା ଭିତରେ ସାମ୍ପ୍ରଦାୟିକତା ନାହିଁ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ସିନେ ଜଗତରେ ପ୍ରେମ ଓ ବିବାହ

ପୂର୍ବତନ ବିଶ୍ୱସୁନ୍ଦରୀ ପ୍ରିୟଙ୍କା ଚୋପ୍ରା ନିଜ ପ୍ରେମିକ ଆମେରିକୀୟ ଗାୟକ ନିକ୍ ଜୋନାସ୍‌ଙ୍କୁ ସାଙ୍ଗରେ ଧରି ଭାରତରେ ପହଞ୍ଚିବା ଖବର ପ୍ରକାଶ ପାଇଛି। ବଲିଉଡ୍‌ର ଚିତ୍ରତାରକାମାନେ ପ୍ରାୟ ନିଜ ପ୍ରେମିକଙ୍କୁ ଚୟନ କରି ବାହା ହେବାର ନଜିର ରହିଛି। ତେବେ ଅଭିନୟ ଜଗତରେ ପାଦ ଥାପି ଶୀର୍ଷରେ ପହଞ୍ଚିବାର ବହୁବର୍ଷ ଅତିବାହିତ ହେବା ପରେ ବୟସଜନିତ ବିଲକ୍ଷଣ ପ୍ରକାଶ ପାଇବା ବେଳକୁ ବିବାହ କଥା ମନେପଡୁଛି। ପ୍ରେମ ଓ ବିବାହ କରି ୧୫/୧୬ ବର୍ଷ ଘରସଂସାର କଲା ପରେ ଛାଡ଼ପତ୍ର ଘଟଣା ଚଳଚ୍ଚିତ୍ର ଜଗତରେ ମଧ୍ୟ କମ୍ ନୁହେଁ। ତେବେ ପ୍ରିୟଙ୍କାଙ୍କ ବୟସ ୩୫ ହୋଇଥିବା ବେଳେ ତାଙ୍କ ଆମେରିକୀୟ ପ୍ରେମିକ ତାଙ୍କଠାରୁ ବୟସରେ ୧୦ ବର୍ଷ ସାନ। ଏପରି ସମ୍ପର୍କ କେତେଦିନ ତିଷ୍ଠିବ ତାହା ସମୟ କହିବ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ଆବର୍ଜନା ପରିଚାଳନା ଜରୁରୀ

ଅଧୁନା ଇ–ଆବର୍ଜନା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବ୍ୟବହାର ପରେ ନଷ୍ଟପ୍ରାପ୍ତ ମୋବାଇଲ ଫୋନ, ଏହାର ଜରି କଭର, କମ୍ପ୍ୟୁଟର ଯନ୍ତ୍ରାଂଶ ସବୁ ମନଇଚ୍ଛା ବାହାରେ ଫିଙ୍ଗିଦିଆଯାଏ। ଏଥିରେ ଥିବା ଓଜନିଆ ଧାତୁ, ରାସାୟନିକ ଦ୍ରବ୍ୟ, ପାରଦ, କ୍ରୋମିୟମ, କାଚଗୁଣ୍ଡ, ଫସ୍‌ଫରସ୍ ଆଦି ମାଟି ଉପରେ ଜମାହୋଇ ପରିବେଶକୁ ପ୍ରଦୂଷିତ କରିଥାଏ। ଏପରି ଇ–ଆବର୍ଜନାର ସୁପରିଚାଳନା ପାଇଁ ପରିବେଶ ବିଭାଗ, ପୌର, ମହାନଗର ନିଗମ ପ୍ରଶାସନ ସୁଚିନ୍ତିତ ପଦକ୍ଷେପ ନେବା ଜରୁରୀ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା କେନ୍ଦ୍ର ଉଦ୍‌ଘାଟିତ

**ଛତିଆ,୧୧।୯(ଡି.ଏନ୍.ଏ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆସ୍ଥିତ ଫର୍ଚ୍ଚୁନ ଗେଷ୍ଟ ହାଉସ ପରିସରରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପରିଚାଳକ ବିନୟ ପ୍ରସାଦ ନନ୍ଦ ଅଧକ୍ଷତା କରିଥିଲେ। ଜିଲା ନିୟୋଜନ ଅଧିକାରୀ ଗତିକୃଷ୍ଣ ବେହେରା କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବୈରୀ ଥାନାଧିକାରୀ ନିରଞ୍ଜନ ଶବର ସମ୍ମାନିତ ଅତିଥି, ସ୍ତମ୍ଭକାର ମିହିର ପ୍ରତାପ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବେକାରୀ ଯୁବତୀ ଯୁବକଙ୍କୁ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି କେନ୍ଦ୍ରରେ ସିଲାଇ, କମ୍ପ୍ୟୁଟର ଶିକ୍ଷା ଏବଂ ନର୍ସିଂ ବିଭାଗରେ ମୋଟ ୧୩୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯିବ। ଅନ୍ୟମାନଙ୍କ ମଧରେ ଖବରଦାତା ପ୍ରତାପ ରାଉତରାୟ, ସାର୍ଥକ ସାନିନ୍ଦ, ନୟନା ବେହେରା ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନାକୁ ସ୍ୱାଗତ କରିଥିଲେ।

### ସମବାୟ ସମିତି ସଭାପତିଙ୍କ ଜରୁରୀ ବୈଠକ

**ଦଶରଥପୁର/ବିରଜାକ୍ଷେତ୍ର,୧୧।୯ (ଡି.ଏନ୍.ଏ):** ଦଶରଥପୁର ସମବାୟ ସମିତି ସଭାଗୃହରେ ମଙ୍ଗଳବାର ସମବାୟ ସମିତି ସଭାପତିଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ତଳିହା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ନିରାକାର ସାହୁ ଅଧକ୍ଷତା କରିଥିଲେ। ୩୫ ପଞ୍ଚାୟତରେ ୧୧ ହଜାର ହେକ୍ଟର ଧାନଚାଷ ୨୫୦୦ ହେକ୍ଟର ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବୈଠକରେ କୁହାଯାଇଛି। ଚାଷଜମି ଜଳମଗ୍ନ ରହିଥିବାବେଳ ଧାନଗଛ ପଚିଯାଇଥିବା ଆଶଙ୍କା ସୃଷ୍ଟି ହୋଇଛି। ପ୍ରଦୀପ କୁମାର ସାହୁ, ନିରଞ୍ଜନ ସାହୁ, ଅହିୟାସ ସଭାପତି ଚିନ୍ତାମଣି ପାଣି, ଲକ୍ଷ୍ମୀନାରାୟଣ ରାଉତରାୟ, ଅଧର କୁମାର ଧଳ, ପ୍ରଶାନ୍ତ କୁମାର ପଣ୍ଡା, ଗୌରାଙ୍ଗ ଦାସ, ମନୋରଞ୍ଜନ ଦାସ ଓ ନକୁଳ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଛାଡ଼ିଲା ବନ୍ୟା, ବଢ଼ିଲା ଦୁର୍ଦ୍ଦଶା

**ଦଶରଥପୁର,୧୧।୯ (ଡିଏନ୍ଏ)**


ପାଣି ଘେରରେ ପଞ୍ଚାୟତବାସୀ।

ଲଗାଣ ବର୍ଷା ସହ ବନ୍ୟାଜଳ ପ୍ରବେଶ ଯୋଗୁ ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅଧୀନ ୧୪ ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଥିବା ସରକାରୀ ରିପୋର୍ଟରୁ ଜଣାଯାଇଛି। ଅପରପକ୍ଷରେ ସୋମବାରଠାରୁ ଧୀରେ ଧୀରେ ବନ୍ୟାଜଳ କମୁଥିବାବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବୈତରଣୀର ଶାଖା କାଣୀନଦୀର ଦଶରଥପୁର ବ୍ଲକ ଅଧୀନ ଦୁଦୁରାଅନ୍ତା ପଞ୍ଚାୟତ କନ୍ତପଡାଠାରେ ପୂର୍ବରୁ ଦୁଇଟି ଘାଇ ସୃଷ୍ଟି ହୋଇଥିଲା। ଏହି ଘାଇ ମରାମତି ହୋଇ ନ ଥିବାବେଳେ ବୈତରଣୀ ନଦୀରେ ଆସିଥିବା ଦ୍ୱିତୀୟ ବନ୍ୟାଜଳ ଏହାର ଶାଖା କାଣୀନଦୀରେ ପ୍ରବେଶକରି ମୁକୁଳା ପଡିଥିବା ଘାଇ ମୁହଁଦେଇ ପ୍ରବାହିତ ହେବା ଯୋଗୁ ୮ ପଞ୍ଚାୟତ ପାଣି ଘେରରେ ରହିଥିଲେ। ଏଥିସହ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ରହିଥିଲା। ଏବେ ବନ୍ୟାଜଳ ଲହଡ଼ି ଭାଙ୍ଗୁଥିବାବେଳ ଧାନଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଚାଷୀ କହିଛନ୍ତି। ପାଣି ଛାଡ଼ିବା ପରେ ଲୋକମାନେ ଏବେ ନିଜ ଘରକୁ ଫେରୁଥିବା ଦେଖିବାକୁ ମିଳୁଛି। କୟାଁ, କମାରଡିହ, ଖାନନଗର, ନିଜାମପୁର, ଥାଲକୁଡି ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ଚାଷଜମିରୁ ପାଣି ଖସିବାକୁ ଆହୁରି ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ଦଶରଥପୁର ବ୍ଲକ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ କୟାଁ, କମାରଡିହ, ଖାନନଗର, ନିଜାମପୁର, ଥାଲକୁଡି, ପାଲଟପୁର, ଜାଫରପୁର, ଅସନପୁର, ଚଷାଖଣ୍ଡ ଏବଂ ଯାଜପୁର ନିର୍ବାଚନମଣ୍ଡଳୀ ଅଧୀନ ଦୁଦୁରାଅନ୍ତା, ଜୟନ୍ତରା ଓ କଟିକଟା ଆଦି ପଞ୍ଚାୟତ ବିଶେଷଭାବେ ପ୍ରଭାବିତ ହୋଇଛି। ବ୍ଲକ୍‌ର ମୋଟ୍ ୩୫ ପଞ୍ଚାୟତର ୧୫୫ ରାଜସ୍ୱ ଗ୍ରାମର ୧୦ ହଜାର ୧୧୫ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ଦଶରଥପୁର କୃଷି ସୂଚନା କେନ୍ଦ୍ର ପକ୍ଷରୁ ଜଣାଯାଇଛି। ୩୫ ପଞ୍ଚାୟତରେ ପ୍ରାୟ ୩ ହଜାର ଗୃହ ଓ ୧ ହଜାରରୁ ଊର୍ଦ୍ଧ୍ୱ ଗୁହାଳ ଭାଙ୍ଗିଥିବା ଅନୁମାନ କରାଯାଉଛି। ନଦୀ, ନାଳ ପୋଖରୀ ଆଦିରେ ଦୂଷିତ ଜଳ ପ୍ରବେଶ କରିଥିବାରୁ ମହାମାରୀର ଆଶଙ୍କା ଦେଖାଦେଇଛି। ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ପୀଡ଼ିତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ରିଲିଫ୍ ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ୧୫୧ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଦେବାକୁ ଟାର୍ଗେଟ୍ ଦିଆଯାଇଥିବାବେଳେ ଏଯାବତ୍ ମାତ୍ର ୨୧ ମେଟ୍ରିକ୍ ଟନ୍ ଯୋଗାଇ ଦିଆଯାଇଛି। ରିଲିଫ୍ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଦଶରଥପୁର ବ୍ଲକ**

- ୧୦ ହଜାର ୧୧୫ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ
- ୩ ହଜାର ଗୃହ, ୧ ହଜାର ଗୁହାଳ ଭାଙ୍ଗିଥିବା ଆକଳନ
- ମହାମାରୀ ବ୍ୟାପିବା ନେଇ ଆଶଙ୍କା


ବନ୍ୟା ପାଣିରେ ଧୋଇ ହୋଇଯାଇଥିବା ମାଟି କାନ୍ଥ।


ଏବେ ବି ପାଣି ଘେରରେ ରହିଛି ଘର।

# ପ୍ରଶାସନ ପକ୍ଷରୁ ରିଲିଫ୍, ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

**ବିରଜାକ୍ଷେତ୍ର/ଦଶରଥପୁର, ୧୧।୯(ଡି.ଏନ୍.ଏ)**

ପ୍ରବଳ ବର୍ଷା ଓ ବନ୍ୟାଜଳରେ ପ୍ରାୟ ୧ ସପ୍ତାହ ହେବ ଉବୁଟୁବୁ ହେଉଥିବା ଦଶରଥପୁର ବ୍ଲକ୍ ଅବସ୍ଥା ଧୀରେ ଧୀରେ ସୁଧୁରୁଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ଏବେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ସୋମବାର ରାଜ୍ୟ ସରକାର ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ୭ ଦିନ ପାଇଁ ରିଲିଫ୍ ଘୋଷଣା କରିଥିବାବେଳେ ଏହାକୁ ତ୍ୱରାନ୍ୱିତ କରିବାକୁ ବ୍ଲକ୍ ପ୍ରଶାସନ ପ୍ରୟାସ ଆରମ୍ଭ କରିଛି। ବିଡିଓ ନାରାୟଣ ଚନ୍ଦ୍ର ନାୟକ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ମୁକ୍ତିକାନ୍ତ ପଣ୍ଡା ପ୍ରମୁଖ ବ୍ଲକ୍‌ରେ ଉପସ୍ଥିତ ରହି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିବା ଜଣାପଡ଼ିଛି। ଏବେବି କୟାଁ, କମାରଡିହ, ଥାଲକୁଡ଼ି, ଖାନନଗର, ନିଜାମପୁର ପଞ୍ଚାୟତର ବହୁ ଗ୍ରାମ ପାଣିଘେରରେ ରହିଛି। ଏଆଇସିସି ସଭ୍ୟ ପୁଲିନ ପ୍ରକାଶ ପୁହାଣ ମଙ୍ଗଳବାର କ୍ଷତିଗ୍ରସ୍ତ ମଲ୍ଲିକାପୁର, କସପା ଓ ଦୁଦୁରାଅନ୍ତା ପଞ୍ଚାୟତ ବୁଲି ବିପନ୍ନଙ୍କ ସୁବିଧା ଅସୁବିଧା ପଚାରିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ତାଙ୍କ ସହ କଂଗ୍ରେସ ନେତା ରବିନାରାୟଣ ଜେନା, ବିଘ୍ନେଶ୍ୱର ମହାନ୍ତି, ରଞ୍ଜନ ପଣ୍ଡା ପ୍ରମୁଖ ବନ୍ୟାଞ୍ଚଳ ବୁଲିଛନ୍ତି। ବଜରଙ୍ଗ ଦଳ ପକ୍ଷରୁ ମଙ୍ଗଳବାର ବନ୍ୟାଞ୍ଚଳରେ ରିଲିଫ୍ ଦିଆଯାଇଛି। ଜିତେନ୍ଦ୍ର ନାୟକ, କାହ୍ନୁଚରଣ ବାରିକ, ଟୁଟୁମଣି ସାମଲ, ରାମକୃଷ୍ଣ ଦାସ, ସଂଗ୍ରାମ ମଲ୍ଲିକ, ସୁରେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ପାଲଟପୁର ଓ ଜାଫରପୁର ପଞ୍ଚାୟତ ପରିଦର୍ଶନ କରିବା ସହ ରିଲିଫ୍ ଦେଇଥିବା ଜଣାପଡ଼ିଛି।


ବନ୍ୟାଞ୍ଚଳରେ ରିଲିଫ କାର୍ଯ୍ୟକୁ ତଦାରଖ କରୁଛନ୍ତି ପ୍ରଶାସନିକ ଅଧିକାରୀ।

# ମିଳିତ ମଞ୍ଚର ଧାରଣା

**ବିରଜାକ୍ଷେତ୍ର,୧୧।୯(ଡି.ଏନ୍.ଏ)**

ବିଭିନ୍ନ ଦାବି ନେଇ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି। ଏଥିରେ ସଭାପତି କୈଳାସ ଚନ୍ଦ୍ର ବେହେରା ନେତୃତ୍ୱ ନେଇଥିଲେ। ବ୍ଲକ୍ ଗ୍ରାଣ୍ଟ ଉଚ୍ଛେଦ, ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା ସହ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଆଦି ଦାବି ସାମିଲ ଥିଲା। ସମ୍ପାଦକ ପ୍ରଭାତ ରଞ୍ଜନ ନନ୍ଦ, ରମଣୀ ରଞ୍ଜନ ତ୍ରିପାଠୀ, ଉପେନ୍ଦ୍ର କୁମାର ବେହେରା, ପ୍ରଭାତ କୁମାର ତ୍ରିପାଠୀ, ଅଶୋକ କୁମାର ରାଉତ, ପଞ୍ଚାନନ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ୪୪୮ ବର୍ଗ ସ୍କୁଲର ଶିକ୍ଷକ ଓ ୬୬୨ ବର୍ଗ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ଧାରଣାରେ ସାମିଲ ହୋଇଥିଲେ।

DSPL-155



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ସଶକ୍ତିକରଣ ନିମନ୍ତେ ଓଡିଶା ସରକାରଙ୍କ ଅବଦାନ
ବିଦ୍ୟାଳୟରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ପାଇଁ ବାଣୀଶ୍ରୀ ଛାତ୍ରବୃତ୍ତି ପ୍ରଦାନ

| ଶ୍ରେଣୀ | ମାସିକ ବୃତ୍ତି ରାଶି |
|---|---|
| • ପ୍ରାଥମିକ (ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ) | ୨୦୦ ଟଙ୍କା |
| ମଧ୍ୟ ଏବଂ ଉଚ୍ଚବିଦ୍ୟାଳୟ (ଷଷ୍ଠ ରୁ ଦଶମ) (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୨୫୦ ଟଙ୍କା |
| +୨ ଏବଂ +୩ ମହାବିଦ୍ୟାଳୟ (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୦୦ ଟଙ୍କା |
| ମହାବିଦ୍ୟାଳୟ (ସ୍ନାତକ ଡ଼ିଗ୍ରୀ) (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୫୦ ଟଙ୍କା |
| ପ୍ରଯୁକ୍ତି ଏବଂ ବ୍ୟବସାୟିକ ପ୍ରଶିକ୍ଷଣ (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୫୦ ଟଙ୍କା |
| • ଅନ୍ୟ ରାଜ୍ୟରେ ସାଧାରଣ ବୃତ୍ତିଧାରୀ ଛାତ୍ର/ବୈଷୟିକ/ବୃତ୍ତିଗତ/ପ୍ରଥମିକସ୍ତର ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ | ୩୫୦ ଟଙ୍କା |

- ପିତାମାତାଙ୍କର ବାର୍ଷିକ ଆୟ ୬୦,୦୦୦/- ଟଙ୍କାରୁ ଅଧିକ ହୋଇନଥିବା ।
- ଗୋଟିଏ ଶିକ୍ଷା ବର୍ଷରେ ଦଶମାସ ବୃତ୍ତି ଦିଆଯିବ ।
- ନିମ୍ନଲିଖିତ ଭତ୍ତା ଦୃଷ୍ଟିବାଧିତ ଏବଂ ଅସ୍ଥିଶଲ୍ୟ ଭିନ୍ନକ୍ଷମ ଛାତ୍ର/ଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ

| ଶ୍ରେଣୀ/ପ୍ରକାର | ମାସିକ ଭତ୍ତା |
|---|---|
| ଦୃଷ୍ଟିବାଧିତ (ପଢିବା ପାଇଁ ଭତ୍ତା) | |
| ପ୍ରାଥମିକ ବିଦ୍ୟାଳୟ (ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ) | ୧୦୦ ଟଙ୍କା |
| ଉଚ୍ଚ ବିଦ୍ୟାଳୟ (ଷଷ୍ଠ ଶ୍ରେଣୀ ରୁ ଦଶମ ଶ୍ରେଣୀ) | ୧୫୦ ଟଙ୍କା |
| ଅନ୍ୟାନ୍ୟ | ୨୦୦ ଟଙ୍କା |
| ଅସ୍ଥିଶଲ୍ୟ ଭିନ୍ନକ୍ଷମ ଛାତ୍ର/ଛାତ୍ରୀମାନଙ୍କ ପାଇଁ | |
| ଶତକଡ଼ା ୭୫ କିମ୍ବା ଅଧିକ ଭିନ୍ନକ୍ଷମମାନଙ୍କ ପାଇଁ (ପରିବହନ ଭତ୍ତା) | ୧୦୦ ଟଙ୍କା |

- ସମସ୍ତ ଦରଖାସ୍ତକାରୀ ଅଧିକ ସୂଚନା ପାଇଁ ନିଜ ନିଜର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ ।

E-mail : ssepdsec.od@nic.in
Facebook : www.facebook.com/ssepd
Toll Free Helpline : 1800 345 7150

46001/13/0024/1819

ଶକ୍ତି ବିଭାଗ
ଓଡ଼ିଶା ସରକାର

"ରାଜ୍ୟରେ ବର୍ଦ୍ଧିଷ୍ଣୁ ସରକାରୀ ମେଡିକାଲ କଲେଜ ସଂଖ୍ୟାକୁ ଦୃଷ୍ଟିରେ ରଖି, ଆମ ରାଜ୍ୟର ଆର୍ଥିକ ଭାବେ ଦୁର୍ବଳ ଥିବା ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ଡାକ୍ତରୀ ଶିକ୍ଷାର ସୁଯୋଗ ଦେଲେ ନିଶ୍ଚିତ ଭାବେ ସେମାନେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବାରେ ସହାୟକ ହୋଇପାରିବେ ।"
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ମେଧାବୀ ଛାତ୍ର ଛାତ୍ରୀମାନଙ୍କ ପାଇଁ**
**ବିନା ଦେୟରେ ମେଡିକାଲ୍ କୋଚିଙ୍ଗ୍ ସୁବିଧା**

**ଶ୍ରୀ ସୁଶାନ୍ତ ସିଂ**
ମାନ୍ୟବର ମନ୍ତ୍ରୀ, ଶକ୍ତି ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା

ଚଳିତ ବର୍ଷ ଚୟନ ହୋଇଥିବା ମେଧାବୀ ଛାତ୍ର ଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ସାହିତ କରିବେ ।

**ସ୍ଥାନ :** ଓପିଟିସିଏଲ୍ ପାୱାର ଟ୍ରେନିଂ ସେଣ୍ଟର, ଚନ୍ଦକା, ଭୁବନେଶ୍ୱର
**ତାରିଖ :** ୧୨.୦୯.୨୦୧୮, **ସମୟ :** ଅପରାହ୍ଣ ୪.୩୦ ମି.



M Power — Powering Medical Education

ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅଧିନସ୍ଥ ସମସ୍ତ ସରକାରୀ ଉଦ୍ୟୋଗ ସେମାନଙ୍କ ସାମାଜିକ ଉତ୍ତରଦାୟିତ୍ୱ ପରିପାଳନ ମାଧ୍ୟମରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ବିନା ଦେୟରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା (NEET) ପାଇଁ ଆବାସିକ କୋଚିଙ୍ଗ୍ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ (**Aakash** Institute) ମାଧ୍ୟମରେ ପ୍ରଦାନ କରୁଛନ୍ତି ।

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
Naveen_Odisha | CMO.Odisha | CMO_Odisha

# ଉମେଶ, ରଘୁନନ୍ଦନଙ୍କ ପରେ ଦାମ

- ପ୍ରଶାନ୍ତଙ୍କୁ ବିଧାୟକ କରିବାରେ ପ୍ରମୁଖ ଭୂମିକା ନେଇଥିଲେ ଦାମ
- ରଘୁନନ୍ଦନଙ୍କ ସହଯୋଗରେ ହୋଇଥିଲେ ବ୍ଲକ ଅଧ୍ୟକ୍ଷ
- ଛାତ୍ରନେତା ବେଳେ ଥିଲା ଉମେଶଙ୍କ ଆଶୀର୍ବାଦ
- କାହା ସହ ବ୍ୟକ୍ତିଗତ ବିବାଦ ନ ଥିବା କହିଲେ ପ୍ରଶାନ୍ତ

**ଜଗତ୍‌ସିଂହପୁର ଅଫିସ,୧୧।୯**

ଜଗତ୍‌ସିଂହପୁର ଜିଲା ବିଜେଡିରେ ଏବେ ଏକ ପ୍ରକାର ରାଜନୈତିକ ନିଆଁ ଜଳୁଛି, ଯାହାକି ସମଗ୍ର ରାଜ୍ୟରେ ହଟଚମଟ ସୃଷ୍ଟି କରିଛି। ଦଳର ବରିଷ୍ଠ ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତ ଏବେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗ ହେବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି, ଯାହାକି ଦାମଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ ଓ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ନିଜ ସମର୍ଥକଙ୍କ ସହ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାମଙ୍କ ବିରୋଧରେ ବିଭିନ୍ନ ପ୍ରକାର ଅଭିଯୋଗ ଆଣିଛନ୍ତି। ଦାମଙ୍କ ବିରୋଧରେ ବିଷ୍ଣୁଙ୍କ ମନ୍ତବ୍ୟ ନୂଆ କଥା ନୁହେଁ। କିନ୍ତୁ ପ୍ରଶାନ୍ତ ହଠାତ୍ ଦାମଙ୍କ ଆଡକୁ ଏଭଳି ତୀର ମାରିବା ଚର୍ଚ୍ଚାର ବିଷୟ ହୋଇଛି। ଏମିତି ଦେଖିବାକୁ ଗଲେ ପୂର୍ବରୁ ପ୍ରଶାନ୍ତ ନିଜ ରାଜନୈତିକ ଭବିଷ୍ୟତ ପାଇଁ ବହୁ ବରିଷ୍ଠ ନେତାଙ୍କୁ ଅଡୁଆରେ ପକାଇଛନ୍ତି। ରାଜନୀତିରେ ତାଙ୍କୁ ଆଗକୁ ନେଇଥିବା ବରିଷ୍ଠ ବିଜେଡି ନେତା ଉମେଶ ସ୍ୱାଇଁ ଓ ତତ୍କାଳୀନ ବିଜେଡି ନେତା ରଘୁନନ୍ଦନ ଦାସ ଏହାର ଜ୍ୱଳନ୍ତ ଉଦାହରଣ। ଏହି କ୍ରମରେ ଏବେ ଦାମଙ୍କ ପାଳି ପଡିଥିବା କୁହାଯାଉଛି। ତେବେ ଆଗକୁ ଦେଖିବାର ଅଛି ରାଜନୈତିକ କ୍ଷେତ୍ରରେ ସର୍ବଦା ନିଜର ଚତୁରତା ଦେଖାଇ ଆସିଥିବା ଦାମବାବୁ କିପରି ଏହାକୁ ସାମ୍ନା କରୁଛନ୍ତି।

ପ୍ରଶାନ୍ତ ସ୍ଥାନୀୟ ଏସ୍‌ଭିଏମ୍ କଲେଜରୁ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ସେତେବେଳେ ଜନତା ଦଳ ନେତା ଉମେଶ ସ୍ୱାଇଁ ତାଙ୍କୁ ବିଶେଷ ସହଯୋଗ କରିଥିଲେ। ଛାତ୍ର ସଂସଦ ନିର୍ବାଚନରେ ସଭାପତି ହେଲାପରେ ପ୍ରଶାନ୍ତ ପଞ୍ଚାୟତ ନିର୍ବାଚନ ଆଡକୁ ମନ ବଳାଇଥିଲେ। ୧୯୯୨ରେ ସରପଞ୍ଚ ପ୍ରାର୍ଥୀ ହୋଇ ସେ ହାରିଥିଲେ। ୧୯୯୭ରେ ପଞ୍ଚାୟତ ସମିତି ସଭ୍ୟ ପଦ ପାଇଁ ପ୍ରାର୍ଥୀ ହୋଇ କଂଗ୍ରେସ ସହ ଗୋଟିଚାଳନା କରି ଜିତିଥିଲେ। ୨୦୦୦ ସାଧାରଣ ନିର୍ବାଚନରେ ରଘୁନନ୍ଦନ ଦାସ ବାଲିକୁଦା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ସେତେବେଳେ ପ୍ରଶାନ୍ତ ତାଙ୍କୁ ସହଯୋଗ କରିଥିଲେ। ତେଣୁ ତାଙ୍କ ପ୍ରତି ରଘୁନନ୍ଦନଙ୍କ ଦୁର୍ବଳତା ବଢିଯାଇଥିଲା। ୨୦୦୨ ପଞ୍ଚାୟତ ନିର୍ବାଚନରେ ପ୍ରଶାନ୍ତ ସମିତି ସଭ୍ୟ ପ୍ରାର୍ଥୀ ହୋଇ ଜିତିବାକୁ ସମର୍ଥ ହୋଇଥିଲେ। ସେତେବେଳେ ଅନ୍ୟ ୨ ଜଣ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ଆଶାୟୀ ଥିଲେ ସୁଦ୍ଧା ରଘୁନନ୍ଦନ ସେମାନଙ୍କୁ ଗୌଣ କରି ପ୍ରଶାନ୍ତଙ୍କୁ ଅଧ୍ୟକ୍ଷ କରାଇଥିଲେ। ୨୦୦୭ ପଞ୍ଚାୟତ ନିର୍ବାଚନରେ ସେ ଜିଲା ପରିଷଦ ସଭ୍ୟ ପଦ ପାଇଁ ଦଳୀୟ ପ୍ରାର୍ଥୀ ହୋଇ ଜିତିଥିଲେ। ସେତେବେଳେ ବି ରଘୁନନ୍ଦନଙ୍କ ଆଶୀର୍ବାଦ ତାଙ୍କ ଉପରେ ଥିଲା। ତେବେ ୨୦୦୯ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହେବାକୁ ପ୍ରଶାନ୍ତ ଆଶା ବାନ୍ଧିଥିଲେ। ଯେହେତୁ ରଘୁନନ୍ଦନ ଦଳୀୟ ନେତା, ତେଣୁ ତାଙ୍କୁ ପଛରେ ପକାଇ ଟିକେଟ୍ ପାଇବା କଷ୍ଟକର ଭାବି ପ୍ରଶାନ୍ତ ଦାମଙ୍କ ସହଯୋଗ ଲୋଡିଥିଲେ। କାରଣ ସେତେବେଳେ ଦାମ ଓ ରଘୁନନ୍ଦନଙ୍କ ମଧ୍ୟରେ ସମ୍ପର୍କ ସେତେଟା ଭଲ ନ ଥିଲା। ପରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ପରେ ଦାମ ସେଠାରେ ପ୍ରାର୍ଥୀ ହୋଇଥିଲେ ଏବଂ ପ୍ରଶାନ୍ତଙ୍କୁ ବାଲିକୁଦା-ଏରସମାରେ ପ୍ରାର୍ଥୀ କରାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ ବୋଲି କୁହାଯାଉଛି। ଫଳରେ ରଘୁନନ୍ଦନ ଦଳରେ ଗୁରୁତ୍ୱ ହରାଇଥିଲେ। ଏହି ନିର୍ବାଚନରେ ଉମେଶ ବିଜେଡି ଛାଡି କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ତେଣୁ ପ୍ରଶାନ୍ତ ଓ ଉମେଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀତା ହେଲା। ଏଥିରେ ପ୍ରଶାନ୍ତ ବିଜୟୀ ହେବା ସହ ଉଭୟ ରଘୁନନ୍ଦନ, ଉମେଶଙ୍କୁ ମାତ୍ ଦେଇଥିଲେ। ଏବେ ଦାମଙ୍କ ଆଡକୁ ସେ ତୀର ଛାଡିଛନ୍ତି। ଯଦି ଏହା ସଫଳ ହୁଏ ତେବେ ରଘୁନନ୍ଦନ, ଉମେଶଙ୍କ ପରେ ଦାମଙ୍କୁ ଟାର୍ଗେଟ କରିବାରେ ପ୍ରଶାନ୍ତ ସମର୍ଥ ହେବେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଏ କ୍ଷେତ୍ରରେ ବିଷ୍ଣୁ ମଧ୍ୟ ପ୍ରଶାନ୍ତଙ୍କ ସହ ରହିଛନ୍ତି। ତେଣୁ ଦାମ, ବିଷ୍ଣୁ ଓ ପ୍ରଶାନ୍ତଙ୍କୁ ନେଇ ଜିଲା ରାଜନୀତି ଏବେ ଉଠୁଛି ପଡୁଛି। ଏ ସମ୍ପର୍କରେ ପ୍ରଶାନ୍ତ କହିଛନ୍ତି ଯେ, ଉମେଶ ଯେତେବେଳେ ନେତା ଥିଲେ ମୁଁ ସେତେବେଳେ କର୍ମୀ ଥିଲି। ଛାତ୍ର ରାଜନୀତି ସମୟରେ ବିଷ୍ଣୁବାବୁ ମୋତେ ସହଯୋଗ କରିଥିଲେ। ପରେ ଦଳୀୟ ଦୃଷ୍ଟି କୋଣରୁ ରଘୁନନ୍ଦନ ଦାସ ଓ ଦାମବାବୁ ମଧ୍ୟ ମୋତେ ସହଯୋଗ କରିଥିଲେ। ୨୦୦୯ ନିର୍ବାଚନରେ କେବଳ ଦାମବାବୁ ନୁହଁନ୍ତି, ଅନ୍ୟ ୨ ବିଧାୟକ ମଧ୍ୟ ମୋତେ ଟିକେଟ୍ ପାଇବା ପାଇଁ ସହଯୋଗ କରିଥିଲେ। ତେଣୁ ଦଳୀୟ ଦୃଷ୍ଟିରୁ ମତାନ୍ତର ଥାଇପାରେ, ବ୍ୟକ୍ତିଗତ ଭାବେ ସେଭଳି କୌଣସି ମନାନ୍ତର ନାହିଁ। ଏବେ ମଧ୍ୟ ମୁଁ ଦାମବାବୁଙ୍କୁ ସମ୍ମାନ କରେ।

### କାହିଁକି ରାଗିଲେ ପ୍ରଶାନ୍ତ

ଜିଲା ବିଜେଡି ସଭାପତି ବିଷ୍ଣୁ ଦାସ ଓ ବରିଷ୍ଠ ନେତା ଦାମୋଦର ରାଉତଙ୍କ ମଧ୍ୟରେ ମନାନ୍ତରକୁ ନେଇ ଅନେକଥର ଚର୍ଚ୍ଚା ହୋଇଆସିଛି। ମାତ୍ର ବିଧାୟକ ପ୍ରଶାନ୍ତ ମୁଦୁଲି କେବେ ଆଗକୁ ବାହାରି ଦାମଙ୍କ ବିରୋଧରେ କୌଣସି ମତ ଦେଇ ନ ଥିଲେ। ହଠାତ୍ ସେ ଦାମଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିବାକୁ ନେଇ ରାଜନୈତିକ ମହଲରେ ନାନା କଥା କୁହାଯାଉଛି। ଆସନ୍ତା ନିର୍ବାଚନରେ ଦାମବାବୁ କାଳେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳିରେ ନିଜ ପୁତ୍ର ସମ୍ବିତ ରାଉତରାୟଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଥିବାରୁ ଏହି ନିର୍ବାଚନମଣ୍ଡଳିରେ ହସ୍ତକ୍ଷେପ କରିଆସୁଥିଲେ। ଏହାକୁ ନେଇ ପ୍ରଶାନ୍ତଙ୍କ ମନରେ ଅସନ୍ତୋଷ ରହିଥିଲା। ଏଭଳି ସ୍ଥିତିରେ ଗତ ୯ ତାରିଖରେ ଏଠାରେ ହୋଇଥିବା ଏରସମା ବିପ୍ଳବ ଦିବସ ସମାରୋହକୁ ପ୍ରଶାନ୍ତଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା। ଏଥିସହ ଭାଜପା ଓ କଂଗ୍ରେସ ନେତାଙ୍କ ଉପସ୍ଥିତିରେ ଦାମବାବୁ ଯୋଗଦେଇ କେତେକ ମନ୍ତବ୍ୟ ଦେବା ପ୍ରଶାନ୍ତଙ୍କୁ ଉତ୍କ୍ଷୀପ୍ତ କରିଥିବା କୁହାଯାଉଛି। ଏ ସମ୍ପର୍କରେ ଦାମ କହିଛନ୍ତି ଯେ, ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପ୍ରତିବର୍ଷ ସେପ୍ଟେମ୍ବର ୬ରେ ଏରସମା ବିପ୍ଳବ ଦିବସ ପାଳିତ ହେଉଛି। ଚଳିତବର୍ଷ ପ୍ରବଳ ବର୍ଷାଯୋଗୁ ୯ ତାରିଖରେ ଏହି ଦିବସ ପାଳିତ ହୋଇଥିଲା। ସବୁଥର ଭଳି ଏଥର ବିଭିନ୍ନ ରାଜନୈତିକ ଦଳର ନେତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେଠାରେ ସେ ଏରସମାର ଗରିମା ସମ୍ପର୍କରେ କହିଥିଲେ। କାହାକୁ ଆକ୍ରୋଶ କରି ସେ କିଛି ମନ୍ତବ୍ୟ ଦେଇନାହାନ୍ତି। କିନ୍ତୁ ତାଙ୍କ ବକ୍ତବ୍ୟକୁ କଦର୍ଥ କରାଯାଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ତାମିଲନାଡୁରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କୁଜଙ୍ଗ,୧୧।୯(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ୍ ଗୋପିଆକୁଦ ପଞ୍ଚାୟତ ଦୁଆଡିଆ ବାଲିସାହୀ ଗ୍ରାମର ବଲ୍ଲଭ ପାଣିଙ୍କ ପୁଅ ବାପୁଜୀ ପାଣିଙ୍କ ମୃତଦେହ ତାମିଲନାଡୁ କୋଏମ୍ବାଟୁର ଅଞ୍ଚଳର ଏକ ରେଳ ଲାଇନ୍ ନିକଟରୁ ଉଦ୍ଧାର କରାଯାଇଛି। ଅନ୍ୟପକ୍ଷରେ ବାପୁଜୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ବାବାଜୀ ମଙ୍ଗଳବାର ସନ୍ଧ୍ୟାରେ କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ସହ ବାପୁଜୀ ସିଆର୍‌ଆଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୯ ତାରିଖଠାରୁ ସେ ନିଖୋଜ ଥିବା ବାପୁଜୀଙ୍କ ଜଣେ ସମ୍ପର୍କୀୟ ସେଠାକାର ଥାନାରେ ଅଭିଯୋଗ କରିଥିଲେ। ତାମିଲନାଡୁରୁ ମୃତଦେହ ଆଣିବାକୁ ଅଭାବୀ ପରିବାର ପକ୍ଷରେ ଅର୍ଥଭାବ ଥିବାରୁ ସେଠାରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟ ବିକ୍ରମ ମାଝୀଙ୍କୁ ମୃତଦେହ ହସ୍ତାନ୍ତର କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ମୃତକଙ୍କ ପରିବାର ଲୋକେ କହିଛନ୍ତି।

### ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର

**କୁଜଙ୍ଗ,୧୧।୯(ସ୍ୱ.ପ୍ର.):** କୁଜଙ୍ଗ ସ୍ଥିତ ବନବିହାରୀ ଉଚ୍ଚ ବିଦ୍ୟାଳୟରେ ଏକ ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର୍ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବ୍ଲକ୍‌ର ମୋଟ ୨୩ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଚାରକ ରୂପେ କୁଜଙ୍ଗ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ରମାକାନ୍ତ ସାହୁ ଓ ପ୍ରଯୁକ୍ତି ବିଦ୍ୟା ଅଧ୍ୟାପକ ଅଜୟ କୁମାର ରାଉତ ଯୋଗଦେଇ ପ୍ରତିଯୋଗୀଙ୍କ ପ୍ରତିଭା ମୂଲ୍ୟାୟନ କରିଥିଲେ। ଏହି ବିଜ୍ଞାନ ସେମିନାରକୁ ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ସ୍ୱୟଂପ୍ରଭା ପାଢୀ, ସଞ୍ଜୀବ କୁମାର ମହାପାତ୍ର, ଲକ୍ଷ୍ମୀଧର ସ୍ୱାଇଁ, ସଂଘମିତ୍ରା ସେଠୀ ଓ ସଞ୍ଜୁଲତା ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିବି ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିବି ହାଇସ୍କୁଲର କୃତୀ ଛାତ୍ରୀ ଅଙ୍କିତା ପଟ୍ଟନାୟକ ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

### ଆଳୁପଦା ଛକରୁ ଚୋରି

**ବାଲିକୁଦା,୧୧।୯(ସ୍ୱ.ପ୍ର.):** ବାଲିକୁଦା ଥାନା ଅନ୍ତର୍ଗତ କୃଷ୍ଣଦାଶପୁର ପଞ୍ଚାୟତ ଆଳୁପଦା ଛକରେ ଥିବା ପ୍ରତାପ ଦଳେଇଙ୍କ ସାର ଦୋକାନରୁ ସୋମବାର ରାତିରେ ୩ ପ୍ୟାକେଟ ସାର ସହିତ କିଛି ରାସାୟନିକ ଔଷଧ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ପାଖରେ ଥିବା ପ୍ରଫୁଲ୍ଲ ସାହୁଙ୍କ ଜୁଏଲାରୀ ଦୋକାନରୁ ମଧ୍ୟ କିଛି ରୁପା ଅଳଙ୍କାର ଲୁଟ ହୋଇଛି। ବାଲିକୁଦା ପୋଲିସ ମଙ୍ଗଳବାର ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

### କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି

**ତିର୍ତ୍ତୋଲ, ୧୧।୯ (ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀମାନେ ଓୟୁଏଟିର ବୈମାତୃକ ମନୋଭାବ ବିରୋଧରେ ଗତ ୧ ତାରିଖରୁ ଚାଲାଇଥିବା କଳାବ୍ୟାଜ ପରିଧାନ ପ୍ରତିବାଦ ମଙ୍ଗଳବାର ଶେଷ ହୋଇଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷିବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟରତ ବୈଜ୍ଞାନିକ ଓ କର୍ମଚାରୀ ସେମାନଙ୍କ ବିଭିନ୍ନ ଦାବି ନେଇ କର୍ତ୍ତୃପକ୍ଷଙ୍କ ଉଦାସିନତା ପ୍ରତିବାଦରେ ଏହି ଆନ୍ଦୋଳନ କରିଥିଲେ। ଦୀର୍ଘଦିନ ଧରି ଏହି ପ୍ରତିବାଦ ଚାଲିଥିଲେ ବି ଓୟୁଏଟି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଫଳରେ ଆଗାମୀ ୧୭ ତାରିଖରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ୧୭ ତାରିଖରୁ କୃଷି ବିଜ୍ଞାନ କେନ୍ଦ୍ରର ଅଚଳାବସ୍ଥା ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି। କଳାବ୍ୟାଜ ପରିଧାନ ପ୍ରତିବାଦର ଶେଷ ଦିନରେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିଶ୍ୱ ରଞ୍ଜନ ପଟ୍ଟନାୟକ, ପ୍ରାଣୀ ବିଜ୍ଞାନୀ ଡା.ପ୍ରଭାତ କୁମାର ପାଢୀ, ଉଦ୍ୟାନ କୃଷି ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ଦୀପଶିଖା ପରମଜିତା, ବିଜୟ କୁମାର ରାଉତରାୟ, ଦିବେନ୍ଦୁ ମଣ୍ଡଳ, ସରିତା ଦାସ, ରବୀନ୍ଦ୍ର କୁମାର ପ୍ରଧାନ, ସଞ୍ଜୟ ପଣ୍ଡା, ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ନୂଆ ଜଙ୍ଗଲ ଉପରେ କାଠମାଫିଆଙ୍କ ଲୋଲୁପଦୃଷ୍ଟି
## କାଟି ନେଲେ ଶତାଧିକ ଗଛ



ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବଲ୍ଲା।

**ରଘୁନାଥପୁର, ୧୧।୯(ଡି.ଏନ.ଏ.)**

ପାଞ୍ଚ ବର୍ଷ ତଳୁ ମହାନଦୀ ପଠା ତଥା ବନ୍ଧବାଡରେ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କ ଖର୍ଚ୍ଚ କରାଯାଇ ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତର ଖଣ୍ଡିତିରୀଠାରୁ ଅଚ୍ଛୁତପୁର ମଧ୍ୟରେ ଥିବା ମହାନଦୀପଠାକୁ ବନୀକରଣ କରାଯାଇଥିଲା। ଜଗା ରଖା କରାଯାଇ ୫ କିମି ବ୍ୟବଧାନରେ ହୋଇଥିବା ନୂଆ ବନୀକରଣ ଗଛକୁ ୧୦ ଫୁଟ ଉଚ୍ଚ ହୋଇଯିବା ପରେ ବିଭାଗ ପକ୍ଷରୁ ପଞ୍ଚାୟତକୁ ଜଗିବା ଲାଗି ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ତେବେ ଉପଯୁକ୍ତ ଜଗା ରଖା ଅଭାବରୁ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ନୂତନ ଜଙ୍ଗଲ ଉପରେ ପଡିଛି। ବିକ୍ରି ଉଦ୍ଦେଶ୍ୟରେ ହେଉ କି ବ୍ୟବହାର ଉପଯୋଗୀ ପାଇଁ ସାଇଜ ବଲ୍ଲା ପାଇଁ ରାତାରାତି ଶତାଧିକ ଗଛ କଟାଯାଇଛି। କାଠ ମାଫିଆମାନେ ବଡ ବଡ ଗଛକୁ କାଟି ଏକ ନିର୍ଦ୍ଦିଷ୍ଟ ସାଇଜ କରି ପ୍ରଥମେ ବଣ ବୁଦାରେ ଲୁଚାଇ ରଖିବା ପରେ ରାତାରାତି ଚାଲାଣ କରୁଛନ୍ତି। ଏଥିରେ ସ୍ଥାନୀୟ ଅଧିବାସୀମାନେ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି। ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ସରୋଜ କୁମାର ଦାସଙ୍କଠାରୁ ଖବର ପାଇ ରଘୁନାଥପୁର ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଆସିବାର ଖବର ପାଇ ସ୍ଥାନୀୟ କେତେଜଣ ମାଫିଆ ସାଇଜ କାଠକୁ ଛାଡି ଫେରାର ହୋଇ ଯାଇଥିଲେ। ମହାନଦୀ ଅବବାହିକାରେ ଅଚ୍ଛୁତପୁରଠାରେ ଥିବା ଜଙ୍ଗଲ ପଦା ହେବାକୁ ବସିଲାଣି। ଯଦି ଏହାକୁ ରୋକା ନ ଯାଏ ତାହା ହେଲେ ଆଗାମୀଦିନରେ ଜଙ୍ଗଲ ଉଜୁଡିଯିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ଅନ୍ୟପକ୍ଷରେ ପରିବେଶ ସନ୍ତୁଳନ ପାଇଁ ବୃକ୍ଷର ଯଥେଷ୍ଟ ଆବଶ୍ୟକତା ରହିଛି। ହେଲେ ମାଫିଆମାନେ ଗଛକୁ ଧ୍ୱଂସ କରି ନିଜ ଗୋଡକୁ କୁରାଢି ମାରି ବନ୍ୟା, ବାତ୍ୟା ଭଳି ବିଭୀଷିକାକୁ ଆମନ୍ତ୍ରଣ କରୁଛନ୍ତି। ପୋଲିସ ଓ ବନ ବିଭାଗ ଗଛ କାଟିଥିବା ମାଫିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେଇ କଠୋର ଦଣ୍ଡ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଆଞ୍ଚଳିକ ସୁରକ୍ଷା ସମିତିକୁ ସମର୍ଥନ
## ସାଇଲୋ, ଜିଲାନାସୀରେ ସମାବେଶ

**କୁଜଙ୍ଗ,୧୧।୯(ସ୍ୱ.ପ୍ର.)**

ଭୁତମୁଣ୍ଡାଇଠାରେ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆସନ୍ତା ୧୫ ତାରିଖରେ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ହେବାକୁ ଥିବା ଜନ ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିବାରେ ଲାଗିଛି। ମଙ୍ଗଳବାର ପୂର୍ବାହ୍ନରେ ସାଇଲୋ ଓ ଅପରାହ୍ନରେ ଜିଲାନାସୀ ପଞ୍ଚାୟତରେ ଏଥିପାଇଁ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ସାଇଲୋ ସରପଞ୍ଚ ରୋଜାଲିନ୍ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମିତିର ଆବାହକ ରଘୁନାଥ ସାହୁ, ଶ୍ରମିକନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ ସୁନାକର ବେହେରା, ଶ୍ରୀବଲ୍ଲଭ କର, ବରିଷ୍ଠ ନାଗରିକ ମଞ୍ଚର ରାଜ୍ୟସ୍ତରୀୟ ନେତା ବାବୁରାମ ଚୌଧୁରୀ, ଜାନକୀ ମହାରଥା, ଦେବବାଳା ମହାପାତ୍ର, ଜମିହରା କୃଷକ ଏକତା ମଞ୍ଚର ସୁବାସ ମହାପାତ୍ର, ଜିନ୍ମୟୀ ସାହାଣୀ, ଆଞ୍ଚଳିକ ସୁରକ୍ଷା ସମିତି ସହ ସଂଯୋଜକ ଦୁଷ୍ମନ୍ତ ମାଝୀ, ଅତନୁ ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଆଗାମୀ ୧୫ ସମାବେଶକୁ ସଫଳ କରିବାକୁ ଶପଥ ନେଇଥିଲେ। ଜିଲାନାସୀ ପଞ୍ଚାୟତରେ ସରପଞ୍ଚ ପ୍ରମୋଦ କୁମାର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା, ଧରଣୀଧର ମହାପାତ୍ର, ସରସ୍ୱତୀ ବେହେରା, ଉର୍ମିଳା ଦାସ, ରୀନାରାଣୀ ମଲିକ୍, ସୁମିତ୍ରା ମଲିକ୍, ବ୍ରହ୍ମେଶ୍ୱର ପରିଡା, ପ୍ରଶାନ୍ତ ବେହେରା, କଳ୍ପନା ବେହେରାଙ୍କ ସହ ଗ୍ରାମର ବହୁ ମୁରବୀ ଯୋଗ ଦେଇଥିଲେ।

## ଅଳକା ମହାବିଦ୍ୟାଳୟରେ ମୁଁ ହିରୋ କାର୍ଯ୍ୟକ୍ରମ ଆରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି କୁଳମଣି ସାମଲ, ବିଧାୟିକା ଡା.ରାଜଶ୍ରୀ ମଲିକ ଓ ଅନ୍ୟମାନେ।

**ବିରିଡ଼ି,୧୧।୯(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଅଳକା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଜଗତ୍‌ସିଂହପୁର ଏମ୍‌ପି ଡା.କୁଳମଣୀ ସାମଲ ଓ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଗୋଷ୍ଠୀ, ଯୁବତୀ ଯୁବକମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ଚିହ୍ନଟ କରି ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ବିଜୁ ଯୁବବାହିନୀ ପକ୍ଷରୁ ଏକ ନାଟକ "ଆମ ହିରୋ ସୋନା" ପରିବେଷଣ କରାଯାଇଥିଲା। ମୁଁ ହିରୋ ରଥରେ ଲାଗିଥିବା ପ୍ରୋଜେକ୍ଟର ମାଧ୍ୟମରେ ବିଜୁ ଯୁବବାହିନୀର ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳୀ ବେହେରା, ଏବିଡିଓ ଗିରିଜା ପ୍ରସାଦ ବାରିକ, ସିଡିପିଓ ଗୌରୀ ଦେଈ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ପୂର୍ବତନ ବ୍ଲକ ସଭାପତି ବିଭୁଦତ୍ତ ସାହୁ, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ସରପଞ୍ଚ ପୁଷ୍ପପ୍ରକାଶ ପ୍ରଧାନ, ଅମିତ ରାଉଳ, ରାଜକିଶୋର ଭୋଇ ପ୍ରମୁଖ ବହୁ ଜନପ୍ରତିନିଧି ଓ ବିଜୁ ଯୁବବାହିନୀର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବିଜୁ ଯୁବବାହିନୀର ସଂଯୋଜିକା ସୁନିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଉଗାଁ ବ୍ଲକ ସଂଯୋଜକ ରବିନାରାୟଣ ଷଡ଼ଙ୍ଗୀ ସହାୟତା କରିଥିଲେ। ଜିଲା ବିଜୁ ଯୁବବାହିନୀର କ୍ରୀଡା ସଂସ୍କୃତି ପ୍ରୋଗ୍ରାମ ଅଫିସର କୁମାରୀକା ରଥ ଯୋଗ ଦେଇଥିଲେ।

## ତାରପୁର ବାଇପାସ୍‌ରେ ଗୋଦ୍ରେଜ ପକ୍ଷରୁ ବିପଣମେଳା

**ରଘୁନାଥପୁର, ୧୧।୯(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତାରପୁର ବିବାହ ବଜାର କେନ୍ଦ୍ରରେ ଗୋଦ୍ରେଜ ପକ୍ଷରୁ ମଙ୍ଗଳବାରଠାରୁ ୫ ଦିନ ବ୍ୟାପୀ ବିପଣମେଳାର ଶୁଭାରମ୍ଭ କରାଯାଇଛି। ଏଥିରେ ଗୋଦ୍ରେଜ୍ କମ୍ପାନୀର ଇଲେକ୍ଟ୍ରୋନିକ ଜିନିଷ ଉପରେ ଡିସକାଉଣ୍ଟ ଦିଆଯିବା ସହ ବଜାଜ ଫିନସର୍ଭ ପକ୍ଷରୁ ମଧ୍ୟ ଫାଇନାନ୍ସର ବ୍ୟବସ୍ଥା କରାଯାଇଛି। ଗୋଦ୍ରେଜ୍ କମ୍ପାନୀ ଏରିଆ ସେଲ୍ସ ମ୍ୟାନେଜର ସୁରଜିତ୍ ସାମଲ ମେଳାକୁ ଅନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଟେଲ ସେଲ୍ସ ଅଫିସର ବିପ୍ରଜିତ୍ ଦାସ ଓ ଡିଷ୍ଟ୍ରିବ୍ୟୁଟର ବିପିନ ବିହାରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥି ଫିତା କାଟି ବିପଣ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

### ମାଛ ମାଫିଆଙ୍କ ନିୟନ୍ତ୍ରଣରେ ସ୍ଲୁଇସ ଗେଟ୍
## ଜଳମଗ୍ନ ଧାନ ଫସଲ, ଚିନ୍ତାରେ ଚାଷୀ

- ଚାଷ ଜମିରୁ ଜଳ ନିଷ୍କାସନ ପାଇ ନିର୍ମିତ ହୋଇଥିଲା ସ୍ଲୁଇସ୍‌ଗେଟ୍
- ଗେଟ୍ ବନ୍ଦ ଥିବାରୁ ନିଷ୍କାସିତ ହୋଇପାରୁନି ଜଳ
- ତୁରନ୍ତ ପ୍ରତିକାର ଦାବି

**ନାଉଗାଁ,୧୧।୯(ସ୍ୱ.ପ୍ର.)**

ନାଉଗାଁ ବ୍ଲକର ୭୫ ଭାଗ ଲୋକ ଚାଷ ଉପରେ ନିର୍ଭର କରି ଚଳନ୍ତି। ତେବେ ପାଣିପାଗରେ ଅନିୟମିତତା ଦେଖାଦେଲେ ଏହି ବ୍ଲକର ଚାଷ କାର୍ଯ୍ୟ ପ୍ରଭାବିତ ହୋଇଥାଏ। ବ୍ଲକର ଡାବର ଓ ତିରୁଣା ପଞ୍ଚାୟତରେ ଥିବା ଚାଷଜମି ଖାଲୁଆ ହୋଇଥିବାରୁ ଏହି ଅଞ୍ଚଳରେ ଚାଷୀମାନେ ଜୁନ ମାସରେ ଧାନ ବୁଣାବୁଣି କରିବା ସହିତ ଜୁଲାଇ ମାସରେ ରୁଆପୋତା କାର୍ଯ୍ୟ ସାରିଥାନ୍ତି। ଅତ୍ୟଧିକ ବର୍ଷା ହେଲେ ଏହି ଚାଷଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ବାଉଁଶ ଯୋରୀ ମାଧ୍ୟମରେ ଦେବୀ ନଦୀକୁ ନିଷ୍କାସିତ ହୋଇଥାଏ। ଏହି ଜଳ ନିଷ୍କାସିତ ହେବା ପାଇଁ ଗାରୋଇଠାରେ ଦେବୀନଦୀରେ ଜଳ ସେଚନ ବିଭାଗ ପକ୍ଷରୁ ଏକ ସ୍ଲୁଇସ ଗେଟ୍ ନିର୍ମାଣ କରାଯାଇଛି। ଏହି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ଉଦବୃତ୍ତ ବର୍ଷାଜଳ ନିଷ୍କାସିତ ହେବା ସହିତ ମରୁଡି ସମୟରେ ଚାଷଜମିକୁ ଜଳସେଚନ କରିବା ପାଇଁ ଏହା ନିର୍ମାଣ କରାଯାଇଥିଲା। କିନ୍ତୁ ଏହି ସ୍ଲୁଇସ୍ ଗେଟ୍ ଚାଷୀମାନଙ୍କ କାମରେ ଲାଗିବା ପରିବର୍ତ୍ତେ ମାଛ ମାଫିଆଙ୍କ କାମରେ ଲାଗୁଛି। ଅର୍ଥାତ୍ କେତେଜଣ ମାଛ ମାଫିଆ ଏହି ଗେଟ୍‌କୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଫଳରେ ସେମାନେ ମାଛ ମାରିବା ପାଇଁ ଗେଟକୁ ମନଇଚ୍ଛା ବ୍ୟବହାର କରୁଥିବା ଧାନ ଚାଷୀମାନେ ଅଭିଯୋଗ କରିଛନ୍ତି। ଗତ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଅଦ୍ୟାବଧି ୨ ପଞ୍ଚାୟତର ଚାଷଜମିରୁ ଜଳ ନିଷ୍କାସନ ହୋଇପାରୁନାହିଁ। ବର୍ଷା ପାଣି ଅଧିକ ଦିନ ଚାଷଜମିରେ ଜମି ରହିଲେ ଧାନ ଗଛ ମୂଳ ପଚି ନଷ୍ଟ ହୋଇଯିବାର ଆଶଙ୍କା ରହିଛି। କୃଷି ବିଭାଗ ତଥ୍ୟ ଅନୁସାରେ ଡାବର ପଞ୍ଚାୟତରେ ୪୪୩ ହେକ୍ଟର ଚାଷ ଜମି ଥିବାବେଳେ ସେଥିରୁ ୩୧୪ ହେକ୍ଟର ଜମିରେ ଲଘୁ ଓ ଶାରଦ ଜାତୀୟ ଧାନ ଚାଷ କରାଯାଇଛି। ସେହିପରି ତିରୁଣା ପଞ୍ଚାୟତରେ ୧୩୧୪ ହେକ୍ଟର ଚାଷଜମି ଥିବାବେଳେ ସେଥିରୁ ୧୨୧୩ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଏସବୁ ଜମି ଏବେ ଜଳମଗ୍ନ ହୋଇ ରହିଛି। ଜଳ ନିଷ୍କାସନ ପାଇଁ ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଥିବା କଲଭର୍ଟଗୁଡିକ ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ତୁରନ୍ତ ଉକ୍ତ ସ୍ଲୁଇସ ଗେଟ୍ ଖୋଲିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଉମାକାନ୍ତ ମହାନ୍ତିଙ୍କୁ ପଚାରିବାରେ ସେ କନିଷ୍ଠ ଯନ୍ତ୍ରୀଙ୍କ ସହ କଥାହୋଇ ପଦକ୍ଷେପ ନେବେ ବୋଲି କହିଛନ୍ତି।



ଜଳମଗ୍ନ ହୋଇ ରହିଥିବା ଚାଷ ଜମି।

## ସଂକ୍ଷେପରେ

### ମୋ ସ୍କୁଲ ଅଭିଯାନ ପରିଚାଳନା କମିଟି ଗଠିତ



ପଟ୍ଟାମୁଣ୍ଡାଇ,୧୧।୯(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠରେ 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମରେ ପରିଚାଳନା କମିଟିର ପ୍ରଥମ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠ ପରିସରରେ ଆୟୋଜିତ ଏହି ବୈଠକରେ ପ୍ରଧାନଶିକ୍ଷକ ରତ୍ନାକର ନାୟକ ପୌରୋହିତ୍ୟ କରିଥିଲେ। ଏଥିରେ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ଶୈକ୍ଷିକ ବାତାବରଣ, ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ଆଦି ଦାବି ଉପସ୍ଥାପନ କରାଯାଇଥିଲା। ବିଦ୍ୟାପୀଠର ଏକ ଇ-ମେଲ ଖୋଲାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ ସ୍ଥାନରେ କାର୍ଯ୍ୟକରୁଥିବା ବିଦ୍ୟାଳୟର ପୁରାତନ ଛାତ୍ରଙ୍କୁ ଏଥିରେ ସାମିଲ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତି କ୍ରମେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଶତପଥୀଙ୍କୁ କମିଟିର ସଭାପତି ଭାବେ ମନୋନୀତ କରାଯାଇଥିଲା। କମିଟିରେ ପ୍ରଧାନ ଶିକ୍ଷକଙ୍କ ସମେତ ୧୬ ଜଣଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଶେଷରେ ନଳିନୀକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ପୁରାତନ ଛାତ୍ର ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଶତପଥୀ, ସୁରେଶ ପଣ୍ଡା, ଦେବେନ୍ଦ୍ର ଦାସ, ନିମାଇଁଚରଣ କର, ଭଗବାନ ଦାଶ, ପୂର୍ଣ୍ଣଚନ୍ଦ୍ର ସିଂ, ପ୍ରଫୁଲ୍ଲ ପ୍ରଧାନ ଓ କ୍ଷେତ୍ରବାସୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ଭାଜପା ନେତାଙ୍କୁ ଆକ୍ରମଣର ନିରପେକ୍ଷ ତଦନ୍ତ ଦାବି



ରାଜକନିକା,୧୧।୯(ଡି.ଏନ୍.ଏ.): ରାଜକନିକା ଥାନା ଅନ୍ତର୍ଗତ ଚରପଡା ପଞ୍ଚାୟତର ଭାଜପା ନେତା ତଥା ପଶ୍ଚିମକନିକା ମଣ୍ଡଳ ସଭାପତି କାର୍ତ୍ତିକ ଦାଶ ଓ ତାଙ୍କ ଭାଇ ମନୋଜ ଦାଶଙ୍କୁ ଗତ ୯ ତାରିଖରେ ଆକ୍ରମଣ କରାଯାଇଥିବା ନେଇ ରାଜକନିକା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାର ନିରେପକ୍ଷ ତଦନ୍ତ ଦାବି କରି ଭାଜପା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ରାଜକନିକା ନୟନା ମଣ୍ଡପଠାରେ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ରାଜକନିକା ପୋଲିସ ଓ କଣ୍ଡିଆଫାଣ୍ଡି ଅଧିକାରୀ ଏହି ଘଟଣାରେ ପକ୍ଷପାତିତା କରିଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଥିଲା। କାର୍ତ୍ତିକ ଓ ମନୋଜଙ୍କୁ କିଭଳି ଆକ୍ରମଣ କରାଯାଇଥିଲା ତାର ଏକ ଭିଡିଓ ଫୁଟେଜ ପ୍ରଦର୍ଶନ କରି ସମ୍ମିଳନୀରେ ପ୍ରଦର୍ଶିତ କରାଯାଇଥିଲା। ବିଜୁ ଯୁବବାହିନୀ କର୍ମକର୍ତ୍ତାମାନେ ଭାଜପା କର୍ମୀମାନଙ୍କୁ ଧମକ ଦେବା ସହ ମାଡ ମାରୁଥିବା ଅଭିଯୋଗ କରି ନିନ୍ଦା କରାଯାଇଥିଲା। ରାଜକନିକା ପୋଲିସ ପକ୍ଷପାତିତା କରି ଆକ୍ରମଣର ଶିକାର ହୋଇଥିବା ୨ ଭାଇଙ୍କ ନାମରେ ଅନ୍ୟ ଏକ ମିଥ୍ୟା ମାମଲା ରୁଜୁ କରିଛି ବୋଲି ସମ୍ମିଳନୀରେ ଅଭିଯୋଗ ହୋଇଥିଲା। ତୁରନ୍ତ ଦୋଷୀଙ୍କୁ ଗିରଫ କରିବା ସହ ମିଥ୍ୟା ମାମଲା ପ୍ରତ୍ୟାହାର ପାଇଁ ଦାବି ହୋଇଥିଲା। ଏଥିସହ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ପକ୍ଷରୁ ଦାବି ହୋଇଥିଲା। ଏହି ସମ୍ମିଳନୀରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜ ସୁନ୍ଦର ଭୂୟାଁ, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଜିଲା ସମ୍ପାଦିକା ଜୀତା ଦାସ ଓ ସଂଘମିତ୍ରା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

### ୭ ଦଫା ଦାବି ନେଇ ଧାରଣା

ରାଜନଗର, ୧୧।୯(ଡି.ଏନ୍.ଏ.): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ରାଜନଗର ଶାଖା ପକ୍ଷରୁ ୭ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଅଧ୍ୟାପକ ଅଭିନ୍ନ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପ୍ରତିବାଦ ସଭାରେ ବିଚିତ୍ର କୁମାର ସାହୁ, ସୁଶାନ୍ତ କୁମାର ସାହୁ, କଳାକାର ସାହୁ, ବିଜୟ କୁମାର ପାତ୍ର, ପ୍ରଦୀପ କୁମାର ପାଲ, ସମୀରଣ ମଣ୍ଡଳ ଓ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜନଗର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଅଧାପନ୍ତରିଆ ଅବସ୍ଥାରେ ଦେଉଳତରା ହାଇସ୍କୁଲ ଗୃହ

ରାଜକନିକା, ୧୧।୯ (ଡି.ଏନ୍.ଏ.)

■ ୩ ବର୍ଷ ତଳେ ଆରମ୍ଭ ହୋଇଥିଲା ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ
■ ଗୃହ ନିର୍ମାଣ ଅଧାରେ ଛାଡି ଚାଲିଯାଇଛି ଠିକାଦାର
■ ବିଷଧର ସାପଙ୍କ ବାସସ୍ଥଳୀ ପାଲଟିଛି ନିର୍ମାଣାଧୀନ ଗୃହ

ପିଲାମାନଙ୍କ ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ କେନ୍ଦ୍ରାପଡା ଜିଲାରେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଏସବୁ ଯୋଜନା ସଫଳ ରୂପାୟନ ହୋଇପାରୁନାହିଁ। ଜିଲାରେ ପ୍ରଶାସନ ପକ୍ଷରୁ ଅନେକ ପ୍ରକଳ୍ପ ଆରମ୍ଭ କରାଯାଉଛି। ମାତ୍ର ଶେଷ ହୋଇପାରୁନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ରାଜକନିକା ବ୍ଲକର ଦେଉଳତରା ପଞ୍ଚାୟତରେ। ଏହି ପଞ୍ଚାୟତରେ ଲକ୍ଷ୍ମୀନାରାୟଣ ନୋଡାଲ ହାଇସ୍କୁଲ ଏକମାତ୍ର ଉଚ୍ଚ ବିଦ୍ୟାଳୟ ହୋଇଥିବା ବେଳେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଏଥିଯୋଗୁ ପିଲାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଯୋଗ୍ୟ, ୨୦୧୪ରେ କେନ୍ଦ୍ର ସରକାରଙ୍କ ରାମସାର ଯୋଜନାରେ



ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଦେଉଳତରାସ୍ଥିତ ଲକ୍ଷ୍ମୀନାରାୟଣ ନୋଡାଲ ହାଇସ୍କୁଲ।

ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ୨୯ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ହେଲେ ଇତିମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଗୃହଟି ଅଧାପନ୍ତରିଆ ହୋଇ ପଡିରହିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳାର ସୁଯୋଗ ନେଇ ସମ୍ପୃକ୍ତ ଠିକାଦାର ୨୦୧୭ରୁ କାମ ଅଧାରୁ ବନ୍ଦ କରି କୁଆଡେ ଚାଲିଯାଇଛନ୍ତି। ଫଳରେ ୩ ମହଲା ବିଶିଷ୍ଟ ଏହି ଗୃହ ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଯାଇଛି। ଏପର୍ଯ୍ୟନ୍ତ କେବଳ ବିଦ୍ୟାଳୟର ୨ ମହଲା ପର୍ଯ୍ୟନ୍ତ ନିର୍ମାଣ ହୋଇଛି। ଅପରପକ୍ଷରେ ନିର୍ମାଣ ହୋଇଥିବା ଗୃହଗୁଡିକର ପ୍ଲାଷ୍ଟରିଂ ହୋଇନାହିଁ। ବହୁଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡି ରହିବା ଫଳରେ ଗୃହ ଭିତରେ ଓ ଉପରେ ଅନାବନା ଗଛ ସବୁ ଉଠିଯାଇଛି। ଫଳରେ ଗୃହଟି ଏବେ ବିଷଧର ସାପଙ୍କ ବାସସ୍ଥଳୀ ପାଲଟିଛି। ଏଥିଯୋଗୁ ଏହି ଗୃହ ଭିତରକୁ ଯିବାକୁ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଭୟ କରୁଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ କୌଣସି ଅଘଟଣ ଘଟିବାର ଆଶଙ୍କାକୁ ଦୂରେଇ ଦେଇହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ବିଦ୍ୟାଳୟର ପୁରାତନ ଗୃହଗୁଡିକରୁ ବର୍ଷାପାଣି ଗଳିବାରେ ଲାଗିଛି। ଫଳରେ ବିଦ୍ୟାଳୟରେ ପାଠପଢିବା ବେଳେ ବର୍ଷା ହେଲେ ଛାତ୍ରୀଛାତ୍ରୀମାନେ ଭିଜିଯାଉଛନ୍ତି। ଅନେକ ସମୟରେ ଗୃହ ଅଭାବରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ହେଉଛି। ଏନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଧାପନ୍ତରିଆ ଗୃହ ନିର୍ମାଣ କେବେ ସମ୍ପୂର୍ଣ୍ଣ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମବାସୀ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଦାଶରଥୀ ଶତପଥୀ କହିଛନ୍ତି, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅବଗତ ଅଛି। ତୁରନ୍ତ ଏନେଇ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ମିଳିତ ଶିକ୍ଷକ ସଂଘର ଧାରଣା ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ରାଜକନିକା ,୧୧।୯(ଡି.ଏନ.ଏ)

ରାଜକନିକା ମିଳିତ ମଞ୍ଚ ଶିକ୍ଷକସଂଘ ପକ୍ଷରୁ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ଦାବିରେ ମଙ୍ଗଳବାର ରାଜକନିକା ବ୍ଲକ ଆଗରେ ବ୍ଲକ ଗ୍ରାଣ୍ଟ ଶିକ୍ଷକମାନେ ଧାରଣା ଦେଇଛନ୍ତି। ସଂଘର ସମ୍ପାଦକ ଅରବିନ୍ଦ ନାୟକଙ୍କ ନେତୃତ୍ୱରେ ହାଇସ୍କୁଲ ଓ କଲେଜର ବହୁ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏହି ଗଣଧାରଣାରେ ବସିଥିଲେ। ମିଳିତ ମଞ୍ଚର ସଭାପତି ଉମାକାନ୍ତ ପରିଡା ଏଥିରେ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରତିବାଦ ସଭାରେ ଶିକ୍ଷକ ପଦ୍ମ ଲୋଚନ ଦାସ ,ରତିକାନ୍ତ ଦାସ,ବଟକୃଷ୍ଣ ପଣ୍ଡା, ନିରୋଦ ରାଉତ,ପ୍ରମୋଦ ରାଉତ,ଶରତ ପଢିଆରୀ ଓ ଅଜୟ କୁମାର କୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ୨ଶହରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ପାଣି ଘେରରେ

କେନ୍ଦ୍ରାପଡା ଅଫିସ, ୧୧।୯

ଗତ ଲଘୁଚାପଜନିତ ବର୍ଷା କେନ୍ଦ୍ରାପଡ଼ା ଜିଲାର ବ୍ୟାପକ କ୍ଷତି ଘଟାଇଛି। ଗତ ୫ ଦିନ ଧରି ବର୍ଷା ଛାଡ଼ିଥିଲେ ମଧ୍ୟ ଜିଲାର ବହୁ ଶିକ୍ଷାନୁଷ୍ଠାନ ଏବେ ବି ପାଣି ଘେରରେ ରହିଛି। ଜମି ରହିଥିବା ବର୍ଷା ଓ ବନ୍ୟାଜଳ ନିଷ୍କାସନ ହୋଇ ପାରୁ ନଥିବାରୁ ଜିଲାର ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁର ପଞ୍ଚମ ଶ୍ରେଣୀ ଛାତ୍ର ଅମୀୟ ଜେନା କୁହନ୍ତି ଯେ, ବନ୍ୟା ପାଣି ତାଙ୍କ ଘରେ ପଶି ବହି ସବୁ ନଷ୍ଟ ହୋଇଯାଇଛି। ଏହି ଗାଁର ପଞ୍ଚମ ଶ୍ରେଣୀ ଛାତ୍ର ସୁକାନ୍ତୀ ସାମଲ କୁହନ୍ତି ଯେ, ସ୍କୁଲ ପରିସର କାଦୁଅ ହୋଇଥିବାରୁ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ପାଠପଢ଼ା ଚାଲିଛି। ଆଳି ବ୍ଲକ ପାରିଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ବିକାଶ

**ପାଠପଢ଼ା ବାଧାପ୍ରାପ୍ତ**

ରାଉତ କୁହନ୍ତି ଯେ, ବିଦ୍ୟାଳୟରେ ପାଣି ପଶି ଯାଇଥିବାରୁ ପିଲାମାନେ ସ୍କୁଲକୁ ଯାଉନାହାନ୍ତି। ଏହି ବିଦ୍ୟାଳୟର ଜୈନିକ ଶିକ୍ଷକ କହିଛନ୍ତି ଯେ, ଚଳିତ ବନ୍ୟା ଓ ବର୍ଷା ଯୋଗୁ ଶିକ୍ଷାର୍ଥୀଙ୍କ ବହିପତ୍ର ନଷ୍ଟ ହୋଇଯାଇଛି। ନଦୀକୂଳ ହେତୁ ସାମାନ୍ୟ ବନ୍ୟାରେ ଉପସ୍ଥାନ ସଂଖ୍ୟା ମଧ କମୁଛି। ଏହି ବ୍ଲକର ଡିମିରିପାଳ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଗୀତା ଦାସ କହିଛନ୍ତି ଯେ, ବିଦ୍ୟାଳୟ ପରିସରରେ ପାଣି ଜମିଥିବାରୁ ଆସନ୍ତ ୧୩ ତାରିଖରେ ଗଣେଶ ପୂଜା ହେବା ନେଇ ସନ୍ଦେହ ଆଶଙ୍କା ପ୍ରକାଶ ପାଇଛି। ଗ୍ରାମାଞ୍ଚଳ ପରି ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏବେ ମଧ୍ୟ ବର୍ଷାଜଳ ନିଷ୍କାସନ ହୋଇ ପାରିନାହିଁ। ସହରର ସେଣ୍ଟ ଯୋଶେଫ ସ୍କୁଲ ପରିସର ପାଣି ଘେରରେ ଥିବା ବେଳେ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡିଆରେ ପାଣି ଜମି ରହିଛି। ସେହିପରି ତରଣ୍ଡୋଠାରେ ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ଆଦର୍ଶ ବିଦ୍ୟାଳୟ ରାସ୍ତାରେ ୫ ଫୁଟ ଉଚ୍ଚର ପାଣି ଜମି ରହିଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତା ବିପର୍ଯ୍ୟସ୍ତ ହୋଇଛି। ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମି ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି ଯେ, ଗତ ଲଘୁଚାପ ବର୍ଷା ଓ ବନ୍ୟା ଫଳରେ ଜିଲାର ୧୭୧ ପଞ୍ଚାୟତର ୯୪୩ ଗ୍ରାମର ୪ ଲକ୍ଷରୁ ଊର୍ଦ୍ଧ୍ୱ ଅଧିବାସୀ ପାଣିଘେରରେ ଥିଲେ। ମାତ୍ର ଏବେ ଏଥିରେ ସୁଧାର ଆସିଛି। ଆସନ୍ତା ୭ ଦିନ ମଧ୍ୟରେ ବିଦ୍ୟାଳୟର ଭିତ୍ତିଭୂମି ଠିକ କରିବା ସହିତ ଶିକ୍ଷାର୍ଥୀଙ୍କୁ ନଷ୍ଟ ହୋଇଥିବା ବହିପତ୍ର ଯୋଗାଇ ଦିଆଯିବ ବୋଲି ଜିଲାପାଳ ଶତପଥୀ ପ୍ରତିଶ୍ରୁତି ଦେଇଛନ୍ତି।

## ରାଜନଗର ଗାଁରେ ବ୍ୟାପୁଛି ଡେଙ୍ଗୁ

ରାଜନଗର, ୧୧।୯(ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ରାଜନଗର ଗ୍ରାମରେ ଡେଙ୍ଗୁ କାୟା ବିସ୍ତାର କରିଚାଲିଛି। ଏନେଇ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଗତ ୧୫ ଦିନ ମଧ୍ୟରେ ଏହି ଗ୍ରାମରୁ ୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ମାତ୍ର ୨୦୦ ମିଟର ଦୂରତା ମଧ୍ୟରେ ଏସବୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨ଜଣ ଚିକିତ୍ସାଧୀନ ରହିଛନ୍ତି। ଏହି ଗ୍ରାମର ଗତିକୃଷ୍ଣ ମିଶ୍ର କଟକ ବଡ ମେଡିକାଲରୁ ଓ ଅଭୟ ମିଶ୍ର ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରୁ ଚିକିତ୍ସିତ ହୋଇ ସୋମବାର ଘରକୁ ଫେରିଛନ୍ତି। ପୂର୍ବରୁ ଗ୍ରାମର ରତ୍ନାକର ସାହୁଙ୍କ ସ୍ତ୍ରୀ କନକଲତା କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଏବେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାରଣା(୬୦) କଟକ ବଡ ମେଡିକାଲରେ ଚିକିତ୍ସାଧୀନ ରହିଥିବା ବେଳେ ଉମାକାନ୍ତ ବିଶ୍ୱାଳ(୬୫) ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଗ୍ରାମରେ ଥିବା ନଳକୂପ ନିକଟରେ ଜମିଥିବା ଘାସ ଓ ନାଳ ପାଣି ଅପରିଷ୍କାର ଯୋଗୁ ଡେଙ୍ଗୁ ବ୍ୟାପିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏସମ୍ପର୍କରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ମିଶ୍ର କହିଛନ୍ତି, ଏନେଇ ଉକ୍ତ ଗ୍ରାମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି।

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ମହାକାଳପଡା,୧୧।୯(ଡି.ଏନ୍.ଏ.)

ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଅସନ୍ତୋଷ ପ୍ରକାଶକରି କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ବଉଲକଣୀ ପଞ୍ଚାୟତ ଅନ୍ତର୍ଗତ ବାଘୁଆମେଦ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅଭିଭାବକମାନେ ତାଲା ପକାଇ ଧାରଣା ଦେଇଛନ୍ତି। ଦାୟିତ୍ୱରେ ଥିବା ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟରୁ ହଟାଇବା ପାଇଁ ସେମାନେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବଉଲକଣୀ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ମଧ୍ୟରେ ଏହି ବିଦ୍ୟାଳୟ ରହିଛି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ପ୍ରାୟ ୪୨ ଜଣ ଛାତ୍ରୀଛାତ୍ର ପାଠପଢୁଛନ୍ତି। ବିଦ୍ୟାଳୟରେ ୨ ଜଣ ପାଚିକା ଥିଲେ ଗତ ଶନିବାର ମଧ୍ୟାହ୍ନ ଭୋଜନ ରନ୍ଧା ଯାଇ ନ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେଦିନ ବିଦ୍ୟାଳୟକୁ କେବଳ ୫ଜଣ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଆସିଥିବାରୁ ବର୍ଷା ଯୋଗୁ ବିଦ୍ୟାଳୟ ଛୁଟି ରହିଛି ବୋଲି କହି ପ୍ରଧାନ ଶିକ୍ଷୟିତ୍ରୀ



ସ୍କୁଲ ଆଗରେ ଅଭିଭାବକମାନେ ଧାରଣାରେ ବସିଛନ୍ତି।

ସେମାନଙ୍କୁ ଘରକୁ ଫେରାଇ ଦେଇଥିଲେ। ଏନେଇ ଉକ୍ତଦିନ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ବେଳେ ମଙ୍ଗଳବାର ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଏହାର ପ୍ରତିବାଦ କରିଛନ୍ତି। ଖବରପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବୈଷ୍ଣବ ଚରଣ ରାଉତ ଓ ସିଆରସିସି ନିରାକାର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏନେଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାଇଁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା। ଏସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ଓ ଜିଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝିଙ୍କୁ ଅବଗତ କରାଯାଇଛି। ଏହି ଘଟଣାର ତଦନ୍ତ କରଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଝି କହିଛନ୍ତି।

## ପାଣି ସମସ୍ୟା ନେଇ ଆନ୍ଦୋଳନ ଚେତାବନୀ

ମାର୍ଶାଘାଇ,୧୧।୯(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଅଧୀନ ଜୁଣ ଗ୍ରାମର ୪,୫ ଓ ୬ ନଂ ୱାର୍ଡର ଅଧିବାସୀମାନେ ପିଇବା ପାଣି ସମସ୍ୟା ନେଇ ମଙ୍ଗଳବାର ମାର୍ଶାଘାଇ ବିଡିଓଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ଜୁଣ ଗ୍ରାମରେ ପାଇପ ପାଣିର ବ୍ୟବସ୍ଥା ଅଛି । ମାତ୍ର ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ଗ୍ରାମର ଉପରୋକ୍ତ ୱାର୍ଡର ଅଧିବାସୀ ପାଇପ ପାଣି ଠିକ ଭାବେ ପାଇ ପାରୁ ନାହାନ୍ତି । ତେବେ ଦୀର୍ଘ ୨ ମାସ ହେବ ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହି ଗ୍ରାମର ବାବାଜୀ ବେହେରା,ପ୍ରହ୍ଲାଦ ରଞ୍ଜନ ରଥ,ପ୍ରଶାନ୍ତ କୁମାର ବେହେରା,ମାନିନୀ ବେହେରା,ସଂଯୁକ୍ତା ବେହେରା,ରମେଶ ଚନ୍ଦ୍ର ମାଝି,ପ୍ରହଲାଦ ଉତାଣ ସିଂ,ବାବାଜୀ ସେଠୀ ପ୍ରମୁଖ ମାର୍ଶାଘାଇ ବିଡିଓ ସୁବାଦାର ପ୍ରଧାନଙ୍କୁ ଅଭିଯୋଗପତ୍ର ପ୍ରଦାନ କରଥିଲେ। ସମସ୍ୟାର ସମାଧାନ ନ ହେଲେ ପାଣିପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଗଣଧାରଣା



ପଟ୍ଟାମୁଣ୍ଡାଇ ବ୍ଲକ ଆଗରେ ମିଳିତ ମଞ୍ଚର ଗଣଧାରଣା।

ପଟ୍ଟାମୁଣ୍ଡାଇ,୧୧।୯(ସ୍ୱ.ପ୍ର.)

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ରାଜ୍ୟ ସଂଘ ନିଷ୍ପତ୍ତି ଅନୁସାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୭ଟି ହାଇସ୍କୁଲ, ୪ କଲେଜ, ୭ ୟୁପି ସ୍କୁଲ, ମଦ୍ରାସା ଓ ସଂସ୍କୃତ ଟୋଲର ୨ ଶହ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ । ବୁଧବାର ମଧ ଗଣଧାରଣା ଜାରି ରହିବ । ସେପ୍ଟେମ୍ବର ୬ ତାରିଖ ଠାରୁ ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ବ୍ଲକ ଗ୍ରାଣ୍ଟ ସ୍କୁଲ କଲେଜ ବନ୍ଦ ରହିଛି । ଦୁଇ ଦିନିଆ ଗଣଧାରଣା ପରେ ସରକାର ଯଦି ନ୍ୟାଯ୍ୟ ଦାବିପୂରଣ ନ କରନ୍ତି ତେବେ ଆଗାମୀ ୧୭ ତାରିଖ ଠାରୁ ବିଭିନ୍ନ ପଞ୍ଚାୟତରେ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍‌ମାନେ ପଦଯାତ୍ରାରେ ସାମିଲ ହୋଇ ସରକାରଙ୍କ ଶିକ୍ଷାମାରଣ ନୀତି ବିରୋଧରେ ଜନଜାଗରଣ ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଛି । ମଞ୍ଚର ନ୍ୟାଯ୍ୟ ଦାବିକୁ ସରକାର ଗ୍ରହଣ କରିବା ପାଇଁ ଶିକ୍ଷାବିତ୍ ଗୋକୁଳ ଚନ୍ଦ୍ର ରାଉତ, ନାରାୟଣ ପ୍ରସାଦ ଧଳ, ପ୍ରଫୁଲ୍ଲ କୁମାର ଦାଶ, ସୁନାମଣି ଦାଶଙ୍କ ସମେତ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ମିଳିତ ମଞ୍ଚର ଜିଲା ଆବାହକ ବସନ୍ତ କୁମାର ମିଶ୍ର, ଚିତ୍ତରଞ୍ଜନ କବି ଓ ଅରୁଣ କୁମାର ଦାସ ଚେତାବନୀ ଦେଇଛନ୍ତି।

# ପ୍ରତାରିତା ପ୍ରେମିକାଙ୍କ ଆତ୍ମହତ୍ୟା

ମାର୍ଶାଘାଇ ,୧୧।୯(ଡ଼ିଏନ୍ଏ)

ପ୍ରେମ କରି କିଏ ସଫଳ ହେଉଛି ତ ଆଉ କିଏ ବିଫଳ ହୋଇ ମୃତ୍ୟୁର ପଥ ବାଛି ନେବାକୁ ପଛାଉ ନାହିଁ । ସାରା ଜୀବନ ସାଥୀ ହୋଇ ରହିବାକୁ ଆଶା ବାନ୍ଧିଥିବା ଜଣେ ଯୁବତୀଙ୍କୁ ତାଙ୍କ ପ୍ରେମିକ ବାହା ହେବାକୁ ମନା କରି ଦେବାରୁ ଶେଷରେ ସେ ଶାଢୀ ଯୋଗେ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡିଛି । ଏଭଳି ଅଭାବନୀୟ ଘଟଣା ମାର୍ଶାଘାଇ ଥାନା ଅଧୀନ ଦୁମୁକା ଗ୍ରାମରେ ଘଟିଛି । ପ୍ରକାଶ ଯେ, ଦୁମୁକା ଗ୍ରାମର ଶାନ୍ତନୁ ବାରିକଙ୍କ ଝିଅ ରାମେଶ୍ୱରୀ(୨୩) ଦୂର ସମ୍ପର୍କୀୟ ଜଣେ ଯୁବକଙ୍କୁ ଭଲ ପାଉଥିଲେ । ଏନେଇ ରାମେଶ୍ୱରୀଙ୍କ ପରିବାର ତରଫରୁ ସ୍ୱୀକୃତି ମିଳିଥିବା ବେଳେ ଯୁବକ ଜଣଙ୍କ ଦୂରେଇ ରହିବାକୁ ଚାହୁଁଥିଲେ । ସୋମବାର ସନ୍ଧ୍ୟାରେ ରାମେଶ୍ୱରୀ ଉକ୍ତ ଯୁବକଙ୍କ ସହ ଦୀର୍ଘ ସମୟ ଧରି ଫୋନ୍ ଯୋଗେ କଥାବର୍ତ୍ତା ହୋଇଥିଲେ । ଏହି ସମୟରେ ଯୁବକ ଜଣକ ତାଙ୍କୁ ବାହା ହେବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲେ । କିନ୍ତୁ ସେହିଦିନ ରାତି ପ୍ରାୟ ୯ ଟା ବେଳକୁ ରାମେଶ୍ୱରୀ ଘର ଭିତରେ ଥିବା ପଙ୍ଖାରେ ବେକରେ ଶାଢୀ ବାନ୍ଧି ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ଦେଖିବାକୁ ପାଇଥିଲେ । ଏନେଇ ଯୁବତୀଙ୍କ ବାପା ଶାନ୍ତନୁ ମାର୍ଶାଘାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଅନ୍ୟପକ୍ଷରେ ରାମେଶ୍ୱରୀ କଲିକତାର ଏକ କମ୍ପାନୀରେ କାମ କରୁଥିଲେ । ଗତ କିଛି ଦିନ ପୂର୍ବରୁ ସେଠାରୁ ବାହାରି ଆସି ଗାଁରେ ରହୁଥିଲେ । ପୋଲିସ ରାମେଶ୍ୱରୀ କଥା ହେଉଥିବା ମୋବାଇଲ୍ ଫୋନ ଜବତ କରିଛି । ଏନେଇ ସ୍ଥାନୀୟ ଥାନାରେ୨୩/୧୮ ନଂରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ମାର୍ଶାଘାଇ ଥାନା ତଦନ୍ତକାରୀ ଅଫିସର ତୁଷାରକାନ୍ତ କାନୁନ୍‌ଗୋ ପ୍ରକାଶ କରିଛନ୍ତି ।

# ଲଘୁଚାପ ବର୍ଷା ଉଜାଡି ଦେଇଛି ଉତିକଣ ଭେଡାର ଭାତହାଣ୍ଡି

ପଟ୍ଟାମୁଣ୍ଡାଇ,୧୧।୯(ସ୍ୱ.ପ୍ର.)

ନିକଟରେ ହୋଇଥିବା ଲଘୁଚାପ ବର୍ଷା ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀଙ୍କ ମୁହଁରୁ ବର୍ଷକର ଦାନା ଛଡାଇ ନେଇଛି । ବର୍ଷାରେ ଜିଲାର ଭାତହାଣ୍ଡି ଭାବେ ପରିଚିତ ପଟ୍ଟାମୁଣ୍ଡାଇ ବ୍ଲକ ଉତିକଣ ଅଞ୍ଚଳର ୯୦ମୌଜାର ୧୫ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମିର ଫସଲ ନଷ୍ଟ ହୋଇଛି । ଏବେ ବି ଚାଷ ଜମିରେ ୨ ଫୁଟ ଉଚ୍ଚର ପାଣି ଜମି ରହିଛି । ଏ ନେଇ ଚାଷୀ ଆଖିରୁ ନିଦ ହଜି ଯାଇଥିବା ବେଳେ ଜିଲା ପ୍ରଶାସନ ଓ କୃଷି ବିଭାଗ ଆଦୌ କ୍ଷତିଗ୍ରସ୍ତ ଅଞ୍ଚଳ ଅନୁଧ୍ୟାନ ନ କରି ଅଫିସରେ ବସି ମନୋମୁଖୀ ଭାବେ ୧୫ ହଜାର ହେକ୍ଟର ବଦଳରେ ମାତ୍ର ୮ ହଜାର ୧୪୮ ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବା ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି । ଭୁଲ ତଥ୍ୟ ଦେଇ ବିଭ୍ରାନ୍ତ କରାଯାଇଥିବାରୁ ଏଥିନେଇ ସମଗ୍ର ଉତିକଣ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏବେ ମଧ୍ୟ ଉତିକଣ ଭେଡାରେ ପାଣି ଜମି ରହିଛି । ପାଟନାଳୀ ଥିଲେ ହେଁ ଗୋବରୀରେ ବନ୍ୟା ଜଳ ଥିବାରୁ ଚାଷ ଜମିରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ଜିଲା ପ୍ରଶାସନ ଓ କୃଷି ବିଭାଗ ପୁନର୍ବାର କ୍ଷୟକ୍ଷତିର ଆକଳନ କରି



ଉତିକଣ ଭେଡାରେ ପାଣି ଜମିରହିଛି।

■ ସରକାରୀ ରେକର୍ଡରେ ୮ ହଜାର ହେକ୍ଟର ଜମିର ଫସଲ ନଷ୍ଟ
■ ଅଫିସରେ ବସି ଦିଆଯାଇଛି ଭୁଲ ତଥ୍ୟ
■ ପ୍ରତିବାଦରେ ଶନିବାର ଉତିକଣ ଚାଷୀଙ୍କ ସମାବେଶ

ରିପୋର୍ଟ ପ୍ରଦାନ କରିବାକୁ ଦାବି ହୋଇଛି। ପାଣିରେ ପଚି ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଯେଉଁ ଚାଷୀମାନେ ଋଣ କରି ଚାଷ କରିଥିଲେ ସେମାନେ ହତାଶ ହୋଇ ପଡିଛନ୍ତି । ଏଭଳି ପରିସ୍ଥିତିରେ ଚାଷୀମାନଙ୍କ ବାସ୍ତବ ସମସ୍ୟା ନ ବୁଝି ତରବରିଆ ରିପୋର୍ଟ ଦେବା ଅସନ୍ତୋଷର କାରଣ ହୋଇଛି । ଏହାର ପ୍ରତିବାଦରେ ଶନିବାର ଉତିକଣ ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ଏକ ସମାବେଶ କରାଯାଇ ପ୍ରଶାସନକୁ ସଂପୂର୍ଣ୍ଣ ଅଚଳ କରି ଦିଆଯିବ ବୋଲି ଉତିକଣ ସଂଗ୍ରାମ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି ।

## ସଂକ୍ଷେପରେ

### ଚାନ୍ଦବାଲିରୁ କଟା ହେଲା ଭିତରକନିକା ଏଣ୍ଟ୍ରି ଫିସ୍

**ରାଜନଗର,୧୧।୯(ଡି.ଏନ୍.ଏ.)-** କେନ୍ଦ୍ରାପଡା ଜିଲା ରାଜଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନକୁ ନୌପରିଭ୍ରମଣ ପାଇଁ ଭଦ୍ରକ ଜିଲା ଚାନ୍ଦବାଲିରୁ ଏଣ୍ଟି ଫିସ କଟା ଯିବା କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହୋଇଛି। କଲିକତାରୁ ଆସିଥିବା ୮ଜଣ ପର୍ଯ୍ୟଟକ ଏହି ଫିସ୍ ଦେଇ ଚାନ୍ଦବାଲି ଘାଟରୁ ନୌକା ଯାତ୍ରା କରି ଭିତରକନିକାକୁ ପରିଭ୍ରମଣରେ ଆସିଥିଲେ। ୧୫ ବର୍ଷ ପୂର୍ବେ ଚାନ୍ଦବାଲିରୁ ନୌଯାତ୍ରା କରି ଭିତରକନିକାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏଣ୍ଟ୍ରି ଫିସ ସେଠାରୁ କଟାଯାଉଥିଲା। ମାତ୍ର ପରେ ଏହି ବ୍ୟବସ୍ଥାକୁ ବନ୍ଦ କରାଯାଇ ରାଜନଗରରୁ ଏହି ଫିସ୍ ଆଦାୟ ହେଉଥିଲା। ଏନେଇ ଅଗଷ୍ଟ୧୪ରେ ଭିତରକନିକା ଇକୋ ଟୁରିଜିମ୍ ଆଣ୍ଡ ଇକୋ ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ରାଜନଗର ଡିଏଫ୍ଓଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ୍) ଟି.ଜେଡ୍. ମେକ୍ରୋଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ରାଜନଗରର ଗୁପ୍ତି, ଖୋଲା,ଡାଙ୍ଗମାଳ ଓ ଚାନ୍ଦବାଲିଘାଟରୁ ପର୍ଯ୍ୟଟକମାନଙ୍କ ପାଇଁ ଏଣ୍ଟ୍ରି ଫିସ୍ କଟାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଚାନ୍ଦିବାଲିରୁ ଏଣ୍ଟ୍ରି ଫିସ୍ ଆଦାୟ ଆରମ୍ଭ ହୋଇଛି।

### ସଦାଚାର ମାନବ ସମାଜ ପାଇଁ ସମୃଦ୍ଧିର ମୂଳମନ୍ତ୍ର



**କେନ୍ଦ୍ରାପଡା ଅଫିସ, ୧୧।୯-** ଧର୍ମ, ସତ୍ୟ, ସତ୍କର୍ମ, ଶକ୍ତି ଓ ସମୃଦ୍ଧି ଏ ସବୁ ସଦାଚାରରୁ ହିଁ ଉତ୍ପନ୍ନ ହୁଅନ୍ତି ବୋଲି ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉତ୍ସବରେ ଶ୍ରୀମା ଦିବ୍ୟ ସ୍ୱରୂପ ଚୈତନ୍ୟ ପ୍ରକାଶ କରିଛନ୍ତି। ସହର ନିକଟ ଗରାପୁରସ୍ଥ ଦିବ୍ୟ ଜୀବନ ସଂଘ ଆଶ୍ରମ ପକ୍ଷରୁ ଇତିମଧ୍ୟରେ ଏହି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଶ୍ରମ ଅଧକ୍ଷ ଶ୍ରୀମା ଦିବ୍ୟ ସ୍ୱରୂପ ଚୈତନ୍ୟ ଉତ୍ସବରେ ଯୋଗ ଦେଇ କହିଥିଲେ ଯେ, ସଦାଚାର ହେଉଛି ମାନବ ସମାଜ ପାଇଁ ସମୃଦ୍ଧିର ମୂଳମନ୍ତ୍ର। ସଦାଚାର ବିନା କେହି ନିଜର ଲକ୍ଷ୍ୟ ସାଧନ ସ୍ଥଳରେ ପହଞ୍ଚି ପାରି ନାହାନ୍ତି। ଏହିପରି ଅନେକ ତତ୍ତ୍ୱକୁ ବୁଝିବା ପାଇଁ ଗୁରୁ ଶିବାନନ୍ଦ ସରସ୍ୱତୀ ମାଲେସିଆରୁ ନିଜର କର୍ମମୟ ଡାକ୍ତରୀ ଜୀବନ ଛାଡ଼ି ଭାରତକୁ ଫେରି ଆସିଥିଲେ। ଜୟନ୍ତୀ ଉତ୍ସବ ଉପଲକ୍ଷେ ଆଶ୍ରମ ପରିସରରେ ଦିନସାରା ଭଜନ କୀର୍ତ୍ତନ ଲାଗି ରହିଥିଲା। ଗୁରୁଜୀଙ୍କ ସମ୍ପର୍କରେ ଆଶ୍ରମ ସମ୍ପାଦକ ଶରତ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ନାୟକ, ଗୋପବନ୍ଧୁ ନାଥ, ଶ୍ରୀଧର ରାଉତ ପ୍ରମୁଖ ଆଲୋକପାତ କରିଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା।

### ପ୍ରତିଭା ସମ୍ମାନ ସଂସଦ ଗଠନ

**ପଟ୍ଟାମୁଣ୍ଡାଇ, ୧୧।୯ (ସ୍ୱ.ପ୍ର.)** ପୂଜ୍ୟପୂଜା ଓ ପ୍ରତିଭା ସମ୍ମାନ ସଂସଦ ଗଠନ ନିମନ୍ତେ ପଟ୍ଟାମୁଣ୍ଡାଇ ଟାଉନ କ୍ଲବ ପରିସରରେ ଏକ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୂଜ୍ୟପୂଜାର ପରମ୍ପରା ବଜାୟ ରଖିବା ସହ ପ୍ରତିଭାମାନଙ୍କୁ ଉଚିତ ସମ୍ମାନ ଦେବାରେ ବ୍ୟତିକ୍ରମ ଘଟିଲେ ଅବକ୍ଷୟମୁଖୀ ସମାଜକୁ ଠିକ୍ ମାର୍ଗ ପରିଚାଳିତ କରିବା ଅସମ୍ଭବ ହୋଇପଡ଼ିବ ବୋଲି ବୈଠକରେ ଯୋଗଦେଇ ବକ୍ତାମାନେ ମତ ଦେଇଥିଲେ। ବରିଷ୍ଠ ବାମପନ୍ଥୀ ନେତା ରବୀନ୍ଦ୍ର କୁମାର ବେହେରାଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ନାଗରିକ, ଶିକ୍ଷାବିତ୍ମାନେ ଯୋଗଦେଇଥିଲେ। ଡା. ନୀଳମଣି ଲେଙ୍କା, ବରିଷ୍ଠ ପାଲା ଗାୟକ ଦତ୍ତକୃଷ୍ଣ ପଣ୍ଡା, ଶିକ୍ଷାବିତ୍ ଶିବପ୍ରସାଦ ରାଉତ, କସ୍ତୁରୀ ଚରଣ ସ୍ୱାଇଁ, ଶ୍ରୀଧର ରାଉତ, ପ୍ରସନ୍ନ କୁମାର ବେହୁରା, ଭୀମସେନ ପରିଡ଼ା, ରାମକୃଷ୍ଣ ଦାଶ, ଗୋଲକ ବିହାରୀ ସାହୁ, ବ୍ରଜବନ୍ଧୁ ଦାଶ, ତ୍ରିଲୋଚନ ଜେନା, ବ୍ରଜେନ୍ଦ୍ର ବର୍ମା, ସଚ୍ଚିକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ପୂଜ୍ୟପୂଜାର ପରମ୍ପରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଂସଦର ସଭାପତି ଭାବେ ରବୀନ୍ଦ୍ର ବେହେରାଙ୍କୁ ସର୍ବସମ୍ମତିକ୍ରମେ ମନୋନିତ କରାଯାଇଥିଲା। ଶେଷରେ ପ୍ରତାପ ରାଉତ ଧନ୍ୟବାଦ ଦେଇଥିଲେ।

# ବଢୁଛି ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କା

**କେନ୍ଦ୍ରାପଡ଼ା ଅଫିସ, ୧୧।୯**

**ବିପଦରେ ସୁରକ୍ଷା ପ୍ରାଚୀର ହେନ୍ତାଳବଣ**



- ବନ ବିଭାଗର ଅଣଦେଖା
- ବେଆଇନ ଚିଙ୍ଗୁଡ଼ି ଘେରି, କାଠ ଚୋରା ଚାଲାଣ ପ୍ରମୁଖ କାରଣ

ସମୁଦ୍ର ତଟବର୍ତ୍ତୀ ଜିଲା ହୋଇଥିବାରୁ କେନ୍ଦ୍ରାପଡ଼ାରେ ପ୍ରାକୃତିକ ବିପର୍ଯ୍ୟୟ ପରିମାଣ ଅଧିକ। ଏଠାରେ ବନ୍ୟା, ବାତ୍ୟା ସହିତ ସୁନାମି ଆତଙ୍କ ଅଛି। ଜିଲାର ୬୪ ଗ୍ରାମ ଏବେ ସୁନାମି ପ୍ରବଣ ବୋଲି ଚିହ୍ନଟ ହେଇଥିବା ବେଳେ ଲୋକଙ୍କୁ ସୁରକ୍ଷିତ ରଖିବା ପ୍ରାଥମିକ କାର୍ଯ୍ୟ। ତେବେ ସୁନାମିରୁ ବର୍ତ୍ତିବା ପାଇଁ ସୁରକ୍ଷା ପ୍ରାଚୀର ହେନ୍ତାଳ ବଣର ସୁରକ୍ଷା ଆବଶ୍ୟକ। କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାକୁ ସମୃଦ୍ଧ କରୁଥିବା ଏହି ହେନ୍ତାଳବଣ ପ୍ରତିବର୍ଷ ଅବକ୍ଷୟ ହୋଇଚାଲିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା, ସାମୁଦ୍ରିକ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ବିପଦ ବଢ଼ିଚାଲିଛି। ଏଥିସହ ଏହି ବଣରେ ଥିବା ବିଭିନ୍ନ ପ୍ରଜାତିର ଦୁର୍ଲଭ ବୃକ୍ଷ, ଔଷଧୀୟ ଗୁଳ୍ମ ଅବଲୁପ୍ତ ହେବାରେ ଲାଗିଛି। ଏହାର କାରଣ ବେଆଇନ ଚିଙ୍ଗୁଡ଼ି ଘେରି, କାଠ ଚୋରାଚାଲଣ ଏପରି କି ବନ ବିଭାଗର ଅଣଦେଖା ମନୋଭାବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ୨୦୧୧ରେ ରାଜ୍ୟ ଉପକୂଳରେ ମୋଟ ୨୨୨ ବର୍ଗ କିଲୋମିଟର ହେନ୍ତାଳବଣ ଥିବା ବେଳେ ୨୦୧୩ରେ ଏହା ୯ ବର୍ଗ କିଲୋମିଟର ହ୍ରାସ ପାଇଥିବା ବନବିଭାଗ ସର୍ଭେରୁ ଜଣାପଡିଥିଲା। ୨୦୧୩ରେ ରାଜ୍ୟର ହେନ୍ତାଳବଣ ଥିବା ୪ଟି ଜିଲାର ମୋଟ ୨୧୩ ବର୍ଗ କିଲୋମିଟରରୁ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧୮୩ ବର୍ଗ କିଲୋମିଟର ରହି ଥିବାବେଳେ ଭଦ୍ରକରେ ୨୧, ଜଗତସିଂହପୁରରେ ୭ ଓ ବାଲେଶ୍ୱର ମାତ୍ର ୨ ବର୍ଗ କିଲୋମିଟର ଅଛି। ସର୍ଭେ ଅନୁଯାୟୀ ୨୦୧୧ରୁ ୨୦୧୩ ମଧ୍ୟରେ କେନ୍ଦ୍ରପଡା ଉପକୂଳ ଅଞ୍ଚଳରେ ୪ ବର୍ଗ କିଲୋମିଟର ହେନ୍ତାଳ ବଣ ହ୍ରାସ ପାଇଥିବା ବେଳେ ଏବେ ମଧ ଏହି ଧାରା ଜାରି ରହିଛି। ଜିଲାର ଏହି ୧୮୩ ବର୍ଗ କିଲୋମିଟର ହେନ୍ତାଳବଣ ମଧରେ ମାତ୍ର ୮୨ ବର୍ଗ କିଲୋମିଟର ଘଞ୍ଚ ହେନ୍ତାଳବଣ ଥିବାବେଳେ ୮୮ ବର୍ଗ କିଲୋମିଟରେ ମଧ୍ୟମ ଓ ୪୩ ବର୍ଗ କିମି ଅଞ୍ଚଳରେ ଅତି ପତଳା ହେନ୍ତାଳ ବୃକ୍ଷରାଜି ରହିଛି। ଏଥିରେ ବନି, ଗୁଆଁର ପାଣିଗୁଆ, ପାଣି ବେଲ, ସିଙ୍ଗାଳ ଆଦି ବହୁ ଦୁର୍ମୂଲ୍ୟ ବୃକ୍ଷ ଓ ଗୁଳ୍ମରାଜି ଅଛି। ୨୦୧୩ରୁ କନିକା ରେଞ୍ଜ ଅଧୀନ କନ୍ତିଆଖାଇ ଫରେଷ୍ଟ ବ୍ଲକର ପ୍ରଭାତି ମୌଜା ନିକଟରୁ ୧୦ଏକର ପରିମିତ ଜଙ୍ଗଲରୁ ଦୁର୍ବୃତ୍ତମାନେ କାଠ ଲୁଟି ନେଇଛନ୍ତି। ଏନେଇ ଜଙ୍ଗଲବିଭାଗ ଅଦ୍ୟାବଧି କୌଣସି ପଦକ୍ଷେପ ନେଇନାହାନ୍ତି। ବନ ବିଭାଗର ଏହି ନିରବତା କାଠ ଚୋରଙ୍କୁ ପ୍ରୋତ୍ସାହିତ କରୁଛି। ଏହାସହିତ ପେଣ୍ଠଠାରେ ସମୁଦ୍ରର ଉତ୍ତାଳ ଜୁଆରରେ ପ୍ରାୟ ୩ କିଲୋମିଟର ହେନ୍ତାଳବଣ ଥିବା ସ୍ଥଳଭାଗ ଲୁପ୍ତ ହୋଇଛି। ପରିବେଶବିତ ଜଗନ୍ନାଥ ଦାସ କୁହନ୍ତି ଯେ, ହେନ୍ତାଳ ବଣ ଯୋଗୁ ଡ଼ାଙ୍ଗମାଳ କୁମ୍ଭୀର ପ୍ରଜନନ କ୍ଷେତ୍ର ପାଲଟିଥିବା ବେଳେ ଅଲିଭ ରିଡ୍ଲେଙ୍କ ଅଭୟସ୍ଥଳ ପାଲଟିଛି। ତେବେ ଜିଲାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ଘଟୁଥିବା ବେଳେ ରୋଜଗାର ପାଇଁ ସେମାନେ ହେନ୍ତାଳ ବଣକୁ ଲୁଟୁଛନ୍ତି। ଏହାସହିତ କେନ୍ଦ୍ର ଓ ରାଜ୍ୟ ସରକାର ହେନ୍ତାଳବଣ ସୁରକ୍ଷା ପାଇଁ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ଆଶାଜନକ ଭାବେ ଏହାର ବୃଦ୍ଧି ଘଟୁନି। ସେପଟେ ଚିଙ୍ଗୁଡ଼ି ବ୍ୟବସାୟ ପାଇଁ ମାଫିଆମାନେ ମଧ୍ୟ ହେନ୍ତାଳବଣକୁ କାଟିବାରେ ଲାଗିଛନ୍ତି। ଏହା ପରିବେଶ ଉପରେ ଯଥେଷ୍ଟ ପ୍ରଭାବ ପକାଉଛି ବୋଲି ସେ କହିଛନ୍ତି। ସେହପରି ରାଜନଗର ବ୍ଲକ ବାରହାପୁର ଗ୍ରାମର ପରିବେଶବିତ ତଥା ସ୍ଥାନୀୟ ଅଞ୍ଚଳରେ ହେନ୍ତାଳ ବନ ସୃଷ୍ଟିକରିଥିବା ହେମନ୍ତ କୁମାର ରାଉତ କୁହନ୍ତି ଯେ, ଏହି ବଣ ବାତ୍ୟା, ବନ୍ୟାରୁ ସ୍ଥାନୀୟ ଲୋକଙ୍କୁ ବଞ୍ଚାଇବା ସହିତ ବିଭିନ୍ନ ପଶୁପକ୍ଷୀ ଓ ସରୀସୃପଙ୍କ ଆଶ୍ରୟସ୍ଥଳି ଭାବେ କାର୍ଯ୍ୟକରେ। ବିଶ୍ୱତାପନ ଫଳରେ ସମୁଦ୍ରର ଜଳସ୍ତର ଧୀରେ ଧୀରେ ବଢୁଛି। ଏହାକୁ ପ୍ରତିରୋଧ କରି ସ୍ଥାନୀୟ ଅଞ୍ଚଳକୁ ହେନ୍ତାଳ ବନ ସୁରକ୍ଷା ଯୋଗାଉ ଥିବାରୁ ଏହି ବନର ସୁରକ୍ଷା ଏକାନ୍ତ ଆବଶ୍ୟକ।

### ବିଭିନ୍ନ ସ୍ଥାନରୁ ଚୋରି ଘଟଣା: ଜଣେ ଗିରଫ

**ଡେରାବିଶ, ୧୧।୯ (ସ୍ୱ.ପ୍ର.)**

ଡେରାବିଶ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି, ରାହାଜାନି ଓ ଲୁଟ୍ ଘଟଣାରେ ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଥାନା ଅଧୀନ ଏଣ୍ଡର ଅଞ୍ଚଳର ସୌମ୍ୟରଞ୍ଜନ ରାଉତ। ସୂଚନା ମୁତାବକ, ଗତ ୭ ତାରିଖ ରାତିରେ ନୀଳକଣ୍ଠପୁର-୧ ଗ୍ରାମର ପ୍ରହ୍ଲାଦ ବେହେରାଙ୍କ ତେଜରାତି ଓ ଲୁଗା ଦୋକାନରୁ ଚୋରି ହୋଇଥିଲା। ପ୍ରହ୍ଲାଦଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୧୨୬/୧୮ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୂର୍ବରୁ ଥାନା ଅଞ୍ଚଳରେ ହୋଇଥିବା ବିଭିନ୍ନ ଚୋରି ଘଟଣାରେ ସୌମ୍ୟ ଅଭିଯୁକ୍ତ ଥିବା ବେଳେ ଏହି ଘଟଣାରେ ମଧ ସୌମ୍ୟଙ୍କ ସମ୍ପୃକ୍ତି ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ସୌମ୍ୟ ତାଙ୍କ ଏଣ୍ଡରସ୍ଥିତ ଘରେ ଥିବା ଖବରପାଇ ମଙ୍ଗଳବାର ଭୋରରୁ ଏସ୍ଆଇ ବିଜୟ କୁମାର ଖଟୁଆ ଓ ଏଏସ୍ଆଇ ଭାଗବତ ମାହାଳୀ ତାଙ୍କୁ ଗିରଫ କରିଥିଲେ। ପୂର୍ବରୁ ସୌମ୍ୟଙ୍କ ନାମରେ କେନ୍ଦ୍ରାପଡ଼ା ସମେତ କଟକ, ଯାଜପୁର ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ କହିଛି।

## ଛାତ୍ରୀଙ୍କୁ କଣ୍ଡକ୍ଟରଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ରାସ୍ତାରୋକୋ



ତିନିମୁହାଣିଠାରେ କଲେଜ ଛାତ୍ରୀଛାତ୍ରଙ୍କ ଟାୟାର ଜାଳି ରାସ୍ତାରୋକୋ ।

**କେନ୍ଦ୍ରାପଡା ଅଫିସ, ୧୧।୯**

ପଟ୍ଟାମୁଣ୍ଡାଇ ଥାନା ଗୋଗୁଆ ଛକଠାରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କୁ ମଙ୍ଗଳବାର ପୂର୍ବାହ୍ନରେ ଏକ ବସ୍‌ର କଣ୍ଡକ୍ଟର ଦୁର୍ବ୍ୟବହାର ଦେଖାଇଥିଲେ। ଏହାର ପ୍ରତିବାଦରେ କଲେଜ ଛାତ୍ରୀଛାତ୍ରମାନେ ଗୋଗୁଆ ଛକଠାରେ ରାସ୍ତାରୋକୋ ହୋଇଥିଲା। ପରେ ଛାତ୍ରୀଛାତ୍ରମାନେ କଟକ-ଚାନ୍ଦବାଲି ରାସ୍ତାର ତିନିମୁହାଣିଠାରେ ଟାୟାର ଜାଳି ଯାତାୟାତ ବନ୍ଦ କରିଥିଲେ। ପ୍ରାୟ ୨ ଘଣ୍ଟା ଧରି ଆନ୍ଦୋଳନ ଚାଲିବା ପରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଡିଏସ୍‌ପି ରଞ୍ଜନ ଦେ ସେଠାରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ଏ ସମ୍ପର୍କରେ ଛାତ୍ରନେତା ଚିତ୍ତରଞ୍ଜନ ଦାସ କୁହନ୍ତି ଯେ, ଏହି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଗୋଗୁଆ ଛକରୁ ଆଣିବା ପାଇଁ ବସ୍‌ଗୁଡିକ ଅମଙ୍ଗ ହେଉଛନ୍ତି। ପୂର୍ବାହ୍ନରେ ଗୋଗୁଆ ଛକରୁ ବସକୁ ଉଠିଥିବା ଜନୈକା ଛାତ୍ରୀଙ୍କୁ ଉକ୍ତ ବସ୍‌ର କଣ୍ଡକ୍ଟର ତଳକୁ ଠେଲି ଦେଇଥିଲେ। ଫଳରେ ଛାତ୍ରୀଜଣକ ରାସ୍ତାରେ ମୁହଁମାଡି ପଡି ଯାଇଥିଲେ। ୧୦ କିଲୋମିଟର ଦୂରରୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ ଏଭଳି ବ୍ୟବହାର ବନ୍ଦ କରିବା ଦାବିରେ ଆନ୍ଦୋଳନ ହୋଇଛି। ଏ ସମ୍ପର୍କରେ ଉପ ଜିଲାପାଳ ମିଶ୍ର କହିଛନ୍ତି ଯେ, ଏ ନେଇ ସମ୍ପୃକ୍ତ ବସ୍ ମାଲିକ ଓ କଣ୍ଡକ୍ଟର ଭୁଲ ସ୍ୱୀକାର କରିଛନ୍ତି। ଆଗାମୀ ଦିନରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ବସରେ ଯାତାୟତ ସୁବିଧା ଯୋଗାଇ ଦେବା ପାଇଁ କେନ୍ଦ୍ରାପଡ଼ା ବସ ମାଲିକ ସଂଘ ସହିତ ଆଲୋଚନା ହୋଇଛି ବୋଲି ଉପ ଜିଲାପାଳ ମିଶ୍ର ସୂଚନା ଦେଇଛନ୍ତି।

### ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ପଟ୍ଟାମୁଣ୍ଡାଇ, ୧୧।୯ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କେଶପୁର ପଞ୍ଚାୟତ ବାଘୁଆ ଗ୍ରାମର ଜଣେ ବିବାହିତା ମହିଳାଙ୍କ ମୃତଦେହ ମଙ୍ଗଳବାର ପୂର୍ବାହ୍ନରେ ପୋଲିସ୍ ପୋଖରୀରୁ ଉଦ୍ଧାର କରିଛି। ସେ ହେଲେ ସେହି ଗ୍ରାମର କାମଦେବ ପ୍ରଧାନ ପଦ୍ମାବତୀ ପ୍ରଧାନ(୩୦)। ଏ ନେଇ ମୃତା ମହିଳାଙ୍କ ବାପା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (୧୮/୨୦୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି । ବାଘୁଆ ଗ୍ରାମର କାମଦେବ ପ୍ରଧାନଙ୍କ ଝିଅ ପଦ୍ମାବତୀ ଯାଜପୁର ଜିଲା କଲ୍ୟାଣପୁରରେ ବିବାହ କରିଥିଲେ । ପଦ୍ମାବତୀ ବାପ ଘରେ ରହୁଥିବା ବେଳେ ସୋମବାର ରାତିରେ ସମସ୍ତଙ୍କ ଆଗୋଚରରେ ଘର ପାଖରେ ଥିବା ପୋଖରୀକୁ ଡେଇଁ ଆତ୍ମହତ୍ୟା କରିଥିବା ବାପଘର ପକ୍ଷରୁ କୁହାଯାଇଛି ।

### ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

## ଆଜିଠୁ ଜିଲାପାଳଙ୍କ ଅଫିସ୍ ଆଗରେ ଅନଶନ

**କେନ୍ଦ୍ରାପଡ଼ା ଅଫିସ୍, ୧୧।୯**

ମହାକାଳପଡ଼ା ଥାନା ହାଜତରୁ ଫେରାର ଯୁବକ ଅବିନାଶ ପାଇଟାଳ ଓରଫ ମୂଷା(୨୩)ଙ୍କ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୧୭ ଦିନ ବିତିଛି। ମାତ୍ର ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନିଲମ୍ବିତ ଥାନା ଅଧିକାରୀ ଶ୍ୟାମଘନ ବେହେରା ଗିରଫ ହୋଇନାହାନ୍ତି। ସେହିପରି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ୨.୧ଲକ୍ଷ ଟଙ୍କା ପରିବାର ସଦସ୍ୟଙ୍କୁ ମିଳିଥିଲେ ମଧ ମୂଷାଙ୍କ ସ୍ତ୍ରୀଙ୍କୁ ପୋଲିସ ଚାକିରି ମିଳିନାହିଁ। ଏହି ଅଭିଯୋଗରେ ଆସନ୍ତା ବୁଧବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ସଦସ୍ୟ ଅନଶନରେ ବସିବେ ବୋଲି ସୂଚନା ମିଳିଛି। ଏହି ଘଟଣା ନେଇ ଭୁବନେଶ୍ୱରସ୍ଥିତ ରାଜଭବନ ସମ୍ମୁଖରେ ଓଡିଶା ସୂଚନା ଅଧିକାର ଆଇନ ଅଭିଯାନ (ଓସା) ପକ୍ଷରୁ ମଙ୍ଗଳବାର ଗଣଧାରଣା ଦିଆଯାଇଥିଲା। ଏ ସମ୍ପର୍କରେ ଓସାର କେନ୍ଦ୍ରାପଡ଼ା ଜିଲା ଶାଖା ଆବାହକ ରଞ୍ଜନ ଦାସ କହିଛନ୍ତି ଯେ, ମୂଷାଙ୍କ ଥାନା ମୃତ୍ୟୁ ଘଟଣାରେ ଜିଲା ପୋଲିସର ତଦନ୍ତ ରିପୋର୍ଟକୁ କ୍ରାଇମବ୍ରାଞ୍ଚ ନିଜର ବୋଲି ଦାବି କରୁଛି। ଫଳରେ ଏକ ହାଜତ ମୃତ୍ୟୁ ଅପମୃତ୍ୟୁରେ ପରିଣତ ହୋଇଛି। ମୂଷାଙ୍କ ମୃତ ଶରୀରରେ ଥିବା ଗଭୀର କ୍ଷତ, ପୋଲିସ ବ୍ୟବହୃତ ଦଉଡ଼ି ଓ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ମାଡ ମାରି ହତ୍ୟା କରାଯାଇଥିବା ଜଣାପଡୁଥିଲେ ମଧ ଏହା ତଦନ୍ତ ପରିସରକୁ ଆସିନାହିଁ। ଫଳରେ ବୁଧବାର ଅନଶନରେ ଓସା ସହିତ ୧୦ ସଂଗଠନ ସାମିଲ ହୋଇ ଏ ସବୁର ପ୍ରତିବାଦ କରିବେ ବୋଲି ଓସା ଜିଲା ଆବାହକ ଦାସ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏକ ଚୋରି ଘଟଣାରେ ପୋଲିସ ମୂଷାଙ୍କୁ ଗତ ଅଗଷ୍ଟ ୨୫ ତାରିଖରେ ଉଠାଇ ନେଇଥିଲା। ପରଦିନ ଥାନାଠାରୁ ୨୦୦ ମିଟର ଦୂରରୁ ଥିବା ହଳଧର ମଲ୍ଲିକଙ୍କ ଘରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ମୂଷାଙ୍କୁ ପୋଲିସ ପିଟିପିଟି ମାରି ଦେଇଥିବା ତାଙ୍କ ବଡବାପା ଦୈତାରୀ ପାଇଟାଳ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୯୧/୧୮ ନଂ. ଏକ ମାମଲା ରୁଜୁ ହୋଇଛି। ପରେ ପରିସ୍ଥିତିକୁ ଅନୁଧ୍ୟାନ କରା ଯାଇ ଆଇଆଇସି ବେହେରାଙ୍କୁ ନିଲମ୍ବିତ କରାଯାଇଥିଲା।

## ଏମ୍‌ପିଙ୍କ ବନ୍ୟାଞ୍ଚଳ ପରିଦର୍ଶନ

**ଆଳି, ୧୧।୯ (ଡି.ଏନ.ଏ)**



ଏମ୍‌ପି ପ୍ରତାପ କେଶରୀ ଦେବ ବନ୍ୟାଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଲଗାଣ ବର୍ଷାରେ ଆଳି ଧୋୟାଞ୍ଚଳ ଅଧୀନ ୧୦ ପଞ୍ଚାୟତର ୫୦ହଜାରରୁ ଉର୍ଦ୍ଧ୍ୱ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଥିଲେ। ବର୍ଷାଜଳ କମିଥିବା ବେଳେ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ତେବେ ଏମ୍‌ପି ପ୍ରତାପ କେଶରୀ ଦେବ ମଙ୍ଗଳବାର ପୂର୍ବାହ୍ନରେ ଧୋୟାଞ୍ଚଳ ଗସ୍ତ କରି ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେ ସଂସିଧା ଓ ପେତପଡ଼ା ପଞ୍ଚାୟତରେ ପାଣିଘେରରେ ଥିବା ଲୋକମାନଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା, ବର୍ଷାରେ ଭାଙ୍ଗି ଯାଇଥିବା ଘରର ହିତାଧିକାରୀଙ୍କୁ କ୍ଷତିପୂରଣ, ଗୋଖାଦ୍ୟ ଯୋଗାଣ, ରାସ୍ତା ମରାମତି, ଚାଷ କ୍ଷତିପୂରଣ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଏମ୍‌ପି ଦେବଙ୍କୁ ଅବଗତ କରାଇଥିଲେ। ଏମ୍‌ପିଙ୍କ ଏହି ଗସ୍ତରେ ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ଉପାଧକ୍ଷ ଦୀପକ ଭୂୟାଁ, ପୂର୍ବତନ ଉପାଧକ୍ଷ କେଦାରନାଥ ବେହେରା, ୧ନଂ. ଜୋନ ଜିଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ, ସଂସିଧା ସରପଞ୍ଚ ମମତା ଭୁୟାଁ, ପେତପଡ଼ା ସରପଞ୍ଚ ଅଦ୍ୱୈତ ପ୍ରଧାନ, ଯୁବନେତା ଜ୍ୟୋତିରଞ୍ଜନ ଭୂୟାଁ, ପେତପଡ଼ା ପୂର୍ବତନ ସରପଞ୍ଚ ପ୍ରଦୀପ ଖିଲାର ଓ ଶିବପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

**ଆଳି, ୧୧।୯ (ଡି.ଏନ୍.ଏ.)**



ବ୍ଲକ ଆଗରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଆଳି ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ୨୦୧୭ରେ ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥାକୁ ଉଚ୍ଛେଦ କରାଯିବ ଓ ୨୦୧୮ ଜୁନ ମାସ ବେଳକୁ ସପ୍ତମ ବେତନ କମିଶନରେ ଦରମା ମିଳିବ ବୋଲି ସରକାର ଶିକ୍ଷକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉ ନଥିବାରୁ ଶିକ୍ଷକମାନେ ଭୁବନେଶ୍ୱରଠାରେ ଆନ୍ଦୋଳନ ଜାରିରଖିଛନ୍ତି। ତେବେ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ଏବେ ସମସ୍ତ ବ୍ଲକ ଅଫିସ୍ ଆଗରେ ବ୍ଲକର ଶିକ୍ଷକମାନେ ଧାରଣାରେ ବସିଛନ୍ତି। ଆଳିର ୧୧ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲ, ୨ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୨ ଟି କଲେଜର ଅଧାପକ ଓ କର୍ମଚାରୀମାନେ ବ୍ଲକ ଆଗରେ ଧାରଣା ଦେଇଥିଲେ। ଓଷ୍ଟା ସଭାପତି ବାସୁଦେବ ମଲିକ ଓ ସହ ସଂପାଦକ ପ୍ରିୟରଞ୍ଜନ ଦାଶଙ୍କ ନେତୃତ୍ୱରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆଳି ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏହି ଧାରଣାରେ ମନୋରଞ୍ଜନ ମହାନ୍ତି, ସୁଶାନ୍ତ କୁମାର କର, ଭାସ୍କର ଚନ୍ଦ୍ର ନାୟକ, ଅଭୟ କୁମାର ସ୍ୱାଇଁ, ବସନ୍ତ କୁମାର ମିଶ୍ର, ଆଦିକନ୍ଦ ପଣ୍ଡା, ରମାକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଜିଲା କୃଷକ ବିକାଶ ପରିଷଦର ସଦସ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୧୧।୯**

କେନ୍ଦ୍ରାପଡ଼ା ଜିଲା କୃଷକ ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପରିଷଦ ସଭାପତି ବିଜୟ ପରିଡ଼ା ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଯେ, ଗତ ଲଘୁଚାପ ବର୍ଷା ଜିଲାର କୃଷି ଭିତ୍ତିଭୂମିକୁ ଦୋହଲାଇ ଦେଇଛ। ଦୀର୍ଘଦିନ ଧରି ଚାଷ ଜମିରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ଖରିଫ ଫସଲ, ପନିପରିବା, ମତ୍ସ୍ୟଚାଷ, ଗୋ-ପାଳନ କ୍ଷେତ୍ରରେ ବିପଦ ସୃଷ୍ଟି ହୋଇଛି। କ୍ଷୟକ୍ଷତିର ଉପଯୁକ୍ତ ଆକଳନ କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଥିବା ସେ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନରେ ପରିଷଦ କର୍ମକର୍ତ୍ତା ଭରତଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ହରେକୃଷ୍ଣ ସେଠୀ, ରମେଶ ଦାସ, ମିର୍ଜା ଅଲ୍ଲୀ ପ୍ରମୁଖ ସାମିଲ ହୋଇଥିଲେ।

### ଜାମୁଗଛ ମାହାରା ଚେକ୍ ଡ୍ୟାମ ବନ୍ଦ

## ବେଡ଼ାରୀ ପାଟରୁ ଜଳ ନିଷ୍କାସନ ବାଧାପ୍ରାପ୍ତ

**ପାଟକୁରା, ୧୧।୯ (ଡି.ଏନ୍.ଏ.)**



ଚାଷ ଜମିରେ ପାଣି ଭର୍ତ୍ତି ହୋଇ ରହିଛି।

ଗରଦପୁର ବ୍ଲକ ଅଧୀନ ବେଡ଼ାରୀ ଗହୀରପାଟରେ ଥିବା ପ୍ରାୟ ୨ ହଜାର ଏକରରୁ ଉର୍ଦ୍ଧ୍ୱ ଏକର ଚାଷ ଜମିରେ ପାଣି ଭର୍ତ୍ତି ହୋଇ ରହିଛି। ନିକଟସ୍ଥ ଦଲୁଆଣି, ବେଡାରୀ, ସୋଲପାଟ, କୂଳଡୁଠୀ, ହରିଦାସପୁର, ପରକଣା ଓ ଶ୍ରୀଚନ୍ଦନପୁର ଆଦି ଗ୍ରାମର ଲୋକମାନେ ଏଠାରେ ଚାଷ କରିଥିବା ବେଳେ ଜମିରୁ ପାଣି ଛାଡୁ ନଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଆସନ୍ତା ଦିନେ ଦୁଇ ଦିନ ମଧରେ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା କରା ନଗଲେ ଖରିଫ ଫସଲ ସବୁ ଉଜୁଡ଼ି ଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ସେପଟେ ଜାମୁଗଛ ମାହାରା ଚେକ୍ ଡ୍ୟାମ୍ ବନ୍ଦ ଥିବାରୁ ପାଣି ନିଷ୍କାସନ ହୋଇ ପରୁ ନାହିଁ। ଏହି ପାଟରୁ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ ୨ ବର୍ଷ ତଳେ ପାଟକୁରା ବିଧାୟକ ବେଦ ପ୍ରକାଶ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ କଟକ ଡ୍ରେଜେନ୍ ଡିଭିଜନ ପକ୍ଷରୁ ୮ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ଅଟକଳରେ ଜାମୁଗଛ ମାହାରା ଚେକ୍ ଡ୍ୟାମ ନିର୍ମାଣ କରାଯାଇଥିଲା। ମାତ୍ର ନିର୍ମାଣ ପରଠାରୁ ଚେକ୍ ଡ୍ୟାମ୍‌ର ୩ଟି ଯାକ ଫାଟକ ବନ୍ଦ ରହିଛି। ଫଳରେ ବର୍ଷା ପାଣି ନିଷ୍କାସିତ ହୋଇପାରୁ ନାହିଁ। ସାଧାରଣ ଚାଷୀମାନଙ୍କ ଦାବି ଫଳରେ ମାର୍ଶାଘାଇଠାରେ ଥିବା ଡ୍ରେନେଜ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ମହାପାତ୍ର ଦୁଇ ଦିନ ତଳେ ଗୋଟିଏ ମାତ୍ର ଗେଟ୍ ଖୋଲିଛନ୍ତି, ମାତ୍ର ଅନ୍ୟ ୨ଟି ଗେଟ୍ ସିଲ୍ ରହିଥିବାରୁ ଖୋଲାଯାଇ ପାରିନାହିଁ। ଫଳରେ ପାଟ ମଧରୁ ଜଳ ନିଷ୍କାସନ ହୋଇ ନ ପାରି ୨ ହଜାରରୁ ଉର୍ଦ୍ଧ୍ୱ ଏକର ଜମି ଜଳମଗ୍ନ ହୋଇ ରହିଛି। ତୁରନ୍ତ ଚେକ୍ ଡ୍ୟାମର ଅନ୍ୟ ୨ଗେଟ୍ ଖୋଲିବା ପାଇଁ ବେଡାରୀ ଗ୍ରାମର ଅମୀୟ ନାୟକ, ଅନାମ ଦାସ, ଅଟଳ ବାରିକ, ସତ୍ୟାନନ୍ଦ ବାରିକ, ଅକ୍ଷୟ କୁମାର ସୂତାର, ଭାବଗ୍ରାହୀ ସାହୁ, ପରକଣା ଗ୍ରାମର ନାରାୟଣ ସାହୁ, ରବୀନ୍ଦ୍ର ମହାପାତ୍ର, ଗୌରାଙ୍ଗ ଚରଣ ନାୟକ, ଅଭୟ ସେନାପତି, ଶ୍ରୀଚନ୍ଦନପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ, ଆଲୋକ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଡ୍ରେଜେନ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଇଂ. ମହାପାତ୍ରଙ୍କୁ ପଚାରିବାରେ, ବର୍ଷା ଜଳ କମିବା ପରେ ଅନ୍ୟ ଦୁଇ ଗୋଟି ଗେଟ୍‌ର ଅବସ୍ଥା ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।




ମହାରାଷ୍ଟ୍ରରେ ଏବେ ସ୍ୱାଇନ୍ ଫ୍ଲୁ ବ୍ୟାପିବାରେ ଲାଗିଛି। ପିମ୍ପରି-ଚିଞ୍ଚ୍ୱାଡା ମ୍ୟୁନିସିପାଲ କର୍ପୋରେଶନ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ, ପୁଣେର ପିମ୍ପରି-ଚିଞ୍ଚ୍ୱାଡା ଅଞ୍ଚଳରେ ଚଳିତ ମାସରେ ସ୍ୱାଇନ୍ ଫ୍ଲୁ ଯୋଗୁ ୬ ଜଣଙ୍କ ମୃତ୍ୟୁ ହେଲାଣି। ଏହି ଅଞ୍ଚଳରେ ଏବେ ସୁଦ୍ଧା ପ୍ରାୟ ୨୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୧୦ ଏଥିରେ ଆକ୍ରାନ୍ତ ଥିବା ସୂଚନା ମିଳିଛି। ଏଥିପାଇଁ ସାଧାରଣ ଜନତା ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ସଂକ୍ଷେପରେ

### ଦଳ ଛାଡ଼ିଲେ କୁରୁଣ୍ଟା ସମିତିସଭ୍ୟ

**ଖଇରା, ୧୧।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ପଞ୍ଚାୟତର ସମିତିସଭ୍ୟ ତଥା ବିଜେଡି ଦଳର ତୃଣମୂଳ ନେତା ଭାଗବତ ମାଝି ମଙ୍ଗଳବାର ଦଳର ପ୍ରାଥମିକ ସଭ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ସମିତି ସଭ୍ୟ ନିର୍ବାଚିତ ହେବା ପରଠାରୁ ସେ ଶୃଙ୍ଖଳିତ କର୍ମୀଭାବେ କାର୍ଯ୍ୟ କରି ଆସୁଛନ୍ତି। ହେଲେ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ଅବହେଳା କରାଯାଉଛି। ଏ ବିଷୟରେ ପୂର୍ବରୁ ଦଳର ଉଚ୍ଚ ସ୍ତରୀୟ ନେତୃବୃନ୍ଦଙ୍କୁ ଅବଗତ କରାଇ ସାରିଥିଲେ ହେଁ ତାଙ୍କୁ ନ୍ୟାୟ ନ ମିଳିବାରୁ ସେ ବାଧ ହୋଇ ଦଳ ଛାଡିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିବା ସହ ଗଣମାଧମକୁ ଜଣାଇଛନ୍ତି।

### ଗାନ୍ଧୀମାର୍ଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ଭୁବନେଶ୍ୱର, ୧୧।୯(ବ୍ୟୁରୋ):** ଲୋୟର ପିଏମ୍‌ଜିରେ ମଙ୍ଗଳବାର ଅପରାହ୍ନରେ ଜନଗହଳି ଥିଲା। ଏକାଧିକ ସଂଗଠନ ନିଜର ଦାବି ପୂରଣ ଲାଗି ଆନ୍ଦୋଳନ କରିବା ସହ ନାରାବାଜି ଦେଉଥିଲେ। ଏହି କୋଳାହଳ ମଧରେ ପୋଲିସ ପୋଷାକ ପିନ୍ଧିଥିବା ଜଣେ ମହିଳା ଆତ୍ମାହୁତି ଉଦ୍ୟମ କରିଥିଲେ। ମହିଳା ଜଣକ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆତ୍ମାହୁତି ଉଦ୍ୟମ କରିଥିବା ମହିଳା ଜଣକ ହେଲେ ମଞ୍ଚେଶ୍ୱର କୁଆଖାଇ ବସ୍ତିରେ ରହୁଥିବା କାଞ୍ଚନ ପାତ୍ର(୪୫)। କାଞ୍ଚନ ହୋମ୍‌ଗାର୍ଡ ଚାକିରି କରିଥିବାବେଳେ ତାଙ୍କୁ ୨୦୧୩ରୁ ଛଟେଇ କରାଯାଇଛି। କାଞ୍ଚନଙ୍କ ସ୍ୱାମୀ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାରୁ ତାଙ୍କୁ ଚାକିରିରୁ ଛଟେଇ କରାଯାଇଥିଲା। କିନ୍ତୁ ସେ ଚାକିରିରେ ନ ଥିବା ସତ୍ତ୍ୱେ ପୋଲିସ ପୋଷାକ ପିନ୍ଧି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି କାର୍ଯ୍ୟ ପାଇଁ କ୍ୟାପିଟାଲ ଥାନାରେ ଦଫା ୩୦୯ରେ ଏକ ମାମଲା(୩୮୭/୧୮) ରୁଜୁ ହୋଇ ତଦନ୍ତ କରାଯାଉଛି।

### ବନ୍ଧୁକ ଦେଖାଇ ୧୯ ଲକ୍ଷ ଲୁଟ୍

**ବଲାଙ୍ଗୀର ଅଫିସ/ଦେଓଗାଁ, ୧୧।୯(ଡି.ଏନ୍.ଏ.):** ମଙ୍ଗଳବାର ଦିନ ଦ୍ୱିପ୍ରହରରେ ବନ୍ଧୁକ ଦେଖାଇ ୩ ଜଣ ଲୁଟେରା ୧୯ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯିବା ଘଟଣା ବଲାଙ୍ଗୀର ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ତୁଷରା ଆନ୍ଧ୍ର ବ୍ୟାଙ୍କରୁ ଏକ ମାରୁତି ଭ୍ୟାନ୍‌ରେ ୧୯ଲକ୍ଷ ଟଙ୍କା ନେଇ ବଡ଼ବନ୍ଧ ଗାଁସ୍ଥିତ ଆନ୍ଧ୍ର ବ୍ୟାଙ୍କକୁ ନିଆଯାଉଥିବା ବାଟରେ ସାରସବାହାଲ ଗାଁ ନିକଟରେ ଏହି ଲୁଟ୍ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ତୁଷରା ଥାନାରେ ଏକ ମାମଲା (ନଂ. ୨୩୨/୧୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏସ୍‌ପି କେ. ଶିବା ସୁବ୍ରମଣି, ସଦର ଏସ୍‌ଡିପିଓ କ୍ଷୀରସାଗର ନାଏକ, ତୁଷରା ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ସମ୍ପର୍କରେ କିଛି ସୁରାକ ପାଇନାହିଁ। ୨ଜଣ ବ୍ୟାଙ୍କ କର୍ମଚାରୀ ଓ ଭ୍ୟାନ୍ ଡ୍ରାଇଭରଙ୍କୁ ଲୁଟ୍ ସମ୍ପର୍କରେ ପଚାରଉଚୁରା କରାଯାଉଛି। ତୁଷରା ଥାନା ଅନ୍ତର୍ଗତ ତୁଷରା ଆନ୍ଧ୍ର ବ୍ୟାଙ୍କରୁ ଅପରାହ୍ଣ ପ୍ରାୟ ୩ଟା ବେଳେ ବଡ଼ବନ୍ଧ ଆନ୍ଧ୍ର ବ୍ୟାଙ୍କର କ୍ୟାଶିଅର ମୋତିଲାଲ ନାଗ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗାନ୍ଧୀ ମଣ୍ଡଳ ୧୯ ଲକ୍ଷ ଟଙ୍କା ଏକ ବାକ୍ସରେ ଭରି ମାରୁତି ଭ୍ୟାନ୍ (ନଂ. ଓଆର୦୫-ଏସ୍୯୯୪୯) ଯୋଗେ ବଡ଼ବନ୍ଧ ଆନ୍ଧ୍ର ବ୍ୟାଙ୍କକୁ ଫେରୁଥିଲାବେଳେ ଏହି ଘଟଣା ଘଟିଥିଲା।

# ଅଙ୍ଗନୱାଡି କର୍ମୀଙ୍କୁ ଅପହରଣ ପରେ ଗଣବଳାତ୍କାର

**ଢେଙ୍କାନାଳ ଅଫିସ, ୧୧।୯**

'ପେଟରେ ଦୁଇ ମାସର ଛୁଆ। କାକୁତି ମିନତି ହେଲି। ଗୋଡ଼ ଧରିଲି। ଛାଡ଼ି ଦେବାକୁ ନେହୁରା ହେଲି। କେହି ଶୁଣିଲେନି। ଯନ୍ତ୍ରଣାରେ ଛଟପଟ ହେଉଥିଲି। ତଥାପି ସମସ୍ତେ ନିର୍ଦ୍ଦୟ ହୋଇଗଲେ।' ଏ ହେଉଛି ଅପହରଣ ପରେ ଗଣବଳାତ୍କାରର ଶିକାର ହୋଇଥିବା ଅଙ୍ଗନୱାଡି କର୍ମୀଙ୍କ ଲୋମଟାଙ୍କୁରା ବୟାନ, ଯାହା ବଖାଣୁଛି ଅଭିଯୁକ୍ତଙ୍କ ବର୍ବରତା। ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳରେ ସୋମବାର ରାତିରେ ଘଟିଥିବା ଏଭଳି ଘଟଣା ସଭ୍ୟ ସମାଜକୁ ଦୋହଲାଇ ଦେଇଥିବାବେଳେ ରାଜ୍ୟବ୍ୟାପୀ ସୃଷ୍ଟି କରିଛି ଆଲୋଡ଼ନ।

ଅନ୍ୟପଟେ ଏପରି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇଛି ପୋଲିସ। ରାତି ତମାମ ଚଢ଼ାଉ, ମୋବାଇଲ ଟ୍ରାକିଂ ପରେ ଧରାପଡ଼ିଛନ୍ତି ୩ ଅଭିଯୁକ୍ତ। ସେମାନେ ହେଲେ ଯୋରନ୍ଦା ଗ୍ରାମର ଲକ୍ଷ୍ମୀଧର ବିଶ୍ୱାଳ ଓରଫ୍ ପାପୁନି (୩୮), ଆଡିଣ୍ଡା ଗ୍ରାମର ଗୋବିନ୍ଦ ପ୍ରଧାନ (୩୦), ଅନ୍ତର ଦାସ (୩୦)ଙ୍କୁ ପୋଲିସ ଗିରଫ କରିଛି। ଅପହରଣରେ ବ୍ୟବହୃତ କାର୍ (ଓଆର ୦୨ ଏକ୍ୟୁ ୭୯୧୫)କୁ ଜବତ କରାଯାଇଛି। ପୀଡ଼ିତାଙ୍କ ଡାକ୍ତରୀମାଇନା ପରେ ବୟାନ ରେକର୍ଡ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମୀଧର ପୀଡ଼ିତାଙ୍କୁ ଚାକିରି କରାଇ ଦେଇଥିଲେ। ଏଥିଲାଗି ବିଭିନ୍ନ ସମୟରେ ଧମକ ଚମକ ଦେବା ସହ ୫ ଲକ୍ଷ ଟଙ୍କା ମାଗୁଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।



ଗିରଫ ୩ ଅଭିଯୁକ୍ତ

- ସୀମା ଟପିଲା ବର୍ବରତା
- ୨ମାସର ଗର୍ଭବତୀ ଥିଲେ ପୀଡ଼ିତା
- ଧରାପଡ଼ିଲେ ୩ ଅଭିଯୁକ୍ତ

ଗଁଦିଆ ବ୍ଲକ ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅପରାହ୍ନ ୪ଟାରେ ଅଙ୍ଗନୱାଡି ସୁପର ଭାଇଜର ବୈଠକ ଡାକିଥିବା ନେଇ ଅଙ୍ଗନୱାଡି କର୍ମୀଙ୍କ ସମ୍ପର୍କୀୟ ସୂଚନା ଦେଇଥିଲେ। ଏହାପରେ ମହିଳାଜଣକ ନିଜ ଭାଇଙ୍କ ସହ ସ୍କୁଟିରେ ଯୋରନ୍ଦା ଯାଇଥିଲେ। ହେଲେ ସେଠାରେ କୌଣସି ମିଟିଂ ନ ଥିବା ଜାଣିବାକୁ ପାଇଥିଲେ। ଅପରାହ୍ନ ସାଢ଼େ ୫ଟାରେ ଭଉଣୀଭାଇ ଘରକୁ ଫେରୁଥିବାବେଳେ ଖରିଆଗୋଠି ନିକଟରେ ସମ୍ପୃକ୍ତ ୩ ଅଭିଯୁକ୍ତ ଏକ କାର୍‌ରେ ଆସି ସ୍କୁଟିକୁ ଧକ୍କା ମାରିଥିଲେ। ଉଭୟେ ତଳେ ପଡ଼ିଯାଇଥିଲେ। ସେମାନେ ଭାଇଙ୍କୁ ୫ ଲକ୍ଷ ଟଙ୍କା ମାଗିବା ସହ ନିସ୍ତୁକ ପିଟିଥିଲେ। ଏହାପରେ ଅଙ୍ଗନୱାଡି କର୍ମୀଙ୍କୁ କାରରେ ଜବରଦସ୍ତି ବସାଇ ନେଇଯାଇଥିଲେ। ଏ ସମ୍ପର୍କରେ ମହିଳାଙ୍କ ଭାଇ ଯୋରନ୍ଦା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ମହିଳାଙ୍କୁ ଉଦ୍ଧାର କରିବାକୁ ତତ୍ପରତା ଦେଖାଇଥିଲା। ଗଁଦିଆ ଥାନାଧିକାରୀ ନିରୁପମା ଜେନା, ଯୋରନ୍ଦା ଫାଣ୍ଡି ଅଧିକାରୀ ଗୋପୀନାଥ ବଳିଆରସିଂ ସଦଳବଳ ଅଭିଯୁକ୍ତଙ୍କୁ ଧରିବାକୁ ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ମୋବାଇଲ ଟ୍ରାକିଂ କରି ମଙ୍ଗଳବାର ଭୋରରୁ ୩ ଅଭିଯୁକ୍ତଙ୍କୁ ସଦର ଥାନା ଗହମଖୁଣ୍ଟି-କୁକୁଡ଼ାଝରର ଫାର୍ମ ହାଉସରୁ ଗିରଫ କରାଯାଇଛି। ସେମାନଙ୍କ ବୟାନ ଆଧାରରେ କାଲୁରିଆ ଗ୍ରାମ ମନ୍ଦିର ନିକଟରୁ ଅଙ୍ଗନୱାଡି କର୍ମୀଙ୍କୁ ଉଦ୍ଧାର କରାଯାଇଥିଲା। ପୀଡ଼ିତାଙ୍କ ସ୍ୱାମୀ, ଭାଇ ଏ ନେଇ ଗଁଦିଆ ଥାନାରେ ଅଭିଯୋଗ କରିଛନ୍ତି। ଫାର୍ମ ହାଉସରେ ଅଭିଯୁକ୍ତମାନେ ମହିଳାଙ୍କୁ ଗଣ ବଳାତ୍କାର କରିଥିବା ଏତଲାରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ନଂ. ୧୩୩/୧୮, ଦଫା ୩୪୧, ୨୯୪, ୩୨୩, ୩୮୪, ୩୬୬ (ଏ), ୩୭୬, ୫୦୬, ୩୪ ଓ ୩ ଏସ୍‌ସି/ଏସ୍‌ଟି ଆକ୍ଟରେ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଅଫିସର ଡିଏସ୍‌ପି ସୁବାସ ସାହୁଙ୍କ ତତ୍ତ୍ୱାବଧାନରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣା ସମ୍ପର୍କରେ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା କୁହନ୍ତି, ପୀଡ଼ିତାଙ୍କ ବୟାନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବ। ଅଭିଯୋଗ ପ୍ରମାଣିତ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ■ଅଭିନାଶ ହାଜତ ମୃତ୍ୟୁ ଘଟଣା

# ସିବିଆଇ ତଦନ୍ତ ଦାବିରେ ରାଜଭବନ ଆଗରେ ଧାରଣା

**ଭୁବନେଶ୍ୱର, ୧୧।୯(ବ୍ୟୁରୋ)**

ଏକ ମୋବାଇଲ୍ ଚୋରି ମାମଲାରେ ଅଦମପୁର ଗ୍ରାମର ଅବିନାଶ ପାଇଟାଳ ଓରଫ ମୂଷାଙ୍କୁ ମହାକାଳପଡା ପୋଲିସ ହାଜତରେ ନିର୍ଯାତନା ଦେଇ ମାରିଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିଲେ ମଧ୍ୟ ମହାକାଳପଡା ଥାନା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ତେଣୁ ଘଟଣାର ସିବିଆଇ ତଦନ୍ତ ଦାବିରେ ଓଡିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସ୍ଥାନୀୟ ରାଜଭବନ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଥାନା ଅଧିକାରୀଙ୍କୁ ଗିରଫ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ।

ଓଡିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଗତ ଅଗଷ୍ଟ ୨୫ରେ ମହାକାଳପଡା ପୋଲିସ ଅବିନାଶଙ୍କୁ ମାର୍ଶାଘାଇ କେନାଲ ବନ୍ଧରୁ ଉଠାଇ ଆଣି ହାଜତରେ ରଖିଥିଲା। ଥାନା ଅଧିକାରୀ ସନ୍ଧ୍ୟାରେ ଆସିବା ପରେ ତାଙ୍କୁ ହାଜତରୁ ନିଜ କ୍ୱାର୍ଟର୍ସକୁ ନେଇଥିଲେ। ସେଠାରେ ନିର୍ଯାତନା ଦେଇଥିଲେ। ସେହିଦିନ ରାତିରେ ଅବିନାଶଙ୍କ ବାପା ଶରତ ପାଇଟାଳ ପୁଅକୁ ଦେଖା କରିବା ପାଇଁ ଥାନାକୁ ଯାଇଥିଲେ ମଧ ତାଙ୍କୁ ସୁଯୋଗ ଦିଆଯାଇ ନ ଥିଲା। ବରଂ ଥାନା ଅଧିକାରୀ ତାଙ୍କୁ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ନିରାଶ ହୋଇ ଶରତ ଘରକୁ ଫେରିଯାଇଥିଲେ। ପରଦିନ ସକାଳୁ ଅବିନାଶଙ୍କ ଝୁଲନ୍ତା ମୃତଦେହ ଥାନା ନିକଟ ଏକ କୋଠାଘରେ ଦେଖିବାକୁ ମିଳିଥିଲା। ଥାନା ଅଧିକାରୀ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅବିନାଶଙ୍କ ମୃତଦେହରେ ଏକାଧିକ ସ୍ଥାନ ସମେତ ଗୁପ୍ତାଙ୍ଗରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ଥାନା ଅଧିକାରୀ ଅତ୍ୟଧିକ ନିର୍ଯାତନା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଶେଷରେ ପୋଲିସ ଏନେଇ ଦଫା ୩୦୨ରେ ଏକ ହତ୍ୟା ମାମଲା ରୁଜୁ କଲା। କିନ୍ତୁ ମାମଲାକୁ ଚାପି ଦେବା ପାଇଁ ଉଦ୍ୟମ ଚାଲିଛି ବୋଲି ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି। ଧାରଣାରେ ମୃତ ଅବିନାଶଙ୍କ ପରିବାର ଲୋକଙ୍କ ସମେତ ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ରଞ୍ଜନ କୁମାର ଦାସ, ପ୍ରତାପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଧାମରାରେ ହେବ ବାଣିଜ୍ୟିକ ବିମାନ ବନ୍ଦର

### ■ ଜମି ଯୋଗାଡ଼ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ଧାମରାଠାରେ ଏକ ବାଣିଜ୍ୟିକ ବିମାନ ବନ୍ଦର ସ୍ଥାପନ ହେବ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବନ୍ଦର ବିକାଶ କାର୍ଯ୍ୟର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଧାମରାଠାରେ ଏକ ଉଚ୍ଚ ମାନର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରିବାକୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଧାମରାଠାରେ ବନ୍ଦର ଭିତ୍ତିକ ଶିଳ୍ପ ସ୍ଥାପନ କରିବା ପାଇଁ ମଧ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜମି ଯୋଗାଡ କରିବା ନିମନ୍ତେ ଭଦ୍ରକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜାମୁଝାଡି- ଧାମରା ରାସ୍ତାର ପ୍ରଶସ୍ତିକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ତ କରିବାକୁ ମୁଖ୍ୟ ଶାସନ ସଚିବ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଧାମରା ଅଞ୍ଚଳରେ ଏକ ଥାନା ଓ କମ୍ୟୁନିଟି ହସ୍ପିଟାଲ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଆବଶ୍ୟକ ପ୍ରଶାସନିକ ଓ ବୈଷୟିକ ସହାୟତା କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଦର କର୍ତ୍ତୃପକ୍ଷଙ୍କ ସହାୟତାରେ ଧାମରାଠାରେ କେନ୍ଦ୍ରୀୟ ମାଧମିକ ବୋର୍ଡ ଅନୁମୋଦିତ ଏକ ଉଚ୍ଚମାନର ସ୍କୁଲ ପ୍ରତିଷ୍ଠା କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବନ୍ଦର କର୍ତ୍ତୃପକ୍ଷ ଗତ ୪ ବର୍ଷ ମଧମରେ ୧୯ କୋଟି ଟଙ୍କା ବିନିଯୋଗ କରିଛନ୍ତି ବୋଲି ବନ୍ଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁବ୍ରତ ତ୍ରିପାଠୀ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଧାମରା ବନ୍ଦର ନିର୍ମାଣ ଓ ବିକାଶରେ କମ୍ପାନୀ ୮ ହଜାର କୋଟି ବିନିଯୋଗ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବନ୍ଦରରେ ୨୫ ନିୟୁତ ଟନ ପଣ୍ୟ କାରବାର କ୍ଷମତା ବିଶିଷ୍ଟ ଦୁଇଟି ବର୍ଥ ରହିଛି। ୧୮ କି.ମି ପର୍ଯ୍ୟନ୍ତ ନାଭିଗେସନ ଚ୍ୟାନେଲ ପ୍ରସ୍ତୁତ କରାଯାଇଛି। ୬୨ କି.ମି. ବାଣିଜ୍ୟ କରିଡୋର ରେଲଲାଇନ ନିର୍ମାଣ। ୨୦୧୭-୧୮ରେ ଏହି ବନ୍ଦର ମାଧ୍ୟମରେ ସମୁଦାୟ ୨୧.୪୩ ନିୟୁତ ଟନର ଆମଦାନୀ ରପ୍ତାନୀ କରାଯାଇଛି। ଧାମରାକୁ ଏକ ବନ୍ଦର ଭିତ୍ତିକ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ର ଭାବେ ବିକଶିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ୫୦୦ ଏକର ଓ ବିମାନବନ୍ଦର ପାଇଁ ୪୪୪ ଏକର ଜମି ଚିହ୍ନଟ କରାଯାଇଛି ବୋଲି ଭଦ୍ରକ ଜିଲାପାଳ ଜ୍ଞାନ ରଞ୍ଜନ ଦାଶ ଭିଡିଓ କନଫରେନ୍ସିଂ ବେଳେ ସୂଚନା ଦେଇଛନ୍ତି। ଧାମରା ନିକଟରେ ଥିବା ସରକାରୀ ଜମିକୁ ଚିହ୍ନଟ କରି ଜବରଦଖଲ ମୁକ୍ତ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ସ୍ୱତନ୍ତ୍ର ସଚିବ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ■ଚାଷୀଙ୍କ ଜମି ଇଡ୍‌କୋ ନାମରେ ରେକର୍ଡ

# ଧାରଣାରେ ବସିଲେ ରେମୁଣା ବିଧାୟକ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ରେମୁଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୯ଟି ଗ୍ରାମର ୧୦୯୯ ଏକର ଜମି ୨୦୧୧ରୁ ଇଡ୍‌କୋ ନାମରେ ରେକର୍ଡ ଭୁକ୍ତ ହୋଇଯାଇଛି। ଜମି ହରାଇଥିବା ଲୋକମାନେ ସେମାନଙ୍କର ପିଲାମାନଙ୍କ ପାଠ ପଢିବା ପାଇଁ ଉକ୍ତ ଜମିକୁ ବ୍ୟବହାର କରିପାରୁ ନାହାନ୍ତି। ଏହାକୁ ନେଇ ରେମୁଣା ଭାଜପା ବିଧାୟକ ଗୋବିନ୍ଦ ଦାସ ବିଧାନସଭା ଶୂନ୍ୟକାଳରେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସେ କହିଥିଲେ ଯେ ଚାଷୀଙ୍କୁ କୌଣସି ପ୍ରାପ୍ୟ ନ ଦେଇ କିପରି ଜମି ଇଡ୍‌କୋ ନାମରେ ହୋଇଛି। ନିଜ ଜମିକୁ ସେମାନେ କୌଣସି କାର୍ଯ୍ୟରେ ବ୍ୟବହାର କରିପାରୁ ନାହାନ୍ତି। ଚାଷୀମାନଙ୍କୁ ସେମାନଙ୍କ ଜମି ତୁରନ୍ତ ଫେରାଇ ଦିଆଯାଉ। ବାଚସ୍ପତି ଏ ନେଇ ସରକାରଙ୍କୁ ରୁଲିଂ ଦିଅନ୍ତୁ ବୋଲି ଦାବି କରିଥିଲେ। ବାଚସ୍ପତି ତାଙ୍କ କଥାକୁ କର୍ଣ୍ଣପାତ ନ କରିବାରୁ ସେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଧାରଣା ଦେଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୋବିନ୍ଦଙ୍କୁ ନିଜ ସିଟ୍‌କୁ ଫେରିଯିବାକୁ ଅନୁରୋଧ କରିଥିଲେ। ମାତ୍ର ସେ ତାଙ୍କ କଥାକୁ ଗ୍ରହଣ ନ କରି ଧାରଣାରେ ବସି ରହିଥିଲେ। ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ପଏଣ୍ଟ ଅଫ ଅର୍ଡର ଜରିଆରେ ଗୋବିନ୍ଦଙ୍କ ଦାବି ଉପରେ ମନ୍ତ୍ରୀ ଆଲୋଚନା କରିବାକୁ ରୁଲିଂ ଦେବା ସକାଶେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ରୁଲିଂ ଦେବା ପରେ ଗୋବିନ୍ଦ ଧାରଣାରୁ ହଟି ଯାଇଥିଲେ।

# ୩ ଭଉଣୀଙ୍କ ସଲୀଳ ସମାଧି

**ବାରିପଦା ଅଫିସ/ବଡ଼ସାହି(ସ୍ୱ.ପ୍ର.),୧୧।୯**

ପୋଖରୀରେ ଗାଧୋଇବା ବେଳେ ଗୋଟିଏ ପରିବାରର ୩ ଭଉଣୀ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ବାଙ୍କିଶୋଳ ପଞ୍ଚାୟତ ବଡବିଲା ଗ୍ରାମରେ ଏହି ଦୁର୍ଘଟଣା ଘଟିଛି। ସ୍କୁଲ ଯିବା ପାଇଁ ତରବର ହୋଇ କାନି (୧୦), ପାର୍ବତୀ (୧୨) ଏବଂ ତାଙ୍କ ଦାଦା ଝିଅ ରାଜଶ୍ରୀ(୮) ଗାଁ ପୋଖରୀକୁ ଗାଧୋଇବା ଲାଗି ଯାଇଥିଲେ। ସେମାନଙ୍କ ସହ କାନି ଓ ପାର୍ବତୀଙ୍କ ମା' ମଧ ଯାଇଥିଲେ। ପୋଖରୀକୁ ପଶିବା ପରେ କାନି ଓ ରାଜଶ୍ରୀଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲେ। ଏହା ଦେଖି ସେଠାରେ ଥିବା ବଡ ଭଉଣୀ ପାର୍ବତୀ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ।

- ସ୍କୁଲ ଯିବା ପୂର୍ବରୁ ପୋଖରୀକୁ ଗାଧୋଇ ଯାଇଥିଲେ
- ମା' ଆଖି ସାମ୍ନାରେ ବୁଡ଼ିଗଲେ

ଘଟଣାସ୍ଥଳରେ ୩ ଭଉଣୀ ଧରାଧରି ହୋଇ ପାଣିରେ ବୁଡି ଯାଇଥିଲେ। ନିକଟରେ ଉପସ୍ଥିତ ଥିବା ମା' ସେମାନଙ୍କୁ ଉଦ୍ଧାର କରି ନ ପାରି ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ୩ ଭଉଣୀଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସାରା ଗାଁରେ ଶୋକର ଛାୟା ଖେଳାଇ ଦେଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ବଡବିଲା ଗ୍ରାମରେ ଏଥର ଏହି ପୋଖରୀଟି ନୂଆ ଖୋଳାଯାଇଥିଲା। ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ପାଲ ମୁର୍ମୁଙ୍କ ୨ ଝିଅ କାନି, ପାର୍ବତୀ ଏବଂ ତାଙ୍କ ଭାଇ ଗୟା ମୁର୍ମୁଙ୍କ ଝିଅ ରାଜଶ୍ରୀ ସହ ମିଶି ସେଠାକୁ ଗାଧୋଇବା ପାଇଁ ଯାଇଥିଲେ। ସେମାନେ ପାଣିରେ ବୁଡି ଯିବା ଦେଖି କାନି ଓ ପାର୍ବତୀଙ୍କ ମା' ମାଳତୀ ଡାକ ପକାଇବାରୁ ଗ୍ରାମବାସୀ ଆସି ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟ ପାଇଁ ଦମକଳବାହିନୀକୁ ଖବର ଦିଆଯାଇଥିଲା। ଏହା ମଧରେ ଗ୍ରାମବାସୀ ପୋଖରୀକୁ ପଶି ୩ ଭଉଣୀଙ୍କୁ ଉଦ୍ଧାର କରିଥିଲେ। ପରେ ଆମ୍ବୁଲାନ୍ସରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ନିଆଯାଇଥିଲା। ହେଲେ ବାଟରେ ସେମାନଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ସଦର ଥାନାଧିକାରୀ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଭଞ୍ଜନଗର ଜେଲରୁ ବିଚାରାଧୀନ ବନ୍ଦୀ ଚମ୍ପଟ

**ଭଞ୍ଜନଗର,୧୧।୯(ଡି.ଏନ.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରରୁ ମଙ୍ଗଳବାର ଅପରାହ୍ନରେ ଜଣେ ବିଚାରାଧୀନ ବନ୍ଦୀ ଚମ୍ପଟ ମାରିଛନ୍ତି। ସେ ହେଲେ ବାବୁ ନାୟକ। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ରାସ୍ତା ସିଲ୍ କରି ଯାଞ୍ଚ ଚଳାଇଛି। ଭଞ୍ଜନଗର ଦମକଳ କେନ୍ଦ୍ର ନିକଟସ୍ଥ ବାଲିସାହିର ବାବୁ ବୁଗୁଡ଼ା ଥାନା ଅନ୍ତର୍ଗତ ମାଣିତରା ବ୍ୟାଙ୍କ ଡକାୟତି ସମେତ ଏକାଧିକ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିଲେ। ପୋଲିସ ତାଙ୍କୁ ଏନକାଉଣ୍ଟର କରି ଗିରଫ କରିଥିଲା। ଗତବର୍ଷ ଅକ୍ଟୋବର ୧୦ ତାରିଖରେ ତାଙ୍କୁ ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରକୁ ପଠାଇ ଦିଆଯାଇଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ବାବୁ ବାହାନା କରି ପରିସ୍ରାଗାରକୁ ଯାଇଥିଲେ। କେହି ଜଣେ ବ୍ୟକ୍ତି ବାହାରୁ ଜେଲ ପାଚେରି ଉପରକୁ ରଶି ପକାଇଥିଲେ। ଉକ୍ତ ରଶି ଧରି ବାବୁ ପାଚେରି ଡେଇଁ ଫେରାର ହୋଇଯାଇଥିଲେ।

# ୧୮ରୁ ସମୂହ ଛୁଟିରେ ଯିବେ ଡିପ୍ଲୋମା ଇଞ୍ଜିନିୟର

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ବିଭିନ୍ନ ଦାବି ନେଇ ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୮,୫୦୦ ଡିପ୍ଲୋମା ଇଞ୍ଜିନିୟର ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୧୮ ତାରିଖରୁ ଅକ୍ଟୋବର ୩୧ ତାରିଖ ଯାଏ ସେମାନେ ଛୁଟିରେ ଯିବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ମାର୍ଚ୍ଚ ୧୪ କ୍ୟାବିନେଟରେ ହୋଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉ ନ ଥିବା ପ୍ରତିବାଦରେ ଡିପ୍ଲୋମା ଇଞ୍ଜିନିୟରମାନେ ଏଭଳି ଚରମ ନିଷ୍ପତ୍ତି ନେବାକୁ ଯାଉଛନ୍ତି ବୋଲି ଓଡିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ ସାଧାରଣ ସମ୍ପାଦକ ପବିତ୍ର ମୋହନ ରାଉଳ କହିଛନ୍ତି। ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଜିପିଟିଏସମାନଙ୍କୁ କନିଷ୍ଠ ଯନ୍ତ୍ରୀ ପଦବୀରେ ନିଯୁକ୍ତି ଦେବାକୁ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିଲେ ମଧ ତାହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ୬ ମାସ ବିତିଯାଇଥିଲେ ମଧ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏହାକୁ ନେଇ ବିଧାନସଭାରେ ମଧ ଉଦ୍‌ବେଗ ପ୍ରକାଶ କରାଯାଇଛି। ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ କ୍ୟାବିନେଟ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ସହ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ନିଷ୍ପତ୍ତିରୁ ଓହରିବା ପାଇଁ ତୁରନ୍ତ ଆଲୋଚନା କରିବାକୁ ଦାବି କରିଥିଲେ। ଶୂନ୍ୟକାଳରେ ବିଜେଡି ସଭ୍ୟ ମହେଶ ସାହୁ କହିଲେ ୮,୫୦୦ ଡିପ୍ଲୋମା ଇଞ୍ଜିନିୟର ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନ ଆଉ କିଛି ମାସ ବାକି ରହିଛି। ସମସ୍ତ ବିକାଶମୂଳକ କାର୍ଯ୍ୟ ଅଧାରେ ରହିଯିବ। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯାଉ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ, ଭାଜପା ସଭ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ବିଜେଡି ସଭ୍ୟ ସମୀର ରଞ୍ଜନ ଦାଶ, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ସେଠୀ ପ୍ରମୁଖ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ସମସ୍ୟା ସମାଧାନ କରି ସେମାନଙ୍କୁ ଆନ୍ଦୋଳନରୁ ନିବୃତ୍ତ କରିବାକୁ ପଦକ୍ଷେପ ନେବା ସକାଶେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ମନ୍ତ୍ରୀ ସେମାନଙ୍କ ସହ ଆଲୋଚନା କରନ୍ତୁ ବୋଲି ଦାବି କରିଥିଲେ। ସରକାର ଏହାକୁ ନୋଟ୍ କରନ୍ତୁ ଓ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ।

- ବିଧାନସଭାରେ ଉଦ୍‌ବେଗ
- ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶାସକ-ବିରୋଧୀ


ଧରିତ୍ରୀ CAREER APPOINTMENT
every Wednesday & Saturday

A Division of Timber & Furniture unit required 4 Nos. Manager at BBSR.
Mob: 7381203300

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319469228

19 VACANCY IN MNC
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
9937042198, 9937172198

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ଜୁନିୟର କୁକ୍ / ଗ୍ରାଜୁଏଟ ଇଂଲିଶ୍ କହିପାରୁଥିବା ଅଫିସ ଆସିଷ୍ଟାଣ୍ଟ / ବ୍ୟକ୍ତିଗତ ସେବକ /
ବେତନ: ୧୨୦୦୦-୧୭୦୦୦
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲି଼,
9884761210

DRIVER REQUIRED
12/14 ଚକିଆ Truck ଏବଂ Fly Ash Bulker ଚଳାଇବା ପାଇଁ ଅନ୍ୟୁନ 5 ବର୍ଷର Experience ଥିବା Driver ଆବଶ୍ୟକ।
Contact: 9078356411

WANTED
Indian/ Chinese **COOK** for Hotel at Puri.
Contact:
9776331667

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

OPENING NEW OFFICE
No Donation / No Experience
ଏକ ବହୁରାଷ୍ଟ୍ରୀୟ Book Sales Company ତାର Bhubaneswar Office ରେ ୪୫ ଜଣ କର୍ମଚାରୀ Selection କରୁଅଛି।
ଯୋଗ୍ୟତା : 10th to Graduation Monthly Income- 7500/-, 9600/-, 15000/- ଏବଂ ରହିବା ସୁବିଧା। ଆସନ୍ତା ୪ ଦିନ ମଧ୍ୟରେ Bio-data ସହ ସାକ୍ଷାତ କରନ୍ତୁ। (Sunday Open for Interview)
The Manager (MICRO EXPANSION)
N/6-315, Jaydev Vihar
Bhubaneswar. Ph- 9238100178

REQUIRED
Well Educated Trained Teacher for CBSE play group to STD 2, SST, Hindi Teacher required for STD III to STD X for MDKs Coaching Centre, Satya Vihar, Rasulgarh, BBSR-10.
CONTACT:
9439177325, 9937160598

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
Contact: 9938676412

# ଅପରେଶନ ପରୀ-୨: ୧୦ ଦିନରେ ୧୨୯୬ ଶିଶୁ ଉଦ୍ଧାର

କଟକ ଅଫିସ, ୧୧।୯

ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଅପରେଶନ ପରୀ-୨ ଜାରି ରହିଛି। ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ରବିବାର ସୁଦ୍ଧା ୧୨୯୬ ପିଲାଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୧୦୯୪ ନାବାଳକ ଏବଂ ୨୦୨ ନାବାଳିକା ଅଛନ୍ତି। ଗଞ୍ଜାମ ଜିଲାରୁ ସର୍ବାଧିକ ୨୨୨ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିବାବେଳେ, ବ୍ରହ୍ମପୁର ପୋଲିସ ଜିଲାରୁ ୧୩୦, କୋରାପୁଟ ଜିଲାରୁ ୮୪, ବଲାଙ୍ଗୀର ଜିଲାରୁ ୫୮, ଭଦ୍ରକ ୫୫, ସୁନ୍ଦରଗଡ ୪୭, ବୌଦ୍ଧ ୪୬ କଳାହାଣ୍ଡି ୫୯, ରାୟଗଡା ୩୯, ଢେଙ୍କାନାଳରୁ ୩୪ ଓ ଜିଆର୍‌ପି କଟକରୁ ୪୭ ଜଣଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଉଦ୍ଧାର ପିଲାମାନଙ୍କୁ ବିଭିନ୍ନ ଶିଶୁ ସୁରକ୍ଷା ସମିତିରେ ଛଡାଯାଇ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଉଦ୍ଧାର ହୋଇଥିବା ୧୨୯୬ ପିଲାଙ୍କ ମଧ୍ୟରୁ ୭୮ଜଣଙ୍କୁ ଅପହରଣ କରାଯାଇ ବିଭିନ୍ନ କାର୍ଯ୍ୟରେ ଲଗାଯାଇଥିଲା ବୋଲି କ୍ରାଇମ ବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
E.H.T. (O&M) Division, Jayanagar-764005. CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from registered order Suppliers/ Manufacturers / their Authorized Dealers / having valid Licence (Electrical and Labour), I.T PAN No and GST Registration Certificate for **Tender Call No. : 16 (A)** Black painting of 307 Nos. of towers in 220KV Jayanagar-Balimela SC Line including 20 Nos. of Tension points of 220KV Jayanagar-Balimela DC Line. **(B)** Supply of different materials for Grid S/s Balimela / Umerkote. **Cost of tender papers :** Rs.2,240.00 (non-refundable) in shape of Cash . **EMD :** @ 1% of quoted value. **Sale of tender documents :** from Dt.07.09.2018 to upto 11:30 AM of Dt.15.09.2018. **Last date of submission of tender :** on or before Dt.15.09.2018 upto 5:00PM. **Tenders will be opened :** on Dt.17.09.2018 at 12:30 PM.
**Corrigendum, if any, will be published in the website only.**
Sd/-
**DGM (Ele.)**

Please connect us: optcl.odisha optcl_odisha energyodisha

ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
Office Of The General Manager (Electrical) EHT (O & M) Circle, Berhampur, Ganjam, Ph.0680-2291905,
e-Mail : ehtm.cle.bam@optcl.co.in, CIN:U40102OR2004SGC007553

Advt. No.04/2018-19 **NOTICE INVITING TENDER**

For and on behalf of OPTCL sealed tenders are invited from **A)** Manufacturers/Suppliers having valid I.T. PAN, GST registration No. for supply of Bentonite compound in powder form required for 220/132/33KV Grid Sub-Station, Narendrapur and **B)** Electrical Contractors having valid HT/MV License, I.T. PAN, GST etc. for Electrical Wiring of rest shed at 132/33 KV Grid Sub-Station, Balugaon separately. **Commencement of Sale of Tender Paper :** From Dated 12.09.2018 to Dated 29.09.2018 up to 5.00PM. **Last Date of Submission of Tender Paper:** Dated 01.10.2018 up to 2.00 PM. **Date of Opening of Tender Paper :** Dated 01.10.2018 at 3.00 PM. **Cost of Tender Paper :** Rs.4,000+ GST @12% = Rs.4,480/- each for A & B separately. For details please visit our website **www.optci.co.in**. Corrigendum if any will be published in the website only.
*General Manager (Elect.)*

**DISTRICT ELECTION OFFICE, KHORDHA**
**TENDER CALL NOTICE**
**No. 313/Dt. 07.09.2018**

Sealed Tenders are invited from the intended Registered Computer Firms/ Authorized Dealers / for Web-casting on rent basis for use in Critical and Vulnerable Polling Stations, Videography during conduct of Simultaneous General Election due in 2019.
The details of Tender Process are as follows :
1. Publication of Tender : 07.09.2018
2. Last date of submission of Tender : 22.09.2018 (By 1.00 P.M.)
3. Opening of General Bid : 22.09.2018 (3.30 P.M.)
4. Opening of Financial Bid : 24.09.2018 (3.00 P.M.)
Details are available in the District Website i.e. **www.khordha.nic.in**
**Sd./- Collector & DEO, Khordha**

**DISTRICT SOCIAL WELFARE OFFICE, SUBARNAPUR**

**Tender Call Notice No. 1412** **Dtd.06.09.2018**

Sealed quotations in the prescribed format are invited from the intending supplier / manufacturer for supply of "OFFICE FURNITURE UNDER MISSION SHAKTI" to all the ICDS Projects & District. The quotations shall be received by the DSWO, Subarnapur till **05.00 PM** of **Dt.24.09.18** and will be opened on **Dt.25.09.18** at **03.00 PM**. The details of tender papers along with the terms and conditions, earnest money deposit etc. can be downloaded from the website **http://www.subarnapur.nic.in**.
**Sd./- 06.09.18**
**District Social Welfare Officer, Subarnapur**

**SHORT TENDER CALL NOTICE**
**Office of the D.G & I.G. of Police, Odisha, Cuttack**

1. Sealed tenders are invited from the manufacturer / Authorized Agent / Authorized dealer of the OEM for purchase of different types of Clothing articles (including Ceremonial Uniforms), Nylon Web equipments, Police Flags for Odisha Police under State Budget Grant, different Protective uniform articles for ODRAF units and purchase of different clothing articles for SPC Cadet under Modernization Grant during the Current Financial Year, 2018-2019.
2. Name of items along with detail technical Specifications, probable requirements against each item may be seen from the Govt. of Odisha website i.e. **www.odisha.gov.in**. The quantity may vary during indent of the item depending upon budgetary allocation.
3. Date of Issue of Tender documents from **dtd:12.09.2018** at **10.00 AM** to **dtd:11.10.2018** upto **5.00 PM**.
4. Last date for receipt of sealed Tender and Sample on **dtd:12.10.2018** upto **5.00 PM**.
5. Date for opening of sealed Tenders / Technical Bids on **dtd:15.10.2018** at **11.30 AM** at the **Office of the D.G. & I.G of Police, Odisha, Buxi Bazar, Cuttack**.

**A.I.G. of Police (Provisioning),**
**Odisha, Cuttack**
**(Tender Calling Authority)**
No.214-D
12018/11/0033/1819

**SHORT TENDER CALL NOTICE**
**Office of the D.G & I.G. of Police, Odisha, Cuttack**

1. Sealed tenders are invited from the Original Equipment Manufacturers (OEM) or their Authorized Agent for Purchase of different WT equipment and related articles i.e. **GP Antenna L/B, GP Antenna H/B, Co-axial Cable RG8A/U, Computer Paper Blank Part-II, 12 V Bty. Charger, Bty. Pack, Bty. Charger, UPS (Line Inter Active) 1 KVA, Dot Matrix Printer, Micro Phone assembly, 40 feet Tubular Mast , UPS Battery 12V 7AH, Data Communication Equipment comprise of Radio Modem UPS, Printer & Desktop Computer, 80 feet Tower mast with Installation, 120 feet Tower mast with installation, Digital VHF Set H/B Static/ Mobile with accessories, Digital VHF set H/B Handheld with accessories, VHF set L/B Static/ Mobile with accessories, VHF set L/B Handheld with accessories** and H.F set with accessories etc. for Odisha Police (Signals Establishment) for the financial year, 2018-19.
2. Name of items along with detail technical specifications, probable requirements against each item may be seen from the Website of the Govt. of Odisha i.e. **www.odisha.gov.in**. The quantity may vary during indent of the items depending upon budgetary allocation.
3. Date of issue of tender documents from **dtd.15.9.2018 at 10.00 AM to dtd. 10.10.2018 upto 5.00 PM**.
4. Last date for receipt of sealed tender on **dtd. 11.10.2018 up to 5.00 PM**.
5. Date for opening of sealed tenders / technical bids on **dtd.12.10.2018 at 11.30 AM** at the Office of the **Addl. D.G. of Police, Communication, Odisha, Cuttack**.

**A.I.G. of Police (Provisioning),**
**Odisha, Cuttack**
**(Tender Calling Authority)**
No.213-D
12018/11/0032/1819

**Food Corporation of India, Regional Office, Bhubaneswar**
Cont. 15 (353)/2018/KUR Date : 11.09.2018
**INVITATION FOR E-TENDER**
On behalf of FCI, Odisha Region online tenders are invited from eligible tenderer for appointment of regular Internal Transport Contractor(s) for internal transportation of food grains at FSD, Khurda Road for a period of two years. The tender documents containing detailed terms and conditions can be obtained from **https://eprocure.gov.in / eprocure/app** or FCI website : **www.fci.gov.in.**
**GENERAL MANAGER (ODISHA)**

**DISTRICT ELECTION OFFICE, KHORDHA**
**TENDER CALL NOTICE**
**No. 324/Dt. 10.09.2018**

Sealed tenders in the prescribed paper are invited from the intending authorised Suppliers / Dealers/ Manufacturers for supply of articles for GE-2019.
The details of Tender Process are as follows :
1. Publication of Tender : 10.09.2018
2. Last date of submission of Tender : 25.09.2018 (By 1.00 P.M.)
3. Opening of General Bid : 25.09.2018 (3.30 P.M.)
4. Opening of Financial Bid : 26.09.2018 (3.00 P.M.)
Details are available in the District Website i.e. **www.khordha.nic.in**
**Sd./- Collector & DEO, Khordha**

THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**EXPRESSION OF INTEREST NO. 04/OMC/CIVIL/2018**

No.CAD-827: The OMC Ltd., a Gold Category State PSU of Odisha, intends to renovate the electrical installations of its Corporate Office at Bhubaneswar by engaging one reputed Electrical Consultant having similar type of experience.

Interested consultant or consulting firm having experience in similar type of work may participate in the **EXPRESSION OF INTEREST**. The EOI document comprising, scope of work, terms of conditions and other shall be available at OMC website **www.omcltd.in**.

The EOI shall be received by the undersigned up to **5PM** on **26.9.2018**. The same shall be opened on **27.09.2018** at **11.00 A.M**.

The EOI can also be submitted through speed post / registered post but the authority shall not be responsible for any postal delay or non-receipt of EOI within that time period.

The OMC Ltd., reserves the right to reject any or all EOIs without assigning any reason thereof.

30005/11/0087/1819 **General Manager (Civil)**

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**
**ବିଜ୍ଞପ୍ତି**



ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁ ପୁତ୍ରଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା ଶିଶୁ ଝୁଲାରୁ ଉଦ୍ଧାର କରାଯାଇ ବସୁନ୍ଧରାରେ ରଖାଯାଇଅଛି। ଏହି ଶିଶୁ ପୁତ୍ରଟିର ନାମ 'ଅର୍ଜୁନ' ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ-୬୩, କଲେକ୍ଟରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, କଟକ ପ୍ଲଟ୍ ନଂ-୧୮୯୭, ବାଖରାବାଦ (ସନ୍ ସାଇନ୍ ଖେଳ ପଡିଆର ପୂର୍ବପଟ) ଫୋନ୍ ନଂ- ୦୬୭୧-୨୪୨୩୩୩୩, ମୋବାଇଲ୍ ନଂ ୭୯୭୮୧୪୬୮୧୪ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ- ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ - ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧. | ଅର୍ଜୁନ | ପୁଅ | ୨୧.୦୫.୨୦୧୮ (ପ୍ରାୟ) | ୧୯.୦୭.୨୦୧୮ | ଶିଶୁ ଝୁଲା, ବସୁନ୍ଧରା | ଶିଶୁ ମଙ୍ଗଳ ସମିତି, କଟକଙ୍କୁ କେସ୍ ନଂ-୩୪୦୩/୧୮ ବିଡାନାସୀ ଥାନାକୁ ଚିଠି ନଂ-୬୦୯୦, ତା. ୧୯.୦୭.୨୦୧୮ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

Odisha State Medical Corporation Limited (OSMC)
ODISHA STATE MEDICAL CORPORATION | OSMC
Assuring Quality, Saving Lives
**In front of Ram Mandir, Convent Square, Unit- III, Bhubaneswar - 751001**
Tel.: (0674) 2380608, Website: www.osmcl.nic.in, Email: proc.osmcl.od@nic.in
Date: 07.09.2018

NOTICE INVITING E-TENDER FOR SUPPLY OF SPECTACLES UNDER UNIVERSAL EYE HEALTH PROGRAM

No.CAD-828: Online Bids through e-Tender portal (**https://tendersodisha.gov.in**) are invited from eligible bidders for supply, installation & commissioning of Equipments as per the particulars mentioned below.

| Sl. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1. | OSMCL/2018-19 / EQP-Spectacles (UEHP)/11 | Supply of spectacles under universal eye health programme | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release fo bid | **11.09.2018, 3 PM** | |
| 2. | Date & time of Pre-bid meeting | **18.09.2018, 11 AM**, Venue- Conference Hall, Odisha State Medical Corporation Ltd., Convent Square, Unit- III, Bhubaneswar | |
| 3. | Date & time of Online bid submission | Start Date & time | End date & time |
| | | **25.09.2018, 3 PM** | **09.10.2018, 5 PM** |
| 4. | Date & time of online technical bid opening | **12.10.2018, 11 AM** | |
| 5. | Date of demonstration of equipment (if required by the tender inviting authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of price bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: **www.osmcl.nic.in and https://tendersodisha.gov.in**. The authority reserves the right to accept / reject any part thereof or all the bids without assigning any reason thereof.

10112/11/0036/1819 **Sd./- Managing Director, OSMC Ltd., Odisha**

**OFFICE OF THE EXECUTIVE ENGINEER, LIFT IRRIGATION DIVISION, CUTTACK**
**Tel : 0671-2414433, eeolic_ctc@yahoo.in**
**QUOTATION CALL NOTICE**
**For Hiring of Vehicle- 13/2018-19, Dt. 31.08.2018**
**CORRIGENDUM NOTICE**
**No. 4218/Dt. 10.09.2018**

No. CAD-832: In the office Tender Call Notice vide Bid Identification No. 13/2018-19 Dt. 31.08.2018 the quotation receipt in completion shape was 10.09.2018 2PM. and was to be opened on the same day at 2 P.M. which is re-scheduled to 15.09.2018 due to "Bharat Banda" and having all other terms & conditions of the above quotation call notice remain unchanged.

32238/11/0022/1819 Sd./- Executive Engineer

DIRECTORATE OF SCH. CASTES AND SCH. TRIBES RESEARCH AND TRAINING INSTITUTE
BHUBANESWAR - 3

No. 2535/Pub-02/18 Dated 10.09.2018

**CORRIGENDUM**

No. 49-V: In continuation to this office Short Tender Notice No.2445 dt.01.09.2018 the opening of the technical bids on printing of Wall Calendar for ST & SC Dev. Deptt has been deferred and rescheduled on **18.09.2018** at **03.30 PM** instead of **15.09.2018** and the opening of the financial bids may be intimated accordingly. However, the last date & time for submission of the tender remains unchanged, i.e. **15.09.2018** till **03.00 PM.**

26026/11/0024/1819 **Sd./- Director & Spl. Secretary to Govt.**

See
**CAREER APPOINTMENT**
on every
**Wednesday & Saturday**

DISTRICT OFFICE, PURI
(Social Welfare Section)
No. 1747/SW Dated 07.09.18

**TENDER CALL NOTICE**

No.26-g: Sealed tenders are invited from intending agencies / firms / printing press for supply of 2599 sets of MAMATA registeres as per Annexure-A to E (each set contains-5 types of registers) for 2599 nos. of Anganwadi Centres of the district. The tender documents should reach in the office of the District Social Welfare Officer, Puri by Registered Post or Speed Post by **05.00 PM of 28.09.2018** and the tender will be opened on **29.09.2018** at **04.00 PM** in the office chamber of the undersigned in the presence of the tender committee constituted for the purpose and the tender or their authorized representative. The tender papers received after due date and time will not be entertained.

The details of the Mamata Registers are mentioned in the term & conditions. The register should be of exact specifications as per the samples available in **www.puri.nic.in**. The selected agency has to supply the printed materials to all the 12 ICDS Project offices of the district at its own cost. The agency has to supply the samples of Mamata Registers (Annexure-A to E) as per specification indicated in term & conditions. The detail tender papers and term & conditions can be downloaded from the district website **http://www.puri.nic.in** or can be seen in the tender notice displayed in the notice board of DSWO, Puri.

The firms / agencies / printing press submitting tender paper by downloading from website have to enclose a Bank Draft amounting Rs.3,000/- (Rupees Three Thousand) only towards non refundable cost of tender paper including VAT in favour of DSWO, Puri payable at SBI main Branch, Puri failing which the tender paper will be rejected. An amount of Rs.1.00 lakh (Rupees one lakh) has to be deposited in shape of Bank Draft / NSE / FD / TD as EMD by the tenderers duly pledged in favour of DSWO, Puri payable at SBI Main Branch, Puri. The same will be refunded to unsuccessful tenderer after finalization of tender and this can be converted as Security Deposit in case of successful tenderer.

The undersigned reserves the right to accept / reject any or all tender papers without assigning any reason thereof.

24014/11/0002/1819 **Sd./- Collector, Puri**

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**
**ବିଜ୍ଞପ୍ତି**



ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁ ପୁତ୍ରଟିକୁ ସା- ଝାଡବାଡ଼ିଆ, ପୋଷ୍ଟ/ଥାନା- କାନପୁର, ଜିଲ୍ଲା- କଟକର ଶ୍ରୀମତୀ ଯଶୋଦାରାଣୀ ପା, ସ୍ୱାମୀ- ବସନ୍ତ କୁମାର ପା ନାମକ ଏକ ଦମ୍ପତି ପରିତ୍ୟକ୍ତ ଅବସ୍ଥାରେ ପାଇ ନିଜ ପାଖରେ ରଖିଥିଲେ, ଉକ୍ତ ଶିଶୁଟିକୁ ସେମାନଙ୍କ ନିକଟରୁ ଉଦ୍ଧାର କରାଯାଇ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ-୬୩, କଲେକ୍ଟରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, କଟକ, ପ୍ଲଟ୍ ନଂ-୧୮୯୭, ବାଖରାବାଦ (ସନ୍ ସାଇନ୍ ଖେଳ ପଡିଆର ପୂର୍ବପଟ) ଫୋନ୍ ନଂ- ୦୬୭୧-୨୪୨୩୩୩୩, ମୋବାଇଲ୍ ନଂ ୭୯୭୮୧୪୬୮୧୪ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ- ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ - ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧. | ଦିଗ୍‌ବିଜୟ | ପୁଅ | ୧୭.୧୨.୨୦୧୭ (ପ୍ରାୟ) | ୧୦.୦୧.୨୦୧୮ | ଝାଡବାଡିଆ କାନପୁରରୁ | ଶିଶୁ ମଙ୍ଗଳ ସମିତିର (CWC) କଟକଙ୍କ ନିର୍ଦ୍ଦେଶନାମା ନଂ ୩୧୬୬/ ୨୦୧୮ ବିଡାନାସୀ ଥାନାକୁ ଚିଠି ନଂ- ୫୯୮୪/୨୦୧୮ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**
**ବିଜ୍ଞପ୍ତି**



ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁ କନ୍ୟାଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା '**ଶିଶୁଝୁଲା**'ରୁ ଉଦ୍ଧାର କରାଯାଇ ବସୁନ୍ଧରାରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଏହି ଶିଶୁ କନ୍ୟାଟିର ନାମ '**ନମ୍ୟା**' ରଖାଯାଇଅଛି। ଉକ୍ତ ଶିଶୁ କନ୍ୟାଟିର ଯଦି କେହି ପିତାମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ-୬୩, କଲେକ୍ଟରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ- ୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, କଟକ ପ୍ଲଟ୍ ନଂ-୧୮୯୭, ବାଖରାବାଦ (ସନ୍ ସାଇନ୍ ଖେଳ ପଡିଆର ପୂର୍ବପଟ) ଫୋନ୍ ନଂ- ୦୬୭୧-୨୪୨୩୩୩୩, ମୋବାଇଲ୍ ନଂ ୭୯୭୮୧୪୬୮୧୪ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ- ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ - ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧. | ନମ୍ୟା | ଝିଅ | ୩୦.୦୭.୨୦୧୮ (ପ୍ରାୟ) | ୧୨.୦୮.୨୦୧୮ | ବସୁନ୍ଧରାର 'ଶିଶୁଝୁଲା' ରୁ | ଶିଶୁ ମଙ୍ଗଳ ସମିତି (CWC) କଟକଙ୍କୁ ଚିଠି ନଂ-୬୧୨୩/୨୦୧୮ ବିଡାନାସୀ ଥାନାକୁ ଚିଠି ନଂ- ୬୧୨୪/୨୦୧୮ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

CAPITAL REGION URBAN TRANSPORT
**C/o – Bhubaneswar Development Authority, Akash Shova Building, Sachivalaya Marg, Bhubaneswar, Odisha (INDIA), PIN- 751001**
**Email: crutbbsr@gmail.com, Phone No.: 0674-2395155**

Notice No. 914/CRUT Date: 11.09.2018

REQUEST FOR PROPOSAL
FOR SELECTION OF REVENUE COLLECTION AGENCY FOR COLLECTION OF FARE-BOX REVENUE FROM THE CITY BUS SERVICES OPERATED BY CRUT

1. Capital Region Urban Transport (CRUT) invites Proposal from interested agencies for the above mentioned purpose. Please refer the RFP document for details.
2. The RFP document shall be available from **12.09.2018** onwards in following web portals: **www.bdabbsr.in**, **www.bmc.gov.in**. **Any further intimation (i.e. Corrigendum/ Addendum/ Responses to the queries/ Clarifications) shall be uploaded in the above websites only.**
3. Applicants are required to submit duly filled Proposal as per the prescribed formats on or before **06.10.2018** by **3.00 PM**. The Proposals received shall be opened at **4.00 PM** on **06.10.2018**.
4. A pre-bid meeting shall be organised for the same on **20.09.2018** at **3.00 PM** in BDA Conference Hall.
5. In case of any queries/clarifications, please contact: **0674-2395155** or e-mail at **crutbbsr@gmail.com.**
6. CRUT reserves the right to accept or reject bid process without assigning any reason thereof.

**Sd./- Managing Director**
**Capital Region Urban Transport**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ସେପ୍ଟେମ୍ବର, ୨୦୧୮



ଡା. ସାରଦା ପ୍ରସନ୍ନ ସାହୁ
ଡା.ରଞ୍ଜନ କୁମାର ମହାନ୍ତ

# ବନ୍ୟାଞ୍ଚଳରେ ପ୍ରାଣୀସମ୍ପଦର ପରିଚାଳନା

ବନ୍ୟା ସମୟରେ ଆମମାନଙ୍କର ଜୀବନଧାରଣରେ ବିଭିନ୍ନ ସମସ୍ୟା ଥିବାରୁ ଗୃହପାଳିତ ପ୍ରାଣୀଙ୍କର ସୁରକ୍ଷା ତଥା ଯତ୍ନ କଥା ପ୍ରାୟତଃ ଭୁଲିଯାଇଥାଉ । କିନ୍ତୁ ବନ୍ୟା ସମୟରେ ଏହି ପ୍ରାଣୀଙ୍କର ସମୁଚିତ ପରିଚାଳନା କରାଯାଇପାରିଲେ, ବନ୍ୟା ପରେ ଏହି ପ୍ରାଣୀସମ୍ପଦ ଜୀବନ ଜୀବିକାର ଆଧାର ହୋଇପାରିବେ ।





**ବନ୍ୟା ସମୟର ଯତ୍ନ :**

ବନ୍ୟାଘେରରେ ଥିବା ପ୍ରାଣୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାନ୍ତୁ । ଗୋରୁଙ୍କୁ ବାହାରକୁ ନ ଛାଡି ଗୁହାଳରେ ବାନ୍ଧିରଖନ୍ତୁ। ଗୁହାଳରୁ ପାଣି ସଫା କରି ବିଶୋଧକ ଦ୍ରବ୍ୟ ଯଥା ବ୍ଲିଚିଂ ପାଉଡର୍, ଚୂନ ପାଉଡର୍, ଫିନାଇଲ୍, ପୋଟାସିୟମ୍ ପରମାଙ୍ଗାନେଟ୍ ଦ୍ରବଣ ଆଦିରେ ଭଲଭାବରେ ଧୋଇ ଦିଅନ୍ତୁ । ଧୋଇସାରିବା ପରେ ଯଦି ଚଟାଣ ଓଦା ଥାଏ ତେବେ ପାଉଁଶ, ବାଲି, କରତଗୁଣ୍ଡ ବା ଶୁଖିଲା ଅଖା ପକାନ୍ତୁ । ବର୍ଷାରେ ଗୋରୁଙ୍କୁ ଓଦା କରାଇବା ଅନୁଚିତ୍ । ବର୍ଷା ପାଣି ଛିଟାରୁ ପ୍ରାଣୀଙ୍କୁ ଦୂରେଇ ରଖିବା ପାଇଁ ଗୁହାଳ ଘରଟିରେ ଖାଲିଥିବା ଜାଗାଗୁଡିକୁ ଶୁଖିଲା ଅଖା ବା ମୋଟା ପଲିଥିନ୍‌ରେ ଘୋଡେଇ ରଖନ୍ତୁ । ପାଣି ଜମି ରହିଥିବାରୁ ମଶା, ମାଛି, ଡାଆଁଶ ତଥା ଅଣୁଜୀବଙ୍କ ବଂଶ ବୃଦ୍ଧି ଘଟିଥାଏ। ଏହି ଅଣୁଜୀବ ଯଥା ଜୀବାଣୁ, ଭୂତାଣୁ, କବକ ଓ ଅନ୍ୟାନ୍ୟ ପରଜୀବୀମାନେ ଗୋସମ୍ପଦରେ ରୋଗର କାରକ ଓ ବାହକ ହିସାବରେ କାମକରିଥାନ୍ତି। ତେଣୁ ପାଣି ଜମି ରହିଥିବା ସ୍ଥାନରେ ବିଶୋଧକ ଦ୍ରବ୍ୟ ପକାଇବା ସହ ଜମି ରହିଥିବା ପାଣିକୁ ସଫଳ ଭାବରେ ନିଷ୍କାସନ କରନ୍ତୁ।

ବନ୍ୟା ସମୟରେ ମୁଖ୍ୟତଃ ପିଇବା ପାଣି ଓ ଖାଦ୍ୟର ସୁପରିଚାଳନା କରାଯିବା ଜରୁରୀ। କାରଣ ଏହି ଦୁଇଟି ମାଧ୍ୟମରେ ରୋଗ ବ୍ୟାପିବାର ଅଧିକ ଆଶଙ୍କା ଥାଏ। ପାଣି ପିଇବାକୁ ଦେବା ପୂର୍ବରୁ ଉଭୟ ପାଣି ଓ ପାଣି ପାତ୍ରକୁ ବିଶୋଧିତ କରନ୍ତୁ। ପାଣିର ବିଶୋଧୀକରଣ ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଯଥା ବ୍ଲିଚିଂ ପାଉଡର୍, ଚୂନ ପାଉଡର୍, ଫଟିକିରି ପାଉଡର, କ୍ଲୋରିନ୍ ବଟିକା, ହାଲୋଜେନ୍ ବଟିକା ଆଦି ବ୍ୟବହାର କରାଯାଇଥାଏ । ଅନୁମାନ ହିସାବରେ ଏକ ବାଲ୍‌ଟି ପାଣିରେ ୫ ରୁ ୭ଟି କ୍ଲୋରିନ୍ ବା ହାଲୋଜେନ୍ ବଟିକା ବା ୪୫ରୁ ୬୦ ଗ୍ରାମ୍ ଚୂନ ପାଉଡର୍ ବା ୧୦୦ ଗ୍ରାମ୍ ଫଟିକିରି ପାଉଡର ବା ୫ ରୁ ୧୦ ଗ୍ରାମ୍ ବ୍ଲିଚିଂ ପାଉଡର ପକାଇ ବିଶୋଧିତ କରାଇପାରିବେ । ପାଣିକୁ ଫୁଟାଇବା ପରେ ଛାଣି ପିଇବାକୁ ଦେଲେ ଭଲ । ଗଭୀର ନଳକୂପର ପରିଷ୍କାର ପାଣି ମଧ୍ୟ ପାନୀୟ ଜଳ ହିସାବରେ ବ୍ୟବହାର କରାଯାଇପାରିବ ।

ସାଧାରଣତଃ ବନ୍ୟା ପୂର୍ବରୁ ରଖିଥିବା ଶୁଖିଲା ଖାଦ୍ୟ, ଘାସ, ନଡା, ପରିବା ଚୋପା ଆଦି ବନ୍ୟା ସମୟରେ ଖାଇବାକୁ ଦିଆଯାଇଥାଏ । ବର୍ଷା ପାଣି ଯୋଗୁଁ ସାଇତି ରଖିଥିବା ଖାଦ୍ୟ ପଦାର୍ଥରେ ଫିମ୍ପି ଲାଗିଯାଇଥିଲେ ତାହା ଖାଇବାକୁ ଦିଅନ୍ତୁନାହିଁ। ଏହା ଖାଇବାଫଳରେ ତରଳ ଝାଡା ହୋଇଥାଏ । ଘାସକୁ କାଟି ଛୋଟ ଛୋଟ କରି ଖାଇବାକୁ ଦିଅନ୍ତୁ । ଘାସ ଖାଇବାକୁ ଦେବାବେଳେ ସେଥିରୁ ଅନାବନା ଓ ଖାଦ୍ୟଅନୁପଯୋଗୀ ଘାସ ବାଛି ଦେବା ଭଲ । ଓଦା ବା ଫିମ୍ପି ହୋଇଯାଇଥିବା ତଥା ବାସି ବା ରନ୍ଧା ଖାଦ୍ୟ ଖାଇବାକୁ ଦିଅନ୍ତୁ ନାହିଁ। ରିଲିଫ୍‌ରେ ମିଳୁଥିବା ଦାନାକୁ ସାଇତି ରଖି ଅଳ୍ପ ଅଳ୍ପ କରି ଖାଇବାକୁ ଦେବା ଦରକାର ।

ବନ୍ୟା ସମୟରେ ପ୍ରାଣୀଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯିବା ଫଳରେ ବିଭିନ୍ନ ରୋଗ ଯଥା ସାହାଣା, ବଜବଜିଆ, ଅଢେଇଦିନିଆ ଜ୍ୱର, ଫାଟୁଆ, ଗୋମଡକ, ଥନହରା, କାଶ, ଗଳାଫୁଲା ଆଦି ଦେଖାଯାଇଥାଏ । ତାଛଡା କୃମି ଓ ଟିଙ୍କ ଜନିତ ସଂକ୍ରାମକ ରୋଗ ମୁଖ୍ୟତଃ ଗୋପାଳକମାନଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥାଏ । ପାଣି ଜମିରହିବା ଫଳରେ କୃମିଙ୍କ ବଂଶ ବୃଦ୍ଧି ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ବର୍ଷାଦିନରେ ସନ୍ତସନ୍ତିଆ ସ୍ଥାନ କୃମିଙ୍କ ଅଣ୍ଡାରୁ ଲାର୍ଭାରେ ପରିଣତ ହେବାସହିତ ଘାସ ପତ୍ରରେ ବା ଜଳର ଉପର ସ୍ତରରେ ଲାଗିରହିଥାନ୍ତି। ପ୍ରାଣୀଟି ସେଇ ଘାସ ଖାଇବା, ମାଟି ଚାଟିବା, ଚାରଣ ଭୂଇଁରେ ଖାଇବା ବା ପାଣି ପିଇବା ଦ୍ୱାରା କୃମି ଶରୀରରେ ପ୍ରବେଶ କରିଥାନ୍ତି। କୃମି ମୁକ୍ତ କରିବା ପାଇଁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ । ତରଳ ଝାଡ଼ା ହେଉଥିଲେ ହଠାତ୍ କୃମି ଔଷଧ ଦିଅନ୍ତୁ ନାହିଁ । ବନ୍ୟା ସମୟରେ କୌଣସି ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖାଇବାକୁ ଦିଅନ୍ତୁ। ନିମ୍ବପତ୍ର, ହଳଦୀ ପାଉଡର୍ ଓ ତୁଳସୀ ପତ୍ର ଦିନକୁ ଦୁଇ ଥର କରି ସାତ ଦିନ ଯାଏ ଖାଇବାକୁ ଦେବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହିତ କୃମିନାଶକ ହିସାବରେ ମଧ୍ୟ କାମ କରିଥାଏ । ବନ୍ୟା ପୂର୍ବରୁ ଟିକାକରଣ କରି ନ ଥିଲେ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଶୀଘ୍ର ଟିକା ଦେଇଦିଅନ୍ତୁ। ପ୍ରାଣୀ ଚିକିତ୍ସା ଶିବିରର ଲାଭ ନିଅନ୍ତୁ । ବନ୍ୟା ସମୟରେ ଲେପଟୋସ୍ପାଇରା ଭଳି କିଛି ରୋଗ ପଶୁଙ୍କଠାରୁ ମଣିଷମାନଙ୍କୁ ବ୍ୟାପି ମହାମାରୀର ରୂପ ନେଇଥାଏ, ତେଣୁ ଏ ସବୁ ବିଷୟରେ ସଚେତନ ରୁହନ୍ତୁ ।

ବନ୍ୟାର ଭୟାବହତା ସମୟ ସମୟରେ ମହାମାରୀର ରୂପନେବା ସହିତ ଅପମୃତ୍ୟୁର ମଧ୍ୟ କାରଣ ହୋଇଥାଏ । ପ୍ରାଣୀଙ୍କ ମୃତଦେହଗୁଡିକୁ ଏଣେ ତେଣେ ନ ପକାଇ ଏକ ଗଭୀର ଗାତ କରି ପୋତି ଦିଅନ୍ତୁ । ଗାତଟିକୁ ମାଟିଦେଇ ବନ୍ଦ କରିବା ପୂର୍ବରୁ ୨ଇଞ୍ଚ ବହଳର ମୋଟା ଚୂନ ଧାର ପକାନ୍ତୁ । ଗାତକରୁଥିବା ଜାଗାଟି ଏକ ଉଚ୍ଚା ସ୍ଥାନରେ କରନ୍ତୁ ଯେମିତି ଗାତ ଭିତରେ ବନ୍ୟା ପାଣି ପ୍ରବେଶ କରିପାରୁ ନ ଥିବ । ମୃତ ପ୍ରାଣୀଙ୍କ ଆକାରକୁ ନେଇ ଗାତର ମାପ ଅନୁମାନ କରନ୍ତୁ । ଗାତର ଗଭୀରତା ୪ ରୁ ୫ ଫୁଟ୍ ହେବା ଦରକାର । ଗୋ-ମୂତ୍ର ଓ ମଳକୁ ପରିଷ୍କାର ଭାବରେ ନିଷ୍କାସିତ କରାନ୍ତୁ ।

ବନ୍ୟା ସମୟରେ ପାଣିର ଉଚ୍ଚତା ବୃଦ୍ଧିହେତୁ ବିଭିନ୍ନ କୀଟ, ଜନ୍ତୁ ଓ ସରୀସୃପମାନେ ଉପରକୁ ଉଠି ଆସିଥାନ୍ତି। ସେମାନେ ଆଶ୍ରା ପାଇଁ ଗୁହାଳ ଭିତରକୁ ପଶି ଆସି ଗୋରୁଙ୍କର ଶରୀରରେ କ୍ଷତ ସୃଷ୍ଟି କରିଥାନ୍ତି। ବେଳେବେଳେ ଏହା ବିଷକ୍ରିୟା ଜନିତ ଆଘାତ ହେବା ଫଳରେ ଜୀବନ ହାନି ଘଟିଥାଏ। ତେଣୁ ଏଥିପ୍ରତି ଯତ୍ନବାନ ହୁଅନ୍ତୁ।

**ବନ୍ୟା ଛାଡ଼ିଯିବା ପରେ...**

ବନ୍ୟା ପାଣି ଛାଡିଗଲା ପରେ ପଚା ଘାସ, ଅପରିଷ୍କାର ମାଟି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁମାନ ଚାରଣଭୂମି ଉପରେ ମାଡି ଯାଇଥାଏ। ତେଣୁ ବନ୍ୟାର ଛାଡିବାର ୧୦ରୁ ୧୫ ଦିନ ଯାଏ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ । ପାଣି ବୁଡିରହିଥିବା ଘାସ ବୁଦା ଅଞ୍ଚଳରେ ଗେଣ୍ଡା ସଂଖ୍ୟା ବୃଦ୍ଧିଘଟି କେତେକ କଳିଜା କୃମିଙ୍କର ବଂଶ ବୃଦ୍ଧିରେ ସହାୟକ ହୋଇଥାଏ। ପାଣି ଛାଡିଗଲା ପରେ ନୂଆ ଘାସ କଅଁଳିଲା ପରେ ଚରିବାକୁ ଗଲେ କିଛି ଅସୁବିଧା ନାହିଁ । ମଶା, ମାଛି, ଡାଆଁଶ ନିରାକରଣ ଲାଗି ଧୂଆଁ ଦିଅନ୍ତୁ। ପିଇବା ପାଣିକୁ ବିଶୋଧିତ କରି ବ୍ୟବହାର କରନ୍ତୁ । ଖାଦ୍ୟସାର ଏ,ସି,ଡି,ଇ ଆଦି ଥିବା ଭିଟାମିନ୍ ପାଉଡର, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ କୃମିନାଶକ ଔଷଧ ଖୁଆନ୍ତୁ।

*-ପ୍ରାଣୀଧନ ଅଧିକାରୀ, ପଶୁପାଳନ ଦୁଗ୍ଧ ଓ ମତ୍ସ୍ୟ ବିଭାଗ, ଭାରତ ସରକାର*
*ମୋ:୯୪୩୮୪୦୮୧୦୫*
*-ପ୍ରାଣୀ ବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ*

## ରବି ଚିନାବାଦାମ



ରବି ବାଦାମପାଇଁ ଜମି ପ୍ରସ୍ତୁତ କରନ୍ତୁ। ବାଦାମ ଫସଲରେ ଟୀକା ଓ ମୂଳ ସଢ଼ା ରୋଗ ହେବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ମିଶ୍ରଣକୁ ଦୁଇଗ୍ରାମ ହିସାବରେ ୧୦ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ଥିଲେ ପତ୍ରପୋଡା ଦାଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଚିନାବାଦାମ ଫସଲ ଅମଳ ଅବସ୍ଥାରେ ଥିଲେ ଜମିରୁ ପାଣି ଶୁଖିଗଲେ ପାଗ ଦେଖି ଅମଳ କରନ୍ତୁ। ବିଡାବାନ୍ଧି ଗଛଗୁଡିକ ଓଲଟାଇ ରଖନ୍ତୁ। ଯେପରିକି ଫଳ ବାଦାମ ଗୁଡିକ ଉପରକୁ ରହିବ।

## ଆଖୁରେ ରୋଗ ଦମନ ଲାଗି...

ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ଲାଗି ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିନିଆ ମେଲାନୋଲିଉକା ପରଜିବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ ।

- ଦହିଆ ପୋକର ଦମନ ଲାଗି ପ୍ରତି ଲିଟର ପାଣିରେ ୦.୩ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।
- ନାଳିଶଢ଼ା ରୋଗ ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ ।
- ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



## ଜୀବାଣୁ ସାର



ରାହୁଲ ବେହେରା



'ଜୀବାଣୁ ସାର' କହିଲେ ସାଧାରଣତଃ କେତେକ ଅଣୁଜୀବ, ଯାହାଙ୍କୁ ମାଟିରେ ସିଧାସଳଖ ଭାବେ ହେଉ ଅଥବା ମଞ୍ଜି ସହ କିମ୍ବା ଚେର ଦ୍ୱାରା ନିବେଶିତ କରାଯାଇଥାଏ। ମାଟିରେ ଥିବା ବିଭିନ୍ନ ପ୍ରକାର ଉପକାରୀ ଅଣୁଜୀବଙ୍କୁ ଗବେଷଣାଗାରରେ ଚିହ୍ନଟ କରାଯାଇ, ସେମାନଙ୍କର କୃତ୍ରିମ ଉପାୟରେ ବଂଶବୃଦ୍ଧି ଘଟାଇ ନାନା ପ୍ରକାରରେ ଫସଲରେ ବ୍ୟବହାର କରାଯାଇଥାଏ। ଏହି ଅଣୁଜୀବ ମୁଖ୍ୟତଃ ବାୟୁମଣ୍ଡଳର ଯବକ୍ଷାରଜାନକୁ ମାଟିରେ ହେଉ ଅଥବା ଗଛର ଚେରରେ ବିବନ୍ଧିତ କରିଥାଆନ୍ତି। ମାଟିରେ ରହୁଥିବା ଅଦ୍ରବଣୀୟ ଅଗ୍ରହଣୀୟ ଫସ୍‌ଫରସ୍‌କୁ ଦ୍ରବଣୀୟ ତଥା ଗ୍ରହଣୀୟ କରି ଗଛକୁ ଯୋଗାଇ ଥାଆନ୍ତି ଏବଂ ମାଟିରେ ପ୍ରୟୋଗ କରାଯାଇଥିବା ଜୀବଜନ୍ତୁ ତଥା ଗଛଲତା ଇତ୍ୟାଦିର ଜୈବ ପଦାର୍ଥକୁ ଶଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି।

**ଆଜୋଟୋବ୍ୟାକ୍ଟର**

ଏହା ଗୋଟାଏ ଅସହଜୀବୀ ପରଜୀବୀ ଯବକ୍ଷାରଜାନ ବିବନ୍ଧନ କରିପାରୁଥିବା ବୀଜାଣୁ। ଏହି ଆଜୋଟୋବ୍ୟାକ୍ଟରର ବିଭିନ୍ନ ପ୍ରଜାତି ମାଟିରେ ଥିବା ଅଙ୍ଗାର ଜାତୀୟ ପଦାର୍ଥ ଖାଇ ଶକ୍ତି ଗ୍ରହଣ, ଯବକ୍ଷାରଜାନ ବିବନ୍ଧନର କ୍ଷମତା ଓ ନିଜର ବଂଶବୃଦ୍ଧି ଘଟାଇଥାନ୍ତି।

- ଆଜୋଟୋବ୍ୟାକ୍ଟର କଲ୍‌ଚର ପ୍ରୟୋଗ ଫଳରେ ଏଥିରେ ଥିବା ଜୀବାଣୁ ବୃଦ୍ଧିରେ ସହାୟକ ହୋଇଥାଏ। ଗଛର ବୃଦ୍ଧି ପାଇଁ ଏହି ବୀଜାଣୁ ଅକ୍ସିନ, ଭିଟାମିନ୍, ବୃଦ୍ଧି ପଦାର୍ଥ ତଥା କବକ ନାଶୀ ପଦାର୍ଥମାନ ସଂଶ୍ଳେଷଣ କରିଥାଏ।
- ଗହମ, ଧାନ, ବାର୍ଲି, ଓଟ୍, ମକା, ଆଖୁ ଏବଂ ପନିପରିବା ଆଦି ଯଥା-ଆଳୁ, ବାଇଗଣ, ବିଲାତିବାଇଗଣ, ବନ୍ଧାକୋବି ଏବଂ ପିଆଜ ଆଦିରେ ଆଜୋଟୋବ୍ୟାକ୍ଟର କଲ୍‌ଚର ପ୍ରୟୋଗ ଫଳରେ ଅମଳ ଶତକଡ଼ା ୭ ରୁ ୧୨ ଭାଗ ବୃଦ୍ଧି ଘଟିଥାଏ।
- ବିଭିନ୍ନ ଗବେଷଣାଲବ୍ଧ ଜ୍ଞାନକୁ ନେଇ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ ରୁଷିଆ, ଇସ୍ରାଏଲ୍ ଏବଂ ଭାରତରେ ଆଜୋଟୋବ୍ୟାକ୍ଟରକୁ ନେଇ ଯେତେ ପରୀକ୍ଷା କରାଯାଇଛି ସେମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୬୦ ଭାଗ ପରୀକ୍ଷାର ଫଳ ସ୍ୱରୂପ ଏହାର ଉପଚାର ଫସଲର ଅମଳ ବୃଦ୍ଧିରେ ସହାୟକ ହୋଇଥାଏ। ମାତ୍ର ୪୦ ଭାଗ ପରୀକ୍ଷାର ଫଳ ସେତେଟା ଉତ୍ସାହଜନକ ନୁହେଁ।
- ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ପନିପରିବା ଫସଲରେ ଶତକଡ଼ା ୨ ରୁ ୪୫ ଭାଗ, କପାରେ ୭ ରୁ ୨୮ ଭାଗ ଏବଂ ଆଖୁରେ ୯ ରୁ ୨୪ ଭାଗ ଅମଳ ବୃଦ୍ଧି ଘଟିଥାଏ।

ଆଜୋସ୍ପିରିଲମ୍ - ଏହାର ବ୍ୟବହାର ଫଳରେ ଫସଲର ନାଇଟ୍ରେଟ୍, ଆମୋନିୟମ୍, ଫସ୍‌ଫରସ୍, ପୋଟାସିୟମ ଏବଂ ଲୌହ ଆଦି ଗ୍ରହଣ କରିବାର କ୍ଷମତା ବୃଦ୍ଧି ଘଟିଥାଏ।

- ପରୀକ୍ଷାରୁ ଜଣାପଡ଼ିଛି ଜୋଆର ମଞ୍ଜିରେ ଆଜୋସ୍ପିରିଲମ୍ ଉପଚାର କରିବା ଫଳରେ ଏହା ଏହି ଫସଲର କାଣ୍ଡବିନ୍ଧା ମାଛିର ଆକ୍ରମଣରେ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇଥାଏ, କାରଣ ଆଜୋସ୍ପିରିଲମ ଉପଚାର ଫଳରେ ଜୋଆର କାଣ୍ଡରେ ଉପସ୍ଥିତି ବୃଦ୍ଧି ଘଟାଇଥାଏ, ଯାହାକି କାଣ୍ଡବିନ୍ଧା ମାଛିର ଆକ୍ରମଣକୁ ସହ୍ୟ କରିପାରିଥାଏ।
- ଏହି ଜାତୀୟ ଫସଲ ଯଥା ଜୋଆର୍ ଏବଂ ମକାଜାତୀୟ ଫସଲରେ କେତେକାଂଶରେ ସହଜୀବୀ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥାଏ କାରଣ ଏ ପ୍ରକାର ଉଦ୍ଭିଦ ଖାଦ୍ୟ ପ୍ରସ୍ତୁତି ଦ୍ରୁତ ବେଗରେ କରିଥାଆନ୍ତି ଏବଂ ସବୁଠାରୁ କମ୍ ଆଲୋକ ଶ୍ୱସନ ଘଟିଥାଏ।
- ଅଳ୍ପ ଓଦାଳିଆ ବା ଶୁଖିଲା ଦୋରସା, ବାଲିଆ ଦୋରସା ଏବଂ ଦୋରସା ମାଟିରେ ଆଜୋଟୋବ୍ୟାକ୍ଟରର ପ୍ରୟୋଗ କରାଯାଇଥାଏ, କାରଣ ଏହି ମାଟିରେ ବାୟୁ ଚଳାଚଳ ଭଲ ରୂପେ ହୋଇଥାଏ। ଅମ୍ଳଜାନର ଅଭାବ ହେଲେ ଏ ପ୍ରକାର ବୀଜାଣୁ ବଞ୍ଚିପାରନ୍ତି ନାହିଁ।କାଦୁଅ, ଚିକିଟା ବା ମଟାଳ ମାଟିରେ ବେଶି ପାଣି ରହିଥାଏ। ଏ କ୍ଷେତ୍ରରେ ଆଜୋସ୍ପିରିଲମ୍ ହିଁ ବ୍ୟବହାର କରାଯାଇଥାଏ, କାରଣ ଏ ପ୍ରକାରର ମାଟିରେ ଭଲ ରୂପେ ବାୟୁ ଚଳାଚଳ ହୋଇପାରି ନ ଥାଏ ଏବଂ ଏହି ବୀଜାଣୁସ୍ଥଳି ଶେଷରେ ଅମ୍ଳଜାନର ଅଭାବ ହେଲେ ମଧ୍ୟ ବଞ୍ଚିପାରେ।

*-କାର୍ଯ୍ୟକ୍ରମ ସହଯୋଗୀ (ମୃତ୍ତିକା ବିଜ୍ଞାନ), କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି*

ପ୍ରଥମ ପୃଷ୍ଠାରୁ...

## ଶିକ୍ଷକଙ୍କ ପାଇଁ ବିଧାନସଭା...

ପ୍ରଦୀପ ପୁରୋହିତ, ରବି ନାୟକ ଏବଂ ଗୋବିନ୍ଦ ଦାସ ଗୃହର ମଧ୍ୟଭାଗକୁ ଆସି ଏନଟିପିସି ପ୍ରକଳ୍ପକୁ ଅନୁମତି ବିଳମ୍ବ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲେ। ଏହି ସମୟରେ ବାଚସ୍ପତି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ପ୍ରଥମ ପ୍ରଶ୍ନ ୧୫୧ର ଉତ୍ତର ଦେବାକୁ ଡାକିଥିଲେ। ମହାରଥୀ ହୋହଲ୍ଲା ମଧ୍ୟରେ ଉତ୍ତର ପଢି ଚାଲିଥିଲେ। ଭାଜପା ସଦସ୍ୟମାନେ ବାଚସ୍ପତିଙ୍କ ମାଇକ ଟାଣି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ବାଚସ୍ପତି ବାଧ୍ୟ ହୋଇ ମାତ୍ର ୧ ମିନିଟ ପରେ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ଗୃହକୁ ମୁଲତବୀ ଘୋଷଣା କରି ଦେଇଥିଲେ।

୧୧ଟା ୩୦ ମିନିଟରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୂନ୍ୟ କାଳ ଶେଷ ହେବା ପରେ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା 'ରାଜ ରାସ୍ତାରେ ଶିକ୍ଷକ, ସ୍କୁଲରେ ତାଲା । ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା' ଶୀର୍ଷକ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚାନ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ନେତା ନରସିଂହ ମିଶ୍ର ମୁଲତବୀ ପ୍ରସ୍ତାବକୁ ସମର୍ଥନ କରି ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଲେ, କେବଳ ସ୍କୁଲ ବନ୍ଦ ନାହିଁ, କଲେଜ ମଧ୍ୟ ବନ୍ଦ ରହିଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହିତ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ଶିକ୍ଷକ ସମସ୍ୟା ଉପରେ ଗୃହରେ ଉତ୍ତର ଦେବା କଥା। ସମ୍ବିଧାନର ଅନୁଚ୍ଛେଦ ୨୧(୨) ଅନୁଯାୟୀ ଶିକ୍ଷା ଏକ ମୌଳିକ ଅଧିକାର। ୬ ବର୍ଷରୁ ୧୪ ବର୍ଷ ଯାଏ ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ। ଶିକ୍ଷା ଦେବା ପାଇଁ ସରକାର ସ୍କୁଲ ପ୍ରତିଷ୍ଠା କରିବେ। ସ୍କୁଲରେ ଭଲ ଶିକ୍ଷକ ନିଯୁକ୍ତି ଦେବେ ଓ ସେମାନଙ୍କୁ ଭଲ ଦରମା ଦେବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍କୁଲରେ ୬୦ ଜଣ ପିଲାଙ୍କ ପାଇଁ ୨ଜଣ ଶିକ୍ଷକ, ୬୧ରୁ ୯୦ ଛାତ୍ରଙ୍କ ପାଇଁ ୩ ଏବଂ ୧୦୦ ପିଲାଙ୍କ ପାଇଁ ୫ ଶିକ୍ଷକ ଓ ଜଣେ ପ୍ରଧାନ ଶିକ୍ଷକ ରହିବା ଜରୁରୀ। ସରକାର ଇସ୍ୟୁକୁ ଡାଇଭର୍ଟ କରୁଛନ୍ତି। ଛତା, ଜୋତା, କମ୍ବଳ ବାଣ୍ଟିବାକୁ ପଇସା ଅଛି। ଶିକ୍ଷକଙ୍କୁ ଦରମା ଦେବାକୁ ପଇସା ନାହିଁ। ଶସ୍ତା ଲୋକପ୍ରିୟତା ପାଇଁ ସରକାର ଏଭଳି କରୁଛନ୍ତି। ଶିକ୍ଷା ଏକ ଯୁଗ୍ମ ଦାୟିତ୍ୱ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା ପାଇଁ ଅର୍ଥ ଖର୍ଚ୍ଚ କରିବେ। ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି। ଛାତ୍ରମାନଙ୍କର ଦୋଷ କ'ଣ। ସେମାନେ କାହିଁକି ଶିକ୍ଷାରୁ ବଞ୍ଚିତ ହେବେ। ସରକାର ନିଜର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରୁନାହାନ୍ତି। ବହୁବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ କିଛି ଲାଭ ହେଉ ନାହିଁ। ବାଚସ୍ପତି ଗୃହ କାର୍ଯ୍ୟ ବନ୍ଦ କରି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରନ୍ତୁ। ଏହି ସମୟରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ଅଂଶୁମାନ ମହାନ୍ତି, ଚିରଞ୍ଜୀବ ବିଶ୍ୱାଳ, ପ୍ରଫୁଲ୍ଲ ମାଝି, ଦେବେନ୍ଦ୍ର ଶର୍ମା, ଚନ୍ଦ୍ର ଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଶିକ୍ଷାକୁ ଖାଇଲା କିଏ... ନବୀନ ପଟ୍ଟନାୟକ ଆଉ କିଏ, ଶିକ୍ଷକ ଆନ୍ଦୋଳନ ବନ୍ଦ କରିବା ଆମର ଦାବି... ଆମର ଦାବି... ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ କଂଗ୍ରେସ ସହ ତାଳ ମିଳାଇଥିଲେ। ଫଳରେ ମୁଲତବୀ ଆଲୋଚନା ଅଧାରୁ ହଟ୍ଟଗୋଳରେ ଫସି ଯାଇଥିଲା। କେବଳ ବିରୋଧୀ ଦଳ ନେତାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ସଦସ୍ୟ ମୁଲତବୀ ଆଲୋଚନାରେ ଭାଗ ନେଇ ନ ଥିଲେ। ବାଚସ୍ପତି ଶାସକ ଦଳ ସଭ୍ୟ ସମୀର ରଞ୍ଜନ ଦାଶ ଓ ମହେଶ ସାହୁଙ୍କୁ କହିବାକୁ ଡାକିଥିଲେ। ହଟ୍ଟଗୋଳ ମଧ୍ୟରେ ସେମାନେ ନିଜର ମତ ରଖି ପାରି ନ ଥିଲେ। ବାଚସ୍ପତି ତରବରିଆ ଭାବେ ମୁଲତବୀ ଆଲୋଚନାକୁ ଶୀଘ୍ର ଶେଷ କରି ଗୃହକୁ ୧୨ଟା ୫୫ ମିନିଟରେ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ବିରୋଧୀ କଂଗ୍ରେସ ସଦସ୍ୟମାନେ ପୁଣି ହଟ୍ଟଗୋଳ କଲେ। ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ଶିକ୍ଷକଙ୍କ ପ୍ରସଙ୍ଗ ଉଠାଇ ସମସ୍ୟା ସମାଧାନ କରିବା ଲାଗି ସର୍ବଦଳୀୟ ବୈଠକ ଡାକିବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହନୀପତି ମଧ୍ୟ କେ.ଭି.ଙ୍କ ସହ ସ୍ୱର ମିଳାଇ କହିଲେ ଆଗକୁ ଗଣେଶ ପୂଜା । ୩୦ ଲକ୍ଷ ପିଲାଙ୍କ ଭବିଷ୍ୟତ ବିପଦରେ । ସର୍ବଦଳୀୟ ବୈଠକ ଡାକି ଆଲୋଚନା କରାଯାଉ। ନଚେତ ଗୃହ ଚାଲିପାରିବ ନାହିଁ କହି ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କଲେ। ଗୃହ କାର୍ଯ୍ୟ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିପାଇଁ ଗୃହକୁ ୩୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ। କିନ୍ତୁ ବୈଠକ ଅଧିକ ସମୟ ଚାଲିବାରୁ ବାଚସ୍ପତି ଗୃହକୁ ଆଉ ୨ ଥର ୩୦ ମିନିଟ ଲେଖାଏ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ ଶିକ୍ଷକଙ୍କ ସମସ୍ୟା ଆଲୋଚନା ହେଲା। ଶିକ୍ଷକମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ବାଚସ୍ପତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କୁ ନିର୍ଦ୍ଦେଶ ଦେଲେ। ଫଳରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

## ଆଶା, ଅଙ୍ଗନୱାଡି କର୍ମୀଙ୍କ ...

ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକରେ ମଧ୍ୟ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଯେଉଁ କର୍ମୀମାନେ ମାସିକ ୩୦୦୦ ଟଙ୍କା ପାରିଶ୍ରମିକ ପାଉଥିଲେ ସେମାନେ ୪୫୦୦ ଟଙ୍କା ଏବଂ ୨୨୦୦ ଟଙ୍କା ପାଉଥିବା କର୍ମୀମାନେ ୩୫୦୦ ଟଙ୍କା ପାଇବେ। ଅଙ୍ଗନୱାଡ଼ି ସହାୟିକାମାନଙ୍କ ପାରିଶ୍ରମିକ ମଧ୍ୟ ୧୫୦୦ ଟଙ୍କାରୁ ବୃଦ୍ଧି ପାଇ ୨୨୫୦ ଟଙ୍କା ହୋଇଛି। ବର୍ଦ୍ଧିତ ପାରିଶ୍ରମିକ ଅକ୍ଟୋବରରୁ ଲାଗୁ ହେବ ଏବଂ ନଭେମ୍ବରରୁ ସେମାନେ ଏହା ପାଇପାରିବେ। କମନ୍ ଆପ୍ଲିକେଶନ୍ ସଫ୍ଟୱେର୍ (ଆଇସିଡିଏସ୍-ସିଏଏସ୍) ବ୍ୟବହାର କରିଲେ ଅଙ୍ଗନୱାଡ଼ି କର୍ମୀମାନେ ୨୫୦ରୁ ୫୦୦ ଟଙ୍କା ଲେଖାଏ ଅତିରିକ୍ତ ଭତ୍ତା ପାଇପାରିବେ। ଏହା ପ୍ରଦର୍ଶନ ଭିତ୍ତିକ ହେବ ବୋଲି ଆଶା, ଏଏନ୍‌ଏମ୍, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବାର୍ତ୍ତାଳାପ କରି ପ୍ରଧାନମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତର ଆଶା, ଏଏନ୍‌ଏମ୍, ଅଙ୍ଗନୱାଡ଼ି କର୍ମୀଙ୍କ ସହ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସିଧାସଳଖ ଭାବବିନିମୟ କରିଥିଲେ। ମୋଦିଙ୍କ ଘୋଷଣା ପରେ ଦେଶରେ ୧୨,୮୩,୭୦୭ ଅଙ୍ଗନୱାଡ଼ି କର୍ମୀ, ୧୦,୫୦,୫୬୪ ସହାୟିକା ଏବଂ ୧୦,୨୩,୧୩୬ ଆଶାକର୍ମୀ ଏଥିରୁ ଉପକୃତ ହୋଇପାରିବେ।

ପ୍ରକାଶ ଯେ, ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭ୍‌ଲପ୍‌ମେଣ୍ଟ ସର୍ଭିସ୍ (ଆଇସିଡିଏସ୍)ଯୋଜନାରେ ବର୍ତ୍ତମାନ ଦେଶବ୍ୟାପୀ ୧୪ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି ଏବଂ ଏଥିରୁ ୧୦ କୋଟି ହିତାଧିକାରୀ ଉପକୃତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ୬ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳା। ସେପ୍ଟେମ୍ବରକୁ 'ପୋଷଣ ମାସ' ଭାବେ ଘୋଷଣା କରି ଦେଶର ପ୍ରତିଟି ଘରେ ପୋଷଣ ସମ୍ପର୍କିତ ସଚେତନତା ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର। ଏଥିଲାଗି ମୋଦି ଏଭଳି ଘୋଷଣା କରିଥିବା ଜଣାପଡ଼ିଛି।

## ଖାଇକୁ ଖସିଲା ...

କାର୍ଯ୍ୟ ଆରମ୍ଭ ହେବା ପରେ ଜଗତିଆଲ ଜିଲାପାଳ ଏ. ଶରତ, ଏସ୍‌ପି ସିନ୍ଧୁ ଶର୍ମା ଏବଂ ଅନ୍ୟ ଅଧିକାରୀ ଓ ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ କରିମ୍‌ନଗର ଜିଲା ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସେଠାରେ ଆଉ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ଜଗତିଆଲ୍ ଏବଂ ପେଦ୍ଦାପଲ୍ଲୀ ଜିଲାର। ସେମାନଙ୍କ ମଧ୍ୟରେ ଡ୍ରାଇଭର ବି.ଶ୍ରୀନିବାସଙ୍କ ସମେତ ୩୬ ମହିଳା ଓ ୫ ଶିଶୁ ଅଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି ବୋଲି ତେଲେଙ୍ଗାନା ଅର୍ଥମନ୍ତ୍ରୀ ଏଟେଲା ରାଜେନ୍ଦର ସୂଚନା ଦେଇଛନ୍ତି। ପାହାଡ଼ିଆ ରାସ୍ତାରେ ଡ୍ରାଇଭର ଶ୍ରୀନିବାସଙ୍କ ଗାଡ଼ି ଚଳାଇବାର ଅନୁଭୂତି ନ ଥିବାରୁ ଦୁର୍ଘଟଣା ଘଟିଥିବା ପରିବହନ ମନ୍ତ୍ରୀ ପି. ମହେନ୍ଦର ରେଡ୍ଡୀ କହିଛନ୍ତି। କାମଚଳା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଦୁର୍ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହାକୁ ନେଇ ଶୋକବ୍ୟକ୍ତ କରିଛନ୍ତି।



ଜିଓ ଫୋନରେ ହ୍ୱାଟ୍ସଆପ୍ ସେବା ଆରମ୍ଭ ହୋଇଛି। ମଙ୍ଗଳବାର ଠାରୁ ଏହି ସୁବିଧା ସମସ୍ତ ଜିଓ ଫୋନରେ ଉପଲବ୍ଧ ହେବ। ଏଥିପାଇଁ ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ସହଯୋଗ କରିଛନ୍ତି।
– ଆକାଶ ଅମ୍ବାନୀ, ଡାଇରେକ୍ଟର, ରିଲାଏନ୍ସ ଜିଓ ଇନଫୋକମ୍



ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ରିଜର୍ଭ ବ୍ୟାଙ୍କର ମନୋନୀତ ସଦସ୍ୟ ରହିବା ଅନୁଚିତ। ଏହାଦ୍ୱାରା ସେମାନଙ୍କୁ ଆର୍‌ବିଆଇ ନିୟନ୍ତ୍ରଣ କରୁଛି ବୋଲି ଆଶଙ୍କା ପ୍ରକାଶ ପାଉଛି।
– ରଘୁରାମ ରାଜନ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର

## ସଂକ୍ଷେପରେ

### ଆଣ୍ଟିଗୁଆରୁ ଭିଡିଓ ଜାରି କଲେ ଚୋକ୍‌ସୀ

#### ଇଡିର ସବୁ ଅଭିଯୋଗ ମିଛ

**ନୂଆଦିଲ୍ଲୀ,୧୧-୯:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମହାଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ନିଜକୁ ନିର୍ଦ୍ଦୋଷ ଦର୍ଶାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି। ଦେଶରୁ ଫେରାର ହୋଇ ଆଣ୍ଟିଗୁଆରେ ଲୁଚିଥିବା ମେହୁଲ ଏକ ଭିଡିଓ ଜାରି କରି କହିଛନ୍ତି ଯେ, ତାଙ୍କ ବିରୋଧରେ ଇଡି ପକ୍ଷରୁ ଅଣାଯାଇଥିବା ସମସ୍ତ ଅଭିଯୋଗ ମିଛ। ତାଙ୍କର ସମସ୍ତ ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବେଆଇନ ଭାବେ ଜବତ କରିଛି। ସେ କହିଛନ୍ତି ଯେ, ଭାରତୀୟ ପାସ୍‌ପୋର୍ଟକୁ ରଦ୍ଦ କରିବା ପାଇଁ ବହୁବାର ଉଦ୍ୟମ କରିଥିଲେ। ଭାରତୀୟ ପାସ୍‌ପୋର୍ଟ କର୍ତ୍ତୃପକ୍ଷ ତାଙ୍କର ପାସ୍‌ପୋର୍ଟକୁ ରଦ୍ଦ କରିଛନ୍ତି। ଫଳରେ ତାଙ୍କର ଯିବା ଆସିବାରେ ବନ୍ଦ ହୋଇଯାଇଛି। ଫେବୃଆରୀ ୧୬ରେ ତାଙ୍କୁ ଏକ ଇ-ମେଲ ମିଳିଥିଲା। ଭାରତ ଲାଗି ସେ ବିପଦ ଥିବାରୁ ତାଙ୍କର ପାସ୍‌ପୋର୍ଟକୁ ରଦ୍ଦ କରାଯାଉଛି ବୋଲି ସେଥିରେ ଦର୍ଶାଯାଇଥିଲା। ଏହାପରେ ସେ ଫେବୃୟାରୀ ୨୦ରେ ମୁମ୍ବାଇର ଆଞ୍ଚଳିକ ପାସପୋର୍ଟ ଅଫିସକୁ ଏକ ଇ-ମେଲ ପଠାଇଥିଲେ ବୋଲି ଚୋକ୍‌ସୀ କହିଛନ୍ତି। ସେଥିରେ ସେ ତାଙ୍କର ପାସ୍‌ପୋର୍ଟକୁ ପୁନରାୟ କାଏମ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ତାହାକୁ ଅଣଦେଖା କରାଗଲା। ଭାରତ ଲାଗି ସେ କିଭଳି ବିପଦ ବୋଲି ଜାଣିବାକୁ ଚାହିଁଥିଲେ ହେଁ ତାହା ତାଙ୍କୁ କୁହାଯାଉନାହିଁ।

### ଦୁଇ ଦିନରେ ନିବେଶକଙ୍କ ୪ ଲକ୍ଷ କୋଟି ବୁଡ଼ିଲା

**ମୁମ୍ବାଇ,୧୧-୯:** ଟଙ୍କାର ମୂଲ୍ୟ ହ୍ରାସର ପ୍ରଭାବ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ବେଶ୍ ଅନୁଭୂତ ହେଉଛି। ସୋମବାର ସେନସେକ୍ସରେ ୪୬୭.୬୫ ପଏଣ୍ଟ କମିବା ପରେ ମଙ୍ଗଳବାର ୫୦୯.୦୪ ପଏଣ୍ଟ ହ୍ରାସ ପାଇ ୩୭,୪୧୩.୧୩ରେ ବନ୍ଦ ହୋଇଛି। ଦୁଇ ଦିନ ଭିତରେ ସେନସେକ୍ସ ପାଖାପାଖି ୧୦୦୦ ପଏଣ୍ଟ ଖସି ସାରିଲାଣି। ସେହିପରି ସୋମବାର ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ୧୫୧ ପଏଣ୍ଟ ହ୍ରାସ ପାଇବା ପରେ ମଙ୍ଗଳବାର ୧୫୦.୬୦ ପଏଣ୍ଟ କମି ୧୧,୨୮୭.୫୦ରେ ପହଞ୍ଚିଛି। ଦୁଇ ଦିନରେ ଏହା ୩୦୦ ପଏଣ୍ଟ ହ୍ରାସ ପାଇଲାଣି। ଫଳରେ ନିବେଶକଙ୍କ ପ୍ରାୟ ୪.୨ ଲକ୍ଷ କୋଟି ଟଙ୍କା ବୁଡିଗଲାଣି। ହେଭିୱେଟ ଶେୟାର ସମେତ ପ୍ରାୟ ସମସ୍ତ ସେକ୍ଟରରେ ଶେୟାର ମୂଲ୍ୟ କମିଛି। ଅନ୍ତର୍ଜାତୀୟ ଷ୍ଟକ ବଜାର ହ୍ରାସ ପାଇବାର ପ୍ରଭାବ ଭାରତୀୟ ଷ୍ଟକ ବଜାରରେ ଦେଖିବାକୁ ମିଳିଛି। ଦେଶର ଶେୟାର ବଜାର ହ୍ରାସ ପାଇବା ଚଳିତ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ଟୌରସ ଆସେଟ ମ୍ୟାନେଜମେଣ୍ଟ ଏମ୍‌ଡି ଆର.କେ. ଗୁପ୍ତା ପ୍ରକାଶ କରିଛନ୍ତି।

# ତେଲରୁ ରାଜ୍ୟକୁ ଲାଭ ୨୨,୭୦୦କୋଟି

**ନୂଆଦିଲ୍ଲୀ,୧୧-୯**

ଟଙ୍କାର ମୂଲ୍ୟ ହ୍ରାସ ସାଙ୍ଗକୁ ତେଲ ଦର ବଢ଼ିବାକୁ ନେଇ ବିରୋଧୀ ଦଳଗୁଡିକ ହୋହଲ୍ଲା କରୁଥିଲେ ହେଁ ଏଥିଯୋଗୁ ରାଜ୍ୟଗୁଡିକ ଯେ ଲାଭବାନ ହେଉଛନ୍ତି ଏକଥା ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ରିପୋର୍ଟ କହୁଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ଆଜିଯାଏ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଯେତିକି ଖସିଛି ସେଥିରେ ରାଜ୍ୟଗୁଡିକ ମାଲାମାଲ୍ ହୋଇଛନ୍ତି। ଟଙ୍କାର ମୂଲ୍ୟ କମିବା ଯୋଗୁ ରାଜ୍ୟଗୁଡିକ ବଜେଟ ଲକ୍ଷ୍ୟଠାରୁ ପ୍ରାୟ ୨୨,୭୦୦ କୋଟି ଟଙ୍କା ଅଧିକ ଲାଭ ହାସଲ କରିସାରିଛନ୍ତି। ମଙ୍ଗଳବାର ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୮ ଡଲାର ଅତିକ୍ରମ କରିଯାଇଥିବା ବେଳେ ଟଙ୍କା ମୂଲ୍ୟ ୨୮ ପଇସା ହ୍ରାସ ପାଇ ସର୍ବନିମ୍ନ ସ୍ତର ୭୨.୭୦ ଛୁଇଁଛି। ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ଗୋଟିଏ ଡଲାର ବୃଦ୍ଧି ପାଇଲେ ୧୯ ରାଜ୍ୟର ରାଜସ୍ୱରେ ଅତିକମରେ ୧୫୧୩ କୋଟି ଟଙ୍କା ଲେଖାଏ ବଢ଼ିଯିବ। ମହାରାଷ୍ଟ୍ର ୩୩୮୯ କୋଟି ଟଙ୍କା ସହ ସର୍ବାଧିକ ଲାଭାନ୍ୱିତ ହେବ ଏବଂ ଏହା ପଛକୁ ୨୮୪୨ କୋଟି ଟଙ୍କା ସହ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିବ। ମାର୍ଚ୍ଚରୁ ପେଟ୍ରୋଲ ଓ ଡିଜେଲ ଦର ଯଥାକ୍ରମେ ୫.୬୦ ଟଙ୍କା ଓ ୬.୩୧ ଟଙ୍କା ବଢ଼ିସାରିଛି। ପେଟ୍ରୋଲ ଲିଟର ପିଛା ଏବେ ମହାରାଷ୍ଟ୍ରରେ ୮୯ ଟଙ୍କା ରହିଛି ଯାହାକି ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ। କାରଣ ଏହା ୩୯.୧୨ ପ୍ରତିଶତ ଭାଟ୍ ଆଦାୟ କରିଥାଏ। ତେବେ ଗୋଆରେ ସର୍ବନିମ୍ନ ୧୬.୬୬ ପ୍ରତିଶତ ଭାଟ୍ ଆଦାୟ ହୁଏ। ତେଲରୁ ରାଜସ୍ୱ ଆଦାୟ ବୃଦ୍ଧି ପାଇବା କାରଣରୁ ରାଜ୍ୟଗୁଡିକର ବିତ୍ତୀୟ ନିଅଣ୍ଟ ପରିମାଣ କମିବାରେ ଏହା ସହାୟକ ହେଉଛି। ତେଲର ଦରବୃଦ୍ଧି ଯୋଗୁ ରାଜ୍ୟଗୁଡିକର ବିତ୍ତୀୟ ନିଅଣ୍ଟ ପରିମାଣରେ ୧୫ରୁ ୨୦ ବେସିସ୍ ପଏଣ୍ଟ ହ୍ରାସ ପାଇବ। ବଜେଟ ଲକ୍ଷ୍ୟ ଠାରୁ ଅଧିକ ରାଜସ୍ୱ ଆଦାୟ କାରଣରୁ ସେମାନେ ପେଟ୍ରୋଲ ଲିଟର ପିଛା ୩.୨୦ ଟଙ୍କା ଏବଂ ଡିଜେଲ ଲିଟର ପିଛା ୨.୩୦ ଟଙ୍କା ହ୍ରାସ କରିପାରିବେ ବୋଲି ରିପୋର୍ଟରେ କୁହାଯାଇଛି। ଏହାଦ୍ୱାରା ସେମାନଙ୍କ ରାଜସ୍ୱ ଆଦୌ ପ୍ରଭାବିତ ହେବ ନାହିଁ। ମହାରାଷ୍ଟ୍ର,ମଧ୍ୟପ୍ରଦେଶ, ପଞ୍ଜାବ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଓ କର୍ନାଟକ ପେଟ୍ରୋଲ ୩ଟଙ୍କା ଓ ଡିଜେଲ ଅଢ଼େଇ ଟଙ୍କା ହ୍ରାସ କରି ବିତ୍ତୀୟ ବୋଝ ଉଠାଇପାରିବେ। ଅନ୍ୟପକ୍ଷରେ ରାଜ୍ୟଗୁଡିକ ମୂଳ ଦର (ଅଶୋଧିତ ତୈଳ ଦର, ପରିବହନ ଏବଂ କମିଶନକୁ ହିସାବକୁ ନେଲେ) ଉପରେ ଭାଟ୍ ଲାଗୁ କଲେ ଡିଜେଲରେ ଲିଟର ପିଛା ୩.୭୫ ଟଙ୍କା ଏବଂ ପେଟ୍ରୋଲରେ ଲିଟର ପିଛା ୫.୭୫ ଟଙ୍କା ହ୍ରାସ କରିପାରିବେ। ତେବେ ଏଥିଯୋଗୁ ସେମାନେ ମୋଟ୍‌ରେ ପ୍ରାୟ ୧୨୦୦୦ କୋଟି ଟଙ୍କା( ନେଟ୍ କ୍ଷତି ୩୪,୬୨୭ କୋଟି ଟଙ୍କା– ତେଲ ଦର ବୃଦ୍ଧିରୁ ୨୨,୭୦୦କୋଟି ଲାଭ) କ୍ଷତି ସହିବେ। ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୫ ଡଲାର ଏବଂ ଟଙ୍କାର ମୂଲ୍ୟ ୭୨କୁ ନେଇ ଉକ୍ତ ହିସାବ କରାଯାଇଛି ବୋଲି ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଛି।

### ଟଙ୍କାର ମୂଲ୍ୟ ହ୍ରାସ

- ତେଲ ଦର ୧ ଡଲାର ବଢ଼ିଲେ ରାଜ୍ୟକୁ ୧୫୧୩ କୋଟି ରାଜସ୍ୱ
- ମାର୍ଚ୍ଚରୁ ପେଟ୍ରୋଲ ୫.୬୦ଟଙ୍କା ଓ ଡିଜେଲ ୬.୩୧ ଟଙ୍କା ବଢ଼ିଛି
- ବେସ୍ ପ୍ରାଇସରେ ଭାଟ୍ ଲାଗିଲେ ରାଜ୍ୟକୁ ୧୨ହଜାର କୋଟି କ୍ଷତି

### ୯୦ ଟଙ୍କା ଟପିଲା ପେଟ୍ରୋଲ

**ନୂଆଦିଲ୍ଲୀ,୧୧-୯:** ପେଟ୍ରୋଲ ଦର ମଙ୍ଗଳବାର ଲିଟର ପିଛା ୯୦ ଟଙ୍କାର ମନୋବୈଜ୍ଞାନିକ ସୀମା ଟପିଯାଇଛି। ମହାରାଷ୍ଟ୍ରର ପରଭନୀରେ ପେଟ୍ରୋଲ ଲିଟର ପିଛା ୯୦.୧୧ଟଙ୍କାରେ ବିକ୍ରି କରାଯାଉଥିଲା। ପରଭନୀ ଜିଲା ପେଟ୍ରୋଲ ଡିଲର୍ସ ଆସୋସିଏସନ ସଭାପତି ସଞ୍ଜୟ ଦେଶମୁଖ କହିଥିଲେ ଯେ, ମଙ୍ଗଳବାର ଡିଜେଲ ଦର ମଧ ଲିଟର ପିଛା ୭୮.୦୬ଟଙ୍କାରେ ବିକ୍ରି ହେଉଛି। ସୋମବାର ପେଟ୍ରୋଲ ଲିଟର ପିଛା ୮୯.୯୭ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୭.୯୨ଟଙ୍କାରେ ବିକ୍ରି ହେଉଥିଲା। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୦.୮୭ ଟଙ୍କା ଏବଂ ଡିଜେଲ ୭୨.୯୭ଟଙ୍କାରେ ବିକ୍ରି ହେଉଥିଲା। ଉଭୟ ତେଲରେ ୧୪ ପଇସା ବୃଦ୍ଧି କରାଯାଇଛି। ସେହିପରି ମୁମ୍ବାଇରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୮୮.୨୬ଟଙ୍କା ଏବଂ ୭୭.୪୭ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି।

### ତେଲ ଦର ୧ ଟଙ୍କା କମାଇଲା ପଶ୍ଚିମବଙ୍ଗ

**କୋଲକାତା,୧୧-୯:** ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କର ପଦାଙ୍କ ଅନୁସରଣ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ପେଟ୍ରୋଲ ଓ ଡିଜେଲ ଉପରୁ ୧ ଟଙ୍କା ହ୍ରାସ ସମ୍ପର୍କରେ ସଚିବାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ। ତୈଳ ଦର ଅହେତୁକ ବୃଦ୍ଧି ପାଇବା ନେଇ ଜନ ଅସନ୍ତୋଷର ଫଳସ୍ୱରୂପ କଂଗ୍ରେସ ଓ ୨୨ଟି ବିରୋଧୀ ଦଳ ପକ୍ଷରୁ ସୋମବାର ଆହୂତ ଭାରତ ବନ୍ଦ ପ୍ରାୟତଃ ସଫଳ ହୋଇଛି। ମଙ୍ଗଳବାର ମଧ ତେଲ ଦର ବଢ଼ିଛି। ଅନ୍ତର୍ଜାତୀୟ ବଜାରରେ ତେଲ ଦର କମ୍ ଥିଲେ ମଧ କେନ୍ଦ୍ର ସରକାର ୯ ଥର ଉତ୍ପାଦ ଶୁଳ୍କ ବଢ଼ାଇଥିଲେ ବୋଲି ମମତା ଟୁଇଟର ଜରିଆରେ ଅଭିଯୋଗ କରିଥିଲେ।

## ମୋବିଷ୍ଟାର ଆଣିଲା ୫ ସେଲ୍‌ଫି ସ୍ମାର୍ଟଫୋନ




କମ୍ପାନୀର ସେଲ୍‌ସ ଉପସଭାପତି ହରଦୀପ ସିଂ ଜୋହର (ବାମ) ଏବଂ ସିଇଓ କାର୍ଲ ଙ୍ଗୋ।

**ଭୁବନେଶ୍ୱର,୧୧-୯(ବ୍ୟୁରୋ)**

ମୋବିଷ୍ଟାର ପକ୍ଷରୁ ଓଡିଶା ବଜାରରେ ସେଲ୍‌ଫି ଫିଚର ଉପଲବ୍ଧ ଥିବା ୫ ନୂଆ ସ୍ମାର୍ଟଫୋନ ମଡେଲର ବଜାର ପ୍ରବେଶ ହୋଇଛି। କମ୍ପାନୀର ସହପ୍ରତିଷ୍ଠାତା ତଥା ସିଇଓ କାର୍ଲ ଙ୍ଗୋ, ଉତ୍ତର ଏବଂ ପୂର୍ବାଞ୍ଚଳ ସେଲ୍‌ସ ଉପସଭାପତି ହରଦୀପ ସିଂ ଜୋହର ପ୍ରମୁଖ ଉପସ୍ଥିତ ରହି ସ୍ମାର୍ଟଫୋନଗୁଡିକର ବଜାର ପ୍ରବେଶ କରାଇଛନ୍ତି। ନୂଆ ଫୋନଗୁଡିକ ମଧ୍ୟରେ ସି୧ ଲାଇଟ୍, ସି୧, ସି୨, ଇ୧ ସେଲ୍‌ଫି ଏବଂ ଏକ୍ସ୧ ଡୁଆଲ ଭଳି ମଡେଲ ରହିଛି। ସେଲ୍‌ଫି ପ୍ରେମୀଙ୍କୁ ସୁଲଭ ମୂଲ୍ୟରେ ସ୍ମାର୍ଟଫୋନ ପ୍ରଦାନ ଲାଗି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦେଇଛି। ୧୧ ସେପ୍ଟେମ୍ବରଠାରୁ ଫୋନଗୁଡିକ ଅଫ୍‌ଲାଇନରେ ମିଳିବ। କମ୍ପାନୀର ସି୧ ଲାଇଟ ମଡେଲ ୪୩୪୦ ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ ସି୧ ୫୪୦୦ଟଙ୍କା, ସି୨ ୬୩୦୦ ଟଙ୍କା, ଇ୧ ସେଲଫି ୮,୪୦୦ ଟଙ୍କା ଏବଂ ଏକ୍ସ୧ ଡୁଆଲ ୧୦,୫୦୦ ଟଙ୍କାରେ ଉପଲବ୍ଧ ହେବ।

## ଅଫ୍‌ଲାଇନ ବଜାରରେ ସ୍ଥିତି ଦୃଢ଼ୀକରଣ ଲକ୍ଷ୍ୟ: କାର୍ଲ

**ଗ୍ରାହକଙ୍କ ଚାହିଦାରେ ଦ୍ରୁତ ପରିବର୍ତ୍ତନ ଆସିଛି। ସେଲ୍‌ଫି ଫିଚର ରହିଥିବା ଫୋନଗୁଡିକୁ ନେଇ ଏବେ ଚାରିଆଡେ କ୍ରେଜ୍। ଏହାକୁ ନଜରରେ ରଖି ବଜାରର ପ୍ରମୁଖ ସ୍ମାର୍ଟଫୋନ କମ୍ପାନୀଗୁଡିକ ସେମାନଙ୍କ କୌଶଳରେ ପରିବର୍ତ୍ତନ ଆଣିଛନ୍ତି। ସୁଲଭ ମୂଲ୍ୟରେ ସେଲ୍‌ଫି ଫୋନ ଗ୍ରାହକଙ୍କୁ ଯୋଗାଣ ନେଇ କମ୍ପାନୀଗୁଡିକ ପ୍ରାଥମିକତା ଦେଉଛନ୍ତି। ଏ ସମ୍ପର୍କରେ ମୋବିଷ୍ଟାରର ସିଇଓ କାର୍ଲ ଙ୍ଗୋ ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**

**ଭାରତୀୟ ସ୍ମାର୍ଟଫୋନ ବଜାରକୁ କେମିତି ଦେଖୁଛନ୍ତି?**
ଭାରତ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମାର୍ଟଫୋନ ବଜାର । ବିଶ୍ୱର ଏକ ପ୍ରମୁଖ ସ୍ମାର୍ଟଫୋନ ବଜାର ହୋଇଥିବାରୁ ଏଠାରେ ଅନେକ କମ୍ପାନୀ ନିଜର ଉପସ୍ଥିତି ଜାହିର କରିଛନ୍ତି। ଏହି ଧାରାରେ ଆମେ ୫ ନୂଆ ସେଲଫିଭିତ୍ତିକ ପ୍ରଡକ୍ଟକୁ ବଜାର ପ୍ରବେଶ କରାଇଛୁ। ମୋଟ ସ୍ମାର୍ଟଫୋନ ବିକ୍ରିର ୭୦% ବର୍ତ୍ତମାନ ଅଫ୍‌ଲାଇନରେ ବିକ୍ରି ହେଉଛି। ଏହା ଆମ ଲାଗି ଏକ ସୁଯୋଗ। ଅଫ୍‌ଲାଇନରେ ସ୍ଥିତି ଦୃଢ଼ୀକରଣ ନେଇ ଯୋଜନା ଧାର୍ଯ୍ୟ କରିଛୁ। ସେହିଭଳି ବିକ୍ରି ହେଉଥିବା ମୋଟ୍ ସ୍ମାର୍ଟଫୋନର ପ୍ରାୟ ୫୦% ଗ୍ରାହକ ୧୦ ହଜାର ବର୍ଗରେ ପ୍ରଡକ୍ଟକୁ ଚୟନ କରୁଛନ୍ତି। ଏହାକୁ ଧ୍ୟାନରେ ରଖି ଆମେ ସୁଲଭ ମୂଲ୍ୟରେ ସେଲ୍‌ଫି ଫୋନ ବଜାରକୁ ଆଣିଛୁ। ଏହାବାଦ ଗ୍ରାହକଙ୍କ ମଧ୍ୟରେ ସେଲ୍‌ଫି ଫୋନ୍ ଚାହିଦା ବଢ଼ିଥିବାରୁ ଏହାକୁ ନେଇ ଫୋନଗୁଡିକ ପ୍ରସ୍ତୁତ ହୋଇଛି। ସୁଲଭ ମୂଲ୍ୟଯୁକ୍ତ ମଡେଲଗୁଡିକ ଗ୍ରାହକଙ୍କୁ ଉନ୍ନତ ସେଲ୍‌ଫି ଅଭିଜ୍ଞତା ପ୍ରଦାନ ଦିଗରେ ସହାୟକ ହେବ। ଏହା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେବ ବୋଲି ଆଶା।

**ମୋବିଷ୍ଟାର ପ୍ରଡକ୍ଟ ସମ୍ପର୍କରେ କ'ଣ କହିବେ?**
ଆମେ ଗ୍ରାହକଙ୍କ ପ୍ରକୃତ ଆବଶ୍ୟକତାକୁ ବୁଝିଛୁ। 'ଏନ୍‌ଜଏ ମୋର' ମୂଳମନ୍ତ୍ରକୁ ନେଇ ଆଗକୁ ବଢୁଛୁ। ଭାଲ୍ୟୁ ଫର୍ ମନି, ଉନ୍ନତ ୟୁଜର ଅଭିଜ୍ଞତା , ଗ୍ରାହକ ସନ୍ତୁଷ୍ଟି ନେଇ ବିଭିନ୍ନ ପଦକ୍ଷେପ ନେଇଛୁ। ଏହି ଧାରାରେ ଆମର ପ୍ରଡକ୍ଟଗୁଡିକ ଡିଜାଇନ ହୋଇଛି। ଉନ୍ନତ ଉତ୍ପାଦ ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏଠାରେ ୨୦୦ ସହରର ୬୦୦ ଡିଷ୍ଟ୍ରିବ୍ୟୁଟରଙ୍କ ସହ ଯୋଡି ହେବାକୁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୨୦ ରାଜ୍ୟର ୪୫୦ ଡିଷ୍ଟ୍ରିବ୍ୟୁଟରଙ୍କ ସହ ଯୋଡି ହୋଇଛୁ। ସେହିଭଳି ୧୦୦୦ ସର୍ଭିସ ସେଣ୍ଟର ଦ୍ୱାରା ସେବା ଯୋଗାଣ ଯୋଜନା କରିଛୁ।

**ଓଡିଶା ବଜାରକୁ ନେଇ କ'ଣ ଯୋଜନା ରହିଛି?**
ପୂର୍ବାଞ୍ଚଳ ରାଜ୍ୟଗୁଡିକ ମଧ୍ୟରେ ଓଡିଶା ଉପରେ ଆମେ ବିଶେଷ ଭାବେ ଫୋକସ୍ କରିଛୁ। ୨୧ ଡିଷ୍ଟ୍ରିବ୍ୟୁଟର ଓ ୧୫୦୦ ରିଟେଲ ଆଉଟଲେଟରେ ମୋବିଷ୍ଟାରର ସ୍ମାର୍ଟଫୋନଗୁଡିକ ଉପଲବ୍ଧ କରାଇବାକୁ ପଦକ୍ଷେପ ନିଆଯାଉଛି। ଏଠାରେ ପ୍ରାଥମିକ ପର୍ଯ୍ୟାୟରେ ୨୬ ସର୍ଭିସ ସେଣ୍ଟର ଦ୍ୱାରା ସେବା ପ୍ରଦାନ ଲକ୍ଷ୍ୟ ରହିଛି। ଗ୍ରାହକଙ୍କୁ ଷ୍ଟୋରଗୁଡିକରେ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ନେଇ ଯତ୍ନବାନ ରହିଛୁ। ସେହିଭଳି ସେମାନଙ୍କ ଚାହିଦା ପରିପୂରଣ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

**ଘରୋଇ ବଜାରରେ ମାନୁଫାକଚରିଂ ଲାଗି କିଛି ବ୍ୟବସ୍ଥା କରିଛନ୍ତି କି?**
ଘରୋଇ ବଜାରରେ ଆମର ନିଜସ୍ୱ ମାନୁଫାକଚରିଂ ୟୁନିଟ୍ ନାହିଁ। ବର୍ତ୍ତମାନ ଆମେ ନଏଡାଠାରେ ଏକ ଷ୍ଟ୍ରାଟେଜିକ ପାର୍ଟନର ସହ ଚୁକ୍ତି କରିଛୁ। ସେଠାରେ ମୋବିଷ୍ଟାର ଫୋନଗୁଡିକ ପ୍ରସ୍ତୁତ ହେଉଛି।

**ଅନ୍‌ଲାଇନ ସ୍ମାର୍ଟଫୋନ ବଜାର ବୃଦ୍ଧି ନେଇ କ'ଣ ମତ ଦେବେ?**
ଅନ୍‌ଲାଇନ୍ ବଜାର ବୃଦ୍ଧି ପରିଲକ୍ଷିତ ହେଉଛି। ମାତ୍ର ଏବେ ମଧ ଅଫ୍‌ଲାଇନ ବଜାର ପ୍ରମୁଖ ସ୍ଥାନରେ ରହିଛି। ଏଠାରେ ଅନ୍‌ଲାଇନର ବଜାର ଅଂଶ ୩୦% ରହିଛି। ଏହାକୁ ଧ୍ୟାନରେ ରଖି ଫ୍ଲିପକାର୍ଟ ସହ ଚୁକ୍ତିରେ ସାମିଲ ହୋଇଛୁ।

## ବଜାରରେ କର୍ଲଅନ୍‌ର 'ଏସ୍‌ଟିଆର୍ ୮ ଟେକ୍ନୋଲୋଜି'




**ଭୁବନେଶ୍ୱର,୧୧-୯**

ପ୍ରମୁଖ ମ୍ୟାଟ୍ରେସ, ହୋମ ଫର୍ଣ୍ଣିଚର ଓ ଫର୍ଣ୍ଣିସିଂ ବ୍ରାଣ୍ଡ କମ୍ପାନୀ କର୍ଲଅନ୍ ଏହାର ନୂଆ ଉତ୍ପାଦ 'ଏସ୍‌ଟିଆର୍ ୮ ଟେକ୍ନୋଲୋଜି'କୁ ବଜାର ପ୍ରବେଶ କରାଇଛି। କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ଆଶୁତୋଷ ବୈଦ୍ୟ, ଭୁବନେଶ୍ୱର ପ୍ଲାଣ୍ଟର ଫ୍ୟାକ୍ଟ୍ରି ମ୍ୟାନେଜର ଜେ. ପଣ୍ଡା ଏବଂ ପୂର୍ବାଞ୍ଚଳ ଆଞ୍ଚଳିକ ବିକ୍ରି ପ୍ରବନ୍ଧକ ଅର୍ନବ ରାଏ ଚୌଧୁରୀ ଉପସ୍ଥିତ ରହି ଏହାକୁ ଉନ୍ମୋଚନ କରିଥିଲେ। ଏହି ଟେକ୍ନୋଲୋଜି ଦ୍ୱାରା ଗ୍ରାହକମାନେ ମାଟ୍ରେସର ଦୃଢ଼ତା ଏବଂ କୋମଳତା ଲାଭ କରିପାରିବେ। ଏହା ୨୦-୪୦% ହାଲକା ହୋଇଥିବା ବେଳେ ସମୟର ଆବଶ୍ୟକତାକୁ ଆଧାର କରି ନୂଆ ଟେକ୍ନୋଲୋଜି ଆସିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଆଗାମୀ ଦିନରେ କମ୍ପାନୀ ୧୨୫ ପ୍ରକାରର ନୂଆ ଉତ୍ପାଦ ଏବଂ ଅଭିନବ ଟେକ୍ନୋଲୋଜିଯୁକ୍ତ ମ୍ୟାଟ୍ରେସ ବଜାରକୁ ଆଣିବାକୁ ଯୋଜନା ରଖିଛି। ୨୦୨୦ ସୁଦ୍ଧା ପୂର୍ବାଞ୍ଚଳରେ ୨୦୦ ଷ୍ଟୋର ସହ ୧୦୦ ବ୍ରାଣ୍ଡ ଆଉଟଲେଟ ଖୋଲିବା ନେଇ ଯୋଜନା ରହିଛି। ବର୍ତ୍ତମାନ ୧୫୦୦ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ସେବା କମ୍ପାନୀ ଯୋଗାଉଥିବା ସୂଚନା ଦେଇଛି। ପୂର୍ବାଞ୍ଚଳରେ ଗତ ବର୍ଷ କମ୍ପାନୀ ୧୯% ବିକ୍ରି ଅଭିବୃଦ୍ଧି ହାସଲ କରିଛି। ଏହା ସମୁଦାୟ ବିକ୍ରିର ୧୮ରୁ ୨୦% ବୋଲି ବୈଦ୍ୟ କହିଛନ୍ତି।










## ଓଡ଼ିଶାରେ ହିରୋର ଏକ୍ସଟ୍ରିମ୍ ୨୦୦ଆର୍

**ଭୁବନେଶ୍ୱର, ୧୧-୯(ବ୍ୟୁରୋ)**

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ଏହାର ନୂତନ ପ୍ରିମିୟମ ମୋଟରସାଇକେଲ୍ 'ଏକ୍ସଟ୍ରିମ୍ ୨୦୦ଆର୍'କୁ ମଙ୍ଗଳବାର ଓଡିଶା ବଜାରରେ ପ୍ରବେଶ କରାଇଛି। କଟକ ଏବଂ ଭୁବନେଶ୍ୱରରେ ଥିବା ହିରୋ ମୋଟୋକର୍ପର ବିଭିନ୍ନ ଡିଲର୍‌ଶିପ୍ ପଏଣ୍ଟରେ କମ୍ପାନୀ ଅଧିକାରୀ ଏବଂ ଶୋ'ରୁମ୍ ସ୍ୱତ୍ୱାଧିକାରୀଙ୍କ ଉପସ୍ଥିତିରେ ଏହାକୁ ଉନ୍ମୋଚନ କରାଯାଇଛି। ଏହାର ଭୁବନେଶ୍ୱର ଏକ୍ସ-ଶୋ'ରୁମ୍ ମୂଲ୍ୟ ୯୦,୯୦୦ ଟଙ୍କା ରହିଛି। ପାନ୍ଥର ବ୍ଲାକ୍-କୁଲ୍ ସିଲ୍‌ଭର, ପାନ୍ଥର ବ୍ଲାକ୍-ରେଡ୍, ସ୍ପୋର୍ଟସ୍ ରେଡ୍, ଚାର୍‌କୋଲ ଗ୍ରେ- ଅରେଞ୍ଜ୍ ଏବଂ ଟେକ୍ନୋ ବ୍ଲୁ ଭଳି ୫ଟି ଡୁଆଲ୍ ଟୋନ୍ କଲର ସ୍କିମ୍‌ରେ ଏହା ଉପଲବ୍ଧ। ଯୁବବର୍ଗଙ୍କୁ ଦୃଷ୍ଟିରେ ରଖି ନ୍ୟୁ ରେଞ୍ଜ୍ ପ୍ରିମିୟମ୍ ବାଇକ୍ କ୍ଷେତ୍ରରେ ଚଳିତ ବର୍ଷ କମ୍ପାନୀ ପ୍ରଥମ ଥର ପାଇଁ ଏଭଳି ଯାନ ବଜାରକୁ ଆଣିଛି। ଏଥିରେ ସମସ୍ତ ପ୍ରକାରର ସୁରକ୍ଷା ବୈଶିଷ୍ଟ୍ୟ ସହିତ ଆଣ୍ଟି-ଲକ୍ ବ୍ରେକ୍ ସିଷ୍ଟମ ରହିଛି। ବିଏସ୍-୪ ଆଧାରିତ ଏହି ୨୦୦ ସିସି ଇଞ୍ଜିନ ବିଶିଷ୍ଟ ବାଇକ୍ ଘଣ୍ଟାକୁ ୧୧୪ କି.ମି. ବେଗର ଗତି କରିବାର ସାମର୍ଥ୍ୟ ରଖେ ବୋଲି କମ୍ପାନୀ ପ୍ରକାଶ କରିଛି।

୧ ଲକ୍ଷ୍ମୀସାଗରସ୍ଥିତ ଭାରତ ମୋଟର୍ସଠାରେ ନୂତନ ଯାନର ବଜାର ପ୍ରବେଶ ଅବସରରେ କମ୍ପାନୀର ଓଡ଼ିଶା ମୁଖ୍ୟ ଅବ୍‌ଦୁଲ୍ ଅହଦ୍ ଏବଂ ଭାରତ ମୋଟର୍ସର ସିଇଓ ଆଦିତ୍ୟ ବିକ୍ରମ ଦିଦ୍‌ୱାନିଆଙ୍କ ସହ ଅନ୍ୟମାନେ।

୨ କଟକସ୍ଥିତ ସୋନି ମୋଟରଠାରେ ନୂତନ ଯାନ ବଜାର ପ୍ରବେଶ ଅବସରରେ ଅଭିନେତା ଅଂଶୁମାନଙ୍କ ସହ କମ୍ପାନୀ ଓ ଶୋ'ରୁମ୍‌ର ଅଧିକାରୀ ବୃନ୍ଦ।

୩ ସ୍ଥାନୀୟ ଫାୟାର ଷ୍ଟେଶନ ସ୍ଥିତ ରୋହନ ହିରୋ ଶୋ'ରୁମ୍‌ରେ 'ଏକ୍ସଟ୍ରିମ୍ ୨୦୦ଆର'କୁ ଉନ୍ମୋଚନ କରୁଛନ୍ତି ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ରାଜୀବ ଦୁବେ।

୪ କଟକ ସ୍ଥିତ ଜେଏମ୍‌ଜି ଶୋ'ରୁମ୍‌ରେ ନୂତନ ଯାନ ବଜାର ପ୍ରବେଶ ଅବସରରେ ଶୋ'ରୁମ୍‌ର ଏମ୍‌ଡି ପ୍ରଦୀପ ଅଗ୍ରୱାଲଙ୍କ ସମେତ କମ୍ପାନୀ ଅଧିକାରୀ ଓ ଗ୍ରାହକ ବୃନ୍ଦ।

୫ କଟକ ସ୍ଥିତ ଏସନ୍ ଅଟୋମୋବାଇଲ୍‌ଠାରେ ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ହେମନ୍ତ ଠାକର ଏବଂ ସୌରଭ ଠାକର ନୂତନ ଯାନ ବଜାର ପ୍ରବେଶ କରାଉଛନ୍ତି। ଏହି ଅବସରରେ ମହିଳା ହକି ତାରକା ସୁନୀତା ଲାକ୍ରା, ଦୀପଗ୍ରେସ୍ ଏକ୍କା, ନମିତା ଟୋପ୍ପୋ, ଲିଲିମା ମିଞ୍ଜ ଅତିଥି ଭାବେ ଯୋଗ ଦେଇଛନ୍ତି।







## ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଆଜି

**ଲଣ୍ଡନ,୧୧-୯**

ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ସଂକ୍ରାନ୍ତ ମାମଲାର ଶୁଣାଣି ବୁଧବାର ଏଠାରେ ପୁନରାୟ ଆରମ୍ଭ ହେବାକୁ ଯାଉଛି। ଏହି ଶୁଣାଣି ବେଳେ ମୁମ୍ବାଇସ୍ଥିତ ଆର୍ଥର ରୋଡ୍ ଜେଲ୍ ସମ୍ପର୍କରେ ସିବିଆଇ ପକ୍ଷରୁ ଦାଖଲ କରାଯାଇଥିବା ଭିଡିଓକୁ ସ୍ଥାନୀୟ ଅଦାଲତ ପରୀକ୍ଷା କରି ଦେଖିବେ। ଭାରତର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କା ଋଣ ନେଇ ମାଲ୍ୟା ଏବେ ଲଣ୍ଡନକୁ ପଳାଇ ଆସିଛନ୍ତି। ତାଙ୍କର ପ୍ରତ୍ୟର୍ପଣ ଲାଗି ସିବିଆଇ ପକ୍ଷରୁ ଲଣ୍ଡନ ଅଦାଲତରେ ମାମଲା ଦାଏର କରାଯାଇଛି। ଗତ ଏପ୍ରିଲରେ ସେ ଗିରଫ ହେବା ପରେ ଅଦାଲତ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତେବେ ମାଲ୍ୟା ପ୍ରତ୍ୟର୍ପଣକୁ ବିରୋଧ କରିଛନ୍ତି। ଭାରତର ଜେଲ୍ ରହିବାଯୋଗ୍ୟ ନୁହେଁ ବୋଲି ସେ ତାଙ୍କ ଯୁକ୍ତିରେ ଦର୍ଶାଇଛନ୍ତି। ମାଲ୍ୟା ରହିବାକୁ ଥିବା ଜେଲ୍‌ର ଭିଡିଓ ଉତ୍ତୋଳନ କରି ଦାଖଲ କରିବାକୁ ଅଦାଲତ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ।





"କ୍ୟାରିୟରର ଅନ୍ତିମ ଟେଷ୍ଟରେ ମୁଁ ୯୬ ରନ କରି ଚାପରେ ରହିଥିବା ବେଳେ ଯଶପ୍ରୀତ୍ ବୁମ୍ରାଙ୍କ ଓଭର ଥ୍ରୋ ମୋତେ ଆଶୀର୍ବାଦ ଭଳି ହୋଇଥିଲା।

—ଆଲିଷ୍ଟର କୁକ୍, ଇଂଲଣ୍ଡ କ୍ରିକେଟର



"ଇଂଲଣ୍ଡ ପରିବେଶରେ କିଭଳି ବୋଲିଂ କରିବାକୁ ହେବ ତାହାର କୌଶଳ ବିପକ୍ଷ ଦଳର ପେସ୍ ବୋଲର ଷ୍ଟୁଆର୍ଟ ବ୍ରଡ ଓ ଜେମ୍ସ ଆଣ୍ଡରସନଙ୍କଠାରୁ ମୁଁ ହାସଲ କରିପାରିଛି।

—ମହମ୍ମଦ ଶାମି, ଭାରତୀୟ ସ୍ପିଡ୍‌ଷ୍ଟର

## ସଂକ୍ଷେପରେ

### ଫେରାରି ଛାଡ଼ିବେ ରାଇକୋନେନ

**ମିଲାନ, ୧୧।୯ (ଏଏଫ୍‌ପି):** ପୂର୍ବତନ ବିଶ୍ୱ ଚାମ୍ପିୟନ କିମି ରାଇକୋନେନ ୨୦୧୮ ସିଜନ ଶେଷରେ ଫେରାରି ଛାଡ଼ିବେ। ଇଟାଲୀ ଫର୍ମୁଲା ୱାନ ଟିମ୍ ମଙ୍ଗଳବାର ଏହି ଘୋଷଣା କରିଛି। ୩୮ ବର୍ଷୀୟ ରାଇକୋନେନ ୨୦୦୧ରେ ସୌବେର ଟିମ୍ ତରଫରୁ ପ୍ରତିନିଧିତ୍ୱ କରି ଫର୍ମୁଲା ୱାନ ପଦାର୍ପଣ କରିଥିଲେ। ଇତିମଧ୍ୟରେ ସେ ୨୮୭ ରେସ୍‌ରେ ଅଂଶଗ୍ରହଣ କରିବା ସହ ୨୦ଟିରେ ବିଜୟ ହାସଲ କରିପାରିଛନ୍ତି। ୨୦୧୯ ସିଜନରେ ସେ ପୁଣି ସୌବେର ଫର୍ମୁଲା ୱାନ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିବେ। ୨୦୦୭ ଫର୍ମୁଲାୱାନ ବିଶ୍ୱ ଚାମ୍ପିୟନ ଏହି ଟିମ୍ ସହିତ ଆସନ୍ତା ଦୁଇ ବର୍ଷ ପାଇଁ ଚୁକ୍ତି କରିଥିବା ସୂଚନା ମିଳିଛି। ଫେରାରି ସହିତ ବିଶ୍ୱ ଟାଇଟଲ ଜିତିବା ପରେ ରାଇକୋନେନ ଦୁଇ ବର୍ଷ ପାଇଁ ଫର୍ମୁଲା ୱାନ ଛାଡ଼ି ଦେଇଥିଲେ ଏବଂ ବିଶ୍ୱ ରାଲି ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ପରେ ୨୦୧୨ରେ ସେ ଫର୍ମୁଲା ୱାନ ଟିମ୍ ଲୋଟସରେ ଯୋଗ ଦେଇଥିଲେ। ସେଠାରୁ ୨୦୧୪ରେ ସେ ଫେରାରିକୁ ଚାଲିଆସିଥିଲେ।

### ଆଫ୍ରିଦୀ, ଗେଲ୍ ଆଇକନ୍ ଖେଳାଳି

**ଦୁବାଇ, ୧୧।୯:** ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଆଫଗାନିସ୍ତାନ ପ୍ରିମିୟର ଲିଗ୍ (ଏପିଏଲ୍) ପାଇଁ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଶାହିଦ ଆଫ୍ରିଦୀ, କ୍ରିସ ଗେଲ୍ ଆଇକନ୍ ଖେଳାଳି ତାଲିକାରେ ରହିଛନ୍ତି। ସେହିଭଳି ତାରକା ସ୍ପିନର ରଶିଦ ଖାଁ, ବ୍ରେଣ୍ଡନ ମ୍ୟାକକୁଲମ ଓ ଆନ୍ଦ୍ରେ ରସେଲ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଅକ୍ଟୋବର ୫ରୁ ୨୩ ତାରିଖ ପର୍ଯ୍ୟନ୍ତ ଏପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୟୁଏଇର ଶାରଜା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଏଥିଲାଗି ମଙ୍ଗଳବାର ଖେଳାଳି ନିଲାମ ଅନୁଷ୍ଠିତ ହେବା ସହ ଆଇକନ୍ ଖେଳାଳି ତାଲିକା ପ୍ରକାଶ ପାଇଥିଲା। ମୋଟ୍ ୫ଟି ଫ୍ରାଞ୍ଚାଇଜକୁ ନେଇ ଏହି ଟି୨୦ ଲିଗ୍ ଅନୁଷ୍ଠିତ ହେବ। ଆଫଗାନିସ୍ତାନର ୫ଟି ସହରକୁ ନେଇ ଟିମ୍‌ଗୁଡ଼ିକର ନାମ ରଖାଯାଇଛି। ଏହି ଟିମ୍‌ଗୁଡ଼ିକ ହେଲେ କାବୁଲ, କାନ୍ଦାହାର, ନଙ୍ଗାରହର, ପକ୍ତିୟା ଓ ବଲଖ। ଆଫ୍ରିଦୀଙ୍କୁ ପକ୍ତିୟା, ରଶିଦ୍‌ଙ୍କୁ କାବୁଲ ଦଳ ନିଲାମରେ ନେଇଛନ୍ତି। ସେହିଭଳି ଜାମାଇକାନ ଷ୍ଟାର ଗେଲ୍ ଓ ରସେଲଙ୍କୁ ଯଥାକ୍ରମେ ବଲ୍‌ଖ ଓ ନଙ୍ଗାରହର ଦଳ କ୍ରୟବେଳେ ମ୍ୟାକ୍‌କୁଲମ କାନ୍ଦାହାର ପକ୍ଷରୁ ଖେଳିବେ ବୋଲି ସ୍ପଷ୍ଟ ହୋଇଛି। ପ୍ରତିଦଳରେ ସର୍ବନିମ୍ନ ୧୭ ଓ ସର୍ବାଧିକ ୨୦ ଖେଳାଳି ରହିପାରିବେ ବୋଲି ଏପିଏଲ୍ ଗଭର୍ଣ୍ଣିଂ କାଉନସିଲ ପକ୍ଷରୁ କୁହାଯାଇଛି।

## ରାହୁଲ, ରିଷଭଙ୍କ ଲଢୁଆ ଶତକ ଫିକା ପଡ଼ିଲା

# ଭାରତର ୪ର୍ଥ ପରାଜୟ





ଶତକ ହାସଲ ପରେ ଲୋକେଶ ରାହୁଲ ଓ ରିଷଭ ପନ୍ତ।

**ଲଣ୍ଡନ, ୧୧।୯(ପି.ଟି.)**

ଓପନର ଲୋକେଶ ରାହୁଲ ଓ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଲଢୁଆ ଶତକ ସତ୍ତ୍ୱେ ଭାରତ ଘରୋଇ ଇଂଲଣ୍ଡଠାରୁ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ୧୧୮ ରନରେ ପରାସ୍ତ ହୋଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ଏହି ହାଇପ୍ରୋଫାଇଲ ସିରିଜରେ ଇଂଲଣ୍ଡ ୪-୧ ବ୍ୟବଧାନରେ ବିଜୟୀ ହୋଇଛି। ବିଦାୟୀ ଟେଷ୍ଟରେ ଇଂଲଣ୍ଡର ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଇଂଲଣ୍ଡ ଯୁବ ଅଲରାଉଣ୍ଡର ସାମ କୁରାନ ଯୁଗ୍ମ ଭାବେ ମ୍ୟାନ୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଛନ୍ତି।

ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୪୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୧୨.୧ ଓଭରରେ ୮ ଉଇକେଟ ହରାଇ ୪୨୩ ରନ କରି ଇନିଂସ ଘୋଷଣା କରିଥିଲା। ଫଳରେ ଭାରତ ସମ୍ମୁଖରେ ୪୬୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ମଙ୍ଗଳବାର ଅନ୍ତିମ ଦିବସରେ ୯୪.୩ ଓଭରରେ ୩୪୫ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ରାହୁଲ ୧୪୯ ଓ ରିଷଭ ୧୧୪ ରନର ଶତକୀୟ ପାଳି ଖେଳି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ ମଧ୍ୟ ଶେଷରେ ପ୍ୟାଭିଲିୟନ ଫେରିଛନ୍ତି। ଇଂଲଣ୍ଡ ବିଜୟୀ ହୋଇଥିଲେ ମଧ୍ୟ ରାହୁଲ ଓ ରିଷଭଙ୍କ ଲଢୁଆ ଶତକ ଅନ୍ତିମ ଦିବସର ମୁଖ୍ୟ ଘଟଣାଥିଲା।

ଚତୁର୍ଥ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୮/୩ରୁ ଭାରତ ଖେଳ ଆରମ୍ଭ କରିଥିଲା। ଦୁଇ ଓଭରନାଇଟ ବ୍ୟାଟ୍ସମ୍ୟାନ ରାହୁଲ ଓ ଅଜିଙ୍କ୍ୟ ରାହାନେ ଦେଖିଚାହିଁ ଆରମ୍ଭ କରିଥିଲେ। ୧୦ ରନରୁ ଖେଳ ଆରମ୍ଭ କରି ରାହାନେ ୩୭ ରନ କରି ମୋଇନ ଅଲୀଙ୍କ ବଲରେ କିଟନ ଜେନିଙ୍ଗ୍ସଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ରାହୁଲ ୪୬ ରନରୁ ଖେଳ ଆରମ୍ଭ କରି ଦମ୍‌ଦାର ପ୍ରଦର୍ଶନ କରି ଶତକ ହାସଲ କରିଥିଲେ। ତେବେ ସେ ୧୪୯ ରନ କରିଥିବା ବେଳେ ସ୍ପିନର ଆଦିଲ ରସିଦଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ରାହାନେଙ୍କ ପରେ ପ୍ରଥମ ଇନିଂସରେ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ନବାଗତ ହନୁମା ବିହାରୀ ଖାତା ଖୋଲିବା ପୂର୍ବରୁ ବେନ ଷ୍ଟୋକ୍ସଙ୍କ ବଲରେ ଉଇକେଟ କିପର ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ରିଷଭ ବ୍ୟାଟିଂ କରିବାକୁ ଆସି ୧୧୪ ରନ କରିଥିବା ବେଳେ ମୋଇନଙ୍କୁ କ୍ୟାଚ୍ ଦେଇ ରସିଦଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ରାହୁଲ ଓ ରାହାନେ ଚତୁର୍ଥ ଉଇକେଟ ଯୋଡିରେ ୧୧୮ ରନ ସଂଗ୍ରହ କରିଥିଲେ। ସେହିପରି ଷଷ୍ଠ ଉଇକେଟ ଯୋଡିରେ ରାହୁଲ ଓ ରିଷଭ ୨୦୪ ରନ କରି ଇଂଲଣ୍ଡ ବୋଲରଙ୍କୁ ହତାଶ କରିଥିଲେ। ଏହାପରେ ରବୀନ୍ଦ୍ର ଜାଡେଜା ୧୩, ଇଶାନ୍ତ ଶର୍ମା ୫ ରନ କରି ଆଉଟ ହୋଇଥିବା ବେଳେ ମହମ୍ମଦ ସାମି ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମରା ବିନାସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜେମ୍ସ ଆଣ୍ଡରସନ ସର୍ବାଧିକ ୩, ରସିଦ ଓ ସାମ କୁରାନ ଦୁଇଟି ଲେଖାଏ, ଷ୍ଟୁଆର୍ଟ ବ୍ରଡ, ମୋଇନ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୧୨୨ ଓଭରରେ ୩୩୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସରେ ୯୫ ଓଭରରେ ୨୯୨ ରନ କରି ଅଲଆଉଟ ହୋଇଥିଲା।

### ଇଂଲଣ୍ଡ ୪-୧ରେ ସିରିଜ୍ ବିଜୟୀ

- କୁକ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ବିରାଟ କୋହଲି, ସାମ୍ କୁରାନ ପ୍ଲେୟର ଅଫ୍ ଦି ସିରିଜ୍

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ:** ୧୨୨ ଓଭରରେ ୩୩୨। **ଭାରତ ପ୍ରଥମ ଇନିଂସ:** ୯୫ ଓଭରରେ ୨୯୨। **ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୧୧୨.୩ ଓଭରରେ ୪୨୩/୮ (ଇନିଂସ ଘୋଷଣା)। **ଭାରତ ଦ୍ୱିତୀୟ ଇନିଂସ:** ୯୪.୩ ଓଭରରେ ୩୪୫ ଅଲଆଉଟ (ରାହୁଲ- ୧୪୯, ରିଷଭ- ୧୧୪, ରାହାନେ-୩୭, ଆଣ୍ଡରସନ- ୩/୪୫, କୁରାନ- ୨/୨୩, ରସିଦ- ୨/୬୩)।

## ଦ୍ରୋଣାଚାର୍ଯ୍ୟ, ଧ୍ୟାନଚାନ୍ଦ ପୁରସ୍କାର

# ଜଷ୍ଟିସ୍ ମୁଦ୍‌ଗଲ ଚୟନ କମିଟି ମୁଖ୍ୟ

**ନୂଆଦିଲ୍ଲୀ, ୧୧।୯ (ପି.ଟି.)**

ଚଳିତ ବର୍ଷର ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ବିଜେତାଙ୍କୁ ଚୟନ କରିବା ଲାଗି ଯେଉଁ ୧୧ଜଣିଆ ସିଲେକ୍ସନ କମିଟି ଗଠନ କରାଯାଇଛି ଜଷ୍ଟିସ ମୁକୁଲ ମୁଦ୍‌ଗଲ ତାହାର ଅଧ୍ୟକ୍ଷ ରହିବେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଅବଶ୍ୟ ଏ ନେଇ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। ମୁଦ୍‌ଗଲ ହେଉଛନ୍ତି ପଞ୍ଜାବ ଓ ହରିୟାଣା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି। ସେ ୨୦୧୩ ଆଇପିଏଲ ସ୍ପଟ ଫିକ୍ସିଂ ସ୍କାଣ୍ଡାଲ ତଦନ୍ତ ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତଦନ୍ତ କମିଟିର ମୁଖ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସିଲେକ୍ସନ କମିଟି ବୈଠକ ଚଳିତମାସ ୧୬ରେ ଦିଲ୍ଲୀରେ ବସିବ। ସିଲେକ୍ସନ କମିଟିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଏୟାର ପିସ୍ତଲ ଶୁଟର ସମରେଶ ଜଙ୍ଗ୍ ଓ ବ୍ୟାଡମିଣ୍ଟନ ଖେଳାଳି ଅଶ୍ୱିନ ପୋନାପ୍ପା ସ୍ଥାନ ପାଇଛନ୍ତି। ଏଥିରେ ପୂର୍ବତନ ଜାତୀୟ ବକ୍ସିଂ କୋଚ୍ ଜି.ଏସ୍. ସାନ୍ଧୁ, ହକି କୋଚ୍ ଏ.କେ.ବଂଶାଲ, ଆର୍ଚେରୀ କୋଚ୍ ସଞ୍ଜୀବା ସିଂଙ୍କ ବ୍ୟତୀତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ଓଁକାର କେଡିଆ ଏବଂ ଯୁଗ୍ମ ସଚିବ(କ୍ରୀଡ଼ା) ଇନ୍ଦର ଧାମିଜା ମଧ୍ୟ ସଦସ୍ୟ ରହିଛନ୍ତି। ପ୍ୟାନେଲରେ ଦୁଇ ଜଣ କ୍ରୀଡ଼ା ଜର୍ନାଲିଷ୍ଟ ଏବଂ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ ସିଇଓ କମାଣ୍ଡର ରାଜେଶ ରାଜଗୋପାଳନ ମଧ୍ୟ ଏହି କମିଟିରେ ସ୍ଥାନ ପାଇଛନ୍ତି। ବିଗତ ୪ବର୍ଷ ମଧ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କୋଚ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଜଣେ ଖେଳାଳି ସକ୍ରିୟ ଥିବା ସମୟରେ ଏବଂ ଅବସର ପରେ ତାଙ୍କର ଖେଳ ପ୍ରତି ରହିଥିବା ଅବଦାନକୁ ବିଚାର କରାଯାଇ ଧ୍ୟାନଚାନ୍ଦ ପୁରସ୍କାର ବିଜେତାଙ୍କୁ ବଛାଯାଇଥାଏ। ସୂଚନାଯୋଗ୍ୟ, ଏସିଆନ ଗେମ୍ସ ଯୋଗୁ ଏଥର ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବ ଅଗଷ୍ଟ ୨୯ ପରିବର୍ତ୍ତେ ସେପ୍ଟେମ୍ବର ୨୫ରେ ଆୟୋଜିତ ହେବ।

# ଭାରତ ଏ'-ଅଷ୍ଟ୍ରେଲିଆ ଏ' ସିରିଜ ବରାବର

**ବେଙ୍ଗାଲୁରୁ, ୧୧।୯(ପି.ଟି.)**

ଆଲୁରସ୍ଥିତ କେଏସ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଦ୍ୱିତୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଏ' ୬ଉଇକେଟରେ ଅଷ୍ଟ୍ରେଲିଆ ଏ'କୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦୁଇ ଦଳ ମଧ୍ୟରେ ଚାଲିଥିବା ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୧-୧ରେ ବରାବର ଭାବେ ଶେଷ ହୋଇଛି। କ୍ରିଷ୍ଣାପ୍ପା ଗୋଥାମ (୩/୩୯) ଓ କୁଲ୍‌ଦୀପ ଯାଦବ (୩/୪୬)ଙ୍କ ଚମତ୍କାର ବୋଲିଂ ପରେ ଅଙ୍କିତ ବାଓନେଙ୍କ ୧୮ବଲ୍‌ରୁ ଅପରାଜିତ ୨୮ ରନ ଦଳକୁ ବିଜୟୀ କରାଇବାରେ ବିଶେଷ ସହାୟକ ହୋଇଥିଲା। ମଙ୍ଗଳବାର ସକାଳେ ଅଷ୍ଟ୍ରେଲିଆ ଏ' ପୂର୍ବଦିନର ଅସମାପ୍ତ ସ୍କୋର ୩୮/୨ରୁ ଖେଳ ଆରମ୍ଭ କରିଥିଲା। ଟ୍ରାଭିସ ହେଡ୍ (୪୭) ଓ ପିଟର ହ୍ୟାଣ୍ଡ୍ସକମ୍ବ (୫୬) ତୃତୀୟ ଉଇକେଟରେ ୭୯ରନଯୋଗ କରିଥିଲେ। ଫଳରେ ଏକଦା ୨ ଉଇକେଟରେ ୧୧୬ ରନ କରି ଭ୍ରମଣକାରୀ ଦଳ ଭଲ ସ୍ଥିତିରେ ରହିଥିଲା। କିନ୍ତୁ ଶାହବାଜ ନଦିମ (୨/୬୭) ହେଡ୍‌ଙ୍କୁ ଆଉଟ କରିବା ପରେ ଅଷ୍ଟ୍ରେଲିଆ ଏ'ର ଶେଷ ୬ ଉଇକେଟ ୭୩ ରନରେ ପତନ ଘଟିଥିଲା। ମିଚେଲ ମାର୍ଶ (୭୯ବଲ୍‌ରୁ ୩୬) ଏବଂ ମାଇକେଲ ନେସେର (୧୧୨ ବଲ୍‌ରୁ ୧୭ରନ) ଧୈର୍ଯ୍ୟର ସହିତ ବ୍ୟାଟିଂ କରିଥିଲେ ମଧ୍ୟ ୧୬ ଓଭର ପାଖାପାଖି ତିଷ୍ଠି ପାରିଥିଲେ। ଭ୍ରମଣକାରୀ ଦଳ ଏହାର ଦ୍ୱିତୀୟ ଇନିଂସରେ ୨୧୩ ରନ କରିପାରିଥିଲା। ମ୍ୟାଚରେ ବିଜୟ ପାଇଁ ଘରୋଇ ଦଳ ୮ ଓଭରରେ ୫୫ ରନ ଆବଶ୍ୟକ କରୁଥିଲା। ଭାରତ ଏ' ପକ୍ଷରୁ ବ୍ୟାଟିଂ ଓପନ କରିବାକୁ ଆସି ଉଭୟ ଶ୍ରେୟାସ ଆୟାର ଓ ଶୁବମନ ଗିଲ୍ ଶସ୍ତାରେ ଆଉଟ୍ ହୋଇଯାଇଥିଲେ। ଭାରତ ଏକଦା ୩.୫ ଓଭରରେ ୨୫ ରନ ସ୍କୋର କରି ୪ ଉଇକେଟ ହରାଇଥିଲା। ମାତ୍ର କ୍ରିସ୍ ଟ୍ରିମେନଙ୍କ ୫ମ ଓଭରରେ ବାଓନେ ୧୬ ରନ ସଂଗ୍ରହ କରି ମ୍ୟାଚର ଗତିପଥ ବଦଳାଇ ଦେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ଏ':** ୩୪୬ ଓ ୨୧୩।
**ଭାରତ ଏ':** ୫୦୫ ଏବଂ (ଟାର୍ଗେଟ ୫୫) ୫୫/୪।

# ଭାରତୀୟ ଦଳର ବୃହତ୍ ବିଜୟ

## ଦିନିକିଆ ମହିଳା କ୍ରିକେଟ ସିରିଜ୍

**ଗାଲେ, ୧୧।୯:** ଘରୋଇ ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ବିପକ୍ଷରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ ୯ ଉଇକେଟ୍‌ରେ ବୃହତ ବ୍ୟବଧାନରେ ବିଜୟ ହାସଲ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୯୯ ରନର ଛୋଟିଆ ଲକ୍ଷ୍ୟକୁ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ୩୦ ଓଭର ଓ ୯ ଉଇକେଟ୍ ସୁରକ୍ଷିତ ଥାଇ ହାସଲ କରିନେଇଛି। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନସିଲ (ଆଇସିସି) ମହିଳା ଚାମ୍ପିୟନଶିପ୍ ତୃତୀୟ ରାଉଣ୍ଡ ପରିପ୍ରେକ୍ଷୀରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏହି ସିରିଜ ଅନୁଷ୍ଠିତ ହେଉଛି।

ସ୍ଥାନୀୟ ଗାଲେ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ଭାରତୀୟ ବୋଲରଙ୍କୁ ଉଚିତ୍ ମୁକାବିଲା କରି ନ ପାରି ଶ୍ରୀଲଙ୍କା ମହିଳା ଦଳ ୩୫.୧ ଓଭରରେ ମାତ୍ର ୯୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଅଧିନାୟିକା ଚାମାରି ଅଟ୍ଟାପାଟୁ (୩୩ ରନ), ଶ୍ରୀପାଲି ୱିରାକୋଡି (୨୬) ଓ ଡିଲାନି ମାଣ୍ଡୋରା (୧୨)ଙ୍କୁ ଛାଡ଼ିଦେଲେ ଅନ୍ୟ ଆଠଜଣ ବ୍ୟାଟ୍ସୱିମ୍ୟାନ ଦୁଇ ଅଙ୍କ ସ୍କୋର କରିପାରି ନ ଥିଲେ। ଭାରତ ପକ୍ଷରୁ ମାନସୀ ଜୋଷୀ ୩ଟି ଏବଂ ଝୁଲଣ ଗୋସ୍ୱାମୀ ଓ ପୁନମ ଯାଦବଙ୍କୁ ୨ଟି ଲେଖାଏ ଉଇକେଟ୍ ମିଳିଥିଲା। ଦୀପ୍ତି ଶର୍ମା, ରାଜେଶ୍ୱରୀ ଗାଏକ୍‌ୱାଡ ଓ ଦୟଲାନ ହେମଲତା ଗୋଟିଏ ଲେଖାଏ ଉଇକେଟ୍ ପାଇଥିଲେ। ଜବାବରେ ୯୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ଓପନିଂ ଯୋଡ଼ିରେ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର ପୁନମ ଯାଦବ ଓ ସ୍ମୃତି ମନ୍ଧନା ୯୬ ରନ ଯୋଗ କରି ଶ୍ରୀଲଙ୍କା ଦଳକୁ ନିରାଶ କରିଥିଲେ। ବିଜୟ ପାଇଁ ଆଉ ୩ ରନ ଆବଶ୍ୟକ ହେଉଥିବାବେଳେ ପୁନମ ୨୪ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟିକା ମିଥାଲି ଓ ସ୍ମୃତି ଦଳକୁ ଆଉ କୌଣସି କ୍ଷତି ନ ପହଞ୍ଚାଇ ୯ ଉଇକେଟ୍‌ରେ ବୃହତ ବିଜୟୀ କରାଇଥିଲେ। ମନ୍ଧନା ଦ୍ରୁତ ବ୍ୟାଟିଂ କରି ୭୬ ବଲରୁ ୧୧ ଚୌକା ଓ ୨ ଛକା ସହ ୭୩ ରନ କରି ଅପରାଜିତ ରହିଥିଲେ। ଏହି ବିଜୟ ସହ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଗୁରୁବାର ଖେଳାଯିବ।





ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ସ୍ମୃତି ମନ୍ଧନା।

### ସଂକ୍ଷିପ୍ତ ସ୍କୋର

**ଶ୍ରୀଲଙ୍କା ଇନିଂସ–** ୯୮/୧୦, ୩୫.୧ ଓଭର (ଅଟ୍ଟାପାଟୁ ୩୩, ଶ୍ରୀପାଲି ୨୬, ମାନସୀ ୩/୧୬, ଝୁଲଣ ୨/୧୩)।
**ଭାରତ ଇନିଂସ–** ୧୦୦/୧, ୧୯.୫ ଓଭର (ମନ୍ଧନା ୭୩*, ପୁନମ ୨୪, ମିଥାଲି ୦*, ଇନୋକା ରନାୱିରା ୧/୫)।

# 'ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟ ଆବଶ୍ୟକ'





ସୁନିତା ଲାକ୍ରା

**ନିକଟ ଅତୀତରେ ଇଣ୍ଡୋନେସିଆର ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସ-୨୦୧୮ରେ ଭାରତୀୟ ମହିଳା ହକି ଦଳ ରୌପ୍ୟ ପଦକ ଜିତିଥିଲା । ଫାଇନାଲରେ ଜାପାନଠାରୁ ପରାସ୍ତ ହୋଇଥିବା ଭାରତୀୟ ଦଳରେ ଓଡ଼ିଶାର ୪ଜଣ ଖେଳାଳି ରହିଥିଲେ। ସେମାନଙ୍କ ମଧ୍ୟରୁ ସୁନିତା ଲାକ୍ରା ଅନ୍ୟତମ । ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ସହରରେ ଜନ୍ମିତ ସୁନିତା ଜାତୀୟ ଦଳର ଅଧିନାୟିକା ଦାୟିତ୍ୱ ସମ୍ଭାଳିବା ସହ ଇତି ମଧ୍ୟରେ ୧୦୦ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଲେଣି । କଟକରେ ଏକ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିବା ସୁନୀତାଙ୍କ ସହ ସାକ୍ଷାତକାର...**

**❍ ଜାପାନ ବିପକ୍ଷ ଫାଇନାଲ ମ୍ୟାଚ୍ ପୂର୍ବରୁ ଯୋଜନା କ'ଣ ଥିଲା?**

➢ ଟୁର୍ନାମେଣ୍ଟ ଆରମ୍ଭରୁ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଆଶା ନେଇ ଯାଇଥିଲୁ । ୨୦୧୪ ସଂସ୍କରଣରେ ଭାରତ ବ୍ରୋଞ୍ଜ ଜିତିଥିଲା । ଏଣୁ ଏଥର ସ୍ୱର୍ଣ୍ଣ ଜିତିବୁ ବୋଲି ଲକ୍ଷ୍ୟ ରହିଥିଲା । ଫାଇନାଲରେ ଶକ୍ତିଶାଳୀ ଜାପାନ ବିପକ୍ଷରେ ପ୍ରଦର୍ଶନ ଭଲ ରହିଥିଲେ ମଧ୍ୟ ଅଳ୍ପ ଗୋଲ ବ୍ୟବଧାନ(୧-୨)ରେ ହାରିଲୁ । ପୂର୍ବରୁ ଜାପାନଠାରୁ ଭାରତ ବୃହତ ଗୋଲ ବ୍ୟବଧାନରେ ପରାସ୍ତ ହେଉଥିଲା । ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରୁଛି ।

**❍ ଏସିଆନ ଗେମ୍ସରେ କେଉଁ ଦଳ ବିପକ୍ଷ ମ୍ୟାଚ୍‌ରେ ଅଧିକ ରୋମାଞ୍ଚ ରହିଥିଲା ?**

➢ ପ୍ରତିଯୋଗିତାର ସମସ୍ତ ମ୍ୟାଚ୍‌କୁ ଖେଳାଳି ମାନେ ଉତ୍ସାହର ସହ ଖେଳିଥିଲେ । ବ୍ୟକ୍ତିଗତ ଭାବେ କହିବାକୁ ଗଲେ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ୍ ମୋ ପାଇଁ ରୋମାଞ୍ଚକର ଥିଲା । ଏହି ମ୍ୟାଚ୍‌କୁ ଭାରତ ୪-୧ ଗୋଲରେ ଜିତିଥିବା ବେଳେ ପ୍ରତିମିନିଟର ଖେଳରେ ଉଭୟ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା ।

**❍ ଓଡ଼ିଶାରେ ମହିଳା ହକିର ଭବିଷ୍ୟତକୁ କିପରି ଦେଖୁଛନ୍ତି?**

➢ ଆଗ ଅପେକ୍ଷା ଓଡ଼ିଶାରେ ମହିଳା ହକି ଖେଳାଳି ଉତ୍କୃଷ୍ଟ ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଏହି ଧାରା ବଜାୟ ରହିବା ଉଚିତ୍ । ଗତ ଏସିଆନ ଗେମ୍ସରେ ଜାତୀୟ ଦଳରେ ରାଜ୍ୟର ୪ ଜଣ ଖେଳାଳି ରହିଥିଲେ । ଆଗାମୀ ସଂସ୍କରଣ ଗୁଡ଼ିକରେ କିପରି ଏହି ସଂଖ୍ୟା ବୃଦ୍ଧି ହେବ, ଓଡ଼ିଶାରୁ ଅଧିକ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇବେ ତାହାକୁ ଦୃଷ୍ଟି ଦେବା ଦରକାର ।

**❍ ରାଜ୍ୟରେ ମହିଳା ହକିର ବିକାଶ ନିମନ୍ତେ ଠିକ ପଦକ୍ଷେପ ନିଆଯାଉଛି କି?**

➢ ପୂର୍ବଭଳି ସମସ୍ୟା ନାହିଁ । ଖେଳାଳିମାନେ ପ୍ରୋତ୍ସାହନ ପାଉଛନ୍ତି । ହେଲେ ରାଜ୍ୟରେ ଅଧିକରୁ ଅଧିକ ମହିଳା ହକି ଟୁର୍ନାମେଣ୍ଟ କରାଯିବା ପ୍ରଥମ କର୍ତ୍ତବ୍ୟ । ଯାହା ଫଳରେ ମହିଳା ହକି ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧି ପାଇବ । ଏହାଛଡ଼ା ରାଜ୍ୟରେ ଏକ ଖୁବଶୀଘ୍ର ଅନ୍ତର୍ଜାତୀୟ ସ୍ତରର ମହିଳା ହକି ଟୁର୍ନାମେଣ୍ଟ କରାଯିବାର ଆବଶ୍ୟକତା ରହିଛି ବୋଲି ମୁଁ ଆଶା କରେ। ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟ କରାଗଲେ ରାଜ୍ୟରେ ମହିଳା ହକି ଖେଳାଳିଙ୍କ ଉତ୍ସାହ ଦ୍ୱିଗୁଣିତ ହେବ ।

**❍ ହକିରେ କ୍ୟାରିୟର ଆରମ୍ଭ କରୁଥିବା ମହିଳା ଖେଳାଳିମାନଙ୍କ ନିମନ୍ତେ କ'ଣ ପରାମର୍ଶ ଦେବେ?**

➢ ଭଲ ପ୍ରଦର୍ଶନ କଲେ ଜାତୀୟ ଦଳରେ ସ୍ଥାନ ପାଇବାର ସୁଯୋଗ ରହିଛି । ଓଡ଼ିଶାର ଖେଳାଳିମାନେ ଜାତୀୟ ଦଳରେ ନିୟମିତ ଭାବେ ସ୍ଥାନ ମଧ୍ୟ ପାଉଛନ୍ତି । ଏଣୁ ଭଲଭାବେ ନିଜ କ୍ୟାରିୟରକୁ ଆରମ୍ଭ କରନ୍ତୁ । ଏବେ ବିଭିନ୍ନ ସ୍ତରରୁ ପ୍ରୋତ୍ସାହନ ମଧ୍ୟ ମିଳୁଛି । ଭଲ ଖେଳିଲେ ହକିରେ ନିଜ କ୍ୟାରିୟରକୁ ସୁନ୍ଦର ଭାବେ ଗଢ଼ି ପାରିବେ ।

(ରିପୋର୍ଟ– କୁମାରଶ୍ରୀ)




# କୁଜଙ୍ଗରେ ବିଷ୍ଣୁ, ପ୍ରଶାନ୍ତଙ୍କ କୁଶପୁତ୍ତଳିକା ଦାହ



କୁଜଙ୍ଗରେ ଦାମଙ୍କ ସମର୍ଥକମାନେ ବିଷ୍ଣୁ ଓ ପ୍ରଶାନ୍ତଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

**କୁଜଙ୍ଗ,୧୧।୯(ସ୍ୱ.ପ୍ର)**

ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଦାସ ଏବଂ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ବିଧାୟକ ଦାମୋଦର ରାଉତଙ୍କୁ ଦଳରୁ ବହିଷ୍କାର କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରିଥିଲେ। ଏହାକୁ ନେଇ ମଙ୍ଗଳବାର କୁଜଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କୁଜଙ୍ଗ ବ୍ଲକ୍ ବିଜେଡି ପକ୍ଷରୁ କୁଜଙ୍ଗ ଥାନା ଛକରେ ଏନେଇ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ବ୍ଲକ୍ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଷ୍ଣୁ ଓ ପ୍ରଶାନ୍ତଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏହି ଅବସରରେ ବ୍ଲକ୍ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ବିଜେଡି ମହିଳା ରାଜ୍ୟ ସମ୍ପାଦିକା ସବିତା ମହାପାତ୍ର ପ୍ରମୁଖ ଯୋଗଦେଇ ବିଷ୍ଣୁ ଓ ପ୍ରଶାନ୍ତଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏଥିସହ ଦାମଙ୍କୁ ବହିଷ୍କାର କରିବା ଦାବି ଘୋର ନିନ୍ଦା କରିଥିଲେ। ଏହି ପ୍ରତିବାଦ ସମାବେଶରେ କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ଯୁବ ନେତା ସୁଢ଼ଳ ସ୍ୱାଇଁ, ଗୋପିଆକୁଦ ସରପଞ୍ଚ ନନ୍ଦିନୀ ପଣ୍ଡା, ପାରାଦୀପଗଡ଼ ସରପଞ୍ଚ ମିହିର ରଞ୍ଜନ ସାହୁ, ବ୍ଲକ୍ ଉପାଧ୍ୟକ୍ଷା ପୁଷ୍ପଲତା ବେହେରା, ସାଇଲୋ ସରପଞ୍ଚ ରୋଜାଲିନ୍ ମହାପାତ୍ର, ତାଳପଡା ସରପଞ୍ଚ ମମତା ସାହୁ, ସମିତିସଭ୍ୟା ନମିତା ଦାଶ, ଲକ୍ଷ୍ମୀପ୍ରିୟା ବେହେରା, ନୀନାରାଣୀ ସାହୁ ଓ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ। ବିଷ୍ଣୁଙ୍କୁ ପାରାଦୀପ ନିର୍ବାଚନମଣ୍ଡଳୀରେ ଦଳ ବିରୋଧି କାର୍ଯ୍ୟ କଳାପ ପାଇଁ ସଭାପତି ପଦରୁ ବହିଷ୍କାର କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ସେମାନେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଏକ ଶୋଭାଯାତ୍ରାରେ ଦଳର ନେତା ଓ କର୍ମୀ ଏକାଠି ହୋଇ ଉଭୟ ନେତାଙ୍କ ବିରୋଧରେ ସ୍ଲୋଗାନ୍ ଦେଇ ଥାନା ଛକରେ ସମବେତ ହୋଇଥିଲେ। ଆବଶ୍ୟକ ପଡିଲେ ଆଗାମୀ ଦିନରେ ହଜାର ହଜାର କର୍ମୀ ବିଷ୍ଣୁଙ୍କ ବହିଷ୍କାର ଦାବି ନେଇ ନବୀନ ନିବାସ ଯିବେ ବୋଲି ବ୍ଲକ୍ ବିଜେଡି ସଭାପତି ଚିତରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି।

# ଏରସମାରେ ବି ତାତିଲେ ଦାମଙ୍କ ସମର୍ଥକ

**ଏରସମା,୧୧।୯(ସ୍ୱ.ପ୍ର.)**

ଏରସମା ବ୍ଲକ ସଦରମହକୁମାସ୍ଥିତ ମୁଖ୍ୟ ବଜାରରେ ମଙ୍ଗଳବାର ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ସମର୍ଥକମାନେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏଥିରେ ନିରାକାର ସ୍ୱାଇଁ, କ୍ଷେତ୍ରବାସୀ ବେହେରା ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ସମର୍ଥକ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ହୋଇଥିବା ଏରସମା ବିପ୍ଳବ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ରାଉତ ଯୋଗଦେଇ ଏରସମା ବ୍ଲକରେ ବ୍ୟାପକ ଦୁର୍ନୀତି କରାଯାଉଥିବା କହିଥିଲେ। ଦାମଙ୍କ ଏହି ବକ୍ତବ୍ୟରେ ବିଧାୟକ ମୁଦୁଲିଙ୍କ ସମର୍ଥକ ମର୍ମାହତ ହୋଇ ଏପରି ଦଳ ବିରୋଧୀ କାର୍ଯ୍ୟ ଠିକ ନୁହେଁ ବୋଲି କହିଥିଲେ। ଏଥିସହିତ ଏ ସମ୍ପର୍କରେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଫେରାଦ ହୋଇଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ଏରସମାରେ ଥିବା ଦାମଙ୍କ ସମର୍ଥକମାନେ ମୁଦୁଲିଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ସେପ୍ଟେମ୍ବର, ୨୦୧୮



ମହତ ଲୋକର ବିଫଳ ଉଦ୍ୟମ ମଧ୍ୟ ଏ ସଂସାରରେ ସମୟେ ସମୟେ ବହୁ ଉପକାର କରିଅଛି।
- ଜନ୍ ଡାଇଡନ



## ସଂକ୍ଷେପରେ

### ବସ୍ ଧକ୍କାରେ ଯୁବକ ଗୁରୁତର ଆହତ

**ଯାଜପୁର ରୋଡ, ୧୧।୯(ନି.ପ୍ର.):** ବ୍ୟାସନଗର ପୌର ପରିଷଦର ରାଧାନାଥ ମାର୍ଗରେ ମଙ୍ଗଳବାର ଏକ ବସ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କ ନାମ ମୁରଲୀ ଯୁଙ୍କୋ। ସେ ଜଗନ୍ନାଥ ହଲ୍ ନିକଟରେ ଏକ ଲେଦ୍‌ରେ କାର୍ଯ୍ୟ କରନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। କ୍ଲବ୍ ଦି ୟୁଥ୍ ମାସ ପକ୍ଷରୁ ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ସାହାଯ୍ୟ କରାଯାଇଛି ।

### ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

**ଧର୍ମଶାଳା ,୧୧।୯(ଡିଏନଏ):** ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯାଇଛି। ପୂର୍ଣ୍ଣ ଅନୁଦାନ, ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଆଦି ବିଭିନ୍ନ ଦାବିରେ ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ମଞ୍ଚର କର୍ମକର୍ତ୍ତା ଓ ସଭ୍ୟମାନେ ଏକ ଶୋଭା ଯାତ୍ରାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ୨୦୧୭ ସେପ୍ଟେମ୍ବର ୧ତାରିଖରେ ମୁଖ୍ୟମନ୍ତ୍ରୀ ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ ନେଇ ଘୋଷଣା କରିଥିଲେ। ତାହାର ପ୍ରତିଶ୍ରୁତି ପାଳନ ନେଇ ଦାବି କରିଥିଲେ

### କୋରେଇ ବ୍ଲକ ଅଫିସ ସମ୍ମୁଖରେ ଧାରଣା, ପ୍ରତିବାଦ ସଭା

**ଯାଜପୁର ରୋଡ, ୧୧।୯(ନି.ପ୍ର.):** ଓଡିଶା କଲେଜ ସ୍କୁଲ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ କୋରେଇ ଶାଖା ପକ୍ଷରୁ ପୂର୍ଣ୍ଣ ଅନୁଦାନ ଚାକିରି ସର୍ତ୍ତାବଳୀ ସହିତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ପ୍ରାୟ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଧାରଣା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର କୋରେଇ ବ୍ଲକ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। କୋରେଇ ଶାଖାର ସମ୍ପାଦକ ସରୋଜ କୁମାର ରାଉତଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ରାଜ୍ୟ ସରକାର ଶିକ୍ଷକଙ୍କୁ ପୂର୍ଣ୍ଣ ଅନୁଦାନ ଓ ଚାକିରି ସର୍ତ୍ତାବଳୀ ସହିତ ବିଭିନ୍ନ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ।

### ୩ ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ

**ଯାଜପୁର ରୋଡ, ୧୧।୯(ନି.ପ୍ର.):-** କଟକରେ ଆଇନଜୀବୀଙ୍କ ଉପରେ ହୋଇଥିବା ପୋଲିସର ଅତ୍ୟାଚାର ବିରୋଧରେ ଯାଜପୁର ରୋଡ ଓକିଲ ସଂଘ, ବ୍ୟାସନଗର ଓକିଲ ସଂଘ ଓ କଳିଙ୍ଗନଗର ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ କରାଯିବା ଫଳରେ କୋର୍ଟ କାର୍ଯ୍ୟ ବନ୍ଦ ହୋଇଥିଲା। କଳିଙ୍ଗନଗର ଓକିଲ ସଂଘ ପକ୍ଷରୁ ବ୍ୟାସନଗର ତହସିଲ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମନିନ୍ଦ୍ର କୁମାର ଧଳ, ନବକିଶୋର ସାହୁ, ବ୍ରଜକିଶୋର ପତି, ବିନୋଦ ବିହାରୀ ବଳ, ଅନନ୍ତ କର, ଅଭିରାମ ସ୍ୱାଇଁ, କାର୍ତ୍ତିକ ସାହୁ, ସରୋଜ ଦାସ, କିଶୋର ମହାନ୍ତି, ମହେନ୍ଦ୍ର ସାହୁ ପ୍ରମୁଖ ବହୁ ଆଇନଜୀବୀ ଧାରଣାରେ ବସି ରହିଥିଲେ। ତୁରନ୍ତ ପୋଲିସ କର୍ମଚାରୀଙ୍କୁ ଗିରଫ କରିବା ପାଇଁ ଦାବୀ କରିଥିଲେ।

■ ଯାଜପୁର ପୌର ପରିଷଦରେ ରାଜୀବ ଆବାସ ଦୁର୍ନୀତି ପ୍ରସଙ୍ଗ

# ତଦନ୍ତ କରିବ ଆର୍କିଟେକ୍କୋ

**ଯାଜପୁର ଅଫିସ,୧୧।୯**

ଯାଜପୁର ପୌର ପରିଷଦରେ ଝୁମ୍ପୁଡିବାସୀଙ୍କ ପାଇଁ ଉଦ୍ଦିଷ୍ଟ ରାଜୀବ ଆବାସ ଯୋଜନା ବା ହାଉସିଂ ଫର୍ ଅଲ ଏବଂ ଟ୍ରାନଜିଟ ହାଉସ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ରିପୋର୍ଟରେ ଧରାପଡିଛି। ଏବେ ଥାର୍ଡ ପାର୍ଟି ଇନ୍ସପେକ୍ସନ ଆଣ୍ଡ ମନିଟରିଂ ଏଜେନ୍ସି(ଟିପିଆଇଏମଏ) ଏହାର ତଦନ୍ତ କରିବ । ଆଉ ଏହି ତଦନ୍ତ ଭାର ଆର୍କିଟେକ୍କୋ କନ୍‌ସଲଟାଣ୍ଟ(ଇଣ୍ଡିଆ) ପ୍ରାଇଭେଟ ଲିମିଟେଡକୁ ଦିଆଯାଇଛି। ତେଣୁ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଯାଜପୁର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟ ନଗର ଗୃହ ମିଶନ (ଓୟୁଏଚଏମ)ର ମିଶନ ନିର୍ଦ୍ଦେଶକ ସୁରେଶଚନ୍ଦ୍ର ଦଳେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଘଟଣା ଜଣାପଡ଼ିବାପରେ ରାଜୀବ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଛନକା ପଶିଛି ।

ଯାଜପୁର ପୌର ପରିଷଦରେ ୧୦୪ ଗରିବ ଝୁମ୍ପୁଡିବାସୀଙ୍କ ନାମରେ ୪.୧୪ କୋଟି ଟଙ୍କା ମୂଲ୍ୟର ଟ୍ରାନ୍‌ଜିଟ ହାଉସ ମାର୍କେଟ କମ୍ପ୍ଲେକ୍ସରେ ପରିଣତ ହୋଇଛି। ଏହି ୧୦୪ ପରିବାର ଦିନେ ବି ଟ୍ରାନ୍‌ଜିଟ ହାଉସରେ ମୁଣ୍ଡ ଗୁଞ୍ଜି ନାହାନ୍ତି ବୋଲି ସିଏସି ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି । ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସିଏଜି ରିପୋର୍ଟକୁ ଭିତ୍ତି କରି ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ପେଶିଆଲ ଡ୍ୟୁଟି ଅଧିକାରୀ ବିଜୟଲକ୍ଷ୍ମୀ ଜେନା ୧୭।୭।୨୦୧୮ରେ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଜବାବ ତଲବ କରିଥିଲେ। ଏହାବାଦ ୬।୯।୨୦୧୮ତାରିଖରେ ଓୟୁଏଚ୍‌ଏମ୍ କନ୍‌ଫରେନ୍ସ ହଲ୍‌ରେ ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଜନା ଅନ୍ତର୍ଗତ ସମ୍ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ଘର, ଆବଣ୍ଟିତ ଅନୁଦାନ, ନିର୍ମାଣାଧିନ ଘର, ହିତାଧିକାରୀ, ବିନିଯୋଗ ପତ୍ର ଆଦି ସମ୍ପର୍କରେ ଆଲୋଚନା ହେବା ପରେ ଆର୍କିଟେକ୍କୋକୁ ତଦନ୍ତଭାର



■ସିଏଜି ରିପୋର୍ଟରେ ଧରା ପଡିଥିଲା ୨.୩୯ କୋଟି ଟଙ୍କାର ଅନିୟମିତତା

■ଝୁମ୍ପୁଡିବାସୀଙ୍କ ନାମରେ ଟ୍ରାନ୍‌ଜିଟ ହାଉସ ସାଜିଛି ମାର୍କେଟ କମ୍ପ୍ଲେକ୍ସ

■ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ, ଲୋକ ପ୍ରତିନିଧିଙ୍କ ମଧ୍ୟରେ ଛନକା

ଦିଆଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ରାଜୀବ ଆବାସ ଯୋଜନାରେ ଯାଜପୁର ପୌରପରିଷଦରେ ୧୫୯୭ ଘର ମଞ୍ଜୁର ହୋଇଥିଲା। ଏଥିପାଇଁ ୩୧.୩୧ କୋଟି ଟଙ୍କା ଆବଣ୍ଟିତ ହୋଇଛି। ହେଲେ ସେଥିରୁ ମାତ୍ର ୫୫୮ ଘର ସମ୍ପୂର୍ଣ୍ଣ, ୧୮୧ ଘର ନିର୍ମାଣାଧିନ ଓ ୮୫୮ ଘର କାର୍ଯ୍ୟ ଆରମ୍ଭ ହୋଇନାହିଁ ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ଆହୁରି ଦର୍ଶାଯାଇଛି ଯେ, ଆବଣ୍ଟିତ ଅର୍ଥରୁ ୨୩.୦୯ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। ୨୦୧୭ ଏପ୍ରିଲରୁ ମେ ମାସ ମଧ୍ୟରେ ସିଏଜି ପକ୍ଷରୁ ହୋଇଥିବା ତଦନ୍ତରେ ୪୮ଟି ଘର ଝୁମ୍ପୁଡିବାସୀଙ୍କ ପାଇଁ ହୋଇନାହିଁ। ଏହାକୁ କେତେକ ରାଜନୈତିକ ପ୍ରଭାବଶାଳୀ ଥିଲାବାଲା ଲୋକ ହାତେଇ ନେଇଛନ୍ତି। ନଅରପଦାର ଜଣେ ହିତାଧିକାରୀ ଦୁଇ ଦୁଇଟି ଘର ପାଇଛନ୍ତି । ଯାହାର କ୍ରମିକ ନମ୍ବର ୧୪ ଓ ୩୯ ବୋଲି ଅଡିଟ ରିପୋର୍ଟରେ କୁହାଯାଇଛି । ଏହି ୭୩ ଘର ମାମଲାରେ ପ୍ରାୟ ୨.୩୯ କୋଟି ଟଙ୍କାର ଅନିୟମିତା ହୋଇଛି । ଏହାବାଦ ରାଜୀବ ଆବାସ ନିର୍ମାଣ ସମୟରେ ୧୦୪ ଗରିବ ଝୁମ୍ପୁଡିବାସୀଙ୍କ ନାମରେ ୪.୧୪ କୋଟି ଟଙ୍କା ମୂଲ୍ୟର ଟ୍ରାନ୍‌ଜିଟ ହାଉସ ନିର୍ମାଣ ହୋଇଛି । ହେଲେ ତାହା ମାର୍କେଟ କମ୍ପ୍ଲେକ୍ସରେ ପରିଣତ ହୋଇଛି । ପ୍ରାରମ୍ଭରୁ ମାର୍କେଟ କମ୍ପ୍ଲେସ ଢାଞ୍ଚାରେ ନିର୍ମିତ ଟ୍ରାନ୍‌ଜିଟ ହାଉସ ବାସନୁପଯୋଗୀ ହୋଇପାରି ନାହିଁ। ସୁଚିନ୍ତିତ ଯୋଜନା ଅନୁଯାୟୀ ଟ୍ରାନ୍‌ଜିଟ ହାଉସରେ ଦୁଇଚକିଆ ଶୋରୁମ୍, ଔଷଧ ଦୋକାନ, ସପିଂମଲ, ନର୍ସିଂହୋମ, ଡ୍ରେସ ସୋରୁମ ଆଦି ବଡବଡ ବ୍ୟବସାୟିକ ପ୍ରତିଷ୍ଠାନ ଗଢି ଉଠିଛି । ସିଏଜି ରିପୋର୍ଟ ପ୍ରକାଶ ପାଇବା ପରେ ଟ୍ରାନ୍‌ଜିଟ ହାଉସ ବାବଦକୁ ଖର୍ଚ୍ଚ ହୋଇଥିବା ୪.୧୪ କୋଟି ଟଙ୍କାକୁ ରାଜୀବ ଆବାସ ଯୋଜନା ଆକାଉଣ୍ଟକୁ ଫେରାଇ ଦିଆଯିବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବଙ୍କ ପ୍ରତିଶ୍ରୁତି ମଧ୍ୟ ଏଯାଏ କାର୍ଯ୍ୟକାରୀ ହୋଇନାହିଁ। ଏହାସହ ରାଜୀବ ଆବାସ ଯୋଜନାରେ ବିଭିନ୍ନ ଅନିୟମିତତା ହୋଇଥିବା ସିଏଜି ରିପୋର୍ଟରେ ଧରାପଡିଛି। ତେଣୁ ଆର୍କିଟେକ୍କୋ ପୁଣି କିଭଳି ଭାବରେ ତଦନ୍ତ କରିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏହିକ୍ରମରେ ଓୟୁଏଚ୍‌ଏମ୍‌ର ମିଶନ ନିର୍ଦ୍ଦେଶକ ଦଳେଇ ତାଙ୍କ ପତ୍ରସଂଖ୍ୟା ୧୬୮୭/୧୦।୯।୨୦୧୮ ତାରିଖରେ ଦର୍ଶାଇଛନ୍ତି ଯେ, ଆର୍କିଟେକ୍କୋକୁ ସବୁସ୍ତରରେ ସହଯୋଗ କରିବାର ଆବଶ୍ୟକତା ରହିଛି । ଫଳରେ ଯଥାଶୀଘ୍ର ସମ୍ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ଘର ସମ୍ପର୍କରେ ଭାରତ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇ ପାରିବ । ଏ ସଂକ୍ରାନ୍ତରେ ଯାଜପୁର ପୌରପରିଷଦର ନିର୍ବାହୀ ଅଧିକାରୀ ଶିବପ୍ରସାଦ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଗତ ୬ ତାରିଖ ବୈଠକରେ ରାଜୀବ ଆବାସ ଯୋଜନା ସମ୍ପର୍କରେ କେବଳ ସମୀକ୍ଷା ହୋଇଥିଲା। ଏହାର ତଦନ୍ତ ପାଇଁ ଏଯାଏ କୌଣସି ନିର୍ଦ୍ଦେଶ ଆସିନାହିଁ। ନିର୍ଦ୍ଦେଶ ପତ୍ର ପାଇବା ପରେ ଆବଶ୍ୟକ ସହଯୋଗ ନିହାତି ଯୋଗାଇ ଦିଆଯିବ ବୋଲି ମହାପାତ୍ର କହିଛନ୍ତି।

## ବ୍ଲକଗ୍ରାଣ୍ଟ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

**ରସୁଲପୁର,୧୧।୯(ଡିଏନଏ)**

ରସୁଲପୁର ବ୍ଲକ ସମ୍ମୁଖରେ ଓଡିଶା ବ୍ଲକଗ୍ରାଣ୍ଟ ବିଦ୍ୟାଳୟର ଓ ମହାବିଦ୍ୟାଳୟ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଛି। ସଂଘର ଆହ୍ୱାନକ୍ରମେ ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀମାନେ ବ୍ଲକ ସମ୍ମୁଖରେ ଧାରଣା ବସି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜୀ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ସଢ଼େ ୧୦ଟାରୁ ମଞ୍ଚ ପକ୍ଷରୁ ଧାରଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବୈଦ୍ୟନ୍ଦ୍ରନାଥ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ପ୍ରତିବାଦ ସଭା ଓ ଧାରଣାରେ ବ୍ଲକ ଅଧିନସ୍ଥ ୧୯ଟି ଉଚ୍ଚ ବିଦ୍ୟାଳୟ, ୧୭ଟି ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ୪ଟି ମହାବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇ ସରକାରଙ୍କ ଶିକ୍ଷକ ମାରଣନୀତିକୁ ସମାଲୋଚନା କରିବା ସହ ଚାକିରି ସର୍ତ୍ତାବଳୀ, ପୂର୍ଣ୍ଣ ଅନୁଦାନ, ଅବସରକାଳୀନ ସୁବିଧା ପ୍ରଦାନ ଦାବିରେ ସ୍ଲୋଗାନ ଦେଇଥିଲେ। ଉକ୍ତ ସଭାରେ ମିଳିତ ମଞ୍ଚ ଷ୍ଟିଅରିଂ କମିଟିର ସଦସ୍ୟ ସୁଶାନ୍ତ ମହାରଣା, ବ୍ଲକ ଓଷ୍ଟା ସମ୍ପାଦକ ଦୁଃଶାସନ ସାହୁ, ରମେଶ ଚନ୍ଦ୍ର ସାହୁ, ଅକ୍ଷୟ ବରାଳ, ନଗେନ୍ ଚନ୍ଦ୍ର ପରିଜା, ନିରଞ୍ଜନ ଶତପଥୀ, ଅଧ୍ୟାପକ ରଘୁନାଥ ପରିଡ଼ା, ପ୍ରଦୀପ ବଳ, ଆଦିକନ୍ଦ ମଲିକ, ବିଜୟ କୁମାର ମହାନ୍ତି, ଧନେଶ୍ୱର ମହାନ୍ତି, ହେମନ୍ତ କୁମାର ସାହୁ, ଶିକ୍ଷୟିତ୍ରୀ ପ୍ରତିଭା ସାମଲ, ଶୁକାନ୍ତ ପତି, ସସ୍ମିତା ପାଣି, ପ୍ରଭାତ କୁମାର ଚନ୍ଦ, ଅନନ୍ତ କିଶୋର ପରିଡା, ନିଳମଣି ଲେଙ୍କା ପ୍ରମୁଖ ଅଂଶଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ।

## ମଣ୍ଡଳସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ଧର୍ମଶାଳା, ୧୧।୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଚ୍ୟୁତପୁରସ୍ଥିତ ଦାମୋଦର ବିଦ୍ୟାପୀଠାରେ ମଙ୍ଗଳବାର ମଣ୍ଡଳସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ସେଠୀ ଅଧକ୍ଷତା କରିଥିବାବେଳେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ସହକାରୀ ଶିକ୍ଷା ଅଧିକାରୀ ବିଜୟ କୁମାର ମିଶ୍ର, ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ ବାଣୀ ବଲ୍ଲବୀ ଦାସ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ୧୯ଟିକ୍ଲଷ୍ଟରରୁ ୧୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଜୟନ୍ତ କୁମାର ସାହୁ, ଅରବିନ୍ଦ ମହାନ୍ତି, ରଶ୍ମୀ ରଞ୍ଜନ ସାମଲ ପର୍ଣ୍ଣକାନ୍ତ ଜେନା, ବ୍ରହ୍ମାନନ୍ଦ ନାୟକ, ରମେଶ ଚନ୍ଦ୍ର କୁଣ୍ଟ ପ୍ରମୁଖ ଯୋଗଦେଇଥିଲେ । ଛାତ୍ରୀ ରାନୀ ଲେଙ୍କା ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

■ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## ୭ଦଫା ଦାବି ନେଇ ପ୍ରତିବାଦ ସଭା କଲା ଶିକ୍ଷକ ମିଳିତ ମଞ୍ଚ

**ବିଞ୍ଝାରପୁର,୧୧।୯(ଡି.ଏନ.ଏ)**

ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚ ବିଞ୍ଝାରପୁର ଶାଖାପକ୍ଷରୁ ୭ଦଫା ଦାବି ନେଇ ବିଞ୍ଝାରପୁର ବ୍ଲକ କାଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ମୀନକେତନ ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣା ଓ ପ୍ରତିବାଦ ସଭାରେ ଅତିଥିଭାବେ ରାଜ୍ୟ ଷ୍ଟିଅରିଂ କମିଟିର ସଦସ୍ୟ ସୁବାଶ ଚନ୍ଦ୍ର ପ୍ରଧାନ, ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଦସ୍ୟ ପିତାମ୍ବର ସ୍ୱାଇଁ ପ୍ରମୁଖ ଯୋଗଦେଇ ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା ସହିତ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଆଦି ୭ଦଫା ଦାବି ସମ୍ପର୍କରେ ଆଲୋକପାତ କରିଥିଲେ। ସରକାର ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚର ଦାବି ଗୁଡିକ ସମ୍ପର୍କରେ ତୁରନ୍ତ ବିଚାରବାରି ସବୁ ସୁବିଧା ଯୋଗାଇଦେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଥିବାବେଳେ



ଧାରଣାରେ ବସିଥିବା ମିଳିତ ମଞ୍ଚର ସଦସ୍ୟ।

ବିଞ୍ଝାରପୁର ବିଡିଓ ଦାମୋଦର ଖୁଣ୍ଟିଆଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ଦିଆଯାଇଥିଲା। ଏହି ଗଣଧାରଣା ଓ ପ୍ରତିବାଦ ସଭା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବ୍ଲକ ସମ୍ମୁଖରେ ଚାଲିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗଣଧାରଣା ଓ ପ୍ରତିବାଦ ସଭାରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍କୁଲ ଓ କଲେଜରୁ ରତ୍ନାକର ସାହୁ, ସନ୍ତୋଷ କୁମାର ମିଶ୍ର, ପ୍ରତାପ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ସାମଲ, ଶ୍ରୀଧର ନାଥ, ଦେବାନନ୍ଦ ଧଳ, ଅମୀୟ ସେଠୀ, ଶୈଳେନ୍ଦ୍ର ନାରାୟଣ ରାଉତ, ବିଜୟ କୁମାର ବେହେରା, ବିଜୟାନନ୍ଦ ଦାସ, ଅବଦୁଲ ବସର, ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ସମେତ ଦୁଇଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ, ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ରହିଥିଲେ।

## ରାଜପଥରେ ପୃଥକ ସ୍ଥାନରେ ଦୁର୍ଘଟଣା,୩ଜଣ ଗୁରୁତର

**ରସୁଲପୁର,୧୧।୯(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥରେ ମଙ୍ଗଳବାର ପୃଥକ ପୃଥକ ସ୍ଥାନରେ ୨ଟି ଦୁର୍ଘଟଣା ଘଟିଛି । ଏଥିରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମଧ୍ୟାହ୍ନରେ କଟକ ମଙ୍ଗୁଳି ଅଞ୍ଚଳର ରମେଶ ଦାସ(୨୬) ଓ ଭୁବନେଶ୍ୱର ଅଞ୍ଚଳର ଚିତ୍ତରଞ୍ଜନ ଦାସ(୫୮) ଏକ ସ୍କୁଟିରେ ଯାଜପୁରୋଡ ଅଭିମୁଖେ ଯାଉଥିଲେ। ଉଭୟ ଜଗତପୁରସ୍ଥିତ ଓଡ଼ିଶା କେବୁଲ ଗଙ୍ଗାଜଳର କମ୍ପାନୀରେ କର୍ମଚାରୀ ଭାବରେ କାର୍ଯ୍ୟ କରନ୍ତି। କମ୍ପାନୀ ପକ୍ଷରୁ ବକେୟା ପାଉଣା ଆଦାୟ କରିବାକୁ ଉଭୟେ କୁଆଖିଆ ଓ ଯାଜପୁର ରୋଡକୁ ଯାଉଥିବାବେଳେ ଧର୍ମଶାଳା ଥାନା ଅନ୍ତର୍ଗତ ଜାତୀୟ ରାଜପଥର ବାରବାଟୀ ଗଣେଶ ବଜାର ନିକଟରେ ସେମାନଙ୍କ ସ୍କୁଟି ରାସ୍ତାର ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ରମେଶଙ୍କ ଗୋଡ ଭାଙ୍ଗି ଯାଇଥିବାବେଳେ ଚିତ୍ତରଞ୍ଜନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଉଭୟଙ୍କୁ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି କୁଆଖିଆ ଥାନା ଅନ୍ତର୍ଗତ ରାଜପଥର ସୁଆଁସାହି ଛକ ନିକଟରେ ଅପରାହ୍ନରେ ଏକ ଗାଡି ଧକ୍କାରେ ଜଣେ ପରିବା ବ୍ୟବସାୟୀ ଗୁରୁତର ହୋଇଛନ୍ତି। ବ୍ୟବସାୟୀ ଜଣକ ଏହି ଥାନା ଅନ୍ତର୍ଗତ ଓଡିଶୋ ପଞ୍ଚାୟତ ମାନପୁର ଗ୍ରାମର ନଣ୍ଡା ମଳିକ(୫୦)। ସେ ପାଣିକୋଇଲି ଅଞ୍ଚଳରୁ ପରିବା ବ୍ୟବସାୟ ସାରି ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ନଣ୍ଡାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। କୁଆଖିଆ ଥାନା ପୋଲିସ ଘଟଣାସ୍ଥଳରେ ପହଁଚି ଦୁର୍ଘଟଣାସ୍ଥଳରୁ ଲୁନାକୁ ଜବତ କରି ତଦନ୍ତ ଜାରି ରଖିଛି ।

## ଏଆଇଡିଏସ୍‌ଓର ସାରା ଓଡ଼ିଶା ପ୍ରାଧିକାର ଦିବସ

**ଧର୍ମଶାଳା, ୧୧।୯(ଡି.ଏନ୍.ଏ.)**

ଧର୍ମଶାଳା ଆଞ୍ଚଳିକ କମିଟି ଅଲ୍ ଇଣ୍ଡିଆ ଡିଏସ୍‌ଓ ଉଦ୍ୟୋଗରେ ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରି ପୂର୍ଣ୍ଣ ଅନୁଦାନ ପ୍ରଦାନ ଦାବିରେ ମଙ୍ଗଳବାର ସାରା ଓଡିଶା ଅଧିକାର ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଜାରକା ବଜାର ପରିକ୍ରମା ପରେ ବ୍ଲକ ଅଫିସ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା କମ୍ରେଡ ମଧୁସ୍ମିତା ସାହୁ ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କ ଆନ୍ଦୋଳନକୁ ସମର୍ଥନ କରି ତୁରନ୍ତ ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥାକୁ ଉଚ୍ଛେଦ କରି ପୂର୍ଣ୍ଣ ଅନୁଦାନ ପ୍ରଦାନ ଏବଂ ପ୍ରଥମ ଶ୍ରେଣୀର ପାସ୍ ଫେଲ ବ୍ୟବସ୍ଥାକୁ ପୁନଃ ପ୍ରଚଳନ ପାଇଁ ସଭାରେ ଦାବି ଉପସ୍ଥାପନ କରିଥିଲେ। ତୁରନ୍ତ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ ଏବଂ ପାସ୍ ଫେଲ୍ ବ୍ୟବସ୍ଥା ପୁନଃ ପ୍ରଚଳନ କରା ନ ଗଲେ ଆଗାମୀ ଦିନରେ ଛାତ୍ର ଶିକ୍ଷକ, ଅଧ୍ୟାପକ ଆନ୍ଦୋଳନ ଜୋରଦାର କରାଯିବା ନେଇ ସଭାରେ ଚେତାବନୀ ଦିଆଯାଇଛି।

## ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ ଅଧ୍ୟାପକ ଶିକ୍ଷକ,କର୍ମଚାରୀ



ବ୍ଲକଗ୍ରାଣ୍ଟ ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

**ସୁକିନ୍ଦା, ୧୧।୯(ଡି.ଏନ୍.ଏ.)**

ଓଡିଶା ବିଦ୍ୟାଳୟ ମହାବିଦ୍ୟାଳୟ ଓ ଶିକ୍ଷକ କର୍ମଚାରୀ ସଂଘ ଡାକରାରେ ମଙ୍ଗଳବାର ୩ ଦଫା ଦାବିରେ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ଗ୍ରାଣ୍ଟ ଅଧ୍ୟାପକ ଶିକ୍ଷକ ଏବଂ କର୍ମଚାରୀମାନେ ଧାରଣା ଦେଇଛନ୍ତି। ବ୍ଲକ ଅଧୀନରେ ଥିବା ୨ଟି ମହାବିଦ୍ୟାଳୟ ଏବଂ ୧୧ଟି ଉଚ୍ଚ ବିଦ୍ୟାଳୟ ଏବଂ ୨ଟି ମଧ୍ୟ ଇଂରାଜୀ ବିଦ୍ୟାଳୟର ପାଖାପାଖି ଦେଢ଼ ଶହରୁ ଊର୍ଦ୍ଧ୍ୱ ବ୍ଲକଗ୍ରାଣ୍ଟ କର୍ମଚାରୀ ଏହି ଧାରଣାରେ ସାମିଲ ହୋଇଥିଲେ। ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରି ଚାକିରି ପ୍ରାରମ୍ଭରୁ ପୂର୍ଣ୍ଣ ଦରମା, ୭ମ ବେତନ କମିଶନ ଦାବିରେ ୧୧ରୁ ୧୨ ଦୁଇ ଦିନ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଧାରଣା ନେଇ ସଂଘ ନିଷ୍ପତ୍ତି ନେଇଥିବା ଯାଜପୁର ଜିଲା ସଭାପତି ଲକ୍ଷ୍ମୀକାନ୍ତ ଦାଶ କହିଛନ୍ତି। । ଏହି ଅବସରରେ ଅଧ୍ୟାପକ ଏବଂ ଶିକ୍ଷକଙ୍କ ଏକ କମିଟି ଦଳ ବିଡିଓ ମଣିପ୍ରସାଦ ମିଶ୍ରଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ସଂଘ ସଭାପତି ଲକ୍ଷ୍ମୀକାନ୍ତ ଦାଶଙ୍କ ନେତୃତ୍ୱରେ ୨ଟି ମହାବିଦ୍ୟାଳୟର ଅଧ୍ୟାପକ ମହେନ୍ଦ୍ର କୁମାର ଜେନା, ହାଡିବନ୍ଧୁ ଦାସ, ପାଣ୍ଡବ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୧୧ଟି ଉଚ୍ଚ ବିଦ୍ୟାଳୟରୁ ଓଷ୍ଟାର ଅଜୟ କୁମାର ଖୁଣ୍ଟିଆ, ନକୁଳ ଚନ୍ଦ୍ର ଜେନା, ଯୋଗେନ୍ଦ୍ର ବରାଳ ପ୍ରମୁଖଙ୍କ ସମେତ ଶତାଧିକ ଅଧ୍ୟାପକ ଓ ଶିକ୍ଷକ ଯୋଗ ଦେଇଥିଲେ । କର୍ମଚାରୀଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଧୀରସାମନ୍ତ ଓ ବିପିନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

■ ଯାଜପୁରରୋଡ ଫେରୋକ୍ରୋମ କାରଖାନା

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି

**ଯାଜପୁର ଅଫିସ,୧୧।୯**

ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ଼ (ଆଇଡିସି) ଅଧିନସ୍ଥ ଯାଜପୁରରୋଡ ଫେରୋକ୍ରୋମ ଆଣ୍ଡ ଆଲୟେଜ ଲିମିଟେଡ କାରଖାନାରେ ଗତ କିଛି ବର୍ଷ ଧରି ଦୁର୍ନୀତି ଲାଗିରହିଛି। ଏ ସମ୍ପର୍କରେ ଉପରେ ଧରିତ୍ରୀରେ ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଶ୍ରମିକ ନେତା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଆଇଡିସିର ସିଏମ୍‌ଡି ତଥା ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ନିଦ ହଜାଇ ଦେଇଛନ୍ତି। ଏଭଳିସ୍ଥିତିରେ ଏବେ ପୁଣି ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇ ସେମାନଙ୍କ ଜରିଆରେ ବିଭିନ୍ନ ଅନିୟମିତତା କରାଯାଇଥିବା ଭଳି ଆଉ ଏକ ଦୁର୍ନୀତିର ଫର୍ଦ୍ଦ ଖୋଲିଛି ।

ଫେରୋକ୍ରୋମ କାରଖାନା ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲେ ହେଁ ଶ୍ରମିକ ସଂଗଠନ ଓ ବହୁ ବିଭାଗର ଦୁର୍ନୀତିଖୋର ମୁଖିଆଙ୍କ ସଲାସୁତୁରାରେ ହିସାବ ବାହାରେ ଓଭର ଡ୍ୟୁଟି ଦିଆଯାଇଥିଲା। ଏନେଇ ଧରିତ୍ରୀର ଖବର ଆଧାରରେ ଶ୍ରମିକ ନେତା ଦୁଷ୍ମନ୍ତ ରାଉତ ଅଭିଯୋଗ କରିବା ପରେ ସିଏମ୍‌ଡି ମହାପାତ୍ର ଗତ ଅଗଷ୍ଟ ମାସରେ ଓଭର ଡ୍ୟୁଟି ବନ୍ଦ ନିର୍ଦ୍ଦେଶ ଦେଇଥିଲେ। ତଥାପି ଗଳାଛପାରେ କାରଖାନାର ଏମଡି, ପ୍ରଡ଼କ୍ସନ ବିଭାଗର ମୁଖ୍ୟ ଅଶୋକ ସାହୁଙ୍କ ସମେତ କେତେକ ବିଭାଗୀୟ ମୁଖ୍ୟଙ୍କ ପ୍ରୋତ୍ସାହନରେ ଓଭର ଡ୍ୟୁଟି ଚାଲିଛି। ଏହାଛଡ଼ା ଶ୍ରମିକ ସଂଗଠନର ଜଣେ କର୍ମକର୍ତ୍ତାଙ୍କ ସମ୍ପର୍କୀୟଙ୍କୁ କିଛି ମାସ ତଳେ ସିକ୍ୟୁରିଟିରେ ଭର୍ତ୍ତି କରାଯାଇଥିଲା। ସେ କେବେ ସିକ୍ୟୁରିଟି ୟୁନିଫର୍ମ ପିନ୍ଧନ୍ତି ନାହିଁ କି ରାତିରେ ଡ୍ୟୁଟି କରନ୍ତି ନାହିଁ। ଆରମ୍ଭରୁ ଜଣେ ସୁପରଭାଇଜର ଗ୍ରେଡରେ ଦରମା ପାଇବା ଉପରେ ଲିଖିତ ଅଭିଯୋଗ ହୋଇଥିଲା। ଏଭଳି ବହୁ

■ଶିକ୍ଷିତ ଯୁବତୀଯୁବକଙ୍କୁ ଉପେକ୍ଷା

■ଚପିଗଲା ପ୍ରଡକ୍ସନ ବିଭାଗରେ ଦୁର୍ନୀତି

ଅଭିଯୋଗ ଉପରେ ଗତ ଅଗଷ୍ଟ ମାସରେ ଭୁବନେଶ୍ୱରର ଆଇଡିସି ମୁଖ୍ୟାଳୟରୁ ବରିଷ୍ଠ ପଦାଧିକାରୀ ବି.ଆର. ପଟ୍ଟନାୟକ, ଅରବିନ୍ଦ ଆଚାର୍ଯ୍ୟ, ବିଷ୍ଣୁପ୍ରସାଦ ମହାପାତ୍ର, ପି. ଆର. ପାଢ଼ୀ ତଦନ୍ତ ପାଇଁ ଆସିଥିବାବେଳେ ଅନେକ ଅନିୟମିତତା ଧରାପଡିଥିଲା। କାରଖାନା ଦେବାଳିଆ ଆଡ଼କୁ ମୁହାଁଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ କେତେକଙ୍କୁ ଅବସରପରେ ମଧ୍ୟ ସେମାନଙ୍କୁ ପୁନଶ୍ଚ ଅବସ୍ଥାପିତ କରି ଲକ୍ଷାଧିକ ଟଙ୍କା ଶ୍ରାଦ୍ଧ କରି ଚାଲିଛନ୍ତି। କାରଖାନାରୁ ଅବସର ନେଇଥିବା ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ପୁନଃ ଅବସ୍ଥାପିତ କରି ମାସିକ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି । ଏପରି ଥଇଥାନ ବ୍ୟବସ୍ଥା ଶିକ୍ଷିତ ଯୁବଗୋଷ୍ଠୀଙ୍କ ପାଇଁ ମଙ୍ଗଳବାର ନୁହେଁ ବୋଲି ମତପ୍ରକାଶ ପାଇଛି । ନୂତନ ପିଢ଼ିର ଯୁବଗୋଷ୍ଠୀ ଏଗ୍ରିମେଣ୍ଟ କରି ଏହାଠାରୁ କମ୍ ଟଙ୍କାରେ ବହୁତ ଭଲ କାମ କରିପାରିବେ ବୋଲି ଚର୍ଚ୍ଚା ହେଉଛି। ଏହି ପ୍ରିୟାପ୍ରୀତିତୋଷଣ ଥଇଥାନ ବ୍ୟବସ୍ଥାକୁ ତୁରନ୍ତ ବନ୍ଦ କରିବାକୁ ଦାବି ହୋଇଛି। ଅବସର ନେଇଥିବା କର୍ମଚାରୀମାନେ ପୁଣି ଏଠାରେ କାର୍ଯ୍ୟ କରି ବହୁ ଶ୍ରମିକଙ୍କ ହାଜିରାକୁ ବଢ଼ାଇ ଠିକାଦାରଙ୍କ ଠାରୁ ବଟି ନେଉଥିବା ଶୁଣାଯାଉଛି। ବାସ୍ତବରେ ଶ୍ରମିକମାନେ ୧୫/୨୦ ଦିନ ଆସୁଥିଲେ ସେ ପୂରା ମାସକର ହାଜିରା ଖାତାରେ ଉଲ୍ଲେଖ କରି ଠିକାଦାରଙ୍କୁ ଆର୍ଥିକ ଫାଇଦା ଦେଇ ସେମାନେ ବି ମାଲେମାଲ ହେଉଛନ୍ତି। ଅନ୍ୟପକ୍ଷେ କାରଖାନାର ପ୍ରଡକ୍ସନ ବିଭାଗର ମୁଖ୍ୟ ଆରମ୍ଭରୁ ପ୍ରାୟ ୩୦ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଠାରେ କାର୍ଯ୍ୟରତ ଥାଇ ଶ୍ରମିକ ସପ୍ଲାଇ ନାମରେ ଲକ୍ଷାଧିକ ଟଙ୍କା ମିଥ୍ୟା ବିଲ ଭାଉଚର କରି ହଡପ କରୁଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରଡକ୍ସନ ବିଭାଗର ହାଇ କାର୍ବନ ସାଇଟରେ ମାସିକ ୩୦ ରୁ ୫୦ ଜଣ ଶ୍ରମିକ ସପ୍ଲାଇର ମିଥ୍ୟା ବିଲ୍ କରି ପ୍ରତି ଶ୍ରମିକ ପିଛା ପ୍ରାୟ ୪୦୦ଟଙ୍କାରୁ ଊର୍ଦ୍ଧ୍ୱ ମଜୁରୀ ହିସାବରେ ମାସିକ ପ୍ରାୟ ୫ଲକ୍ଷ ଟଙ୍କା ହରିଲୁଟ କରାଯାଉଛି। କାରଖାନାର ସବୁ କାମ ପାଇଁ ନିର୍ଦ୍ଦିଷ୍ଟ ଦରରେ ଠିକାଦାରମାନେ ଚୁକ୍ତି କରି ଶ୍ରମିକ ଲଗାଇଥିବାବେଳେ ଏହି ୩୦ ରୁ ୫୦ ଜଣ ଶ୍ରମିକମାନଙ୍କ କ'ଣ ଆବଶ୍ୟକ ପଡ଼େ ଓ ଏମାନେ କି କାମ କରନ୍ତି ତାହାର ତଦନ୍ତ ଦାବି ହୋଇଥିଲା। ହେଲେ ଏହି ଅଭିଯୋଗକୁ କଳେବଳେ କୌଶଳେ ଚାପି ଦିଆଯାଇଥିବା ସୂଚନା ମିଳିଛି । ଏ ସଂକ୍ରାନ୍ତରେ କାରଖାନାର ଏମଡି ବୀରକିଶୋର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଉଚ୍ଚ କର୍ତ୍ତୃପକ୍ଷ ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରୁଛନ୍ତି । ଅଭିଯୋଗର ସତ୍ୟାସତ୍ୟ ଉନ୍ମୋଚନ ହେଲେ ନିଶ୍ଚିତ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



"ମହତ ଲୋକର ସମାଧି ଉପରେ ଗୋଟିଏ ଚମତ୍କାର ଫୁଲ ସବୁବେଳେ ସତେଜ ହୋଇ ରହିଥାଏ। ସେହି ଫୁଲର ନାମ ଖ୍ୟାତି।

- ରବର୍ଟ ମଦର୍ ୱେଲ୍

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବରୀ/ରତ୍ନଗିରି, ୧୧।୯ (ସ୍ୱ.ପ୍ର./ଡି.ଏନ୍.ଏ)- ବରୀ ଥାନା ଅଧୀନ କଳାମାଟିଆ ଗ୍ରାମର ନିରଞ୍ଜନ ଦାସଙ୍କ ପୋଖରୀରୁ ମଙ୍ଗଳବାର ପୂର୍ବାହ୍ନରେ ବରୀ ପୋଲିସ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୧୨/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତକ ହେଲେ ରୌପ୍ୟକାନ୍ତ ଧଳ(୨୬)। ପ୍ରକାଶ ଯେ, ରୌପ୍ୟକାନ୍ତ କଳାମାଟିଆ ନିକଟସ୍ଥ ତଳକାଇପଡ଼ାରେ ଅଜା ବାବାଜୀ ଚରଣ ନାୟକଙ୍କ ଘରେ ପିଲାଦିନରୁ ରହିଆସୁଥିଲେ। ଗତ ୯ ତାରିଖ ରାତିରେ ୫ ଜଣ ସାଙ୍ଗଙ୍କ ସହ କଳାମାଟିଆସ୍ଥିତ ଏକ କୁକୁଡ଼ା ଫାର୍ମ ନିକଟରେ ଭୋଜି କରୁଥିଲେ। ହେଲେ ସେ ଘରକୁ ନ ଫେରିବାରୁ ମାମୁ ଘର ଲୋକେ ବହୁ ଖୋଜାଖୋଜି କରିବା ପରେ ବରୀ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳେ ନିରଞ୍ଜନଙ୍କ ପୋଖରୀରେ ମୃତଦେହ ଭାସୁଥିବା ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ତଦନ୍ତ ଜାରି ରହିଥିବାବେଳେ ମୃତ୍ୟୁର କାରଣ ଜଣାପଡିନାହିଁ।

### ପ୍ରେମ ନିବେଦନ କରି ଯୁବକ ଗିରଫ

ଧର୍ମଶାଳା, ୧୧।୯(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଅରିମ୍ପିଳ ଗ୍ରାମର ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ ନିବେଦନ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ଅରିମ୍ପିଳ ଗ୍ରାମର କମଳାକାନ୍ତ ମହାନ୍ତି। କମଳାକାନ୍ତ ଉକ୍ତ ଛାତ୍ରୀଙ୍କୁ ସ୍କୁଲ ଯିବା ବାଟରେ କିଛିଦିନ ହେବ ବାରମ୍ବାର ଅଟକାଇ ପ୍ରେମ ନିବେଦନ କରୁଥିଲେ। ଏ ନେଇ ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ-୨୨୯/୧୮) ରୁଜୁ କରି କମଳାକାନ୍ତଙ୍କୁ ଗରିଫକରିଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

### ଭଙ୍ଗାରୁଜା, ଚୋରି ଅଭିଯୋଗ: ଜଣେ ଗିରଫ

କୋରେଇ,୧୧।୯(ସ୍ୱ.ପ୍ର.)- ମନ୍ଦିର ଚଉଁରା ଭଙ୍ଗାରୁଜା ଓ ଚୋରି ଅଭିଯୋଗରେ କୋରେଇ ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା(୧୮୭/୧୮) ରୁଜୁ କରିଛି। ଅଭିଯୁକ୍ତ ହେଲେ କୋରେଇ ଥାନା ଅନ୍ତର୍ଗତ ଚାରଦା ଗ୍ରାମର କୁନି ଓରଫ ଜଗନ୍ନାଥ ମଳିକ(୨୦)। ପକାଶ ଯେ, ସୋମବାର ବିଳମ୍ବିତ ରାତିରେ ଉକ୍ତ ଗ୍ରାମର ଜଗନ୍ନାଥ ଗାଁ ମଧରେ ଗାଳିଗୁଲଜ କରିବା ସହ ଗ୍ରାମର ହନୁମାନ ମନ୍ଦିର ଚଉଁରା ଭଙ୍ଗାରୁଜା କରିଥିଲେ । ଏଥିସହ ବିଜୟ ମଳିକଙ୍କ ଘରୁ ଚୋରି କରିବା ସହ ଭଙ୍ଗାରୁଜା କରିଥିଲେ। ଏ ନେଇ ବିଜୟ କୋରେଇ ଥାନାରେ ଅଭିଯୋଗ କରିଥିଲେ।

### ବନ୍ୟା ବିପନ୍ନଙ୍କୁ ପଲିଥିନ ବଣ୍ଟନ

ବିରଜାକ୍ଷେତ୍ର,୧୧।୯(ଡି.ଏନ୍.ଏ)- ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ମଙ୍ଗଳବାର ଯାଜପୁର ତହସିଲ ପକ୍ଷରୁ ତହସିଲଦାର ସୁନୀଲ କୁମାର ମେହେର ପଲିଥିନ୍ ଯୋଗାଇ ଦେଇଛନ୍ତି। ସେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଛନ୍ତି। ସେ ପୂର୍ବରୁ ରାୟଗଡ଼ା ଜିଲା କାଶୀପୁରରେ ତହସିଲଦାର ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଚଳିତ ବର୍ଷ ବୈତରଣୀ ନଦୀରେ ବନ୍ୟା ଯୋଗୁ ଯାଜପୁର ବ୍ଲକ୍ ପଣସା ପଞ୍ଚାୟତର ଆଙ୍ଗୁଲା, ବାଲିପୋଖରୀ, କୁସି ଓ ପଣସା ଗ୍ରାମର ୨୩ ଜଣଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ ପଣସା ସରପଞ୍ଚ ସୁରେଶ ପତି ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦ୍ୱୈତ ପ୍ରଶାସନିକ ବ୍ୟବସ୍ଥାରେ ଛନ୍ଦି ହୋଇଛନ୍ତି ୪ ଗ୍ରାମବାସୀ

**ନଡ଼ିଆଭଙ୍ଗା ପଞ୍ଚାୟତ**

- ଦାନଗଦୀ ବ୍ଲକରେ ରହୁଥିବା ବେଳେ ପରିଚୟ ପତ୍ର ରହୁଛି ସୁକିନ୍ଦା ବ୍ଲକ ଅଧୀନରେ
- ସମାଧାନ ନ ହେଲେ ଭୋଟ ବର୍ଜନ ସହ ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

ଡୁବୁରୀ,୧୧।୯(ଡି.ଏନ୍.ଏ.)

ଦ୍ୱୈତ ବ୍ଲକ ପ୍ରଶାସନ ଯୋଗୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ମଙ୍ଗଳବାର ଗ୍ରାମବାସୀ ଶତାଧିକ ବ୍ୟକ୍ତିଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ଉଭୟ ବ୍ଲକ ପ୍ରଶାସନକୁ ପ୍ରଦାନ କରିଛନ୍ତି। ଦାନଗଦୀ ବ୍ଲକ ଅନ୍ତର୍ଗତ ନଡିଆଭଙ୍ଗା ପଞ୍ଚାୟତର ଝୁମ୍ପାଣ, କରାଖିଆ, ବାଘରାସାହି ଓ ରଙ୍ଗାହୁଡି ରାଜସ୍ୱ ଗ୍ରାମର ୧୫ ଶହରୁ ଊର୍ଦ୍ଧ୍ୱ ଲୋକ ଦାନଗଦୀ ବ୍ଲକ ଅଧିନରେ ଆସୁଥିବା ବେଳେ ସେମାନଙ୍କ ଘରବାରି ପଟ୍ଟା ଓ ପରିଚୟପତ୍ର ସୁକିନ୍ଦା ବ୍ଲକରେ ରହିଛି। ଫଳରେ ଗ୍ରାମରେ ଉନ୍ନୟନମୂଳକ କାମ ଠିକ୍ ଭାବରେ ହୋଇପାରୁ ନାହିଁ। ଫଳରେ ଗ୍ରାମବାସୀ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏ ନେଇ ସରକାରୀ ଓ ପ୍ରଶାସନିକ ସ୍ତରରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ଗ୍ରାମବାସୀ କହିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ସହ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛନ୍ତି।

ସୁକିନ୍ଦା ତହସିଲ ଅନ୍ତର୍ଗତ ଡୁବୁରୀ ରାଜସ୍ୱ ସର୍କଲରେ ଥିବା ନଡିଆ ଭଙ୍ଗା ପଞ୍ଚାୟତର ଏହି ୪ଟି ଗ୍ରାମବାସୀଙ୍କ ଜମିବାଡି ଘରଦ୍ୱାର ଓ ଭୌଗୋଳିକ ପରିସୀମା ସୁକିନ୍ଦା ବ୍ଲକରେ ରହଥିବାରୁ ଗ୍ରାମବାସୀ ସମସ୍ତ କାମ ପାଇଁ ସୁକିନ୍ଦା ବ୍ଲକ ଉପରେ ନିର୍ଭରଶୀଳ ରହୁଛନ୍ତି। ଦାନଗଦୀ ବ୍ଲକ ନଡିଆଭଙ୍ଗା ପଞ୍ଚାୟତର ବିଭିନ୍ନ ଉନ୍ନୟନ କାମ ପାଇଁ ଉକ୍ତ ଗ୍ରାମର ଜନସାଧାରଣଙ୍କୁ ୨୦ କିଲୋ ମିଟର ଦୂର ଦାନଗଦୀ ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ସୁକିନ୍ଦା ବ୍ଲକ ଓ ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୭-୮ କିମି ଦୂର ହୋଇଥିବା ବେଳେ ଗ୍ରାମବାସୀ ବାରମ୍ବାର ପ୍ରଶାସନିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ଜାତିଗତ ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର, ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପାଇଁ ସୁକିନ୍ଦା ତହସିଲ କାର୍ଯ୍ୟାଳୟକୁ ଯିବାବେଳେ ସେଠାରୁ ଘର ଦାନଗଦୀ ବ୍ଲକ ଅଧୀନ ଦର୍ଶାଇ ଫେରାଇ ଦେଉଛନ୍ତି। ସେହିପରି ଦାନଗଦି ବ୍ଲକ ତହସିଲ ଅଫିସରେ ମଧ୍ୟ ରାଜସ୍ୱ ସର୍କଲ ସୁକିନ୍ଦା ତହସିଲର ଡୁବୁରୀ ହୋଇଥିବା କହି ଫେରାଇ ଦେଉଥିବା ଗ୍ରାମବାସୀ କହିଛନ୍ତି। ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଜମିଜମା ସଂକ୍ରାନ୍ତୀୟ କାଗଜ ପତ୍ର ଡୁବୁରୀ ରାଜସ୍ୱ ସର୍କଲରୁ ବହୁ କଷ୍ଟରେ ଯୋଗାଡ କରିବା ପରେ ମଧ୍ୟ ଦାନଗଦୀ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଶାସନିକ ସହାୟତା ମିଳିପାରୁ ନାହିଁ। ଆଧାର କାର୍ଡରେ ଡୁବୁରୀ ଠିକଣା ରହୁଥିବାରୁ ଦାନଗଦୀ ବ୍ଲକ ଓ ତହସିଲରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ସରକାରୀ ଯୋଜନା ଏମାନଙ୍କ ନିକଟରେ ଅପହଞ୍ଚ ହୋଇ ପଡିଛି। ବହୁବାର ପ୍ରଶାସନିକ ସ୍ଥରରେ ଉଦ୍ୟମ କରି ଥିଲେ ମଧ୍ୟ ନିରାଶ ହେବାକୁ ପଡୁଛି । ଏ ନେଇ ନିକଟରେ ଗ୍ରାମରେ ଅନୁଷ୍ଠିତ ବୈଠକରେ ଏହାର ବିରୋଧ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ସର୍ବଶ୍ରୀ ଗୁଣମନ୍ତ ମହାନ୍ତ, ରେବତୀ ମହାନ୍ତ, କନକଲତା ମହାନ୍ତ, ରାଇଟର ମହାନ୍ତ, ନରେନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଉପରୋକ୍ତ ଗ୍ରାମର ଲୋକେ ସୁକିନ୍ଦା ବ୍ଲକ ବିଡିଓ ଓ ଦାନଗଦୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୁକିନ୍ଦା ବ୍ଲକର କୌଣସି ଏକ ପଞ୍ଚାୟତରେ ଏହି ଗ୍ରାମଗୁଡିକୁ ସାମିଲ କରିବା ପାଇଁ ଦାବି କରାଯାଇଛି।

## ଦୁଇ ବାଇକ୍ ଚୋର ଗିରଫ

ବିରଜାକ୍ଷେତ୍ର,୧୧।୯ (ଡି.ଏନ୍.ଏ)

ଯାଜପୁର ସଦର ଥାନା ପୋଲିସ ମଙ୍ଗଳବାର ଦୁଇ ନାବାଳକ ବାଇକ୍ ଚୋରଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା(୧୮୧/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଗତ ୮ ତାରିଖରେ ଯାଜପୁର ସଦରଥାନା ସୁଜନପୁର ଗ୍ରାମର ମଣିନାଥ ନାୟକ ବାଇକ୍ ଯୋଗେ ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ମୀରପାଟଣା ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ । ଭୋଜି ଖାଇସାରି ଆସିବାକୁ ବାହାରିବା ସମୟରେ ବାଇକ୍ ଚୋରି ହୋଇଯାଇଥିଲା । ଏ ନେଇ ମଣିନାଥ ଯାଜପୁର ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଜାରକା ଅଞ୍ଚଳରୁ ବାଇକ୍ ଜବତ କରିବା ସହ ନାବାଳକଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ ଅଦାଲତରେ ହାଜର କରାଯିବ ବୋଲି ସୂଚନା ମିଳିଛି।

### ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୪୧୨ ପ୍ରକଳ୍ପ ପାଇଁ ୧୦ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର

ଚଣ୍ଡିଖୋଲ,୧୧।୯(ଡି.ଏନ.ଏ.)

ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ଚଣା ବ୍ଲକ ଅନ୍ତର୍ଗତ ୪୩ ପଞ୍ଚାୟତର ୪୧୨ ପ୍ରକଳ୍ପ ପାଇଁ ୧୦ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବଡ଼ଚଣାବାସୀଙ୍କ ସହ କଥା ହୋଇଥିଲେ। ଏହି ଅବସରରେ ଅଣକା ପଞ୍ଚାୟତର ୧୩ ପ୍ରକଳ୍ପ ପାଇଁ ୩୩ ଲକ୍ଷ, ଗୋପାଳପୁର ପଞ୍ଚାୟତର ୧୨ ପ୍ରକଳ୍ପ ପାଇଁ ୩୦ ଲକ୍ଷ, ଛତିଆ ପଞ୍ଚାୟତର ୯ ପ୍ରକଳ୍ପ ପାଇଁ ୩୩.୫ ଲକ୍ଷ, ରାଧାଦେଇପୁର ପଞ୍ଚାୟତର ୧୨ ପ୍ରକଳ୍ପ ପାଇଁ ୩୦ ଲକ୍ଷ, ପତରାଜପୁର ପଞ୍ଚାୟତର ୮ ପ୍ରକଳ୍ପ ପାଇଁ ୨୦.୫ ଲକ୍ଷ, ବାଲିଚନ୍ଦ୍ରପୁର ପଞ୍ଚାୟତର ୧୧ ପ୍ରକଳ୍ପ ପାଇଁ ୩୦ ଲକ୍ଷ, ସୁଙ୍ଗୁଡ଼ା ପଞ୍ଚାୟତର ୯ ପ୍ରକଳ୍ପ ପାଇଁ ୩୨ ଲକ୍ଷ,




ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ।

ବଡ଼ଚଣା ପଞ୍ଚାୟତର ୭ ପ୍ରକଳ୍ପ ପାଇଁ ୨୪ ଲକ୍ଷ, ସୋଲର ପଞ୍ଚାୟତର ୬ ପ୍ରକଳ୍ପ ପାଇଁ ୧୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବଡ଼ଚଣା ପଞ୍ଚାୟତ ସମିତି ତରଫରୁ ବିଧାୟକ ଅମର ପ୍ରସାଦ ଶତପଥୀ, ଯାଜପୁର ଏମ୍‌ପି ରୀତା ତରାଇ, ଜିଲାପାଳ ରଞ୍ଜନ କୁମାର ଦାସ, ବ୍ରଜ ଗୋପାଳ ଆଚାର୍ଯ୍ୟ, ଭାଗ୍ୟଧର ମଳିକଙ୍କ ସମେତ ବହୁ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ବିଜେଡି ସଭାପତି ଅରବିନ୍ଦ ସାମଲ, ନିରଞ୍ଜନ ସେନାପତି, ଗଣେଶ୍ୱର ବରାଳ, ଯତିନ୍ଦ୍ର ନାୟକ, ଆଶିଷ ରଞ୍ଜନ ଚୌଧୁରୀ, ଫନିନ୍ଦ୍ର ନାଥ ପଣ୍ଡା, ଅଜିତ ନାରାୟଣ ଗିରି, ଅଶୋକ କୁମାର ଦାସ, ପୂଜାରୀଣୀ ବଳ, ସରସ୍ୱତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ୍ ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗ୍ରାମ ରୋଜଗାର ସେବକଙ୍କୁ ଛଟେଇ

ସୁକିନ୍ଦା, ୧୧।୯(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ବୋତଲଣ୍ଡା ଗ୍ରାମରେ ଠକେଇ ମାମଲାରେ ଗିରଫ ଗ୍ରାମ ରୋଜଗାର ସେବକ ଭୀମସେନ ସ୍ୱାଇଁଙ୍କୁ ଚାକିରିରୁ ଛଟେଇ କରାଯାଇଛି। ଗତ ୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆସିଥିବା ଚିଠି (ନମ୍ବର- ୪୫୪୧)ରେ ଭୀମସେନଙ୍କ ଛଟେଇ ପାଇଁ ନିର୍ଦ୍ଦେଶ ରହିଥିଲା। ଯାହାର ଏକ ନକଲ ସୁକିନ୍ଦା ବିଡିଓଙ୍କୁ ପ୍ରେରଣ କରାଯିବା ପରେ ଭୀମସେନଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଜଣାପଡିଛି। ସୁକିନ୍ଦା ଥାନା ଅନ୍ତର୍ଗତ ବୋତଲଣ୍ଡା ଗ୍ରାମରେ ହୋଇଥିବା ଠକେଇ ମାମଲାରେ ଗିରଫ ଭିମସେନଙ୍କୁ ଅଗଷ୍ଟ ୨୫ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଭୀମସେନ ପ୍ୟାନ କାର୍ଡ କ୍ଲବ ଫାଇନାନ୍ସ ସଂସ୍ଥା ନାମରେ ଠିକିଥିବା ନେଇ ଗ୍ରାମର ୫ ଜଣ ମହିଳା ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ୫ ଶହ ଟଙ୍କାରୁ ଜମା ଆରମ୍ଭ କରି ୩୬ ମାସରେ ମୋଟ ଉପରେ ୧୮ ହଜାର ଟଙ୍କା ଜଣେ ଜମାକରିଥିଲେ । ଭୀମସେନ୍ ପ୍ୟାନ କାର୍ଡ କ୍ଲବର ରସିଦ ଦେଉଥିଲେ। ହେଲେ ୫ ବର୍ଷ ପୂରଣ ହେବା ପରେ ଭୀମସେନ କ୍ଲବ ମାଲିକ ମରିଯାଇଛନ୍ତି ଟଙ୍କା ଫେରସ୍ତ ହୋଇ ପାରିବ ନାହିଁ ବୋଲି କହିଥିଲେ। ଏ ନେଇ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିଲା। ତଦନ୍ତ ବେଳେ ଭୀମସେନ ଆଖପାଖ ଅଞ୍ଚଳର ୩୫ ଜଣ ମହିଳାଙ୍କଠାରୁ ମଧ ଟଙ୍କା ଠକିଥିବା ଜଣାପଡିଥିଲା ।

## ରାଜ୍ୟପାଳଙ୍କ ମହାବିନାୟକ ମନ୍ଦିର ପରିଦର୍ଶନ



ରାଜ୍ୟପାଳ ମହାବିନାୟକ ମନ୍ଦିର ପରିଦର୍ଶନ କରୁଛନ୍ତି ।

ଚଣ୍ଡିଖୋଲ,୧୧।୯(ଡି.ଏନ.ଏ.)

ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲା ମଙ୍ଗଳବାର ରାତି ୯ଟାରେ ଯାଜପୁର ଜିଲାର ପ୍ରସିଦ୍ଧ ଶୈବ ପୀଠ ମହାବିନାୟକ ମନ୍ଦିର ପରିଦର୍ଶନ କରିବା ସହ ପୂଜାପାଠ ଓ ଦୀପଦାନ କରି ବିଦାୟ ନେଇଥିଲେ। ମହାବିନାୟକ ଟ୍ରଷ୍ଟ ବୋର୍ଡ ସଭ୍ୟ ଅଧାପକ ଧନେଶ୍ୱର ସାମଲ, ପୁରୁଷୋତ୍ତମ ସାହୁ, ପୁରୁଷୋତ୍ତମ ପଣ୍ଡା, ହର୍ଷ ଜେନା, ବିଶ୍ୱନାଥ ରଣା, ହରିଶଙ୍କର ପଣ୍ଡା, ଭାଜପା ନେତା ଉଦୟ ନାଥ ସାହୁ ପ୍ରମୁଖ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ମହାବିନାୟକ ମନ୍ଦିରରେ ଦୀର୍ଘ ସମୟ ଧରି ପୂଜା କରିଥିଲେ। ପଞ୍ଚ ଦେବତାଙ୍କ ଦର୍ଶନ କରିବାକୁ ବହୁ ପୂର୍ବରୁ ଇଚ୍ଛା ଥିଲା। ଭଗବାନଙ୍କ ଦୟାରୁ ସେ ସୁଯୋଗ ମିଳିଛି। ଗଣେଶ ଚତୁର୍ଥୀରେ ତାଙ୍କର ଜନ୍ମ ହୋଇଥିବାରୁ ତାଙ୍କ ନାମ ଗଣେଶୀ ଲାଲ ରଖାଯାଇଛି। ମଙ୍ଗଳବାର ଶୈବପୀଠରେ ଗଣେଶଙ୍କ ଦର୍ଶନ କରିବା ସହ ପୂଜା କରିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ ବୋଲି ପ୍ରକାଶ କରିଥିଲେ। ରାତି ଆଳତୀ ସାରି ମନ୍ଦିର ବେଢ଼ା ପରିଦର୍ଶନ କରିଥିଲେ। ରାଜ୍ୟପାଳଙ୍କ ସହ ସଚିବ ମଧୁସୂଦନ ପାଢ଼ି, ଓଏସଡି ଆଇ.ଜେ ଖୁରାନା, ଏଡିସି ବିଷ୍ଣୁ ଚରଣ ପ୍ରଧାନ ଓ କୈଳାସ ନାଥ ନାୟକ ପ୍ରମୁଖ ପଞ୍ଚଦେବ ଦର୍ଶନ କିରଥିଲେ। ରାଜ୍ୟପାଳଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ ହୋଇଥିଲା।

# ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୬ତମ ଜୟନ୍ତୀ ପାଳିତ

ଧର୍ମଶାଳା, ୧୧।୯(ଡି.ଏନ୍.ଏ.)

ଓଡ଼ିଶା ସାହିତ୍ୟ ଏକାଡେମୀ, ଜିଲା ସଂସ୍କୃତି ପରିଷଦ ଯାଜପୁର ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୬ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଜୟନ୍ତୀ ରଥ ଯୋଗଦେଇ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟର ଏକ ମାଇଲ ଖୁଣ୍ଟ ଓ ଶିଶୁ ସାହିତ୍ୟ ଜଗତର ଭୀଷ୍ମ ପିତାମହ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପଣ୍ଡିତ ତ୍ରିପାଠୀଙ୍କ ଗ୍ରନ୍ଥାବଳୀର ପୁନଃପ୍ରକାଶନ ହେବା ନେଇ ଘୋଷଣା କରିଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ସୁନାମଣି ରାଉତ ଯୋଗଦେଇଥିଲେ। ଏହି ଅବସରରେ ପଣ୍ଡିତ ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଅରୁଣ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବାବେଳେ ଶିଶୁ ସାହିତ୍ୟ ସମ୍ମାନ ଗିରିଧାରୀ ସ୍ୱାଇଁ, ଅକ୍ଷୟ କୁମାର ଦାଶ, ମଳୟ କୁମାର ମଲ୍ଲିକ, ଭକ୍ତ ଚରଣ ସାହୁ, ସ୍ନେହଲତା ବିଶ୍ୱାଳଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ରାଜ୍ୟ ସରକାରଙ୍କ କୃତୀ ଶିକ୍ଷକଭାବେ ବିବେଚିତ ମହେଶ୍ୱର ଜେନା ସାମନ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଜ୍ଞାନ ପବ୍ଲିକେଶନ୍ସ ପକ୍ଷରୁ ପ୍ରକାଶିତ ସୂର୍ଯ୍ୟମଣି ଖୁଣ୍ଟିଆଙ୍କ ପୁସ୍ତକ ମନେପଡ଼େ, ଗିରିଧାରୀ ସ୍ୱାଇଁଙ୍କ ପୁସ୍ତକ ଓଡ଼ିଆ ସାହିତ୍ୟର ମୁଖଶାଳା ଉନ୍ମୋଚିତ ହୋଇଥିଲା । ସଭା ପ୍ରାରମ୍ଭରେ ପଣ୍ଡିତ ତ୍ରିପାଠୀଙ୍କ ରଚିତ ହେ ମୋର ଅନ୍ତର୍ଯ୍ୟାମୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ବ୍ରଜକିଶୋର ଦାଶ ଶ୍ଳୋକାବୃତି, ଉପସଭାପତି ସୁନାକର ସାହୁ ସ୍ୱାଗତ ଭାଷଣ, ଅଧାପକ ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜୟ କୁମାର ନାୟକ ବିବରଣୀ ପାଠ, ପଣ୍ଡିତ ତ୍ରିପାଠୀଙ୍କ ରଚିତ କବିତାଗୁଡିକୁ ମାଧୁରୀ ଶତପଥୀ, ମିନତି ସାହୁ, ସସ୍ମିତା ଦାଶ, ଗାୟତ୍ରୀ ନାୟକ, ଇନ୍ଦୁପ୍ରଭା ସାମଲ ଓ ମିଶ୍ର ସତ୍ୟନାରାୟଣ ପାଠ କରିଥିଲେ । ମନେପଡ଼େ କବିତା ପୁସ୍ତକ ସମ୍ପର୍କରେ ସୂର୍ଯ୍ୟମଣି ସୂଚନା ପ୍ରଦାନ କରିଥିଲେ। ଶେଷରେ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା

## ୨ ଶିଶୁ ଶ୍ରମିକ ଉଦ୍ଧାର

ଧର୍ମଶାଳା, ୧୧।୯(ଡି.ଏନ୍.ଏ.)

ଧର୍ମଶାଳା ପୋଲିସ ପରୀ -୨ କାର୍ଯ୍ୟକ୍ରମ ମାଧ୍ୟମରେ ମଙ୍ଗଳବାର ଜାରକା ବଜାର ଅଞ୍ଚଳରୁ ଦୁଇ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଯାଜପୁର ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର କରିଛି। ଏହି ଦୁଇ ଶିଶୁ ବଜାର ଏକ ଜଳଖିଆ ଓ ମାଛ ଦୋକାନରେ କାମ କରୁଥିଲେ । ଦୁଇଜଣ ଶିଶୁ ଧର୍ମଶାଳା ଥାନା ପାଟପୁର ଓ ଆରୁହା ପଞ୍ଚାୟତ ଅନ୍ତର୍ଗତ କୋହ୍ଲା ଗ୍ରାମର ଅଟନ୍ତି। ଏମାନଙ୍କୁ ପୋଲିସ ପରୀ -୨ ଉଦ୍ଧାର କାର୍ଯ୍ୟକ୍ରମରେ ଉଦ୍ଧାର କରି ସିଡବ୍ଲୁସିକୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଶିକ୍ଷକ ଅଭାବ ନେଇ ଧାରଣାଦେଲେ ଅଭିଭାବକ

ଛତିଆ,୧୧।୯(ଡି.ଏନ୍.ଏ)

ବଡଚଣା ବ୍ଲକ ଅନ୍ତର୍ଗତ ଶାଳପଡାସ୍ଥିତ କଳକଳା ନୋଡାଲ ହାଇସ୍କୁଲରେ ଦୀର୍ଘ ଦିନଧରି ଶିକ୍ଷକ ପଦବୀ ଖାଲିପଡିବା ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣ ଦିଆଯାଇଛି। ୬ ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୦୨ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି। ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଇଂଲିଶ୍ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଦୀର୍ଘଦିନ ହେବ ପ୍ରଧାନଶିକ୍ଷକ ନ ଥିବାବେଳେ ନିଯୁକ୍ତି ପାଇଥିବା ସଂସ୍କୃତ ଶିକ୍ଷକଙ୍କୁ ଅନ୍ୟତ୍ର ୩ ଦିନିଆ ଡେପୁଟେସନରେ ପଠାଯାଇଛି। ପୂର୍ବରୁ ଅଭିଭାବକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବଡଚଣା ବିଧାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ସରପଞ୍ଚ ବଟକୃଷ୍ଣ ନାୟକ, ବୁଲୁ ବେହେରା, ଶାଳପଡା ବିଜେଡି ସଭାପତି ଦୁଷ୍ମନ୍ତ କୁମାର ନାୟକ, କ୍ଷମାନିଧି ସାହୁ, ଗୌରାଙ୍ଗ ନାୟକ, ଯୁଧିଷ୍ଠିର ସାହୁ, କାଳନ୍ଦି ମହାନ୍ତି ପ୍ରମୁଖ ବହୁ ଜନସାଧାରଣ ଧାରଣାରେ ସାମିଲ ଥିଲେ ।

## ମିଳିତ ମଞ୍ଚ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଦଶରଥପୁର,୧୧।୯(ଡି.ଏନ.ଏ.)

ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନକ୍ରମେ ଦଶରଥପୁର ଶାଖା ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଆରମ୍ଭ ହୋଇଥିବା ଧାରଣା ଓ ପ୍ରତିବାଦସଭା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶାଖା ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶ ଯେ, ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା ସହିତ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଧାରଣା ଦିଆଯାଇଥିଲା। ୪୮୮ ବର୍ଗ ମହାବିଦ୍ୟାଳୟର ସଭାପତି ସ୍ମୃତିରଞ୍ଜନ ସାମଲ, ୬୬୨ ବର୍ଗର ସଭାପତି ପ୍ରଦୀପ କୁମାର ମଲ୍ଲିକ ଓ ଓଷ୍ଠା ସାଧାରଣ ସମ୍ପାଦକ ଶିଶିର କୁମାର ଶତପଥୀଙ୍କ ମିଳିତ ସଭାପତିତ୍ୱରେ ଧାରଣା ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୩ ମାଧ୍ୟମିକ ବିଦ୍ୟାଳୟ, ୨ ସଂସ୍କୃତ ଓ ମଦ୍ରାସା ବିଦ୍ୟାଳୟ ଏବଂ ୭ଟି ୪୮୮ ବର୍ଗ ଓ ୬୬୨ ବର୍ଗର ମହାବିଦ୍ୟାଳୟ କର୍ମକର୍ତ୍ତାଗଣ ଧାରଣାରେ ସାମିଲ ଥିଲେ। ଜ୍ଞାନରଞ୍ଜନ ତ୍ରିପାଠୀ, ଶ୍ରୀକାନ୍ତ ସାହୁ, ପ୍ରଦୀପ କୁମାର ପଲେଇ, ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଶୁଭେନ୍ଦୁ ଦାସ, ଶୈଳଭାମା କର, ଦୀପାଞ୍ଜଳି ସାହୁ ପ୍ରମୁଖ ଧାରଣାରେ ଯୋଗଦେଇଥିଲେ। ଧାରଣାକାରୀମାନେ ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଏମ୍‌ଡିଏମ୍ ଅର୍ଥ ପାଇନାହାନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ

**ବରୀ ବ୍ଲକ**

- ପ୍ରଧାନଶିକ୍ଷକ, ବିଇଓ ଓ ଏମ୍‌ଡିଏମ୍ କର୍ମଚାରୀ ଲୁଟ୍ କରିଥିବା ଅଭିଯୋଗ
- ବାକି ରହିଛି ୮୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା

ବରୀ,୧୧।୯(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତ କଳାଖଣ୍ଡ ଗ୍ରାମରେ ରହିଛି କଳାଖଣ୍ଡ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଗୋପିନାଥଜୀଉ ବିଦ୍ୟା ମନ୍ଦିର। ବିଦ୍ୟାଳୟରେ ଅଧୟନରତ ଛାତ୍ରୀଛାତ୍ରଙ୍କୁ ସୁକନ୍ୟା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ମଧାହ୍ନଭୋଜନ ଦିଆଯାଉଥିଲା। ୨୦୧୩ ଜୁନ୍ ୨୮ ତାରିଖରେ ସରକାରଙ୍କ ନିୟମକୁ ଉଲ୍ଲଂଘନ କରି କଳାଖଣ୍ଡ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସ୍ୱୟଂ ସହାୟିକା ଗୋଷ୍ଠୀର ପାଚିକାଙ୍କଠାରୁ ରୋଷେଇ ଘର ଚାବି ନେଇଯାଇଥିଲେ। ଫଳରେ ୧୫।୮।୨୦୧୩ରେ ବିଦ୍ୟାଳୟ କମିଟିର ଏକ ବୈଠକ ବସି ମଧାହ୍ନଭୋଜନ ନ ଦେବାକୁ ସ୍ଥିରିକୃତ ହୋଇ ସୁକନ୍ୟା ସ୍ୱଂୟ ସହାୟିକା ଗୋଷ୍ଠୀକୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା। ସେହିଦିନଠାରୁ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନ ଭୋଜନ ବନ୍ଦ କରିଦେଇଥିଲେ। ହେଲେ ମଧାହ୍ନଭୋଜନ ବାବଦରେ ଖର୍ଚ୍ଚ କରିଥିବା ପ୍ରାୟ ୮୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ତାଙ୍କୁ ଏଯାବତ୍ ମିଳିନାହିଁ। ଏ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀ ବରୀ ବିଡିଓ, ମଣ୍ଡଳ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ଓ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳି ନାହିଁ। ଗତ କିଛି ଦିନ ହେବ ଏ ସମ୍ପର୍କରେ ବିଇଓଙ୍କ ନିକଟରେ ମଧ ଅଭିଯୋଗ କରିଥିଲେ। ଏ ବାବଦ ଅର୍ଥକୁ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ, ମଣ୍ଡଳ ଶିକ୍ଷାଧିକାରୀ ଓ ଏମ୍‌ଡିଏମ୍ ଦାୟିତ୍ୱରେ ଥିବା କର୍ମଚାରୀ ମିଳିମିଶି ଲୁଟ୍ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଅଭିଯୋଗରେ ଦର୍ଶାଇଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ ଜାରି ରହିଥିବା ଚର୍ଚ୍ଚା ଜୋର ଧରିଛି।

ପ୍ରକାଶ ଯେ, ସୁକନ୍ୟା ସ୍ୱୟଂ ସହାୟିକା ଗୋଷ୍ଠୀ ୨୦୦୬ ଫେବୃୟାରୀରୁ ୨୦୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ କଳାଖଣ୍ଡ ପ୍ରାଥମିକ ବିଦ୍ୟାଳୟ ମଧାହ୍ନଭୋଜନ ଦେଉଥିବାବେଳେ ୨୦୦୯ ଅଗଷ୍ଟରୁ ୨୦୧୩ ଏପ୍ରିଲ ପର୍ଯ୍ୟନ୍ତ କଳାଖଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନଭୋଜନ ଦେଇଥିଲେ। ସେହିପରି ଗୋପିନାଥଜୀଉ ବିଦ୍ୟାମନ୍ଦିରର ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ୨୦୦୯ ଅଗଷ୍ଟରୁ ୨୦୧୨ ଫେବୃୟାରୀ ପର୍ଯ୍ୟନ୍ତ ମଧାହ୍ନଭୋଜନ ଦେଇଥିଲେ। ମଧାହ୍ନଭୋଜନ ଦେବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଚିଠି ପାଇଥିଲେ ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ରେବତୀବାଳା ଭୂୟାଁ ଅଭିଯୋଗରେ ଦର୍ଶାଇଛନ୍ତି। ଗ୍ରାମର ଶିକ୍ଷାବିତ ଅନନ୍ତ ଚରଣ ଭୂୟାଁ ସୂଚନା ଅଧିକାର ଆଇନ୍ ବଳରେ ଏହି ଘଟଣାର ସତ୍ୟାସତ୍ୟ ଜାଣିବାକୁ ପାଇଥିଲେ। ଚିଠି ନଂ. ୬୬୯୮,୨୩।୧୧।୨୦୧୩ ଏବଂ ପିଆର ନଂ.-୭୮୭ ୨୨।୧୧।୨୦୧୩ରେ ବରୀ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ସୁକନ୍ୟା ସ୍ୱୟଂ ସହାୟିକା ଗୋଷ୍ଠୀର ମଧାହ୍ନଭୋଜନ ଅର୍ଥ ଦେବାକୁ ସ୍ଥିର ହୋଇଥିଲା। ୭।୧୨।୨୦୧୩ ସୁଦ୍ଧା ଅର୍ଥ ପୈଠ କରିବାକୁ ଦୁଇ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ରହିଥିଲା। ହେଲେ ଅଦ୍ୟାବଧି ସେମାନେ ଅର୍ଥ ପାଇନାହାନ୍ତି। ଏ ସଂକ୍ରାନ୍ତରେ ବରୀ ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରେ, ଏହା ତାଙ୍କ ସମୟର କଥା ନୁହେଁ। ଏଭଳି ଅଭିଯୋଗ ଆସିଲେ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଅଡିଟ ପାଇଁ ଜଣାଇବେ। ଅଡିଟ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ। ମଧାହ୍ନ ଭୋଜନ ଦାୟିତ୍ୱରେ ଥିବା ବାଙ୍କ ବିହାରୀ ପଣ୍ଡାଙ୍କୁ ପଚାରିବାରେ, ଏଭଳି ଅଭିଯୋଗ ଆସିଛି। ବିଇଓଙ୍କ ନିର୍ଦ୍ଦେଶାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ମଣିଷର ପ୍ରକୃତି ହେଉଛି, ସେ ଯାହା ପାଇଁ ଆଗକୁ ବଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବା। ଛାତକୁ ଚଢ଼ିବା ପରେ ସିଡି କଥା ମନେଥାଏ କି?

- ମାର୍କ ଟ୍ୱାଇନ୍



## ସଂକ୍ଷେପରେ

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

**ଗଣିଆ,୧୧।୯(ଡି.ଏନ୍.ଏ.):** ଗଣିଆ ଥାନା ଅନ୍ତର୍ଗତ ଛାମୁଣ୍ଡିଆ ପଞ୍ଚାୟତ ରାଜିଙ୍ଗି ଗ୍ରାମରେ ପାରିବାରିକ କଳହକୁ ନେଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ମହିଳା ହେଲେ ପୂର୍ଣ୍ଣଚନ୍ଦ୍ର ଲେଙ୍କାଙ୍କ ସ୍ତ୍ରୀ ପ୍ରଭାସିନୀ ଲେଙ୍କା (୪୦)। ମିଳିଥିବା ସୂଚନା ଅନୁଯାୟୀ ପାରିବାରିକ ସମସ୍ୟାକୁ ନେଇ ସୋମବାର ରାତିରେ ପ୍ରଭାସିନୀ ଓ ସ୍ୱାମୀ ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ମଙ୍ଗଳବାର ସକାଳେ ପରିବାର ଲୋକଙ୍କ ଅନୁପସ୍ଥିତ କ୍ରମେ ମହିଳା ଜଣଙ୍କ ଘରେ ଥିବା ଚାଉଳ ପୋକମରା ବଟିକା ଖାଇ ଦେଇଥିଲେ। ସେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଏ ନେଇ ଗଣିଆ ଥାନାରେ ୩/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କଠାରୁ ସୂଚନା ମିଳିଛି।

### ନକଲି କୋରେକ୍ସ ବିକ୍ରି ଅଭିଯୋଗ: ଜଣେ ଗିରଫ



**ନୟାଗଡ଼ ଅଫିସ,୧୧।୯:** ନୟାଗଡ଼ ସହରରେ ନକଲି କୋରେକ୍ସ ( କଫ ସିରଫ) ବିକ୍ରି କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ ନୂଆଗାଁ ଥାନା ମହିପୁର ପଞ୍ଚାୟତ ଡାକଖୋଲା ଗ୍ରାମର ଧୀରେନ୍ଦ୍ର କୁମାର ଦାସ। ଧୀରେନ୍ଦ୍ର ଓଲଡ଼ ଟାଉନରେ ଘର ଭଡ଼ା ନେଇ ରହୁଥିବା ବେଳେ ରାଜାବଗିଚାଠାରେ ଏକ ପାନ ଦେକାନ କରିଥିଲେ। ପାନ ଦୋକାନରେ ସେ ଏହି ନକଲି କୋରେକ୍ସ ବିକ୍ରି କରୁଥିଲେ। ଗୋଟିଏ ଅସଲି କୋରେକ୍ସ ବୋତଲ କିଣି ଆଣି ସେଥିରେ କିଛି ବଟିକା ଓ ଅନ୍ୟାନ୍ୟ ଜିନିଷ ଅପମିଶ୍ରଣ କରି ଏହି ବେପାର କରୁଥିଲେ। ଏହାକୁ କେତେକ ଲୋକ ନିଶା ଭାବେ ବ୍ୟବହାର କରୁଥିଲେ। ଟାଉନ ପୋଲିସ ଖବର ପାଇ ଦାକାନରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଧୀରେନ୍ଦ୍ରଙ୍କ ଦୋକାନରୁ ୮୦ଟି କୋରେକ୍ସ କଫ ସିରଫ୍ ଓ କିଛି ବଟିକା ଜବତ କରିଥିଲା। ଏ ନେଇ ଥାନାରେ ୧୩୨/୧୮ରେ ଏକ ମାମଲା ରୁଜୁ କରାଯାଇ ଧୀରେନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

### ମାଙ୍କଡ଼ କାମୁଡ଼ାରେ ୨ ଗୁରୁତର

**ଖଣ୍ଡପଡ଼ା,୧୧।୯(ଡି.ଏନ.ଏ.):** ଖାଦ୍ୟ ଅନ୍ୱେଷଣରେ ଗାଁ ଓ ସହରାଞ୍ଚଳକୁ ମାଙ୍କଡ ଦଳ ଦଳ ହୋଇ ଚାଲି ଆସୁଛନ୍ତି। ଖଣ୍ଡପଡା ଅଞ୍ଚଳରେ ଗତ କିଛି ଦିନ ଧରି ମାଙ୍କଡଙ୍କ ଏଭଳି ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଏମାନେ ବାଡ଼ିବଗିଚା ତଥା ଘରେ ପଶି ଖାଦ୍ୟ ପଦାର୍ଥ ନେଇଯିବା ସହ ବିଭିନ୍ନ ସାମଗ୍ରୀ ନଷ୍ଟ କରିଦେଉଥିବା ଅଭିଯୋଗ ହେଉଛି। ଗତ ୩ ଦିନ ମଧ୍ୟରେ ମାଙ୍କଡ କାମୁଡ଼ା ଓ ଆକ୍ରମଣରେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଜଣଙ୍କୁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଆଶୁଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଛି। ଖଣ୍ଡପଡ଼ା ୩ନଂ ୱାର୍ଡ ଅଧୀନ କାଦୁଆସାହିର ବିରଞ୍ଚି ନାରାୟଣ ସାହୁଙ୍କ ପତ୍ନୀ ସତ୍ୟଭାମା ନିଜ ବାଡ଼ିକୁ ଯାଇଥିବା ବେଳେ ହଠାତ୍ ଏକ ହନୁମାଙ୍କଡ଼ ତାଙ୍କୁ କାମୁଡ଼ି ଦେଇଥିଲା। ସେ ଦୌଡ଼ି ଯାଉଥିବା ବେଳେ ତାଙ୍କର ବାମ ହାତଟି ଭାଙ୍ଗିଯାଇଛି। ସେହିପରି ଖଣ୍ଡପଡା ୨ନଂ ୱାର୍ଡ ତଳସାହିର ଗୁରୁବାରୀ ଦାସ (୫୧) ମାଙ୍କଡ଼ କାମୁଡାରେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଖଣ୍ଡପଡା ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

**ନୂଆଗାଁ ୧୧।୯(ଡି.ଏନ୍.ଏ.):** ନୂଆଗାଁ ବ୍ଲକ ଯୁକ୍ତତିନି ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗର ନୂତନ ଛାତ୍ରୀଛାତ୍ରମାନଙ୍କୁ ମଙ୍ଗଳବାର ସ୍ୱାଗତ କରାଯାଇଛି। ବିଭାଗର ଅଧ୍ୟାପିକା ସୋଫିଆ ସିଂହଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କଲେଜର ଅଧକ୍ଷ ସୁରେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ଅସମ୍ପୂର୍ଣ୍ଣ ନୟାଗଡ଼ ଷ୍ଟାଡିୟମ

**ନୟାଗଡ଼ ଅଫିସ,୧୧।୯**

■ ୯ ବର୍ଷ ପରେ ବି ହେଉନି ଅଗ୍ରଗତି

■ କ୍ରୀଡ଼ାବିତ୍‌ଙ୍କ ମନରେ ଅସନ୍ତୋଷ

■ ଅନାବନା ଗଛରେ ପରିପୂର୍ଣ୍ଣ

ଜିଲାରେ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଏକ ସୁନ୍ଦର ଷ୍ଟାଡ଼ିୟମ ନିର୍ମାଣ ଲକ୍ଷ୍ୟରେ ୨୦୦୯ରେ ନୟାଗଡ଼ ସହର ପିଟିଏସ୍ ଲେନ୍‌ଠାରୁ କିଛି ଦୂରରେ ଥିବା କ୍ରୀଡ଼ା ଛାତ୍ରାବାସ ନିକଟରେ ଜାଗା ଚିହ୍ନଟ ହୋଇଥିଲା। ୫ ଏକରରୁ ଊର୍ଦ୍ଧ୍ୱ ଏହି ଜାଗାରେ ଏକ ଷ୍ଟାଡିୟମ ନିର୍ମାଣ କରାଯାଇ ଜିଲାର କ୍ରୀଡ଼ାବିତ୍‌ମାନେ ଅଭ୍ୟାସ କରିବା ସହ ଏଠାରେ ବିଭିନ୍ନ ଟୁର୍ନାମେଣ୍ଟ ଆୟୋଜନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ୯ ବର୍ଷ ବିତି ଯାଇଥିଲେ ମଧ୍ୟ ଏବେ ଏହି ଷ୍ଟାଡିୟମରେ କୌଣସି ପରିବର୍ତ୍ତନ ଆସିନାହିଁ। ଜିଲା ସଦର ମହକୁମାରେ ଏତେ ବର୍ଷ ହେଲାଣି ଷ୍ଟାଡିୟମର କୌଣସି ଅଗ୍ରଗତି ନ ହେବା ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ପ୍ରକାଶ ଯେ, ଏହି ଷ୍ଟାଡିୟମର ଉନ୍ନତି ପାଇଁ ବିଭିନ୍ନ ସମୟରେ କୋଟି କୋଟି ଟଙ୍କା ଆସିଥିଲେ ମଧ୍ୟ କିଛିମାତ୍ରାରେ ଟଙ୍କା କାର୍ଯ୍ୟରେ ଲଗାଯାଇଥିବା ବେଳେ ଅବଶିଷ୍ଟ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ୨୦୦୯ ମସିହା ପ୍ରଥମ ପର୍ଯ୍ୟାୟରେ ୮୭ ଲକ୍ଷ ୨୯ ହଜାର ଟଙ୍କା ଆସିଥିଲା। ଖୋର୍ଦ୍ଧା ଡିଭିଜନ୍ ରାସ୍ତା ଓ ଗୃହ ନିର୍ମାଣ, ଉକ୍ତ ସ୍ଥାନରେ ପାଚେରି, ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ୍, ଲୁହା ଗେଟ୍ ଭଳି ଅନ୍ୟାନ୍ୟ କାର୍ଯ୍ୟ କରିଥିଲେ। ଏହା ପରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୧୩ ମସିହାରେ ପୁନର୍ବାର ୮୫ ଲକ୍ଷ ୮୨ ହଜାର ଟଙ୍କା ଆସିଥିଲା। ଦ୍ୱିତୀୟ ପର୍ଯ୍ୟାୟ କାମ ମଧ୍ୟ ଖୋର୍ଦ୍ଧା ଡିଭିଜନ କରିଥିଲା। ପଡ଼ିଆ ଭିତରର କିଛି କାମ କରାଯାଇଥିଲା। ୨୦୧୫ କିମ୍ବା ୨୦୧୬ରେ ଏହି ଷ୍ଟାଡିୟମ ନୟାଗଡ଼ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ବନ ବିଭାଗ ତରଫରୁ ପଡ଼ିଆରେ ଘାସ ଲଗାଯିବା ସହ ପାଣି ସିଞ୍ଚନ ପାଇଁ କିଛି ମେଶିନ୍ ମଧ୍ୟ ଲଗାଯାଇଥିଲା। ଏହା ପରେ ବନ ବିଭାଗ ଚଳିତ ବର୍ଷ ମାର୍ଚ୍ଚରେ ଏହାକୁ ଜିଲା କ୍ରୀଡ଼ା ବିଭାଗକୁ ହସ୍ତାନ୍ତର କରିଥିଲା। ଗୋଟିଏ ବିଭାଗରୁ ଗୋଟିଏ ବିଭାଗକୁ ଏହି କାର୍ଯ୍ୟ ହସ୍ତାନ୍ତର ହେଉଥିଲେ ମଧ୍ୟ ଷ୍ଟାଡିୟମର ଉନ୍ନତି ହେବା ପରିବର୍ତ୍ତେ ଯେଉଁ ତିମିରକୁ ସେଇ ତିମିରେ ଅବସ୍ଥା ହୋଇଛି। ଷ୍ଟାଡ଼ିୟମ ପରିସର ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ରହିଥିବା ବେଳେ ଘାସର ଯତ୍ନ ନିଆ ଯାଉ ନ ଥିବାରୁ ସେଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ଏଥିପ୍ରତି କାହାର ନଜର ନାହିଁ । ଫଳରେ ଜଣେ କ୍ରୀଡ଼ାବିତ୍ ଏଠାକୁ ଅଭ୍ୟାସ କରିବା ପାଇଁ ଆସିଲାବେଳକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁଙ୍କୁ ପଚାରିବାରୁ ସେ କୁହନ୍ତି ଯେ, ଆମକୁ ବନବିଭାଗ ହସ୍ତାନ୍ତର କରିବା ପରେ ଆମେ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଚିନ୍ତା କରି ପଦକ୍ଷେପ ନେଇଛୁ। ଷ୍ଟାଡିୟମର ଉନ୍ନତି ପାଇଁ କ'ଣ କ'ଣ ଆବଶ୍ୟକ ତାହାର ଏକ ତାଲିକା କରି ନୟାଗଡ଼ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଜଣାଇଛୁ। ସେଠାରୁ ଏଷ୍ଟିମେଟ୍ ତଥ୍ୟ ଆସିଲା ପରେ ଟଙ୍କା ମଞ୍ଜୁର ପାଇଁ ବିଭାଗକୁ ଚିଠି କରି ପର୍ଯ୍ୟାୟକ୍ରମେ ଏହାର ଉନ୍ନତି କରାଯିବ ବୋଲି ସାହୁ ପ୍ରକାଶ କରିଥିଲେ।



ଅସମ୍ପୂର୍ଣ୍ଣ ଭାବେ ପଡ଼ି ରହିଛି ନୟାଗଡ଼ ଷ୍ଟାଡ଼ିୟମ ।

# ଦୁର୍ଘଟଣାରେ ଆହତ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

**ଭାପୁର,୧୧।୯(ଡି.ଏନ୍.ଏ.)**

ନୟାଗଡ ଜିଲା ଫତେଗଡ଼ ଥାନା ଅଞ୍ଚଳରେ ସୋମବାର ମଧ୍ୟାହ୍ନରେ ସାଇକେଲରେ ଯାଉଥିବାବେଳେ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସର ଉଚ୍ଚ ପଦସ୍ଥ ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ଫତେଗଡ଼ ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକା ଭାପୁର ବଜାରକୁ ମଧ୍ୟାହ୍ନ ସମୟରେ ସାଇକେଲରେ ଆସୁଥିବା ବେଳେ ୩ଜଣ ଯୁବକ ତାଙ୍କୁ ଅଟକାଇ ଦୁର୍ବ୍ୟବହାର କରିବାରୁ ସେ ସାଇକେଲରୁ ତଳେ ପଡିଯାଇ ଗୁରୁତର ହୋଇଥିଲେ। ପରେ ଯୁବକମାନେ ତାଙ୍କୁ ଶାଳଝରିଆ ଆମ୍ବତୋଟାକୁ ଟେକିନେଇ ଗଣବଳାତ୍କାର କରିଥିବା ନାବାଳିକା କହିଛନ୍ତି। ଏ ନେଇ ତାଙ୍କ ମଉସା ମଙ୍ଗଳବାର ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ନାବାଳିକା ଦୁର୍ଘଟଣାର ଶିକାର ହୋଇ ପିଠାଖାଇ ଜଙ୍ଗଲ ମଝି ଫତେଗଡ଼-ଭାପୁର ପୂର୍ତ୍ତ ରାସ୍ତା ଉପରେ ପଡିଥିଲେ। ତାଙ୍କ ସାଇକେଲ ପାଖରେ ପଡିଥିଲା। ଦୁର୍ଘଟଣାରେ ମୁଣ୍ଡରେ ଆଘାତ ଲାଗି ରକ୍ତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇପଡିଥିବା ଦେଖି ପିଠାଖାଇ ଗ୍ରାମର କେତେଜଣ ଯୁବକ ନାବାଳିକାଙ୍କୁ ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ବୋଲି କହିଛନ୍ତି। ନାବାଳିକା ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଗଣବଳାତ୍କାର ଅଭିଯୋଗ ପରେ ନୟାଗଡ଼ ଡିଏସ୍‌ପି ଶ୍ରୀନିବାସ ମହାନ୍ତି, ଫତେଗଡ଼ ଆଇଆଇସି ଆଶୁତୋଷ ମିଶ୍ର, ନୟାଗଡ଼ ସାଇଣ୍ଟିଫିକ୍ ଟିମ୍‌ର ସଦସ୍ୟ ଡ. ଦୀପକ ରଞ୍ଜନ ସାହୁ, ଲାବୋରେଟୋରି ଟେକ୍‌ନିସିଆନ ମାନସ ରଞ୍ଜନ ଖଟୁଆ ପ୍ରମୁଖ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେମାନେ ବିଭିନ୍ନ ସାମଗ୍ରୀ ଜବତ କରି ପରୀକ୍ଷା ପାଇଁ ନେଇଛନ୍ତି।



ଘଟଣାସ୍ଥଳକୁ ଯାଞ୍ଚ କରୁଛନ୍ତି ସାଇଣ୍ଟିଫିକ୍ ଟିମ୍।

# ପଞ୍ଚାୟତିରାଜ ବ୍ୟବସ୍ଥା ଓ ଗାଁ ବିକାଶ ଯୋଜନା ତାଲିମ ଶିବିର

**ଗଣିଆ,୧୧।୯(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ସୀମାନ୍ତ ବାଣିଗୋଚ୍ଛା ପଞ୍ଚାୟତ ଫାଲପାଜୁସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଚାର ପରିସରରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତିରାଜ ବ୍ୟବସ୍ଥା ଓ ଗାଁ ବିକାଶ ଯୋଜନା ପ୍ରସ୍ତୁତି ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ୩ ଦିନିଆ ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଢେଙ୍କାନାଳ ଜିଲା ଆଦିବାସୀ ଚେତନା ସଂଗଠନର ଉପଦେଷ୍ଟା ଅମୂଲ କୁମାର ନାୟକଙ୍କ ସମେତ ମାଟିଆ ମହିଳା ମଞ୍ଚର ସଂଯୋଜିକା ସରୋଜିନୀ ମଳିକ, ଆଦିମ ଅଧିକାରୀ ମୁକ୍ତିମଞ୍ଚର ସଂଯୋଜକ ପ୍ରଫୁଲ୍ଲ କୁମାର ନାୟକ ଓ ଗ୍ରାମୀଣ ଶ୍ରମଜୀବୀ ଚେତନା ସଂଗଠନର ସଂଯୋଜକ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତର ସମ୍ବଳକୁ ବ୍ୟବହାର କରି କିଭଳି ଭାବରେ ଗାଁ ବିକାଶ ଯୋଜନା କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଥିସହ ପଞ୍ଚାୟତ ବ୍ୟବସ୍ଥାରେ ୱାର୍ଡମେମ୍ବରଙ୍କ ଭୂମିକା, ଦାୟିତ୍ୱ, ପଲ୍ଲୀସଭା, ଗ୍ରାମସଭା ଓ ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତୁତିର ବିଧିବ୍ୟବସ୍ଥା ସମ୍ପର୍କରେ ମଧ୍ୟ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ନୟାଗଡ଼ ଜିଲାର ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକର ୪୦ରୁ ଊର୍ଦ୍ଧ୍ୱ ୱାର୍ଡ ମେମ୍ବର ଓ ଗାଁ ମୁଖିଆ ଅଂଶଗ୍ରହଣ କରିଥିଲେ। ଏହି ଶିବିର ଚଳିତ ମାସ ୯, ୧୦ ଓ ୧୧ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ଆୟୋଜିତ ତାଲିମ ଶିବିରରେ ସାମାଜିକ କର୍ମୀ କର୍ଣ୍ଣଜାନୀ, ଇନ୍ଦ୍ରଜିତ ମଳିକ ଓ ବସନ୍ତ କୁମାର ମୁଦୁଲି ସହଯୋଗ କରିଥିଲେ।



ସଞ୍ଚାର ଅନୁଷ୍ଠାନରେ ଆୟୋଜିତ ତାଲିମ ଶିବିର।

### ୫୦ଲିଟର ଦେଶୀ ମଦ ଜବତ: ଜଣେ ଅଟକ

**ରଣପୁର,୧୧।୮(ଡି.ଏନ.ଏ.)**

ନୟାଗଡ-ରଣପୁର ଅବକାରୀ ବିଭାଗ ମିଳିତ ଚଢାଉ କରି ଗୋପାଳପୁର ଗ୍ରାମରୁ ୫୦ଲିଟର ଦେଶୀ ମଦ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଅଟକ ରଖାଯାଇଛି। ସେ ହେଲେ ବାୟା ମାଝୀ। ସେ ନିଜ ଘରେ ମଦ ରଖି ବିକ୍ରି କରୁଥିଲେ। ଖବର ପାଇ ନୟାଗଡ ଅବକାରୀ ଇନ୍ସପେକ୍ଟର ମୃତ୍ୟୁଞ୍ଜୟ ବେହେରା, ରଣପୁର ଅବକାରୀ ଅଧିକାରୀ କୁମର ଚନ୍ଦ୍ର ସେଠୀ ସଦଳବଳ ଗୋପାଳପୁର ଗ୍ରାମରେ ଚଢାଉ କରିଥିଲେ। ସେମାନେ ବାୟାଙ୍କ ଘରୁ ୫ଟି ଜାରକିନ୍‌ରେ ୫୦ଲିଟର ଦେଶୀ ମଦ ଜବତ କରିଥିଲେ। ତାଙ୍କୁ ବୁଧବାର ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି।

### ସାମାନ୍ୟ ପାଟିତୁଣ୍ଡକୁ ନେଇ ଆକ୍ରମଣ

**ରଣପୁର,୧୧।୯(ଡି.ଏନ.ଏ.)**

ରଣପୁର ଥାନା ନରସିଂହପୁର ପଞ୍ଚାୟତର ନାଟିମି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକ ଆକ୍ରମଣର ଶିକାର ହୋଇଛନ୍ତି। ସାମାନ୍ୟ ପାଟିତୁଣ୍ଡକୁ ନେଇ ଜନୈକ ଜଣକ ସେହି ଗ୍ରାମର ଅନ୍ୟ ଜଣେ ଯୁବକଙ୍କୁ ଏକ କଟୁରୀରେ ଅକ୍ରମଣ କରିଛନ୍ତି। ଆକ୍ରମଣ କରିଥିବା ଯୁବକ ହେଉଛନ୍ତି ସୁବାସ ଜେନା(୩୦)। ସେ ମାଗିରାମ ଛୋଟରାୟଙ୍କୁ ଆକ୍ରମଣ କରିବା ପରେ ରଣପୁର ଥାନାରେ କଟୁରୀ ସହିତ ଆତ୍ମସମର୍ପଣ କରିଛନ୍ତି । ତେବେ ଆକ୍ରମଣର ଶିକାର ହୋଇଥିବା ମାଗିରାମଙ୍କ ପରିବାର ତରଫରୁ କୌଣସି ଲିଖିତ ଅଭିଯୋଗ ଥାନାରେ ହୋଇନାହିଁ । ତାଙ୍କୁ ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଥାନା ଅଧିକାରୀ ଛତ୍ରପତି କଅଁର ମାଗିରାମଙ୍କୁ ଡାକ୍ତରଖାନାରେ ଦେଖାକରି ଲିଖିତ ଏତଲା ଦେବାକୁ କହିଥିଲେ ମଧ୍ୟ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ମିଳିତ ମଞ୍ଚର ବ୍ଲକ ଅଫିସ ଆଗରେ ଧାରଣା

**ନୟାଗଡ଼ ଅଫିସ,୧୧।୯**

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ମିଳିତମଞ୍ଚ ତରଫରୁ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ଓ ଅଧ୍ୟାପକମାନେ ମଙ୍ଗଳବାର ନୟାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେପ୍ଟେମ୍ବର ୧ ତାରିଖରେ ଓଡ଼ିଶାରୁ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ହେଲା ଓ ଐତିହାସିକ ଅନୁଦାନ ଆଇନ ଲାଗୁ ହେଲା ବୋଲି ଘୋଷଣା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଏହା ପାଇପାରିଲେ ନାହିଁ। ବାରମ୍ବାର ସରକାର ଏଭଳି ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଚାଲିଥିବା ବେଳେ ଆଉ କେତେ ଦିନ ଠକିବେ ବୋଲି ଶିକ୍ଷକମାନେ ପ୍ରଶ୍ନ କରିଛନ୍ତି। ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ଚାକିରୀ ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା, ବାଦ୍ ପଡ଼ିଥିବା ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପରିସରଭୁକ୍ତ କରିବା ଭଳି ୬ ଦଫା ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଭୁବନେଶ୍ୱରରେ ଧାରଣା ଦେଉଥିବା ବେଳେ ମଙ୍ଗଳବାରରୁ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେଉଛନ୍ତି। ଆଗାମୀ ଦିନରେ ଶିକ୍ଷକମାନେ ପ୍ରତି ପଞ୍ଚାୟତରେ ଧାରଣା ଦେବେ ବୋଲି ସୂଚନା ମିଳିଛି। ମିଳିତ ମଞ୍ଚର ବ୍ଲକ ସଭାପତି ଭାରତୀ ମିଶ୍ରଙ୍କ ନେତୃତ୍ୱରେ ଏହି ଗଣଧାରଣାରେ ନୟାଗଡ଼ ବ୍ଲକର ୭ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲ ଓ ୧୦ଟି ବ୍ଲକଗ୍ରାଣ୍ଟ ପାଉଥିବା କଲେଜର ଶତାଧିକ ଶିକ୍ଷକ , ଅଧ୍ୟାପକ ଓ କର୍ମଚାରୀମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ଯାଏ ଧାରଣା ଦେଇଥିଲେ। ରଞ୍ଜନ କୁମାର ଦାସ, ପ୍ରଦ୍ୟୁମ୍ନ ନନ୍ଦ, ବ୍ୟୋମକେଶ ରଥ , ହରପ୍ରସାଦ ରଣସିଂହ, ସୌଦାମିନୀ ସ୍ୱାଇଁଙ୍କ ସମେତ ସଂଖ୍ୟାଧିକ ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ବିଡ଼ିଓଙ୍କୁ ଶିକ୍ଷକମାନେ ଦାବିପତ୍ର ପ୍ରଦାନ କରିଥିଲେ।

**ଭାପୁର,(ଡି.ଏନ୍.ଏ.):** ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ବିରୋଧ କରି ଓ ସେମାନଙ୍କ ନ୍ୟାର୍ଯ୍ୟ ୭ ଦଫା ଦାବି ପୂରଣ କରିବା ପାଇଁ ରାଜ୍ୟ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ୨୬ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ମଙ୍ଗଳବାର ଭାପୁର ବ୍ଲକ ସମ୍ମୁଖରେ ବ୍ଲକର ସମସ୍ତ ବ୍ଲକଗ୍ରାଣ୍ଡ ଶିକ୍ଷୟିତ୍ରୀଶିକ୍ଷକମାନେ ଧାରଣା ଦେଇ ୭ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହି ଧାରଣାରେ ଭାପୁର କଲେଜ, ପଠାଣି ସାମନ୍ତ କଲେଜ, ପଦ୍ମାବତୀ କଲେଜର ଅଧ୍ୟାପକ, କରବର ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ, ବାଘୁଆପଲ୍ଲୀ ଉଚ୍ଚବିଦ୍ୟାଳୟ, ତରବାଲୋ ଓ ନିମାଣୀ ଉଚ୍ଚ ବିଦ୍ୟାଳୟର ୬୦ରୁ ଊର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସାମିଲ ହୋଇଥିଲେ। ବିଡିଓ ଡ. ସୁଷମା ବାରିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ମୁଖ୍ୟ ଦାବି ହେଲା ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ପ୍ରଦାନ, ସରକାର ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବା ଓ ସପ୍ତମ ବେତନ ଲାଗୁ କରିବା ଅନ୍ତର୍ଭୁକ୍ତ। ଅଧ୍ୟାପକ ରବୀନ୍ଦ୍ର କୁମାର ଦାସ, ପଦ୍ମଚରଣ ଭୋଳ, ଗଗନ ବିହାରୀ ତ୍ରିପାଠୀ, ଫକୀର ଚରଣ ସ୍ୱାଇଁ, ପ୍ରବୋଧ କୁମାର ତ୍ରିପାଠୀ, ଇନ୍ଦ୍ରମଣୀ ବାରିକ ଉପସ୍ଥିତ ଥିଲେ।

**ଗଣିଆ,(ଡି.ଏନ୍.ଏ.):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ, ଅଧ୍ୟାପକ କର୍ମଚାରୀ ମିଳିତ ମଞ୍ଚ ଗଣିଆ ବ୍ଲକ ତରଫରୁ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଠାରୁ ଶିକ୍ଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି। ସକାଳୁ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ରଘୁନାଥଜୀଉ ଜୁନିୟର ମହାବିଦ୍ୟାଳୟ ସମ୍ମୁଖରେ ପହଞ୍ଚି ମୁଖ୍ୟ ଫାଟକରେ ତାଲା ପକାଇ ବନ୍ଦ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରି ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା ଆରମ୍ଭ କରିଛନ୍ତି। ଫଳରେ ଗଣିଆ ବ୍ଲକ ଅନ୍ତର୍ଗତ ସମସ୍ତ ବ୍ଲକ ଗ୍ରାଣ୍ଟ ସ୍କୁଲ କଲେଜରେ ପାଠପଢା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପରିସରଭୁକ୍ତ କରିବା, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରିବା ଆଦି ଦାବିକରି ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଅବ୍ୟାହତ ରଖିଛନ୍ତି। ଏହି ଆନ୍ଦୋଳନରେ ଅଞ୍ଚଳର ବହୁ ସଂଖ୍ୟାରେ ଛାତ୍ର ଅଭିଭାବକ ଓ ବୁଦ୍ଧିଜୀବୀମାନେ ସମର୍ଥନ ଜଣାଇ ସରକାରଙ୍କ ଅଗଣତାନ୍ତ୍ରିକ ଚିନ୍ତାଧାରାକୁ ତୀବ୍ର ନିନ୍ଦା କରିବା ସହ ସାମିଲ ହୋଇଛନ୍ତି। ପ୍ରକାଶଯୋଗ୍ୟ ଗତ ଅଗଷ୍ଟ ମାସ ୧୬ ତାରିଖଠାରୁ ଦୀର୍ଘ ୨୬ ଦିନ ହେଲା ଶିକ୍ଷକ ଅଧ୍ୟାପକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଠାରେ ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ସରକାର କୌଣସି ଦାବିକୁ ପୂରଣ କରିନଥିବାରୁ ମିଳିତ ମଞ୍ଚ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଏଭଳି ଆନ୍ଦୋଳନ ଓ ପ୍ରତିବାଦ ସଭା ଚାଲୁ ରଖିଛନ୍ତି। ତେବେ ସରକାର ଦାବିଗୁଡ଼ିକୁ ପୂରଣ ନ କଲେ ଆଗାମୀ ଦିନରେ ବ୍ଲକର ସମସ୍ତ ସ୍କୁଲ କଲେଜରେ ତାଲା ଝୁଲିବ ଓ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମିଳିତ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନରେ ଶିକ୍ଷକନେତା ଲକ୍ଷ୍ମୀକାନ୍ତ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସର୍ବଶ୍ରୀ ଅଖିଳ କୁମାର ହୋତା, ଗୋଲକ ବିହାରୀ ସାହୁ, ଜଗଦିଶ ଚନ୍ଦ୍ର ମିଶ୍ର, ସଂଜୟ କୁମାର ପଣ୍ଡା ଓ ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ଆନ୍ଦୋଳନକୁ ପରିଚାଳନା କରିଥିଲେ।

**ଓଡ଼ଗାଁ,(ଡି.ଏନ.ଏ.):** ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନକ୍ରମେ ମଙ୍ଗଳବାର ଶତାଧିକ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ବ୍ଲକ ଆଗରେ ଧାରଣା ଦେଇଥିଲେ । ବିଭିନ୍ନ ଦାବି ପୂରଣ ନିମନ୍ତେ ସରକାର ପ୍ରତିଶ୍ରୁତି ଦେଇ ଏଯାବତ୍ କାର୍ଯ୍ୟକାରୀ କରି ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଅଗଷ୍ଟ ୧୬ ତାରିଖରୁ ପିଏମ୍‌ଜି ଆଗରେ ଅହୋରାତ୍ର ଧାରଣା ଦିଆଯାଇଥିଲା । ପୂର୍ବରୁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏକ ଦାବିପତ୍ର ମଧ୍ୟ ଦିଆଯାଇଥିଲା । ପୂର୍ଣ୍ଣ ଅନୁଦାନ, ସପ୍ତମ ପେ କମିଶନ ଲାଗୁ, ବକେୟା ଅର୍ଥ ଦେବା, ୬୨ ବର୍ଷକୁ ଚାକିରି ବୃଦ୍ଧି କରିବା ଆଦି ଦାବି କରି ଆନ୍ଦୋଳନକାରୀ ଧାରଣା ଦେଇଛନ୍ତି। ବ୍ଲକ ମିଳିତ ମଞ୍ଚର ସମ୍ପାଦକ ବିଜୟ କୁମାର ରଥଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟା/ସଦସ୍ୟ ବିଡିଓ ମନୋଜ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଧାରଣାସ୍ଥଳରେ ଜିଲା କଂଗ୍ରେସ କମିଟି ସଭାପତି ରଞ୍ଜିତ କୁମାର ଦାଶ ଆଲୋଚନା କରିଥିଲେ। ରଘୁନାଥ ସମବାୟ ମହାବିଦ୍ୟାଳୟ ସମେତ ୫ ମହାବିଦ୍ୟାଳୟ ଏବଂ ୧୧ ବ୍ଲକ ଗ୍ରାଣ୍ଟ ହାଇସ୍କୁଲର ୨୦୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଧାରଣା ଦେଇଥିଲେ ।

**ଖଣ୍ଡପଡା,(ଡି.ଏନ.ଏ.):** ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ଏବଂ ପୂର୍ଣ୍ଣ ଅନୁଦାନ ଦାବିରେ ରାଜ୍ୟବ୍ୟାପୀ ସ୍କୁଲ ଓ କଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କଲେଜ ଓ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ଗଣଧାରଣା ଦେଇଥିଲେ । ସପ୍ତମ ପେ କମିଶନ୍ ୨୦୧୮ ଜୁନ୍ ବେଳକୁ ଲାଗୁ କରାଯିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଏ ପର୍ଯ୍ୟନ୍ତ ଲାଗୁ ନ ହେବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ଅଗଷ୍ଟ ୧୬ରୁ ମିଳିତ ମଞ୍ଚ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ଦାବିରେ ରାଜ୍ୟବ୍ୟାପୀ ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀ ଏବେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଖଣ୍ଡପଡ଼ା ବ୍ଲକ ଶିକ୍ଷକ ସଂଘ ସଭାପତି ସନାତନ ମହାନ୍ତି, ସମ୍ପାଦକ ବସନ୍ତ କୁମାର ସାହୁ, ସଂଯୋଜକ ମୁରଲୀଧର ବେହେରା, ଅଧ୍ୟାପକ ପ୍ରଭାତ କୁମାର ବେହେରା ଓ ଅଯୋଧ୍ୟା ନାଥ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ୭ ଦଫା ଦାବିପତ୍ର ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ମଞ୍ଚ ତରଫରୁ ଧାରଣା ଦିଆଯାଇଛି।





ଗଣଧାରଣାରେ ମିଳିତ ମଞ୍ଚର ସଦସ୍ୟ।

## ସଂକ୍ଷେପରେ

### ଦଶପଲ୍ଲାରେ ମିଳିତ ମଞ୍ଚ ପକ୍ଷରୁ ଧାରଣା



**ଦଶପଲ୍ଲା, (ଡି.ଏନ.ଏ.):** ଓଡିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ମଙ୍ଗଳବାର ଦଶପଲ୍ଲା ବ୍ଲକ ସ୍କୁଲ,କଲେଜର ଶିକ୍ଷକ ମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଚାକିରୀ ସର୍ତ୍ତାବଳି ସହ ପୂର୍ଣ୍ଣଅନୁଦାନ ଦାବିରେ ଓଡିଶା ସ୍କୁଲ, କଲେଜ ଶିକ୍ଷକ ମାନେ ୨୭ ଦିନ ହେଲା ଆନ୍ଦୋଳନ ଚଲାଇଛନ୍ତି। ଏହି ଆନ୍ଦୋଳନ ଦ୍ୱାରା ପାଠପଢା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ସଭାପତି ଶରତ ଚନ୍ଦ୍ର ବେହେରା,ସମ୍ପାଦକ ଅକ୍ରୁର ପରିଡା, ଆବାହକ ମାନସ ରଞ୍ଜନ ମିଶ୍ର, ପୂର୍ଣ୍ଣମାସି ଦେବୀଙ୍କ ନେତୃତ୍ୱରେ ଏହି ଧାରଣା ଆରମ୍ଭ ହୋଇଛି ।

### ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ



**ନୂଆଗାଁ,୧୧।୯(ଡି.ଏନ୍.ଏ.):** ନୂଆଗାଁ ବ୍ଲକ ଯୁକ୍ତତିନି ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗର ନୂତନ ଛାତ୍ରୀଛାତ୍ରମାନଙ୍କୁ ମଙ୍ଗଳବାର ସ୍ୱାଗତ କରାଯାଇଛି । ବିଭାଗର ଅଧ୍ୟାପିକା ସୋଫିଆ ସିଂହଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କଲେଜର ଅଧକ୍ଷ ସୁରେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଓଡିଆ ବିଭାଗ ଅଧ୍ୟାପିକା ସୋନାଲି ପ୍ରଧାନ, ଶିକ୍ଷା ବିଭାଗ ଅଧ୍ୟାପିକା ପ୍ରିୟଙ୍କା ସ୍ୱାଇଁ ଓ କ୍ରିଷ୍ଣା ତ୍ରିପାଠୀ ଉପସ୍ଥିତ ଥିଲେ।

### ବାଲୁଗାଁ ବଜାରରୁ ୭ ଶିଶୁ ଶ୍ରମିକ ଉଦ୍ଧାର

**ବାଲୁଗାଁ, ୧୧।୯। (ଡି.ଏନ.ଏ.) :** ବାଲୁଗାଁ, ବାଣପୁର ଅଞ୍ଚଳରେ ବିଭିନ୍ନ ହୋଟେଲ, ଗ୍ୟାରେଜ୍ ତଥା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ବର୍ଷ ବର୍ଷ ଧରି ଶିଶୁଶ୍ରମିକ କାମ କରି ଆସୁଛନ୍ତି। ହେଲେ ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷ ଏମାନଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇ ଆସୁଅଛି। କୌଣସି ସୂତ୍ରରୁ ଅଭିଯୋଗ ପାଇ ବାଲୁଗାଁ ଥାନା ପୋଲିସ, ଚାଇଲ୍ଡ ଲାଇନ୍, ପରି ୨, ସହକାରୀ ଶ୍ରମ ଅଧିକାରୀ ମିଳିତ ଚଢ଼ାଉରେ ସ୍ଥାନୀୟ ବଜାର ଅଞ୍ଚଳ ହୋଟେଲ ଓ ଗ୍ୟାରେଜରୁ ୭ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି । ଗଞ୍ଜାମ ତଥା ବିଭିନ୍ନ ଜିଲାରୁ ଶିଶୁମାନଙ୍କୁ ଦଲାଲ ମାଧମରେ ଅଣାଯାଇ ବିଭିନ୍ନ ହୋଟେଲ ଓ ଗ୍ୟାରେଜରେ ସ୍ୱଳ୍ପ ବେତନ ଦେଇ ବ୍ୟବସାୟ ଅନୁଷ୍ଠାନର ମାଲିକମାନେ ବେଶ୍ ଫାଇଦା ନେଇଥାଆନ୍ତି। ଦୀର୍ଘ ଏକ ବର୍ଷ ପୂର୍ବେ ଏହି ଅଞ୍ଚଳର ଶିଶୁଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥିଲେ ମଧ ପୁନର୍ବାର ବ୍ୟବସାୟ ଅନୁଷ୍ଠାନରେ ଶିଶୁଶ୍ରମିକଙ୍କୁ ନିୟୋଜିତ କରିବାରେ ବନ୍ଦ କରି ନ ଥିଲେ। ଏହି ପରିପ୍ରେକ୍ଷୀରେ ଅଭିଯୋଗ ପାଇ ମିଳିତ ଭାବେ ମଙ୍ଗଳବାର ଚଢ଼ାଉ କରି ୭ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଶିଶୁ ଶ୍ରମକମାନେ ବାଲୁଗାଁ ଓ ଗଞ୍ଜାମ ଜିଲା କୋଦଳା ଅଞ୍ଚଳର। ସେମାନଙ୍କୁ ଉଦ୍ଧାର କରି ସୁଧାର ଗୃହକୁ ପଠାଇ ଦିଆଯାଇଛି।

■ ନିର୍ଘଣ୍ଟ ସମୟରେ ହେବ ଶ୍ରୀମନ୍ଦିର ନୀତିକାନ୍ତି

# ନୀତି ସବ୍ କମିଟି ବୈଠକରେ ନୂତନ ନୀତି ନିର୍ଘଣ୍ଟ

**ପୁରୀ ଅଫିସ, ୧୧।୯**



■ ପରିଚାଳନା କମିଟି ଅନୁମୋଦନ ପରେ ହେବ କାର୍ଯ୍ୟକାରୀ

■ ମଙ୍ଗଳ ଆଳତି, ସନ୍ଧ୍ୟା ଆଳତିରେ ହୋଇପାରେ ଟିକେଟ ଦର୍ଶନ

ଶ୍ରୀମନ୍ଦିର ଦୈନନ୍ଦିନ ନୀତିକାନ୍ତିରେ କୌଣସି ଠିକ୍ ଠିକଣା ରହୁନାହିଁ। ବ୍ରାହ୍ମ ମୁହୂର୍ତ୍ତରେ ଦ୍ୱାର ଫିଟି ଠାକୁରଙ୍କ ମଙ୍ଗଳ ଆଳତି ହେବା କଥା। ହେଲେ ଦିନେ ଦିନେ ବହୁ ବିଳମ୍ବ ଘଟୁଛି। ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋପରାଗ ଇତ୍ୟାଦି କେତେକ ଜରୁରୀ ନୀତି ସମୟାନୁସାରେ ହେଉଥିଲେ ମଧ ଦୈନନ୍ଦିନ ଓ ପର୍ବପର୍ବାଣିରେ ସ୍ୱତ୍ୱଲିପି ଭିତ୍ତିକ ସମୟାନୁସାରେ ନୀତି ସମ୍ପାଦନ ହୋଇପାରୁ ନାହିଁ। ପହୁଡ଼ରେ ମଧ କୌଣସି ନିର୍ଦ୍ଦିଷ୍ଟ ସମୟ ରହୁନାହିଁ। ବିଶେଷକରି ସ୍ୱତନ୍ତ୍ର ନୀତି ନ ଥିବା ଦିନଗୁଡ଼ିକରେ ରାତ୍ର ୮ଟା କିମ୍ବା ୯ଟା ସୁଦ୍ଧା ପହୁଡ଼ ହେବାର ନଜିର ରହିଛି। ସଅଳ ପହୁଡ଼ ଦ୍ୱାରା ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହେଉଛନ୍ତି।

ସେହିପରି ଶ୍ରୀମନ୍ଦିରରେ ସଂସ୍କାର ଓ ଶୃଙ୍ଖଳା ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଧାଡ଼ି ଦର୍ଶନ ପାଇଁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି ମଧ ଧାଡ଼ି ଦର୍ଶନ ଓ ଟିକେଟ ଦର୍ଶନର ରୂପରେଖ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଇଛନ୍ତି। ତେବେ ଶ୍ରୀମନ୍ଦିରରେ ଖୁବ୍‌ଶୀଘ୍ର ଧାଡ଼ି ଏବଂ ଟିକେଟ ଦର୍ଶନ ହୋଇପାରେ ବୋଲି କୁହାଯାଉଛି। ଯଦି ଧାଡ଼ି ଏବଂ ଟିକେଟ ଦର୍ଶନ ହୁଏ ତେବେ ନୀତିକାନ୍ତି ଠିକ୍ ସମୟରେ ହେବା ଦରକାର। ନଚେତ୍ ବର୍ତ୍ତମାନ ଭଳି ନୀତି ଚାଲିଲେ ଭକ୍ତ ହଇରାଣ ହେବେ ଏବଂ ଅନେକ ଠାକୁରଙ୍କୁ ଦର୍ଶନ ନ ପାଇ ଫେରିଯିବେ, ଯାହାକି ଶ୍ରୀମନ୍ଦିର ପ୍ରଶାସନକୁ ପୁଣି ଆଇନଗତ ଅଡୁଆରେ ପକାଇପାରେ। ତେଣୁ ଏହି ବ୍ୟବସ୍ଥା ଲାଗୁ ପୂର୍ବରୁ ନୀତିକାନ୍ତିକୁ ନିର୍ଘଣ୍ଟ ସମୟରେ କରିବା ଉପରେ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ବିଶେଷ ନୀତି ନ ଥିବା ସାଧାରଣ ଦିନମାନଙ୍କରେ ନୀତି ସମ୍ପାଦନ ପାଇଁ ସମୟ ନିର୍ଘଣ୍ଟ କରିଛି। ମଙ୍ଗଳବାର ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଏଥିସହ ପ୍ରତିଦିନ ମଙ୍ଗଳ ଆଳତି ଏବଂ ସନ୍ଧ୍ୟା ଆଳତି ସମୟରେ ଟିକେଟ ଦର୍ଶନ ବ୍ୟବସ୍ଥା କରାଯିବା ଲାଗି ପ୍ରାଥମିକ ଆଲୋଚନା ହୋଇଛି। ସ୍ୱତନ୍ତ୍ର ନୀତି ଥିବା ତଥା ପର୍ବପର୍ବାଣି ଦିନଗୁଡ଼ିକ ସମ୍ପର୍କରେ ଭକ୍ତମାନଙ୍କୁ ଆଗୁଆ ସୂଚନା ଦେବା ଲାଗି ମଧ ବୈଠକରେ ଆଲୋଚନା କରାଯାଇଛି। ପରିଚାଳନା କମିଟିରେ ଏହି ପ୍ରସ୍ତାବ ଅନୁମୋଦନ ପାଇବା ପରେ କାର୍ଯ୍ୟକାରୀ କରାଯିବ। ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୀତି ସବ୍ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

**ସାଧାରଣ ଦିନର ନୀତି ନିର୍ଘଣ୍ଟ**

| | |
|---|---|
| ଦ୍ୱାରଫିଟା | ଭୋର ୫ଟା |
| ଭିତରଶୋଧ | ୫ଟା ୩୦ |
| ମଙ୍ଗଳ ଆଳତି | ସକାଳ ୬ଟା |
| ମଇଲମ-ତଡ଼ପଲାଗି | ୬ଟା ୩୦ |
| ଅବକାଶ | ୭ଟା ୩୦ |
| ରୋଷହୋମ | ୮ଟା |
| ସୂର୍ଯ୍ୟପୂଜା | ୮ଟା ୧୫ |
| ଦ୍ୱାରପାଳ ପୂଜା | ୮ଟା ୩୦ |
| ବେଶ ଶେଷ | ୮ଟା ୩୦ |
| ଗୋପାଳବଲ୍ଲଭ | ୯ଟା |
| ସକାଳ ଧୂପ (କେବଳ କୋଠଭୋଗ) | ୯ଟା ୩୦ରୁ ୧୦ଟା ୩୦ |
| ଭୋଗମଣ୍ଡପ ଉଠିବା | ୧୦ଟା ୨୦ |
| ମଇଲମ-ବେଶ | ୧୦ଟା ୪୫ରୁ ୧୧ଟା ୩୦ |
| ଭୋଗମଣ୍ଡପ ଶେଷ | ମଧ୍ୟାହ୍ନ ୧୨ଟା |
| ମଧ୍ୟାହ୍ନଧୂପ(କେବଳ କୋଠଭୋଗ) | ୧୨ଟା ୩୦ରୁ ଅପରାହ୍ନ ୨ଟା |
| ୨ୟ ଭୋଗମଣ୍ଡପ | ୧ଟା ୫୦ରୁ ୩ଟା |
| ଦକ୍ଷିଣ ଘର ଭୋଗ | ଅପରାହ୍ନ ୩ଟା |
| ମଇଲମ-ବେଶ | ଅପରାହ୍ନ ୫ଟାରୁ ସନ୍ଧ୍ୟା ୬ଟା |
| ସନ୍ଧ୍ୟା ଆଳତି | ସନ୍ଧ୍ୟା ୬ଟା ୧୦ |
| ସନ୍ଧ୍ୟା ଧୂପ | ୭ଟାରୁ ରାତି ୮ଟା ୩୦ |
| ମଇଲମ-ଚନ୍ଦଲାଗି | ୯ଟାରୁ ୯ଟା ୩୦ |
| ବଡ଼ସିଂହାର ବେଶ | ୯ଟା ୩୦ରୁ ୧୦ଟା ୩୦ |
| ବଡ଼ସିଂହାର ଭୋଗ | ରାତି ୧୧ଟାରୁ ୧୧ଟା ୩୦ |
| ରାତ୍ର ପହୁଡ଼ | ୧୨ଟା |

■ ଶୃଙ୍ଖଳିତ ହେବ ଆନନ୍ଦ ବଜାର

# ଥାଳି ଦରରେ ମିଳିବ ମହାପ୍ରସାଦ

**ପୁରୀ ଅଫିସ, ୧୧।୯**

■ ଖୋଲିବ ଅଭିଯୋଗ ପ୍ରକୋଷ୍ଠ

■ ତିଆରି ହେବ ୪୦ ଶେଡ୍

■ ଓଳି ଚିତ୍ର ସହ ଲାଗିବ ମହାପ୍ରସାଦ ମୂଲ୍ୟ

ଶ୍ରୀମନ୍ଦିରରେ ଶୃଙ୍ଖଳା ଓ ସ୍ୱଚ୍ଛତା ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଏକାଧିକ ରାୟ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଯେପରି କଡ଼ାକଡ଼ି ଭାବେ ପାଳନ ହେବ ତାହା ଉପରେ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ବିଶେଷକରି ଆନନ୍ଦ ବଜାରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହାକୁ କିପରି ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ କରାଯାଇପାରିବ ସେ ନେଇ ମଙ୍ଗଳବାର ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ପରିଚାଳନା କମିଟି ବୈଠକ ଏହି ଆଲୋଚନାର ଚୂଡ଼ାନ୍ତ ନିଷ୍ପତ୍ତି ନେବ।

ଆନନ୍ଦ ବଜାରକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବ। ଏହା ସହିତ ସମ୍ପୃକ୍ତ ସମସ୍ତ ସେବକ ଏ ଦିଗରେ ପ୍ରାଥମିକତା ଦେବେ। ସେହିପରି ଆନନ୍ଦ ବଜାରରେ ଯେଉଁ ଜରି ଟଣାଯାଇଛି ତାହାକୁ କଢାଯିବ। ପ୍ରଥମ ପର୍ଯ୍ୟାୟରେ ୪୦ଟି ଶେଡ୍ (ଅବଢ଼ା ଦୋକାନ) ତିଆରି କରାଯିବ। ପ୍ରତିଦିନ ଏହି ଶେଡ୍ ଚଟାଣକୁ ଗରମ ପାଣିରେ ଧୁଆ ଯିବ। ଏହି ଧୁଆ ପାଣି ଯେପରି ନିଷ୍କାସନ ହେବ ତାହାର ବ୍ୟବସ୍ଥା ରହିବ। ଅନେକ ସମୟରେ ଆନନ୍ଦ ବଜାରରେ ଭକ୍ତଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଏପରି କି ମହାପ୍ରସାଦ ଦରକୁ ନେଇ ଶ୍ରଦ୍ଧାଳୁ ଦୁର୍ବ୍ୟବହାରର ଶିକାର ହେବା ନଜିର ରହିଛି। ତେଣୁ ଏସବୁର ଯେଭଳି ପୁନରାବୃତ୍ତି ନ ହେବ ତାହା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଣିକି ଆନନ୍ଦ ବଜାର ପରିସରରେ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ସ୍ପଷ୍ଟ ଭାବେ ଲାଗିବ। ଏଥିପାଇଁ ସୁଆର ମହାସୁଆର ନିଯୋଗ ଏକ ଦର ତାଲିକା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ଦେଇସାରିଛି। ପ୍ରଶାସନ ଅନୁମତି ଦେବା ପରେ ଏହାକୁ ଆନନ୍ଦ ବଜାରରେ ଲଗାଯିବ। ସେହିପରି ଭକ୍ତମାନଙ୍କ ସୁବିଧା ପାଇଁ ମହାପ୍ରସାଦ ଥାଳି ବ୍ୟବସ୍ଥା ହେବ। ତିନିପ୍ରକାର ଅର୍ଥାତ୍ ୭୦ ଟଙ୍କା, ୮୦ ଟଙ୍କା ଏବଂ ୧୨୦ ଟଙ୍କାରେ ଭକ୍ତମାନେ ମହାପ୍ରସାଦ ଥାଳି ପାଇପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଆନନ୍ଦ ବଜାରରେ ଖୋଲିବ ଅଭିଯୋଗ ପ୍ରକୋଷ୍ଠ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ଖୋଲିବାକୁ ଥିବା ଏହି ଅଭିଯୋଗ ପ୍ରକୋଷ୍ଠରେ ଭକ୍ତମାନେ ଯଦି କୌଣସି ପ୍ରକାର ଶୋଷଣ କିମ୍ବା ଦୁର୍ବ୍ୟବହାରର ଶିକାର ହେବେ ସେ ନେଇ ଅଭିଯୋଗ କରିପାରିବେ।

ଶ୍ରୀମନ୍ଦିର ରୋଷଘରେ ରହିଛି ୨୫୦ ଚୁଲି। ଏହି ଚୁଲିକୁ ଶ୍ରୀମନ୍ଦିର ପ୍ରଶାସନ ନିଜ ନିୟନ୍ତ୍ରଣକୁ ନେବା ପାଇଁ ସୁପ୍ରିମ୍‌କୋର୍ଟ କହିଥିଲେ। ସୁଆର ସେବକଙ୍କୁ ଚୁଲି ବର୍ଷିକିଆ ଲାଇସେନ୍ସ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ। କିନ୍ତୁ ବୈଠକରେ ସୁଆର ସେବକମାନେ ଲାଇସେନ୍ସ ଶବ୍ଦକୁ ବିରୋଧ କରିଥିଲେ। ଲାଇସେନ୍ସ ସ୍ଥାନରେ ଅଧିକାର ଶବ୍ଦ ବ୍ୟବହାର କରିବାକୁ ଆଲୋଚନା ହୋଇଛି। ତେଣୁ ସେବକଙ୍କୁ ଚୁଲି ଅଧିକାର ଦିଆଯିବ ବୋଲି ଆଲୋଚନା କରାଯାଇଛି।

ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ବାବନ ମହାସୁଆର, କୃଷ୍ଣଚନ୍ଦ୍ର ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

# ବେଳାଭୂମି, ମଙ୍ଗଳାନଦୀ ସ୍ଥିତି ଅନୁଧାନ କଲେ ବିଶେଷଜ୍ଞ

**ପୁରୀ ଅଫିସ, ୧୧।୯**

**ଡିପିଆର ପ୍ରସ୍ତୁତି ଆରମ୍ଭ**

■ ମଙ୍ଗଳାନଦୀରେ ପଡ଼ିଲା କରେଣ୍ଟ ମିଟର

■ ବେଳାଭୂମିର ହେଲା ଆର୍‌ଟିକେ ସର୍ଭେ



ମଙ୍ଗଳାମୁହାଣଠାରେ ଲାଗିଥିବା ଟାୱାର।

ପୁରୀ ବେଳାଭୂମିର କୋକୋପାମ ଠାରୁ ମଙ୍ଗଳାମୁହାଣ ଅବକ୍ଷୟର ପ୍ରତିକାର ଲାଗି ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ (ଆଇସିଜେଡ୍‌ଏମ୍‌ପି) ମାଧ୍ୟମରେ ନିଆଯିବ ପଦକ୍ଷେପ। ସି ୱାଲ ନିର୍ମାଣ ଓ ମଙ୍ଗଳାମୁହାଣ ସୁରକ୍ଷା ଲାଗି ଡିପିଆର ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। ନ୍ୟାଶନାଲ ସେଣ୍ଟର ଫର ସଷ୍ଟେନବୁଲ କୋଷ୍ଟାଲ ମ୍ୟାନେଜମେଣ୍ଟ (ଏନସିଏସ୍‌ସିଏମ୍) ବିଶେଷଜ୍ଞ ମଣିକନ୍ଦନଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ପୁରୀ ଆସି ପୁରୀ ବେଳାଭୂମି ଓ ବାଙ୍କୀ ମୁହାଣର ସ୍ଥିତି ଅନୁଧାନ କରିଛନ୍ତି। ଚାରିଅଟ୍ ହୋଟେଲ ନିକଟରେ ଦୁଇଟି ଟାୱାର ସ୍ଥାପନ କରି ମଙ୍ଗଳାନଦୀ ମଧ୍ୟରେ କରେଣ୍ଟ ମିଟର ପକାଯାଇ ଏହି ସର୍ଭେ କରାଯାଇଛି। ମଙ୍ଗଳା ମୁହାଣ ଏବଂ ମଙ୍ଗଳାଘାଟ ବ୍ରିଜ ନିକଟରେ ମଙ୍ଗଳାନଦୀରେ କରେଣ୍ଟ ମିଟର ପକାଯାଇଥିଲା। ଏହି ସର୍ଭେ ଦ୍ୱାରା ନଦୀ ଶଯ୍ୟାର ସ୍ଥିତି, ନଦୀର ଜଳ ଧାରଣ କ୍ଷମତା, ନଦୀ ଗଭୀରତା ଏବଂ ନଦୀ ଜଳର ସ୍ରୋତକୁ ଅନୁଧାନ କରାଯାଇଛି। ଏହାକୁ ବାଥିମେଟ୍ରି ସର୍ଭେ କୁହାଯାଏ ବୋଲି କହିଛନ୍ତି ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାଉତ। ସେହିପରି ମଙ୍ଗଳାମୁହାଣ ଠାରୁ ବଡିଘର ପର୍ଯ୍ୟନ୍ତ ୨.୫ କିମି ଏବଂ ମଙ୍ଗଳାମୁହାଣ ଠାରୁ ଗିରଳ ପାର୍ଶ୍ୱକୁ ୧ କିମି ପର୍ଯ୍ୟନ୍ତ ବେଳାଭୂମିର ସର୍ଭେ କରାଯାଇଛି। ଏହାକୁ ଆର୍‌ଟିକେ ସର୍ଭେ ( ରିୟଲ ଟାଇମ୍ କାଇନମେଟିକ ସର୍ଭେ) କୁହାଯାଏ। ସର୍ଭେ ପରେ ଏହି ଟିମ୍ ଡିପିଆର ପ୍ରସ୍ତୁତ କରିବେ। ଡିପିଆର ପ୍ରସ୍ତୁତି ପରେ ପୁଣି ଡିସେମ୍ବରରେ ପୁଙ୍ଖାନୁପୁଙ୍ଖ ସର୍ଭେ ହେବ ବୋଲି ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୦୬ ମସିହାରେ ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଅବକ୍ଷୟ ହୋଇଥିଲା। ବେଳାଭୂମି ମାର୍ଗର କୋକୋପାମ ଛକଠାରୁ ମଙ୍ଗଳା ମୁହାଣ ପର୍ଯ୍ୟନ୍ତ ଲମ୍ବିଥିବା ୪କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାକୁ ସମୁଦ୍ର ଧୋଇ ନେଇଥିଲା। ଏହାସହିତ ମଙ୍ଗଳା ନଦୀ ମୁହାଣ ବାରମ୍ବାର ଗତିପଥ ବଦଳାଇବା ସହିତ ସମସ୍ୟା ସୃଷ୍ଟି କରୁଛି। ସେହିପରି ରାମଚଣ୍ଡୀ ବେଳାଭୂମିରେ ମଧ ଅବକ୍ଷୟ ଦେଖାଦେଇଛି। କୋକୋପାମ୍ ରାସ୍ତା କଡରେ ସମୁଦ୍ର ପ୍ରାଚୀର(ସି ୱାଲ) ନିର୍ମାଣ ଏବଂ ମଙ୍ଗଳା ମୁହାଣର ସମସ୍ୟା ଦୂର ପାଇଁ ପୁରୀ ଜଳସେଚନ ଡିଭିଜନ ପକ୍ଷରୁ ୧୪କୋଟି ଟଙ୍କାର ଏକ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ରାମଚଣ୍ଡୀ ବେଳାଭୂମିରେ ପାର୍ଶ୍ୱରେ ଗାର୍ଡ ୱାଲ ନିର୍ମାଣ ଓ ପଥର ପ୍ୟାକିଂ ଲାଗି ୪.୫କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ଦୁଇ ପ୍ରକଳ୍ପ ଆଇସିଜେଡ୍‌ଏମ୍‌ପି ଫେଜ-୨ ଜରିଆରେ କରାଯିବାର ଯୋଜନା ରହିଛି। ଗତ ୫ତାରିଖରେ ଜାତୀୟ ସାମୁଦ୍ରିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ(ଏନ୍‌ଆଇଓଟି)ର ବିଶେଷଜ୍ଞ ଦଳ ଆସି ଅନୁଧାନ କରିଥିଲେ।

### ଆମ ଗାଁ, ଆମ ବିକାଶ ୨୮୦ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁର

**କୃଷ୍ଣପ୍ରସାଦ,୧୧।୯(ଡି.ଏନ.ଏ.)**

'ଆମ ଗାଁ ଆମ ବିକାଶ'କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚୁଦୋଳ ପଡ଼ିଆଠାରେ ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୨୧ଟି ପଞ୍ଚାୟତ ପାଇଁ ୪ କୋଟି ୨୦ ଲକ୍ଷ ଟଙ୍କା ବିନିମୟରେ ୨୮୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ଅଞ୍ଚଳର ବିକାଶ, ଜନହିତକର ଯୋଜନା ଓ ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ ଅର୍ଥ ମଞ୍ଜୁର ସମ୍ପର୍କରେ ଆଲୋକପାତ କରିଥିଲେ । ବ୍ଲକ୍ ବିଜେଡି ସଭାପତି କୈଳାସ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚରଣ ମାଝୀ, ବିଡିଓ ଅଶୋକ କୁମାର ମହାନ୍ତି, ତହସିଲଦାର ବିନୋଦ କୁମାର ସ୍ୱାଇଁ, ପଞ୍ଚାୟତ ସମିତି ଅଧକ୍ଷା ସୌଦାମିନୀ ମାନସିଂହ, ସହକାରୀ ଯନ୍ତ୍ରୀ ଇଂ ପ୍ରସନ୍ନ କୁମାର ସ୍ୱାଇଁ, ସିଡିପିଓ ମନୋରମା ଦେବୀ, ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ, ଜିଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ, ବନ୍ଦନା ପ୍ରଧାନ, ବିଜେଡି ନେତା ଦିବାକର ପାତ୍ର, ପ୍ରଦୀପ କୁମାର ଦାସ ଓ ବ୍ରହ୍ମଗିରି ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଅଜୟ କୁମାର ପଲେଇ, ନରୋତ୍ତମ ଦଳେଇ, ଦିଲୀପ କୁମାର ରଣସିଂହ ପ୍ରମୁଖ ସଭା ପରିଚାଳନା କରିଥିଲେ।।

# ସରକାରୀ ଜମି ଜବରଦଖଲ ନେଇ ଗୋଷ୍ଠୀ ସଂଘର୍ଷ

**୧୦ ଆହତ, ୨ ଗୁରୁତର : ୬ ଗିରଫ**

**ଓଡ଼ଗାଁ ,୧୧।୯(ଡି.ଏନ.ଏ.)**

ଓଡ଼ଗାଁ ଥାନା ଓ ତହସିଲ ଅନ୍ତର୍ଗତ ରଙ୍ଗଣୀପାଟଣା ପଞ୍ଚାୟତସ୍ଥ ଜାମୁସାହି ଗ୍ରାମ ହରିଜନ ସାହିରେ ଏକ ସରକାରୀ ଜମି ଜବର ଦଖଲକୁ ନେଇ ସଂଘର୍ଷ ଘଟିଛି। ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିବାବେଳେ ଉଭୟ ଗୋଷ୍ଠୀ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଛି। ଏଥିଯୋଗୁ ପୋଲିସ ୧୬ ଜଣ ଅଭିଯୁକ୍ତଙ୍କ ବିରୋଧରେ ୨ ମାମଲା ରୁଜୁ କରିଛି। ଏହି ମାରପିଟରେ ୧୦ ଜଣ ସାମାନ୍ୟ ଆହତ ହୋଇଥିବାବେଳେ ଚିକିତ୍ସା ନିମନ୍ତେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଓ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଜାମୁସାହିର ପାଣ୍ଡୁଚରଣ ନାହାକଙ୍କ ଅଭିଯୋଗ କ୍ରମେ ପୋଲିସ ୪ ଜଣଙ୍କ ନାମରେ ୧୮୦।୧୮ ରେ ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ରଘୁନାଥ ନାହାକ(୨୭), ଭଗବାନ ନାହାକ(୩୦), ଉଲା ନାହାକ(୫୮)ଙ୍କୁ ଗିରଫ କରାଯାଇଛି। ବାହାଡ଼ାଝୋଲା ଗୋଡିବନ୍ଧ ଗ୍ରାମର ତ୍ରିନାଥ ନାହାକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାରୁ ତାଙ୍କୁ ଗିରଫ କରାଯାଇପାରିନାହିଁ। ସେହିଗ୍ରାମର ରଘୁନାଥ ନାହାକଙ୍କ ଅଭିଯୋଗ କ୍ରମେ ପୋଲିସ ୧୮୧।୧୮ରେ ୧୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ପ୍ରଫୁଲ୍ଲ ନାହାକ(୨୬), ସଗୋଲା ନାହାକ(୬୦), ପାଣ୍ଡୁ ନାହାକ(୩୦)ଙ୍କୁ ଗିରଫ କରାଯାଇଛି । ସନେଇ ନାହାକ ନୟାଗଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଅନ୍ୟମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି । ସରକାରୀ ଜମି ଜବରଦଖଲ ନିମନ୍ତେ ଏହିଭଳି ଗୋଷ୍ଠୀ ସଂଘର୍ଷ ପୋଲିସ ଓ ପ୍ରଶାସନ ନିମନ୍ତେ ମୁଣ୍ଡବ୍ୟଥାର କାରଣ ପାଲଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ବାଣିବିରି ଘାଟିରୁ ମାଟି ଅତଡ଼ା ଧସି ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ

**ଦଶପଲ୍ଲା,୧୧।୯(ଡି.ଏନ.ଏ.)**



ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇଛି।

ଜାମୁସାହି ଏବଂ ବାଣିବିରି ମଧ୍ୟରେ ଥିବା ବାଣିବିରି ଘାଟିରୁ ମଙ୍ଗଳବାର ମାଟି ଅତଡା ଧସିବା ସାଙ୍ଗକୁ ବଡବଡ ଗଛ ଉପୁଡି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଏବଂ ଯାତ୍ରୀ ଘଣ୍ଟା ଘଣ୍ଟା ଧରି ଅଟକି ରହିବା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ରାସ୍ତା ଦେଇ ଡାକ୍ତରଖାନା ଯାଉଥିବା ଅନେକ ରୋଗୀ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୁନର୍ବାର ଅପରାହ୍ନ ୫ଟାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ରାସ୍ତା ଉପରକୁ ମାଟି ଅତଡା ଧସିବା ବେଳେ ସନ୍ଧ୍ୟାରୁ ଜାତୀୟ ରାଜପଥ ଅବରୋଧ ହୋଇ ରହିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଯାନବାହନ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଛି।

### ରୌପ୍ୟ ଜୟନ୍ତୀ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

#### ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

**ଖଣ୍ଡପଡ଼ା,୧୧।୯(ଡି.ଏନ.ଏ.):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟର ରୌପ୍ୟଜୟନ୍ତୀ ଉତ୍ସବ ଆସନ୍ତା ଡିସେମ୍ବର ମାସରେ ଅନୁଷ୍ଠିତ ହେବ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ଓ ରୌପ୍ୟ ଜୟନ୍ତୀ ପାଳନ କମିଟି ସୂଚନା ଦେଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ପର୍ବ ଏବେଠାରୁ ଆରମ୍ଭ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ନୟାଗଡ ଜିଲାପାଳ ଡ. ଏନ ଥିରୁମାଳା ନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ଓ ବହୁ ଅଧିକାରୀ ଏବଂ ଯନ୍ତ୍ରୀ ଏ ବିଷୟରେ ଅନୁଧାନ କରିଥିବା ପ୍ରଧାନ ଶିକ୍ଷକ ଅଯୋଧାନାଥ ନାୟକ ଓ ସରପଞ୍ଚ ବୈକୁଣ୍ଠନାଥ ଗୋଛିସୂଚନା ଦେଇଛନ୍ତି।

# ମଣ୍ଡଳସ୍ତରୀୟ ସ୍ୱଚ୍ଛତା ପକ୍ଷ-୨୦୧୮

**ଓଡ଼ଗାଁ,୧୧।୯(ଡି.ଏନ.ଏ.)**




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ସ୍ଥାନୀୟ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ ସ୍ୱଚ୍ଛତା ପକ୍ଷ-୨୦୧୮ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଇଓ ବସନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ବିଡିଓ ମନୋଜ ପାତ୍ର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ କୁମାର ମହାପାତ୍ର, ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ ଓ ବିଭୁପ୍ରସାଦ ସାହୁ ମଞ୍ଚାସୀନ ଥିଲେ। ଲୋକକଥା ଅନୁସାରେ ଯେପରି ଗାଁ ନିରିମଳ ଧୋବା ତୁଠରୁ ସେହିପରି ସ୍କୁଲ ନିରିମଳ ଶୌଚାଳୟରୁ ବୋଲି ସମସ୍ତେ ସ୍ୱୀକାର କରିଥିଲେ । ସ୍କୁଲରେ ଶୌଚାଳୟ ସଫା କରିବାକୁ ଆଦୌ ସରକାରୀ ଅନୁଦାନ କିମ୍ବା କର୍ମଚାରୀ ନିୟୋଜିତ ନ ଥିବାରୁ ଏନେଇ ନାନା ଅସୁବିଧା ଦେଖାଦେଉଛି ବୋଲି ମତ ପ୍ରକାଶ ପାଇଥିଲା । ଶିକ୍ଷକମାନଙ୍କ ସହିତ ପିଲାମାନେ ନିଜ ସ୍କୁଲ ଶୌଚାଳୟ ସଫା କରିବା କୌଣସି ନିୟମବିରୁଦ୍ଧ କାର୍ଯ୍ୟ ନୁହେଁ ଏହାଦ୍ୱାରା ଶିଶୁ ସୁରକ୍ଷା ଅଧିକାର ଆଦୌ କ୍ଷୁଣ୍ଣ ହେଉ ନ ଥିବା ବିଡିଓ ଓ ବିଇଓ କହିଥିଲେ । । ସମିତି ସଭ୍ୟ ଭାଗବତ ବାରିକ ସ୍ୱଚ୍ଛତା ଉପରେ ନିଜର ବକ୍ତବ୍ୟ ରଖିଥିଲେ ।

## ସଂକ୍ଷେପରେ

### ୪୦ ପ୍ରକଳ୍ପ ପ୍ରଦର୍ଶିତ



**ବ୍ରହ୍ମପୁର ଅଫିସ୍,୧୧।୯:** ବ୍ରହ୍ମପୁର ମେଡ଼ିକାଲ୍ କ୍ୟାମ୍ପସ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନେ ଭାଗନେଇ ୪୦ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ମୁଖ୍ୟତଃ ସ୍ୱଚ୍ଛ ଭାରତ, ପରିମଳ, ଜଳ ବିଦ୍ୟୁତ୍ ପ୍ରକଳ୍ପ, ସ୍ମାର୍ଟସିଟି ଏବଂ ଅନ୍ୟାନ୍ୟ ପ୍ରକଳ୍ପ ରହିଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପନ୍ନଗ ଭୂଷଣ ମାଝି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂସ୍କୃତ ଟୋଲ୍ ଇନ୍‌ଚାର୍ଜ ସୁବାସ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନି ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ । ବିଜ୍ଞାନ ମେଳା ପରିଚାଳନାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ ।

### କେଦାର ଆପ୍ତାଙ୍କୁ ଅସୀମ ବସୁ ସମ୍ମାନ



**ବ୍ରହ୍ମପୁର ଅଫିସ୍,୧୧।୯:** ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବ ଅବସରରେ ଓଡ଼ିଶାର ବରିଷ୍ଠ ମଞ୍ଚ ଶିଳ୍ପୀ କେଦାର ଆପ୍ତାଙ୍କୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ମିରର୍' ଏବଂ 'ଏକା' ତରଫରୁ ମଞ୍ଚଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅସୀମ ବସୁ ସମ୍ମାନ ପ୍ରଦାନ କରାଯାଇଛି । କେଦାର ଆପ୍ତା ଦୀର୍ଘ ୫୦ବର୍ଷ ହେଲା ମଞ୍ଚ ନାଟକ ସହ ଜଡ଼ିତ ରହିଛନ୍ତି । ତାଙ୍କର ଏହି ସଫଳତା ପାଇଁ ଗଞ୍ଜାମ କଳା ପରିଷଦ ଏବଂ ବ୍ରହ୍ମପୁରର ଅନ୍ୟାନ୍ୟ ନାଟ୍ୟ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ କଳାପ୍ରେମୀମାନେ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

### ୱାରେଣ୍ଟ ବଳରେ ଜଣେ ଗିରଫ

**ଦାରିଙ୍ଗବାଡ଼ି,୧୧।୯(ଡି.ଏନ.ଏ.):** ଦାରିଙ୍ଗବାଡ଼ି ପୋଲିସ ୱାରେଣ୍ଟ ବଳରେ ଜଣଙ୍କୁ ଗିରଫ କରିଛି । ସେ ହେଲେ ଶ୍ରାମବାଡ଼ି ଅଞ୍ଚଳର ତ୍ରିଲୋଚନ ନାୟକ । ତାଙ୍କ ନାଁରେ ୬ଟି ଗିରଫ ପରୱାନା ରହିଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି । ୨୦୧୧ ମାଓବାଦୀ ହିଂସା, ମାଓବାଦୀଙ୍କୁ ସହଯୋଗ ଭଳି ସଙ୍ଗିନ ଅଭିଯୋଗ ରହିଥିବା ପୋଲିସ କହିଛି ।

## ବ୍ରହ୍ମପୁର, ଗଞ୍ଜାମ ପୋଲିସ ଜିଲା

# ମିଳିଲେ ୩୮୦ଶିଶୁ ଶ୍ରମିକ

■ସାରା ରାଜ୍ୟରେ ସର୍ବାଧିକ, ଉଦ୍ଧାର ଚାଲିବ ଆହୁରି ୫ଦିନ

■ବଢ଼ିବ ଶିଶୁ ଶ୍ରମିକଙ୍କ ସଂଖ୍ୟା

ବ୍ରହ୍ମପୁର ଅଫିସ/ଛତ୍ରପୁର (ଡି.ଏନ୍.ଏ.), ୧୧।୯

ଶିଶୁ ଶ୍ରମିକ, ବାଲ୍ୟ ବିବାହ, ନାବାଳିକା ନିର୍ଯାତନା ଆଦି ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ହାତକୁ ନିଆଯାଇଛି। ସେଥି ମଧ୍ୟରୁ ଅପରେସନ୍ ପରୀ ଅନ୍ୟତମ । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯିବା ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ । ସେହିପରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବା ସହ ସଚେତନତା ସୃଷ୍ଟି କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ପୂର୍ବରୁ ଅପରେସନ୍ ସ୍ମାଇଲ୍ ନାମରେ ଏହି କାର୍ଯ୍ୟକ୍ରମ ସମସ୍ତ ଥାନା ଅଞ୍ଚଳରେ ଚାଲୁ ରହିଥିଲା । ବିଶେଷ କରି ନିଖୋଜ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କୁ ସିଡବ୍ଲୁସି (ଶିଶୁ ମଙ୍ଗଳ କମିଟି)କୁ ହସ୍ତାନ୍ତର କରିବା ନେଇ ଗୁରୁତ୍ୱାରୋପ ଦିଆଯାଉଥିବା ଜଣାପଡ଼ିଛି। ଆବଶ୍ୟକ ପଡିଲେ ଏସଂକ୍ରାନ୍ତରେ ମକଦ୍ଦମା ରୁଜୁ ହେବା ପାଇଁ ନିର୍ଦ୍ଦେଶ ରହିଛି। ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ ୧ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ବେଳେ ୧୫ ତାରିଖରେ ଶେଷ ହେବ ବୋଲି ଜଣାଯାଇଛି । ରାଜ୍ୟ ଗୋଇନ୍ଦା ବିଭାଗ ପକ୍ଷରୁ ପ୍ରାପ୍ତ ସୂଚନା ମୁତାବକ ରାଜ୍ୟରେ ସର୍ବାଧିକ ଗଞ୍ଜାମ ଏବଂ ବ୍ରହ୍ମପୁର ପୋଲିସ ଜିଲାରେ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ବେଳେ ଏ ସଂକ୍ରାନ୍ତରେ କେବଳ ଗୋଟିଏ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ୧୦ ତାରିଖ ସୁଦ୍ଧା ମିଳିଥିବା ସୂଚନା ମୁତାବକ ରାଜ୍ୟରେ ୧୨୯୬ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇ ସିଡବ୍ଲୁସିକୁ ହସ୍ତାନ୍ତର କରାଯାଇଥିବା ବେଳେ ସେଥି ମଧ୍ୟରୁ ୧୦୯୪ ଜଣ ନାବାଳକ ଓ ୨୦୨ ନାବାଳିକା ରହିଥିବା ଜଣାପଡ଼ିଛି। ୧୮ ବର୍ଷରୁ କମ୍ ବୟସ ରହିଥିବା ବେଳେ ଏ ସଂକ୍ରାନ୍ତରେ ସାରା ରାଜ୍ୟର ବିଭିନ୍ନ ପୋଲିସ ଜିଲା ଅଧୀନରେ କେବଳ ୭୮ ମାମଲା ରୁଜୁ ହୋଇଛି । ଭଦ୍ରକ, ବଲାଙ୍ଗୀର, କୋରାପୁଟ ଏବଂ କଳାହାଣ୍ଡି ପୋଲିସ ଜିଲାରେ ୫୦ ଟପିଯାଇଥିବା ବେଳେ କୌଣସି ପୋଲିସ ଜିଲାରେ ଶିଶୁ ଶ୍ରମିକ ଉଦ୍ଧାର ସଂଖ୍ୟା ୧୦୦ ଟପିନାହିଁ । ତେବେ ଗଞ୍ଜାମ ଜିଲାରେ ଏଯାବତ୍ ୩୫୨ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଥିବା ବେଳେ ଆଗକୁ ସଂଖ୍ୟା ଆହୁରି ବଢ଼ିବାର ଆଶା ଦେଖାଦେଇଛି । କେବଳ ବ୍ରହ୍ମପୁର ପୋଲିସ ଜିଲାରେ ୧୩୦ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଥିବା ବେଳେ ସେଥିରୁ ନାବାଳକ ରହିଛନ୍ତି ୧୨୭ଜଣ ଏବଂ ନାବାଳିକା ସଂଖ୍ୟା ରହିଛି ମାତ୍ର ୩ ଜଣ । ଗୋଟିଏ ମାମଲା ବ୍ରହ୍ମପୁର ପୋଲିସ ଜିଲାରେ ରୁଜୁ ହୋଇଥିବା ବେଳେ ଗଞ୍ଜାମ ପୋଲିସ ଜିଲା କିନ୍ତୁ ସମସ୍ତ ରେକର୍ଡକୁ ଟପିଯାଇଥିବା ଜଣାପଡ଼ିଛି । ଏହି ପୋଲିସ ଜିଲା ଅଧିନସ୍ଥ ଥାନା ଅଞ୍ଚଳରୁ ୨୫୦ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଥିବା ବେଳେ ସେଥିରୁ ୨୨୭ ଜଣ ନାବାଳକ ଏବଂ ୨୩ ନାବାଳିକା ରହିଥିବା ସୂଚନା ମିଳିଛି। ତେବେ ଏନେଇ ଥାନାରେ ଏଯାବତ୍ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ୧୮ ବର୍ଷରୁ କମ୍ ବୟସ ନାବାଳିକା ଓ ନାବାଳକମାନଙ୍କୁ କୌଣସି କ୍ଷେତ୍ରରେ କେହି କାର୍ଯ୍ୟ କରାଯାଉଥିଲେ କିମ୍ବା ପାରିବାରିକ ଆର୍ଥିକ ଅନାଟନରୁ କେହି ଶିଶୁ ଶ୍ରମିକ ଆପଣାଉଥିଲେ ସେମାନଙ୍କ କିଭଳି ଉଦ୍ଧାର କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ଅନ୍ୟ ଶିଶୁମାନଙ୍କ ପରି ସରକାରୀ ସୁବିଧା ସୁଯୋଗ ଉପଲବ୍ଧି କରିବେ, ଶିକ୍ଷା ଗ୍ରହଣ କରି ଭବିଷ୍ୟତ ଗଠନରେ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପଦକ୍ଷେପ ନେଉଛନ୍ତି ସରକାର ।

## ବ୍ଲକଗ୍ରାଣ୍ଟ ଆନ୍ଦୋଳନକୁ ଡିଏସ୍ଓର ସମର୍ଥନ




ଏଆଇଡିଏସ୍ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୧୧।୯

ବ୍ଲକଗ୍ରାଣ୍ଟ ଉଚ୍ଛେଦ ସହ ପୂର୍ଣ୍ଣ ଅନୁଦାନ ଦାବିରେ ଗତ ୧୬ତାରିଖରୁ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଶିକ୍ଷକମାନେ ଭୁବନେଶ୍ୱରରେ ଆନ୍ଦୋଳନ କରୁଛନ୍ତି । ଫଳରେ ପାଠପଢ଼ା ଠପ୍ ହୋଇଯାଇଛି। ମଙ୍ଗଳବାର ଆନ୍ଦୋଳନକୁ ସମର୍ଥନ ଜଣାଇଛି ଅଲ୍ ଇଣ୍ଡିଆ ଡିଏସ୍ଓ ଗଞ୍ଜାମ ଜିଲା କମିଟି। ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ଏବଂ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍ ଫେଲ୍ ବ୍ୟବସ୍ଥାର ପୁନଃପ୍ରଚଳନ ଦାବିରେ ମଙ୍ଗଳବାର ଧିକ୍କାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ଦୀର୍ଘ ଦିନ ଧରି ପୂର୍ଣ୍ଣ ଅନୁଦାନ ଦାବିରେ ଆନ୍ଦୋଳନ କରୁଛନ୍ତି। ପୂର୍ବରୁ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ ବିଭିନ୍ନ ଆଳରେ ଦାବି ମାନିବାକୁ ରାଜି ହେଉନାହାନ୍ତି। ଅନ୍ୟପଟେ ୨୦୦୯ ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି। ଫଳରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି । ପିଲାମାନେ ଅକ୍ଷର ଚିହ୍ନିପାରୁନାହାନ୍ତି। ଏଣୁ ବ୍ଲକଗ୍ରାଣ୍ଟ ଉଚ୍ଛେଦ ସହ ପାସ୍ ଫେଲ୍ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସଂଗଠନ ଜିଲା ସଭାପତି ଶିବାନୀଶଙ୍କର ମିଶ୍ର, ସମ୍ପାଦକ ନିମାଇଁ ଚରଣ ସାହୁ ଓ ଉପସଭାପତି ଉଦ୍ଧବ ମହାକୁଡ଼ ପ୍ରମୁଖ ଭାଗ ନେଇଥିଲେ ।

# ରେଳ ପ୍ଲାଟଫର୍ମ, ରେଳ ଚିତ୍ର ମାଧ୍ୟମରେ ହେବ ଆଇଟିଆଇ କ୍ଲାସ୍

ବ୍ରହ୍ମପୁର ଅଫିସ,୧୧।୯

ଏଣିକି ରେଳ ପ୍ଲାଟଫର୍ମ, ରେଳ ମଧରେ ପାଠପଢା ହେବ । ଛାତ୍ରୀଛାତ୍ରଙ୍କୁ ଏଭଳି ଅନୁଭବ କରାଇବା ନେଇ ବ୍ରହ୍ମପୁର ଆଇଟିଆଇର କ୍ଲାସ୍‌ରୁମଗୁଡିକର କାନ୍ଥରେ ସମ୍ପୂର୍ଣ୍ଣ ଟ୍ରେନର ପେଣ୍ଟ କରାଯାଇଛି । ଗ୍ରାମାଞ୍ଚଳ ପିଲାଙ୍କୁ ଆଇଟିଆଇ ପାଠ୍ୟକ୍ରମ ପ୍ରତି ଆକର୍ଷିତ କରିବା ଓ ପାଠପଢା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ବ୍ରହ୍ମପୁର ସରକାରୀ ଶିଳ୍ପାନୁଷ୍ଠାନ ପକ୍ଷରୁ ଏହି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳ ତଥା ଆଭ୍ୟନ୍ତରୀଣ ଅଞ୍ଚଳରୁ ଅଧ୍ୟୟନ ପାଇଁ ଆସିଥିବା ଛାତ୍ରୀଛାତ୍ରଙ୍କୁ ରେଳରେ ବସିବାର ଅନୁଭବ କରାଇବାକୁ ଆଇଟିଆଇରେ ଥିବା ସମସ୍ତ କ୍ଲାସରୁମ୍ କାନ୍ଥକୁ ରେଳ ବଗିଭାବେ ଚିତ୍ରିତ କରାଯାଇଥିବା ବେଳେ କ୍ଲାସରୁମ ଯାତାୟାତ ପଥକୁ ରେଳପ୍ଲାଟଫର୍ମରେ ପରିଣତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୦ କ୍ଲାସରୁମ ଥିବା ଏକ ଫ୍ଲୋରକୁ ରେଳ ପ୍ଲାଟଫର୍ମ ଆକୃତିର ପେଣ୍ଟ କରାଯାଇଛି । ଅନୁଷ୍ଠାନରେ ଅଧ୍ୟୟନରତ ଫିଟର ଟ୍ରେଡର ଛାତ୍ରୀଛାତ୍ରମାନେ ସପ୍ତାହେ ପରିଶ୍ରମ କରି କ୍ଲାସରୁମଗୁଡିକର କାନ୍ଥରେ ଏହି ପେଣ୍ଟ କରିଛନ୍ତି । ଏନେଇ ଅନୁଷ୍ଠାନର ଅଧକ୍ଷ କହିଛନ୍ତି, ଏହିଭଳି ପ୍ରୟାସ ପେଣ୍ଟ ଟ୍ରେଡରରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧରେ ନିଜକୁ ଆତ୍ମନିର୍ଭରଶୀଳ କରାଇବାକୁ ଅତ୍ମବିଶ୍ୱାସ ଜାଗ୍ରତ କରାଇବ। ଏହାସହ ପାଠପଢା ପରିବେଶକୁ ଅଧିକ ସୁନ୍ଦର ହୋଇପାରିବ । ଆଗାମୀ ଦିନରେ ସମସ୍ତ କ୍ଲାସରୁମକୁ ଏହିପରି ପେଣ୍ଟିଂ କରାଯିବାକୁ ଯୋଜନା ରଖାଯାଇଥିବା ସେ କହିଛନ୍ତି । ସୂଚନାଯୋଗ୍ୟ, ଏହାପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଦକ୍ଷତାର ବିକାଶ ତଥା ଆତ୍ମବିଶ୍ୱାସ ବୃଦ୍ଧି କରାଇବା ନେଇ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବର୍ଜ୍ୟବସ୍ତୁ ତଥା ଅବ୍ୟବହୃତ ବସ୍ତୁରୁ ବିଭିନ୍ନ ମଡେଲ ପ୍ରସ୍ତୁତ କରି ଅନୁଷ୍ଠାନ ପରିସରରେ ସୃଷ୍ଟି କରାଯାଇଥିବା ସ୍କ୍ରାପ ମ୍ୟୁଜିୟମ ରାଜ୍ୟ ତଥା ରାଜ୍ୟବାହାରେ ବେଶ ପ୍ରଶଂସନୀୟ ହୋଇଛି । ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ଏହି ଅନୁଷ୍ଠାନ ଜାତୀୟସ୍ତରରେ ମଧ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇବାରେ ସଫଳ ହୋଇପାରିଛି ।



କ୍ଲାସରୁମ କାନ୍ଥରେ ଛାତ୍ରୀଛାତ୍ରମାନେ ରେଳ ଆକୃତିର ପେଣ୍ଟ କରୁଛନ୍ତି ।

## ବିଶ୍ୱ ଭ୍ରାତୃତ୍ୱ ଦିବସ

ବ୍ରହ୍ମପୁର ଅଫିସ୍,୧୧।୯

କନ୍ୟା କୁମାରୀ ବିବେକାନନ୍ଦ କେନ୍ଦ୍ର ବ୍ରହ୍ମପୁର ଶାଖା ପକ୍ଷରୁ ରୋଟାରୀ କ୍ଲବରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି । ଏମ୍‌କେସିଜି ମେଡ଼ିକାଲ୍ କଲେଜର ଆନାଟୋମି ବିଭାଗର ମୁଖ୍ୟ ଡା. ସଦାନନ୍ଦ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ୧୮୯୩, ସେପ୍ଟେମ୍ବର ୧୧ରେ ଆମେରିକାର ଚିକାଗୋ ସହରରେ ସ୍ୱାମୀ ବିବେକାନନ୍ଦଙ୍କ ଭାଷଣ ସ୍ମୃତିରେ ଏହି ଦିବସ ପାଳନ କରାଯାଉଛି। ସେ ହିନ୍ଦୁ ଧର୍ମାବଲମ୍ବୀ ହୋଇଥିବା ଯୋଗୁ ନିଜକୁ ଗର୍ବ ଅନୁଭବ କରିବା ସହ ବିଶ୍ୱକୁ ଏକ ସୂତ୍ରରେ ବାନ୍ଧିବା ପାଇଁ ସର୍ବଦା ଚେଷ୍ଟିତ ଥିଲେ ବୋଲି ଆଲୋଚନା ହୋଇଥିଲା । ପୂର୍ବରୁ ଗତ ୨ତାରିଖରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବ୍ରହ୍ମପୁର ଶାଖାର ଆଜୀବନ କାର୍ମକର୍ତ୍ତା ରେଣୁକା ଓ ଶିଳାକ୍ଷୀଙ୍କ ସମେତ ଅନ୍ୟ ଯୁବ କର୍ମୀମାନେ ଏହାକୁ ପରିଚାଳନା କରିଥିଲେ ।

# ଭାଜପା ଯୁବମୋର୍ଚ୍ଚାର ମିଶନ ନୂଆ ଓଡ଼ିଶା କର୍ମଶାଳା

ବ୍ରହ୍ମପୁର ଅଫିସ,୧୧।୯

ଭାଜପା ଯୁବମୋର୍ଚ୍ଚାର ମିଶନ ନୂଆ ଓଡ଼ିଶା କର୍ମଶାଳା ସ୍ଥାନୀୟ ଶିଳ୍ପାଞ୍ଚଳ ମଣ୍ଡଳର ଲାଞ୍ଜିପଲ୍ଲୀରେ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଓଡ଼ିଶା ଗଠନ ଆହ୍ୱାନର ଫଳପ୍ରଦ ରୂପାୟନ ଲାଗି ଯୁବମୋର୍ଚ୍ଚା କର୍ମୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା । କେନ୍ଦ୍ର ସରକାରଙ୍କ ବହୁମୁଖୀ ବିକାଶ ସମ୍ପର୍କରେ ପ୍ରତ୍ୟେକ ଘରକୁ ଯାଇ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। କର୍ମଶାଳାରେ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଓ ରାଜ୍ୟ ସମ୍ପାଦକ ବିଭୂତି ଜେନା ଯୋଗ ଦେଇଥିଲେ । ରାଜ୍ୟ ବିଜେଡି ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଯୁବମୋର୍ଚ୍ଚା କର୍ମୀମାନେ ସ୍ୱର ଉତ୍ତୋଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଏନ. ରାଜେନ୍ଦ୍ର କୁମାର, ଜିଲା ସଭାପତି ସିଦ୍ଧାନ୍ତ ଗଙ୍ଗଦେବଙ୍କ ସମେତ ନନ୍ଦ କିଶୋର ସାହୁ, କୁଞ୍ଜ ବିହାରୀ ପାଣିଗ୍ରାହୀ, ପ୍ରଭାତ ଷଡ଼ଙ୍ଗୀ, ରାମ କୁମାର ପାତ୍ର, ରାଜେଶ ସାହୁ, ଏଲ. ମୋହନ ଦାସ, ରଜତ ପଣ୍ଡିତ, ଶିବ ପ୍ରସାଦ ପାତ୍ର, ସୁନୀଲ ପାତ୍ର, ବିକାଶ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ମଣ୍ଡଳ ସଭାପତି ରାମ ପ୍ରସାଦ ସାମଲ ଓ ଶିବ ଶଙ୍କର ନାୟକ ଯୁବମୋର୍ଚ୍ଚା କର୍ମୀଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ମଣ୍ଡଳ ଶାଖା ମୋର୍ଚ୍ଚାର ନୂଆ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା ।

## ଇତିହାସ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ୍,୧୧।୯:** ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ନବାଗତ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ଶତପଥୀ ଏଥିରେ ଅଧକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରଶାନ୍ତ କୁମାର ପରିଚାଳନା କରିଥିଲେ। ଅଧ୍ୟାପିକା ସସ୍ମିତା କୁମାରୀ, ସ୍ୱାତୀଦୀପା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେମିନାର ସମ୍ପାଦକ ନରେନ୍ଦ୍ର କୁମାର ବେହେରା, ସୁଜାତା ଓରାମ୍ ଏବଂ ଅନ୍ୟ ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ ।

## ସ୍କୁଲ କଲେଜ ଶିକ୍ଷକ, ଅଧ୍ୟାପକ କର୍ମଚାରୀଙ୍କ ଧାରଣା

ଫୁଲବାଣୀ ଅଫିସ, ୧୧।୯

ଓଡିଶା ସ୍କୁଲ କଲେଜ ଶିକ୍ଷକ, ଅଧାପକ କର୍ମଚାରୀ ମିଳିତ ମଞ୍ଚ ଫୁଲବାଣୀ ଶାଖା ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଛି । ଯେ ପର୍ଯ୍ୟନ୍ତ ସରକାର ଦାବି ନ ମାନିଛନ୍ତି ସେତେ ଦିନ ଯାଏ ଧାରଣା ଦିଆଯିବ। ଅଗଷ୍ଟ ୧୬ରୁ ଭୁବନେଶ୍ୱରରେ ଶିକ୍ଷକ ସଂଘ ଧାରଣାରତ। ହେଲେ ସରକାର କିଛି ଶୁଣୁନାହାନ୍ତି । ଏହାଦ୍ୱାରା ସରକାରଙ୍କ ଶିକ୍ଷା ମାରଣନୀତି ସ୍ପଷ୍ଟ ଅନୁମେୟ ହେଉଛି। ଆମ ଦାବି ପୂରଣ ନ ହେଲେ ଆନ୍ଦୋଳନ, ଧାରଣା ଚାଲୁ ରହିବ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରଛନ୍ତି। ପୂର୍ଣ୍ଣ ଅନୁଦାନ, ଅବସରକାଳୀନ ପେନସନ, ଯୋଗ୍ୟ ବିବେଚିତ ଅନୁଦାନ ପାଇ ନ ଥିବା ବିଦ୍ୟାଳୟକୁ ଅନୁଦାନ, ବକେୟା ଦରମା ଆଦି ଦାବିରେ ଧାରଣା ଦିଆଯାଇଛି । ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି । ପଦ୍ମ ଚନ୍ଦ୍ର ମାନସିଂ, ସନ୍ତୋଷ କୁମାର ସାମନ୍ତରାୟ, ରଞ୍ଜନ କୁମାର ମହାନ୍ତି ଓ ନରେଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଛି ।

## ଛାତ୍ରୀଙ୍କୁ ମିଳିବ ଆତ୍ମରକ୍ଷା ତାଲିମ୍

ବ୍ରହ୍ମପୁର ଅଫିସ୍,୧୧।୯

ଶଶି ଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଜିଲାସ୍ତରୀୟ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୩୦ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଏବଂ ସଂଯୋଜକମାନେ ଭାଗ ନେଇଥିଲେ। ଅଧକ୍ଷା ଡ. ସଙ୍ଗୀତା ବାବୁ ଏଥିରେ ଅଧକ୍ଷତା କରିଥିଲେ । ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଜିଲାସ୍ତରୀୟ ସଂଯୋଜକ ଶେଷଦେବ ସାହୁ ଏବଂ ଲମ୍ବୋଦର ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ୍ ଦେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ପଦକ୍ଷେପ ନିଆଯାଉଛି । ପ୍ରତି ବର୍ଷ ଏହି ତାଲିମ୍ ଶିବିର ଆୟୋଜନ ପାଇଁ ପାଣ୍ଠି ପ୍ରଦାନ କରାଯାଉଛି। କିନ୍ତୁ ଅନେକ ମହାବିଦ୍ୟାଳୟରେ ତାଲିମ୍‌ଶିବିର ଆୟୋଜିତ ହେଉନାହିଁ । ଏପରିକି ଖର୍ଚ୍ଚ ସମ୍ପର୍କରେ ବିବରଣୀ ମଧ୍ୟ ପ୍ରଦାନ କରାଯାଉନାହିଁ । ଚଳିତ ବର୍ଷ ଏଭଳି ଅବହେଳା ନ କରିବା ପାଇଁ ପରାମର୍ଶ ଦିଅଯାଇଥିଲା । ସମସ୍ତ ଡିଗ୍ରୀ ମହାବିଦ୍ୟାଳୟରେ କିଭଳି ତାଲିମ୍ ଶିବିର ଆୟୋଜନ ହୋଇପାରିବ, ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ତାଲିମ୍ ମାଧ୍ୟମରେ ଛାତ୍ରୀମାନଙ୍କୁ ସଶକ୍ତୀକରଣ କରିବା, ସେମାନଙ୍କ ମନରେ ଆତ୍ମବିଶ୍ୱାସ ଭରିବା ତଥା ଶାରିରୀକ ହିଂସାରୁ ନିଜକୁ ରକ୍ଷା କରିବା ପାଇଁ ସକ୍ଷମ କରିବାକୁ ତାଲିମ୍ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲାସ୍ତରୀୟ ସଂଯୋଜକ ଡ. ଚିତ୍ତରଞ୍ଜନ ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇତିହାସ ବିଭାଗ ଅଧ୍ୟାପକ ଡ. ଦେବରାଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।



ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ।

# ଶାହା ହୋଇଛନ୍ତି ଠିକା ଅଧ୍ୟାପକ

**ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ**

■ଆବଶ୍ୟକ ୫୦, ଅଛନ୍ତି ୨୦

■ଭୁଶୁଡି ପଡିଛି ଶିକ୍ଷା ବ୍ୟବସ୍ଥା

ବ୍ରହ୍ମପୁର ଅଫିସ୍,୧୧।୯

ଗଞ୍ଜାମ ଜିଲାର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ହେଉଛି ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ । ଯେଉଁ ମହାବିଦ୍ୟାଳୟରୁ ଏକଦା ମେଧାବୀ ଛାତ୍ରୀଛାତ୍ର ବାହାରୁଥିଲେ, ସେହି ମହାବିଦ୍ୟାଳୟରେ ଏବେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି । ପାଠ ପଢ଼ାଇବା ପାଇଁ ଆବଶ୍ୟକ ଅଧ୍ୟାପକ ନାହାନ୍ତି। ୫୦ଜଣ ନିୟମିତ ଅଧ୍ୟାପକଙ୍କର ଆବଶ୍ୟକତା ଥିବା ବେଳେ ମାତ୍ର ୨୦ଜଣ ଅଛନ୍ତି। ବଳକା ସବୁ ଠିକା ଅଧ୍ୟାପକ । ସମାଲୋଚନାରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାର ଠିକାରେ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଛନ୍ତି। କିନ୍ତୁ ନିୟମିତ ବ୍ୟବଧାନରେ ଏହି ଠିକା ଅଧ୍ୟାପକମାନେ ବଦଳୁ ଥିବା ଯୋଗୁ ପାଠ ପଢ଼ା ବ୍ୟାହତ ହେବାରେ ଲାଗିଛି । ଗତ କିଛିବର୍ଷ ହେଲା ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ନିମ୍ନମାନର ରହିଛି ।

ଉଭୟ ଯୁକ୍ତ ୨ ଏବଂ ଡିଗ୍ରୀ ଶ୍ରେଣୀର ବିଭିନ୍ନ ବିଭାଗରେ ନିୟମିତ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ସୂଚନା ଅନୁଯାୟୀ, ଯୁକ୍ତ ୩ ବାଣିଜ୍ୟ ବିଭାଗ ପାଇଁ ୪ ଅଧ୍ୟାପକଙ୍କର ଆବଶ୍ୟକତା ରହିଛି। କିନ୍ତୁ ମାତ୍ର ଜଣେ ନିୟମିତ ଅଧ୍ୟାପକ ରହିଛନ୍ତି । ବଳକା ୩ ପଦବୀରେ ଠିକା ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି । କେବଳ ବାଣିଜ୍ୟ ନୁହଁ, ସବୁ ବିଭାଗରେ ଏହି ଅବସ୍ଥା। ଅର୍ଥନୀତି ବିଭାଗ ପାଇଁ ୪ ଅଧ୍ୟାପକ ମଞ୍ଜୁର ହୋଇଥିବା ବେଳେ ଜଣେ ମଧ ନିୟମିତ ଅଧ୍ୟାପକ ନାହାନ୍ତି । ସେହି ସ୍ଥାନରେ ୪ଜଣ ଠିକା ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ଇଂଲିଶ, ଇତିହାସ, ରାଜନୀତି ବିଜ୍ଞାନ, ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ପାଇଁ ୩ଜଣ ଲେଖାଏ ଅଧ୍ୟାପକ ପଦବୀ ମଞ୍ଜୁର ହୋଇଛି। ହେଲେ ଏହି ସମସ୍ତ ବିଭାଗରେ ମାତ୍ର ଜଣେ ଲେଖାଏ ଅଧ୍ୟାପକ କାର୍ଯ୍ୟ କରୁଛନ୍ତି। ବଳକା ୨ ପଦବୀରେ ଠିକା ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ଗଣିତ ଏବଂ ଓଡ଼ିଆ ବିଭାଗ ପାଇଁ ୩ଜଣ ଲେଖାଏ ଅଧ୍ୟାପକ ପଦବୀ ମଞ୍ଜୁର ହୋଇଛି । ହେଲେ ଜଣେ ମଧ ନିୟମିତ ଅଧ୍ୟାପକ ନାହାନ୍ତି । ସମସ୍ତ ୩ଟି ଯାକ ପଦବୀରେ ଠିକା ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରାଣୀ ବିଜ୍ଞାନ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗ ପାଇଁ ଦୁଇଟି ଲେଖାଏ ଅଧ୍ୟାପକ ପଦବୀ ମଞ୍ଜୁର ହୋଇଛି । କିନ୍ତୁ ଜଣେ ଲେଖାଏ ଥିବା ବେଳେ ଆଉ ଜଣେ ଲେଖାଏ ଠିକାରେ ନିଯୁକ୍ତି ପାଇଛନ୍ତି। ହିନ୍ଦୀ ଏବଂ ତେଲୁଗୁ ବିଭାଗ ପାଇଁ ଗୋଟିଏ ଲେଖାଏ ଅଧ୍ୟାପକ ପଦବୀ ମଞ୍ଜୁର ହୋଇଛି । କିନ୍ତୁ ଜଣେ ହେଲେ ନିୟମିତ ଅଧ୍ୟାପକ ନାହାନ୍ତି। ଠିକାରେ ନିଯୁକ୍ତି ଦିଆଯାଇଛି। କେବଳ ଦର୍ଶନଶାସ୍ତ୍ର ବିଭାଗରେ ଆବଶ୍ୟକତା ଅନୁଯାୟୀ ଅଧ୍ୟାପକ ଅଛନ୍ତି। ଗୋଟିଏ ଅଧ୍ୟାପକ ପଦବୀ ମଞ୍ଜୁର ହୋଇଥିବା ବେଳେ ଜଣେ ନିୟମିତ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ।

ଅନ୍ୟପଟେ ଦେଖିବାକୁ ଗଲେ କେବଳ ଯୁକ୍ତ ୩ ଅପେକ୍ଷା ଯୁକ୍ତ ୨ର ଅବସ୍ଥା ସାମାନ୍ୟ ଭଲ । ରସାୟନ ବିଜ୍ଞାନ ଏବଂ ଇଂଲିଶରେ ଦୁଇଟି ଲେଖାଏ ନିୟମିତ ଅଧ୍ୟାପକଙ୍କର ଆବଶ୍ୟକ ଥିବା ବେଳେ ଜଣେ ଲେଖାଏ ନିଯୁକ୍ତି ପାଇଛନ୍ତି। ଆଉ ଜଣେ ଲେଖାଏ ଠିକା ଅଧ୍ୟାପକ ଶିକ୍ଷାଦାନ ଦାୟିତ୍ୱରେ ରହିଛନ୍ତି। ବାଣିଜ୍ୟ ବିଭାଗ ପାଇଁ ୨ଜଣ ନିୟମିତ ଅଧ୍ୟାପକଙ୍କର ଆବଶ୍ୟକତା ଥିବା ବେଳେ ଅଛନ୍ତି ମାତ୍ର ଜଣେ । ଆଉ ଜଣଙ୍କୁ ଠିକାରେ ନିଯୁକ୍ତି ଦିଆଯାଇଛି। ଦର୍ଶନଶାସ୍ତ୍ର ବିଭାଗ ପାଇଁ ଜଣେ ନିୟମିତ ଅଧ୍ୟାପକଙ୍କର ଆବଶ୍ୟକତା ଥିବା ବେଳେ କେହି ନ ଥିବା ଯୋଗୁ ଜଣେ ଠିକା ଅଧ୍ୟାପକଙ୍କୁ ନିଯୁକ୍ତି ମିଳିଛି। ଉଦ୍ଭିଦ ବିଜ୍ଞାନ, ଅର୍ଥନୀତି, ହିନ୍ଦୀ, ଇତିହାସ, ଗଣିତ, ଓଡ଼ିଆ, ପଦାର୍ଥ ବିଜ୍ଞାନ, ରାଜନୀତି ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ପାଇଁ ଜଣେ ଲେଖାଏ ନିୟମିତ ଅଧ୍ୟାପକ ପଦବୀ ରହିଛି । ଏହି ସମସ୍ତ ବିଭାଗରେ ନିୟମିତ ଅଧ୍ୟାପକଙ୍କୁ ନିଯୁକ୍ତି ମିଳିଛି ।

ନିୟମିତଙ୍କ ବଦଳରେ ଠିକା ଅଧ୍ୟାପକଙ୍କ ନିଯୁକ୍ତି ଯୋଗୁ ମହାବିଦ୍ୟାଳୟରେ ଶିକ୍ଷାଦାନ ପ୍ରଣାଳୀ ଖରାପ ହେବାରେ ଲାଗିଛି । କମ୍ ଅଭିଜ୍ଞତା ଥିବା ଠିକା ଅଧ୍ୟାପକମାନେ ନିଯୁକ୍ତି ପାଇଥିବା ଯୋଗୁ ଶିକ୍ଷାଦାନ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି । ଅଳ୍ପ କିଛି ଦିନ ପାଇଁ ଠିକା ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଉଛି। ସେମାନଙ୍କ କାର୍ଯ୍ୟକାଳ ସରିଯିବା ପରେ ତାଙ୍କୁ ବିଦା କରାଯାଉଛି। ତାଙ୍କ ସ୍ଥାନରେ ପୁଣିଥରେ ନୂତନ ନିଯୁକ୍ତି ଦିଆଯାଉଛି। ନୂଆ ଠିକା ଅଧ୍ୟାପକମାନେ ଖାପ ଖୁଆଇ ଚଳିବା ବେଳକୁ ସେମାନଙ୍କ ସମୟ ସରିଯାଉଛି। ପରୀକ୍ଷା ତାରିଖ ଘୋଷଣା ହେବା ପର୍ଯ୍ୟନ୍ତ କୋର୍ସ ଶେଷ ହେଉନାହିଁ। ଫଳରେ ଘରୋଇ ଟିଉସନ୍ ହିଁ ଏକ ମାତ୍ର ମାଧ୍ୟମ ଥିବା କେତେକ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି ।

ଏନେଇ ଅଧ୍ୟକ୍ଷ ଡ. ସୂର୍ଯ୍ୟନାରାୟଣ ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲା। ତାଙ୍କ କହିବାନୁଯାୟୀ, କୌଣସି ବିଭାଗରେ ମଧ୍ୟ ଅଧ୍ୟାପକ ପଦବୀ ଖାଲି ନାହିଁ। ନିୟମିତଙ୍କ ବଦଳରେ ଠିକାଙ୍କୁ ନିଯୁକ୍ତି ଦିଆଯାଇଛି । ଶିକ୍ଷାଦାନରେ କୌଣସି ବ୍ୟାଘାତ ସୃଷ୍ଟି ହେଉନି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।




ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ।